ଧରିତ୍ରୀ DHARITRI
49 ୪୯
ଭୁବନେଶ୍ୱର, ସୋମବାର, ଡିସେମ୍ବର ୫/୨୦୨୨ (୧୮ ପୃଷ୍ଠା) | Bhubaneswar, Monday, December 5/2022 | Page 18 | ₹ 7.00 | ★★★★★★
୪୯ଶ ଭାଗ ୧୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 49 ISSUE 12 | ମୂଲ୍ୟ ₹୭/-

ODISHA
NEW OPPORTUNITIES

DSPL-356

# THANK YOU
## for joining the Juggernaut

**Shri Naveen Patnaik**
Hon'ble Chief Minister, Odisha



MAKE IN ODISHA CONCLAVE'22
BHUBANESWAR | 30 NOV-04 DEC | 2022

**10,48,830 Cr.** Investment Intent Received

**10,37,701** Direct and Indirect Employment Potential

**18,785** Delegate Registrations

**279** Speakers in 38 Business Sessions

**741** Projects announced across 22 diversified sectors

OIPR-14005/13/0052/2223

Industry Partner: FICCI | Investment Promotion Advisor: pwc

Country Partners: Germany, Japan, Norway

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୫ ଡିସେମ୍ବର, ୨୦୨୨

# ମେକ୍-ଇନ୍-ଓଡ଼ିଶା କନ୍‌କ୍ଲେଭ୍-୨୦୨୨

## ପ୍ରଦର୍ଶନୀ, ଫୁଡ୍ କୋର୍ଟ, ସାଂସ୍କୃତିକ କାର୍ଯ୍ୟକ୍ରମ

ଭୁବନେଶ୍ୱର ଜନତା ମଇଦାନରେ ନଭେମ୍ବର ୩୦ରୁ ଆରମ୍ଭ ହୋଇଥିବା ମେକ୍-ଇନ୍-ଓଡ଼ିଶା କନ୍‌କ୍ଲେଭ୍-୨୦୨୨ ରବିବାର ଶେଷ ହୋଇଛି। କନ୍‌କ୍ଲେଭ୍‌ରେ ଆୟୋଜିତ ପ୍ରଦର୍ଶନୀ, ଫୁଡ୍ କୋର୍ଟ ଏବଂ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମକୁ ରବିବାର ଉପଭୋଗ କରିଛନ୍ତି ସାଧାରଣ ଜନତା।

ଫଟୋ: ବିକାଶ ନାୟକ





















ଧରିତ୍ରୀ
DHARITRI
୪୯
ଭୁବନେଶ୍ୱର, ସୋମବାର, ଡିସେମ୍ବର ୫/୨୦୨୨ | Bhubaneswar, Monday, December 5/2022 | ପୃଷ୍ଠା-୧



## ଅଭିମାନୀ କରୀନା କପୁର

ଏକ ଇଭେଣ୍ଟରେ ସ୍ୱାମୀଙ୍କ ମୁହଁରୁ ଶାଶୁଙ୍କ ପ୍ରଶଂସା ଶୁଣି ରାଗିଗଲେ ବଲିଉଡ୍ ଅଭିନେତ୍ରୀ କରୀନା କପୁର ଖାନ୍ । ୧୦

୧୬

## ଲିଅନଙ୍କୁ ୬ଉଇକେଟ ସଫଳତା

ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଅଷ୍ଟ୍ରେଲୀୟ ଅଫ୍ ସ୍ପିନର ନାଥାନ ଲିଅନ ୬ଉଇକେଟ ସଫଳତା ହାସଲ କରିଛନ୍ତି।





ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨ର ରବିବାର ଅନ୍ତିମ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମର ଝଲକ।

# ସରିଲା ନିବେଶ ମହାକୁମ୍ଭ

**ଭୁବନେଶ୍ୱର,୪।୧୨(ବ୍ୟୁରୋ)**

ଚଳିତ ବର୍ଷ ନଭେମ୍ବର ୩୦ରୁ ଆରମ୍ଭ ହୋଇଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ (ଏମ୍‌ଆଇଓସି)-୨୨ ରବିବାର ଆନୁଷ୍ଠାନିକ ଭାବେ ଶେଷ ହୋଇଛି। ଗତ ୫ ଦିନ ହେବ ପ୍ରତିଦିନ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ନିବେଶ ମହାକୁମ୍ଭକୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଏକ ରଙ୍ଗାରଙ୍ଗ ପରିବେଶରେ ଉଦ୍‌ଘାଟନ କରିଥିଲେ। ବିଶେଷକରି କନ୍‌କ୍ଲେଭର ପ୍ରଥମ ଦିନରେ ଏମ୍‌ଆଇଓସିର ଉଦ୍‌ଘାଟନ ସାଙ୍ଗକୁ ବିଶିଷ୍ଟ କଳାକାର ଅରୁଣା ମହାନ୍ତିଙ୍କ ଦ୍ୱାରା ଏକ ଆକର୍ଷଣୀୟ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିଭଳି ୨ୟ, ☞ପୃଷ୍ଠା-୨

## ବାଦ୍ୟ, ସଙ୍ଗୀତରେ ଝୁମିଲେ ଦର୍ଶକ

**ଭୁବନେଶ୍ୱର,୪।୧୨(ବ୍ୟୁରୋ)**

ସମୂହ ବାଦ୍ୟଯନ୍ତ୍ରର ଧ୍ୱନି ବେଶ୍ ନିଆରା ଥିଲା। ତା' ସାଙ୍ଗକୁ ଦର୍ଶକ ତଥା ଶ୍ରୋତାଙ୍କ କରତାଳି ଶୀତୁଆ ସନ୍ଧ୍ୟାକୁ ଉଷ୍ମ କରିଦେଇଥିଲା। ରଙ୍ଗାରଙ୍ଗ ଆଲୋକ, ଖଚାଖଚ୍ ଭିଡ଼ ସହ ଝୁମି ଉଠିଥିଲା ପୂରା ଜନତା ମଇଦାନ। ଅବସର ଥିଲା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ର ଶେଷ ସନ୍ଧ୍ୟା। ଶିବାଗ୍ନୀ ଅନୁଷ୍ଠାନର ୧୦ ବାଦ୍ୟଶିଳ୍ପୀଙ୍କ ସମୂହ ବାଦ୍ୟଧ୍ୱନିରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ☞ପୃଷ୍ଠା-୨

# ମୋରାଲିଟି ପୋଲିସ ହଟିଲା

## ମୁଣ୍ଡ ନୁଆଁଇଲେ ଇରାନର ରଇସି ସରକାର

- **ହିଜାବ ନିୟମର ସମୀକ୍ଷା ହେବ**
- **ମହସାଙ୍କୁ ହତ୍ୟା ପରେ ଆନ୍ଦୋଳନ**
- **ପୋଲିସ ବର୍ବରତାରେ ୪୪୮ ମୃତ**



ଇବ୍ରାହିମ ରଇସି



ମହସା ଅମିନି

**ତେହରାନ,୪।୧୨**

ଦୀର୍ଘ ଅଢ଼େଇ ମାସର ଆନ୍ଦୋଳନ ପରେ ଶେଷରେ ମୁଣ୍ଡ ନୁଆଁଇଛନ୍ତି ଇରାନର ଇବ୍ରାହିମ ରଇସି ସରକାର। ଧର୍ମୀୟ ବ୍ୟାପାରରେ ହସ୍ତକ୍ଷେପ କରୁଥିବା ମୋରାଲିଟି ପୋଲିସ ହାଜତରେ ମହସା ଅମିନିଙ୍କ ମୃତ୍ୟୁ ପରେ ଦେଶରେ ମୁଣ୍ଡ ଟେକିଥିବା ହିଜାବ ବିରୋଧୀ ଆନ୍ଦୋଳନ ଅନେକ ରାଷ୍ଟ୍ରକୁ ବ୍ୟାପିବା ପରେ ତେହରାନ ଉପରେ ଅନ୍ତର୍ଜାତୀୟ ଚାପ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ରଇସିଙ୍କ ଅତି ରକ୍ଷଣଶୀଳ ସରକାର ରବିବାର ମୋରାଲିଟି ପୋଲିସକୁ ଉଚ୍ଛେଦ କରିବା ସହ ମହିଳାଙ୍କ ଡ୍ରେସ୍ କୋଡ୍‌ର ସମୀକ୍ଷା କରିବା ନେଇ ଘୋଷଣା କରିଛନ୍ତି। ନ୍ୟାୟପାଳିକା ସହ ମୋରାଲିଟି ପୋଲିସର କିଛି ସମ୍ପର୍କ ନାହିଁ। ଏହି ପୋଲିସ ବାହିନୀକୁ ଉଚ୍ଛେଦ କରାଯାଇଛି ବୋଲି ଆଟର୍ନି ଜେନେରାଲ ମହମ୍ମଦ ଜାଫର ମୋଣ୍ଟାଜେରି ସ୍ପଷ୍ଟ କରିଛନ୍ତି।

ଗତ ସେପ୍ଟେମ୍ବରରେ ୧୩ରେ ୨୨ ବର୍ଷୀୟା କୁର୍ଦ୍ଦିଶ ବଂଶୋଦ୍ଭବ ମହସା ଅମିନି ଉଚିତ ଢଙ୍ଗରେ ହିଜାବ ପରିଧାନ କରି ନ ଥିବା ଦର୍ଶାଇ ମୋରାଲିଟି ପୋଲିସ ତାଙ୍କୁ ଗିରଫ କରିଥିଲା। ଏହାର ୩ ଦିନ ପରେ ଅର୍ଥାତ୍ ୧୬ ତାରିଖରେ ପୋଲିସ ହାଜତରେ ତାଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ବର୍ବରତାରେ ମହସାଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଥିଲା। ସେବେଠୁ ଏହାର ପ୍ରତିବାଦରେ ଯୁବପିଢ଼ି ହିଜାବ ବିରୋଧୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ୧୯୭୯ ଇସ୍‌ଲାମୀୟ ବିପ୍ଲବ ପରଠୁ ଇରାନ ଆମେରିକା ସମର୍ଥିତ ରାଜତନ୍ତ୍ରକୁ ପ୍ରତ୍ୟାଖ୍ୟାନ କରି ଉଭୟ ମହିଳା ଓ ପୁରୁଷଙ୍କ ପାଇଁ ଡ୍ରେସ୍ କୋଡ୍ ଲାଗୁ କରିଥିଲା। କିଏ କିପରି ପୋଷାକ ପିନ୍ଧୁଛନ୍ତି ତାହା ଉପରେ ସରକାରୀ ଅଧିକାରୀମାନଙ୍କ କଡ଼ା ନଜର ରହିଥିଲା। ☞ପୃଷ୍ଠା-୨



## ହିଜାବ ନ ପିନ୍ଧିବାରୁ ଆଥ୍‌ଲେଟ୍‌ଙ୍କ ଘର ଭାଙ୍ଗିଦେଲେ

ଇରାନୀୟ ରକ୍ କ୍ଲାଇମର ଏଲ୍‌ନାଜ୍ ରେକାବିଙ୍କ ପୈତୃକ ଘରକୁ ସରକାର ଭାଙ୍ଗିଦେଇଛନ୍ତି। ତାଙ୍କ ଦୋଷ ହେଲା ଗତ ଅକ୍ଟୋବରରେ ଦକ୍ଷିଣ କୋରିଆରେ ଆୟୋଜିତ ଏକ ଇଭେଣ୍ଟରେ ସେ ବିନା ହିଜାବରେ ଭାଗନେଇଥିଲେ। ଉଚ୍ଛେଦକାରୀମାନେ ବୁଲ୍‌ଡୋଜର ଲଗାଇ ୩୯ ବର୍ଗ ମିଟର ଘରକୁ ଧ୍ୱସ୍ତବିଧ୍ୱସ୍ତ କରିବା ସହ ସେ ହାସଲ କରିଥିବା ଅନେକ ପଦକ ମଧ୍ୟ ମାଟିରେ ମିଶିଯାଇଛି। ପୋଲିସର ଏହି କାର୍ଯ୍ୟାନୁଷ୍ଠାନ ପରେ ଏଲ୍‌ନାଜ୍ ଇରାନର ବିକ୍ଷୋଭକାରୀମାନଙ୍କ ପାଇଁ ପ୍ରତୀକ ପାଲଟିଯାଇଛନ୍ତି। ତେବେ ଏଲ୍‌ନାଜ୍ ତେହରାନକୁ ଫେରିଲେ ତାଙ୍କ ସୁରକ୍ଷା ବିପନ୍ନ ହୋଇପାରେ ବୋଲି ମାନବାଧିକାର ସଙ୍ଗଠନଗୁଡ଼ିକ ଆଶଙ୍କା ବ୍ୟକ୍ତ କରିଛନ୍ତି।






**ଆଜିର ସମ୍ପାଦକୀୟ**

ଆଣ୍ଠେଇଲା ଇରାନ

# ପଦ୍ମପୁର ଉପନିର୍ବାଚନ, ଆଜି ମତଦାନ

**ବରଗଡ଼ ଅଫିସ୍/ପଦ୍ମପୁର,୪।୧୨(ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନ ପାଇଁ ସୋମବାର ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ କରାଯିବ। ଏହାପୂର୍ବରୁ ସକାଳ ସାଢେ ୫ଟାରେ ମକ୍ ପୋଲ୍ ଆରମ୍ଭ କରାଯିବ। ପଦ୍ମପୁର ନିର୍ବାଚନ ମଣ୍ଡଳୀର ସମୁଦାୟ ୨ଲକ୍ଷ ୫୭ହଜାର ୪୭୪ ଭୋଟର ନିର୍ବାଚନୀ ମଇଦାନକୁ ଓହ୍ଲାଇଥିବା ୧୦ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଏଥିପାଇଁ ଉକ୍ତ ନିର୍ବାଚନ ମଣ୍ଡଳୀ ଅଧୀନ ପଦ୍ମପୁର ବିଜ୍ଞାପିତ ପରିଷଦ ଅଞ୍ଚଳ(ଏନ୍‌ଏସି)ର ୧୩ ବୁଥ୍ (ଭୋଟ୍‌ଗ୍ରହଣ କେନ୍ଦ୍ର) ସମେତ ୩୧୯ ବୁଥ୍‌ରେ ଭୋଟଗ୍ରହଣ କରାଯିବ। ତେବେ



ସ୍କୁଲର ନାମ ପରିବର୍ତ୍ତନ ଯୋଗୁ ସେଥିମଧ୍ୟରୁ ୩୦୬ ବୁଥ୍‌ର ନାମ ପରିବର୍ତ୍ତନ ହୋଇଛି । କିନ୍ତୁ ବୁଥ୍‌ଗୁଡ଼ିକର ସ୍ଥାନ (ଲୋକେଶନ) ବଦଳି ନାହିଁ।

- **୩୧୯ ବୁଥ୍‌ରେ ହେବ ୧୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ**
- **ନିର୍ବାଚନ ମଣ୍ଡଳୀରେ ଏଥର ୨,୫୭,୪୭୪ ଭୋଟର**
- **ଶାନ୍ତିପୂର୍ଣ୍ଣ ମତଦାନ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି**

କେବଳ ବୁଥ୍ ନଂ-୨୪୧, ୨୪୩ ଏବଂ ୨୯୫ର ସ୍ଥାନ ପରିବର୍ତ୍ତନ ହୋଇଥିଲେ ସୁଦ୍ଧା ତାହା ପୂର୍ବ ବୁଥ୍ ନିକଟରେ ରହିଥିବା ସୂଚନା ଦିଆଯାଇଛି। ସମୁଦାୟ ବୁଥ୍ ମଧ୍ୟରୁ ୧୫ ଆଦର୍ଶ ବୁଥ୍ ଏବଂ ୬ ପିଙ୍କ୍ ବୁଥ୍ ରହିଛି। ମତଦାନ ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ☞ପୃଷ୍ଠା-୨

# ଆକାଶରେ ୧୫ କି.ମି. ବ୍ୟାପିଲା ପାଉଁଶ

## ଇଣ୍ଡୋନେସିଆର ସର୍ବୋଚ୍ଚ ଆଗ୍ନେୟଗିରି ଉଦ୍‌ଗିରଣ

**ଜାକର୍ତ୍ତା,୪।୧୨**

ଇଣ୍ଡୋନେସିଆର ସର୍ବୋଚ୍ଚ ଆଗ୍ନେୟଗିରି ମାଉଣ୍ଟ ସେମେରୁରୁ ରବିବାର ଲାଭା ଉଦ୍‌ଗିରଣ ହୋଇଛି। ଏହାର ପ୍ରଭାବରେ ୧୫ କି.ମି. ଅଞ୍ଚଳ ପର୍ଯ୍ୟନ୍ତ ଆକାଶ ପାଉଁଶ ଓ ବାଷ୍ପରେ ମେଘାଚ୍ଛନ୍ନ ହୋଇଛି। ଆସନ୍ନ ବିପଦକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଅଞ୍ଚଳରୁ ୨,୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଜାଭା ଦ୍ୱୀପର ପୂର୍ବ ଭାଗରେ ସର୍ବୋଚ୍ଚ ସତର୍କତା ଜାରି କରାଯାଇଛି।

ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ର ଇଣ୍ଡୋନେସିଆ ଉପରେ ଗୋଟିଏ ପରେ ଗୋଟିଏ ବିପତ୍ତି ମାଡ଼ିଆସୁଛି। ଗତ ମାସରେ ୱେଷ୍ଟ୍ ଜାଭାରେ ୫.୬ ତୀବ୍ରତା ବିଶିଷ୍ଟ ଭୂକମ୍ପରେ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି ଘଟିବା ପରେ ଏବେ ଦେଶର ସର୍ବୋଚ୍ଚ ଆଗ୍ନେୟଗିରି ନିଜ ପ୍ରକୋପ ଦେଖାଇଛି। ଦେଶରେ ଥିବା ମୋଟ ୧୪୨ ଆଗ୍ନେୟଗିରି ମଧ୍ୟରୁ ୧୨୯ଟି ସକ୍ରିୟ ରହିଛି। ସେଗୁଡ଼ିକ ନିକଟ ୧୦ କି.ମି. ରେ ୮.୬ ନିୟୁତ ଲୋକ ବସବାସ କରନ୍ତି। ୨୦୦ ବର୍ଷ ମଧ୍ୟରେ ଏହି ଆଗ୍ନେୟଗିରିଗୁଡ଼ିକରୁ ବହୁବାର ଉଦ୍‌ଗିରଣ ହୋଇସାରିଛି। ଏଥିଯୋଗୁ ଲକ୍ଷାଧିକ ଲୋକଙ୍କ ଜୀବନ ପ୍ରତି ସବୁବେଳେ ବିପଦ ଆଶଙ୍କା ରହିଥାଏ। ମୌସୁମୀ ବର୍ଷା ଯୋଗୁ ଜାଭା ଦ୍ୱୀପରେ ଥିବା ୩,୬୭୬ ମିଟର ଉଚ୍ଚତା ବିଶିଷ୍ଟ ମାଉଣ୍ଟ ସେମେରୁର ଉପରଭାଗ ଧସିଯିବାରୁ ତହିଁରୁ ଲାଭା ଉଦ୍‌ଗିରଣ ହୋଇଥିବା ଜାତୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ମୁଖପାତ୍ର ଅବ୍‌ଦୁଲ ମୁହାରି କହିଛନ୍ତି। ସେମେରୁ ପର୍ବତରୁ ଲାଭା ନିର୍ଗତ ହେବା ପରେ ଆଖପାଖର ଅନେକ ଗ୍ରାମ ଉପରେ ପାଉଁଶ ଆଚ୍ଛାଦିତ ହୋଇରହିଛି। ସୂର୍ଯ୍ୟାଲୋକର ଚିହ୍ନବର୍ଣ୍ଣ ନାହିଁ। ଉଦ୍ଧାରକାରୀ ଦଳ ଗ୍ରାମବାସୀମାନଙ୍କୁ ସୁରକ୍ଷିତ ଅଞ୍ଚଳକୁ ସ୍ଥାନାନ୍ତର କରିଛନ୍ତି। ☞ପୃଷ୍ଠା-୨

**ଜାଭାରେ ଲାଭା**



ଆଗ୍ନେୟଗିରି ଉଦ୍‌ଗିରଣ ପରେ ଇଷ୍ଟ୍ ଜାଭା ପ୍ରଦେଶର ଲୁମାଜଙ୍ଗ୍‌ସ୍ଥିତ ଗ୍ଲାଡାକ୍ ପେରାକ୍ ବ୍ରିଜ୍ ପାଉଁଶରେ ଆଚ୍ଛାଦିତ ହୋଇଛି।




**ଆଜିର ମନ୍ତବ୍ୟ**

“ ୨୦୪୭ରେ ସ୍ୱାଧୀନତାର ଶତବାର୍ଷିକୀ ପାଳିତ ହେବାକୁ ଥିବାବେଳେ ଆସନ୍ତା ୨୫ ବର୍ଷ ମଧ୍ୟରେ ଭାରତ ବିଶ୍ୱଗୁରୁ ହେବ। -**ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯୁଆଡ଼େ ବର୍ଷା**
**ସିଆଡ଼େ ଛତା।**

ବର୍ଷା ଯୁଆଡେ ଛତା ସିଆଡେ ଭଳି ଯେଉଁଆଡ଼େ କିଛି ପାଇବାର ଆଶା ରହିଥାଏ, କିଛି ବ୍ୟକ୍ତି ସେହି ଆଡ଼କୁ ଧାଉଁଥିବାର ଲକ୍ଷ୍ୟ କରାଯାଇଥାଏ। ସୁବିଧାବାଦୀ ବ୍ୟକ୍ତିଙ୍କର ଏପରି ଗୋଡ଼ାଣିଆ ଚରିତ୍ର ରହିଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯେଡ଼େ ବାଉଁଶ**
**ସେଡ଼େ ପୋଲ।**

କଣ୍ଟାବାଉଁଶ ଦେଖିବାକୁ ଅପେକ୍ଷାକୃତ ଛୋଟ, ତା'ଭିତର ପୋଲା ନୁହେଁ। ପରନ୍ତୁ ଲମ୍ବ ବାଉଁଶ ଆକାରରେ ଖୁବ୍ ବଡ଼, ମୋଟା ହୋଇଥିବା ବେଳେ ଭିତରଟା କିନ୍ତୁ ପୋଲା ହୋଇଥାଏ। ପରୋକ୍ଷରେ ଆୟ ଅନୁସାରେ ବ୍ୟୟ। ଯାହାର ଆୟ ଯେତେ ବେଶି ତା'ର ବ୍ୟୟ ମଧ୍ୟ ସେହି ଅନୁସାରେ ଅଧିକ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ବିଭିନ୍ନ ଜିଲାରୁ ଆସିଥିବା ମିଶନ ଶକ୍ତିର ମା'ମାନେ ରବିବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ସୁବିଧା, ଅସୁବିଧା ସମ୍ପର୍କରେ ଆଲୋଚନା କରିଛନ୍ତି।

# ଓଲଟିଲା ଗ୍ୟାସ ବୋଝେଇ ଟ୍ୟାଙ୍କର

- ଭବାନୀପାଟଣା-ରାୟପୁର ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ
- ଗ୍ୟାସ ଲିକ୍ ପରେ ଗ୍ରାମବାସୀଙ୍କୁ ସ୍ଥାନାନ୍ତର

ଭବାନୀପାଟଣା,୪।୧୨(ସ୍ୱ.ପ୍ର.)



ଓଲଟି ପଡ଼ିଥିବା ଟ୍ୟାଙ୍କରରୁ ବାହାରୁଥିବା ଗ୍ୟାସ୍।

କଳାହାଣ୍ଡି ଜିଲା ଭବାନୀପାଟଣା-ରାୟପୁର ୧୬ନଂ ଜାତୀୟ ରାଜପଥର ପାଷ୍ଟିପଡ଼ା ନିକଟରେ ରବିବାର ସକାଳେ ଭାରସାମ୍ୟ ହରାଇ ଏକ ଗ୍ୟାସ ବୋଝେଇ ଟ୍ୟାଙ୍କର ରାସ୍ତା ପାର୍ଶ୍ୱକୁ ଓଲଟି ପଡି ଦୁର୍ଘଟଣାଗ୍ରସ୍ତ ହୋଇଛି। ପ୍ରବଳ କୁହୁଡ଼ି ଯୋଗୁ ବାଟରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି। ଏଥିଯୋଗୁ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଛି। ଏହି ରାସ୍ତାରେ ଯାଉଥିବା ଲୋକମାନେ ଏବେ ପାଷ୍ଟିକୁଡି ଦେଇ ଖରିଆର, ରାୟପୁରକୁ ଯାଉଥିବା ଜଣାପଡିଛି।

ପ୍ରକାଶ ଯେ, ବିଶାଖାପାଟଣାରୁ ରାୟପୁର ଅଭିମୁଖେ ଯାଉଥିବା ଏହି ଟ୍ୟାଙ୍କର ଓଲଟି ପଡିବାରୁ ଅଧିକ ପରିମାଣର ଗ୍ୟାସ ଲିକ୍ ହୋଇଥିଲା । ଏଥିଯୋଗୁ ଆଖପାଖ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଏପରି କି ଗ୍ୟାସ ଯୋଗୁ ଚାରିଆଡ଼େ କୁହୁଡ଼ି ଭଳି ଦେଖିବାକୁ ମିଳିଥିଲା। ଖବର ପାଇ ପୋଲିସ, ଅଗ୍ନିଶମ ବାହିନୀ ଓ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପରେ ପ୍ରଶାସନ ପକ୍ଷରୁ ଭବାନୀପାଟଣା-ରାୟପୁର ରାସ୍ତାରେ ଯାତାୟାତକୁ ବନ୍ଦ କରାଯାଇଥିବା ବେଳେ ଅଗ୍ନିଶମ କର୍ମଚାରୀ ଗ୍ୟାସ ଲିକ୍ ହେଉଥିବା ସ୍ଥାନକୁ କିଭଳି ବନ୍ଦ କରାଯିବ ସେ ନେଇ ଉଦ୍ୟମ ଆରମ୍ଭ କରିଥିଲେ। ସେହିପରି ନିକଟରେ ଥିବା କୁବୁଡି ଗାଁର ପାଖାପାଖି ୭୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅନ୍ୟତ୍ର ପଠାଯାଇଥିଲା। ପ୍ରଶାସନ ପକ୍ଷରୁ ଲୋକଙ୍କୁ ରିଲିଫ ଯୋଗାଇ ଦିଆଯାଇଥିଲା। ଖବର ପାଇ ଭାରତ ପେଟ୍ରୋଲିୟମ୍‌ର ଏକ ସ୍ୱତନ୍ତ୍ର ଟିମ୍ ଆସି ଗ୍ୟାସ ଲିକ୍ ରୋକିବାକୁ ଉଦ୍ୟମ କରିଥିଲେ। ତେବେ ସନ୍ଧ୍ୟାରେ ଏହି ଟିମ୍ ଗ୍ୟାସ ଲିକ୍‌କୁ ରୋକିବାରେ ସଫଳ ହୋଇଥିବା ଜଣାପଡ଼ିଛି। ଏହାପରେ ସ୍ଥାନାନ୍ତର ହୋଇଥିବା ଗ୍ରାମବାସୀ ନିଜ ଗାଁକୁ ଚାଲି ଆସିଥିଲେ। ତେବେ ସ୍ଥାନୀୟ ଲୋକଙ୍କୁ ଘରେ ରୋଷେଇ ବନ୍ଦ କରିବା ସହ ନିଆଁ ନ ଲଗାଇବାକୁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଏପରି କି ରାତିରେ ମଧ୍ୟ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ରିଲିଫ ଦିଆଯାଇଥିବା ଜଣାପଡିଛି। ଗ୍ୟାସ ଲିକ୍ ବନ୍ଦ ହୋଇଥିଲେ ମଧ୍ୟ ଭବାନୀପାଟଣା-ରାୟପୁର ରାସ୍ତାରେ ଯାତାୟାତ ବନ୍ଦ ରହିଥିବା ପୋଲିସଠାରୁ ସୂଚନା ମିଳିଛି।



ସ୍ଥାନାନ୍ତର କରାଯାଇଥିବା ଗ୍ରାମବାସୀ।

# ଆଜି ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ

- ଭାରତର ଜି-୨୦ ଅଧ୍ୟକ୍ଷତା ବୈଠକରେ ଯୋଗଦେବେ

ଭୁବନେଶ୍ୱର, ୧୨।୫(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିନିକିଆ ଗସ୍ତରେ ସୋମବାର ସକାଳେ ନୂଆଦିଲ୍ଲୀ ଯିବା କାର୍ଯ୍ୟକ୍ରମ ରହିଛି। ଭାରତର ଜି-୨୦ ଅଧ୍ୟକ୍ଷତାକୁ ନେଇ ସୋମବାର ହେବାକୁ ଥିବା ସର୍ବଦଳୀୟ ବୈଠକରେ ମୁଖ୍ୟମନ୍ତ୍ରୀ ଯୋଗଦେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତା ଉକ୍ତ ବୈଠକ ଅନୁଷ୍ଠିତ ହେବ। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବା କାର୍ଯ୍ୟକ୍ରମ ରହିଥିବା ଅଧିକାରୀ ସୂତ୍ରରୁ ସୂଚନା ମିଳିଛି।

ସୂଚନାଥାଉ କି, ଡିସେମ୍ବର ୧ରୁ ଭାରତ ଆସନ୍ତା ୧ ବର୍ଷ ପର୍ଯ୍ୟନ୍ତ ଜି-୨୦ ଅଧ୍ୟକ୍ଷତା ଦାୟିତ୍ୱ ବହନ କରିଛି। ଏହି ସମୟ ମଧ୍ୟରେ ଭାରତର ୫୫ଟି ସ୍ଥାନରେ ପ୍ରାୟ ୨୦୦ ବୈଠକ ଆୟୋଜିତ ହେବ। ପ୍ରଥମ ଶେର୍ପା ବୈଠକ ରବିବାର ରାଜସ୍ଥାନର ଉଦୟପୁରରେ ଆୟୋଜିତ ହୋଇଯାଇଛି। ତେବେ ସୋମବାର ଅପରାହ୍ନ ୫ଟାରେ ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନ କଲଚ୍ୟୁରାଲ ସେଣ୍ଟରରେ ହେବାକୁ ଥିବା ବୈଠକରେ ଯୋଗଦେବା ପାଇଁ ପ୍ରମୁଖ ଦଳଗୁଡ଼ିକର ମୁଖ୍ୟମାନଙ୍କୁ ନିମନ୍ତ୍ରଣ କରାଯାଇଛି। ବୈଠକରେ ଜି-୨୦ ଅଧ୍ୟକ୍ଷତାର ଲକ୍ଷ୍ୟ ସମ୍ପର୍କରେ ଅବଗତ କରାଯିବା ସହ ଦଳଗୁଡ଼ିକର ମତାମତ ଲୋଡ଼ଯିବା କାର୍ଯ୍ୟକ୍ରମ ରହିଛି।

## ସ୍ତ୍ରୀଙ୍କ କଟୁରି ମାଡ଼ରେ ସ୍ୱାମୀ ମୃତ

ବାଲେଶ୍ୱର ଅଫିସ,୪।୧୨

ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଅଧୀନ ଚାରିଗୋଛିଆ ଗ୍ରାମରେ ଘରୋଇ କଳହକୁ ନେଇ ସ୍ତ୍ରୀଙ୍କ କଟୁରି ମାଡ଼ରେ ସ୍ୱାମୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗୋବିନ୍ଦ ମାରାଣ୍ଡି (୫୮)। ହତ୍ୟାକାରୀ ସ୍ତ୍ରୀ ଜବା(୪୫)ଙ୍କୁ ପୋଲିସ ଗିରଫ କରିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା(ନଂ.୧୧୬/୨୨) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଗୋବିନ୍ଦ ଓ ଜବାଙ୍କ ମଧ୍ୟରେ ଘରୋଇ କଥାକୁ ନେଇ ୨ଦିନ ହେବ ଝଗଡ଼ା ଲାଗିରହିଥିଲା। ଶନିବାର ମଧ୍ୟରାତିରେ ଗୋବିନ୍ଦ ଜବାଙ୍କୁ ମାଡ଼ ମାରିବା ପାଇଁ ଗୋଡ଼ାଉ ଥିବା ବେଳେ ଜବା ରାଗିଯାଇ ପାଖରେ ଥିବା ଏକ କଟୁରିରେ ତାଙ୍କ ମୁଣ୍ଡ ଏବଂ କାନ ପାଖକୁ ପିଟିଥିଲେ। ଫଳରେ ଘଟଣାସ୍ଥଳରେ ଗୋବିନ୍ଦ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଚାନ୍ଦିପୁର ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତାଙ୍କୁ ଗିରଫ କରିଛି। ହତ୍ୟାରେ ବ୍ୟବହୃତ କଟୁରି ଜବତ ହୋଇଛି।

## ହାତୀ ମୃତଦେହ ଜବତ

ଢେଙ୍କାନାଳ ଅଫିସ,୪।୧୨

ଢେଙ୍କାନାଳ ଜିଲା ଅଭୟାରଣ୍ୟର ଚଟିଘର ଢୋଲପଥର ନାଳରୁ ରବିବାର ବନ ବିଭାଗ ଏକ ମାଈଚିନା ହାତୀର ମୃତଦେହ ଜବତ କରିଛି। ମୃତ ହାତୀର ବୟସ ପ୍ରାୟ ୨୮ ହେବ ବୋଲି ଜଣାପଡ଼ିଛି। ଶନିବାର ହାତୀଟିର ମୃତ୍ୟୁ ହୋଇଥିବାବେଳେ କାରଣ ଜଣାପଡ଼ିନାହିଁ। ତେବେ ରୋଗଗ୍ରସ୍ତ ହୋଇ ପ୍ରାଣ ହରାଇଥିବା ବନବିଭାଗ ସନ୍ଦେହ କରୁଛି। ଖବରପାଇ ଅନୁଗୋଳସ୍ଥିତ ଆଞ୍ଚଳିକ ମୁଖ୍ୟ ବନ୍ୟ ସଂରକ୍ଷକ ଏମ୍. ଯୋଗାନନ୍ଦମ୍, ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶ ଚାନ୍ଦ ଗୋଗିନାନି, କପିଳାସ ରେଞ୍ଜର ତରୁଣ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ହାତୀ ମୃତଦେହ ବ୍ୟବଚ୍ଛେଦ ସହ କିଛି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ଓୟୁଏଟି ଲାବରେଟୋରିକୁ ପଠାଯାଇଛି। ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଜିଲା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ମୋରାଲିଟି ପୋଲିସ...

ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ଅହମାଦିନେଜାଦଙ୍କ ଅମଳରେ ମୋରାଲିଟି ପୋଲିସ (ଗସ୍‌ହତ୍-ଇ-ଏର୍ଶାଦ) ବା ଗାଇଡେନ୍ସ ପାଟ୍ରୋଲ ପ୍ରତିଷ୍ଠା କରାଯାଇଥିଲା। ମର୍ଯ୍ୟାଦା ଓ ହିଜାବ ସଂସ୍କୃତିର ପ୍ରସାର ଥିଲା ସୁପ୍ରିମ କାଉନ୍‌ସିଲ ଅଧୀନ ଏହି ପୋଲିସର ଦାୟିତ୍ୱ। ୧୯୮୩ରେ ହିଜାବ ପରିଧାନକୁ ବାଧ୍ୟତାମୂଳକ କରାଯାଇଥିବାବେଳେ ୨୦୦୬ରୁ ମୋରାଲିଟି ପୋଲିସ ୟୁନିଟ୍ ଡ୍ରେସ୍ କୋଡ୍ ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରିଆସୁଥିଲା। ଛୋଟ ବସ୍ତ୍ର କିମ୍ବା ଜିନ୍ସ ପିନ୍ଧିବା ମହିଳାଙ୍କ ପାଇଁ ସ୍ୱପ୍ନ ହୋଇଯାଇଥିଲା। ଏବେ ରାଷ୍ଟ୍ରପତି ଇବ୍ରାହିମ୍ ରଇସିଙ୍କ ଅଧୀନରେ ଥିବା ସୁପ୍ରିମ କାଉନ୍‌ସିଲ ହିଜାବ ପରିଧାନକୁ ଆହୁରି କଡ଼ାକଡ଼ି କରିଥିଲା, ଯାହାର ପରିଣାମ ସ୍ୱରୂପ ମହସାଙ୍କୁ ପ୍ରାଣବଳି ଦେବାକୁ ପଡ଼ିଲା। ମହସାଙ୍କ ମୃତ୍ୟୁ ପରେ ଆନ୍ଦୋଳନକାରୀ ଯୁବତୀମାନେ ନିଜ ବୁଟି କାଟି ନିଜ ନିଜ ହିଜାବକୁ ଜାଳିବାରେ ଲାଗିଥିଲେ। ସରକାର ବିରୋଧୀ ସ୍ଲୋଗାନର ଧ୍ୱନିରେ ରାଜଧାନୀ ତେହରାନ ପ୍ରକମ୍ପିତ ହୋଇଥିଲା। ପୋଲିସ ସେମାନଙ୍କୁ ଘଉଡ଼ିବାକୁ ଯାଇ ଅନେକ ସ୍ଥାନରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇଥିଲା। ଆନ୍ଦୋଳନକାରୀମାନେ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ବିରୋଧରେ ନାରାବାଜି କରି ଦେଶରେ ଇସ୍‌ଲାମିକ୍ ସରକାର ଉଚ୍ଛେଦ ପାଇଁ ମଧ୍ୟ ଦାବି କରିଥିଲେ। ସାମାଜିକ ଗଣମାଧ୍ୟମରେ ଏସବୁ ବହୁଳ ପ୍ରସାରିତ ହେବା ପରେ ଆମେରିକା ସମେତ ବିଭିନ୍ନ ଦେଶରେ ଇରାନ ବିରୋଧୀ ମନୋଭାବ ବଢ଼ିବାରେ ଲାଗିଥିଲା। ପୋଲିସର ଲାଠିମାଡ଼ ଓ ଗୁଳିରେ ପ୍ରାୟ ୩୦୦ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିବାବେଳେ ବହୁସଂଖ୍ୟକ ଲୋକ ଆହତ ହୋଇଥିବା ଜାତିସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି। ମୃତକଙ୍କ ପ୍ରକୃତ ସଂଖ୍ୟା ୪୪୮ ବୋଲି ଓସ୍‌ଲୋର ଏନ୍‌ଜିଓ ଇରାନ ହ୍ୟୁମାନ୍ ରାଇଟ୍ସ ଗତ ମଙ୍ଗଳବାର କହିଥିଲା। କିନ୍ତୁ ଇରାନର ସିକ୍ୟୁରିଟି କାଉନ୍‌ସିଲ ଏହାକୁ ଖଣ୍ଡନ କରିବା ସହ ମୃତ୍ୟୁସଂଖ୍ୟା ୨୦୦ ମଧ୍ୟରେ ସୀମିତ ବୋଲି କହିଛି। ଏଥିସହ ଆନ୍ଦୋଳନ ପଛରେ ବିଦେଶୀ ଶକ୍ତିଙ୍କ ହାତ ଥିବା ସମାଲୋଚନା କରିଛି। ରଷ୍ଟ୍ରେପତି ରଇସି ବୁଧବାର ଷ୍ଟୁଡେଣ୍ଟ ଡେ ପାଳନ ଅବସରରେ ତେହରାନ ୟୁନିଭର୍ସିଟିରେ ଆୟୋଜିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବାକୁ ଥିବାବେଳେ ଛାତ୍ରୀଛାତ୍ରମାନେ ରବିବାରଠାରୁ ୩ ଦିନିଆ ଷ୍ଟ୍ରାଇକ୍‌ର ଆହ୍ୱାନ ଦେଇଥିଲେ। ଏହାର ଅବ୍ୟବହିତ ପୂର୍ବରୁ ରଇସି ସରକାର ଦେଶ ଭିତର ଓ ବାହାର ଚାପରେ ଆସି ମୁଣ୍ଡ ନୁଆଁଇଥିବା କୁହାଯାଉଛି।

## ପଦ୍ମପୁର ଉପନିର୍ବାଚନ, ...

ଉକ୍ତ ନିର୍ବାଚନ ମଣ୍ଡଳୀରେ ୭୯ ବୁଥ୍‌କୁ ଅଧୀନ ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ କରାଯାଇଛି। ଫଳରେ ଏହି ବୁଥ୍ ସମେତ ୧୨୦ ବୁଥ୍‌ରେ ୱେବ୍ କାଷ୍ଟିଂ ବ୍ୟବସ୍ଥା ହୋଇଛି। ୬୬ ବୁଥ୍‌ରେ ସିସିଟିଭି ସଂଲଗ୍ନ କରାଯାଇଛି। ସେହିପରି ୯୧ ମାଇକ୍ରୋ ଅବଜର୍ଭରଙ୍କୁ ନିୟୋଜିତ କରାଯାଇଛି ଏବଂ ସେମାନେ ସମସ୍ତେ କେନ୍ଦ୍ର ସରକାର ଅଧୀନରେ କାର୍ଯ୍ୟରତ କର୍ମଚାରୀ ହୋଇଥିବା ବେଳେ ସାଧାରଣ ପର୍ଯ୍ୟବେକ୍ଷଙ୍କ ତତ୍ତ୍ୱାବଧାନରେ ଦାୟିତ୍ୱ ତୁଲାଉଛନ୍ତି। ମତଦାନ ସମୟରେ ଆଇନଶୃଙ୍ଖଳା ପ୍ରତି ମଧ୍ୟ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ଏଥିପାଇଁ ୨୦୬ ପୋଲିସ ଅଧିକାରୀ, ୨୧ପ୍ଲାଟୁନ ଆର୍ମସ୍ ଫୋର୍ସ, ୪୪୫ ହୋମ୍‌ଗାର୍ଡଙ୍କ ସମେତ ସମୁଦାୟ ୧୪୧୩ ପୋଲିସ କର୍ମଚାରୀ ଏବଂ ୯ କମ୍ପାନୀ ସିଏପିଏଫ୍ ଯବାନଙ୍କୁ ନିୟୋଜିତ କରାଯାଇଛି।

ମତଦାନ ଯେଭଳି ସୁରୁଖୁରୁରେ ସମାପନ ହେବ ସେଥିପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ୧୨୭୬ ପୋଲିଂ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେମାନେ ପଦ୍ମପୁର ଆର୍‌ଏମ୍‌ସି ପରିସରରୁ ଇଭିଏମ୍ ଏବଂ ଅନ୍ୟ ସାମଗ୍ରୀ ଧରି ନିର୍ଦ୍ଧାରିତ ବୁଥ୍‌ଗୁଡ଼ିକରେ ପହଞ୍ଚି ସାରିଛନ୍ତି। ପ୍ରତି ବୁଥ୍‌ରେ ୪ଜଣ ପୋଲିଂ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଅତିରିକ୍ତ ୧୨୮ ପୋଲିଂ କର୍ମଚାରୀ ରହିଛନ୍ତି ଏବଂ କେଉଁଠି କିଛି ଅସୁବିଧା ହେଲେ ସେମାନେ ସେଠାକୁ ପହଞ୍ଚି ପୋଲିଂ ଦାୟିତ୍ୱ ନିର୍ବାହ କରିବେ। ସେହିପରି ସ୍ୱତନ୍ତ୍ର ଇଭିଏମ୍ ମଧ୍ୟ ସୁରକ୍ଷିତ ରଖାଯାଇଛି। କୌଣସି ବୁଥ୍‌ରେ ଇଭିଏମ୍ ତ୍ରୁଟି ଦେଖାଗଲେ ଅଧ ଘଣ୍ଟା ମଧ୍ୟରେ ସେଠାକୁ ଅନ୍ୟ ଇଭିଏମ୍ ପହଞ୍ଚାଇବା ବ୍ୟବସ୍ଥା କରାଯାଇଛି । ଅନ୍ୟପକ୍ଷେ ମତଦାନର ୪୮ଘଣ୍ଟା ପୂର୍ବରୁ ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ଥିବା ସବୁ ମଦ ଦୋକାନକୁ ସିଲ୍ କରାଯାଇଛି। ହୋଟେଲ, ବାର୍, ରେଷ୍ଟୁରାଣ୍ଟ, ଦୋକାନ ଏବଂ ଅନ୍ୟ ସ୍ଥାନରେ ମଦ ବିକ୍ରି କିମ୍ବା ବଣ୍ଟନକୁ ବାରଣ କରାଯାଇଛି। ସେହିପରି ମତଦାନ ବେଳେ ଏକ୍‌ଜିଟ୍ ପୋଲ୍ ଉପରେ ରୋକ୍ ଲଗାଯାଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ଆକାଶରେ ୧୫ କି.ମି....

ଧୂଳି ଓ ବର୍ଷା ଯୋଗୁ ରାସ୍ତାଗୁଡ଼ିକୁ ବନ୍ଦ କରିଦିଆଯାଇଛି। ୮ କି.ମି ଅଞ୍ଚଳକୁ ଡେଞ୍ଜର ଜୋନ୍ ଘୋଷଣା କରାଯାଇଥିବା ଭୋଲ୍‌କାନୋଲୋଜି ଆଣ୍ଡ ଜିଓଲୋଜିକାଲ ହାଜାର୍ଡ ମିଟିଗେଶନ୍ ସେଣ୍ଟର ମୁଖ୍ୟ ହେନ୍ଦ୍ରା ଗୁନାୱନ୍ କହିଛନ୍ତି। ତେବେ ଏଥିଯୋଗୁ କେହି ମୃତାହତ ହୋଇ ନ ଥିବା ପରିବହନ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ରାଜଧାନୀ ଜାକର୍ତ୍ତାରୁ ୬୪୦ କି.ମି. ଦୂରରେ ଅବସ୍ଥିତ ସୁମେରୁ ମହାମେରୁ ନାମରେ ମଧ୍ୟ ପରିଚିତ। ଗତବର୍ଷ ଡିସେମ୍ବରରେ ଶେଷ ଥର ପାଇଁ ସେମେରୁରୁ ବଡ଼ ଧରଣର ଲାଭା ଉଦ୍‌ଗିରଣ ହୋଇଥିଲା। ଜନବସତିକୁ ଲାଭା ମାଡ଼ିଯିବାରୁ ଶତାଧିକ ଘର ମାଟିରେ ମିଶିଯାଇଥିଲା। ଏହାର ପ୍ରଭାବରେ ୫୧ ଜଣଙ୍କ ମୃତ୍ୟୁ ଘଟିଥିଲା।

## ସରିଲା ନିବେଶ ...

୩ୟ ଓ ୪ର୍ଥ ଦିନରେ ମୋଟ ୪୦ଟି ସ୍ୱତନ୍ତ୍ର ସମ୍ମିଳନୀଭିତ୍ତିକ କାର୍ଯ୍ୟକ୍ରମ ସହ ନିବେଶ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏପରିକି ରାଜ୍ୟର ବିକାଶ ପାଇଁ ଅନେକ କ୍ଷେତ୍ର ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ମଧ୍ୟ ହୋଇଥିଲା। କନ୍‌କ୍ଲେଭର ଶେଷ ଦିନର ପ୍ରଥମ ପର୍ଯ୍ୟାୟରେ ସର୍ବସାଧାରଣଙ୍କ ପାଇଁ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା ବେଳେ ୨ୟ ପର୍ଯ୍ୟାୟରେ ସାଂସ୍କୃତିକ ସନ୍ଧ୍ୟାର ଆୟୋଜନ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ ଯେ କନ୍‌କ୍ଲେଭ ପରିସରରେ ମୋଟ ୩ୟ ସ୍ୱତନ୍ତ୍ର କକ୍ଷରେ ୧୧୪ ଶିଳ୍ପସଂସ୍ଥା ଓ ଅନ୍ୟାନ୍ୟ ସଂସ୍ଥାର ମଣ୍ଡପ (ଷ୍ଟଲ) ରହିଥିବା ବେଳେ ୮ଟି ସ୍ୱତନ୍ତ୍ର କକ୍ଷ ଓ ୧୪ଟି ବିଶେଷ ସ୍ଥାନ ଏବଂ ୧୨ଟି ଫୁଡ୍ ଷ୍ଟଲ ରହିଥିଲା। ସେହିପରି ରବିବାର ସକାଳେ ପ୍ରାୟ ୫ହଜାରରୁ ଅଧିକ ଲୋକ ପ୍ରଦର୍ଶନୀ ପରିଭ୍ରମଣ କରିଥିବା ବେଳେ ସନ୍ଧ୍ୟା ସମୟରେ ୧୦ରୁ ୧୫ ହଜାର ଲୋକ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଶିଳ୍ପ ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

## ବାଦ୍ୟ, ସଙ୍ଗୀତରେ ...

ପ୍ରଭୁ ଗଣେଶଙ୍କୁ ଆବାହନ ପୂର୍ବକ 'ବକ୍ର ତୁଣ୍ଡ ମହାକାୟ...' ବନ୍ଦନା ସହ ବାଦ୍ୟଯନ୍ତ୍ରର ଶାନ୍ତ, ସୁଶୀତଳ ଧ୍ୱନି ଉପସ୍ଥିତ ଅତିଥି ଓ ହଜାର ହଜାର ଜନତାଙ୍କ ମନରେ ଭକ୍ତିଭାବ ସୃଷ୍ଟି କରିଥିଲା। ବେହେଲାରେ ଅଗ୍ନିମିତ୍ରା ବେହେରା, ବଂଶୀରେ ଶ୍ରୀନିବାସ ଶତପଥୀ, ଗିଟାରରେ ଦେବ ରଞ୍ଜନ ନାୟକ ଓ ପ୍ରଣବ ପ୍ରଧାନ, କିବୋର୍ଡରେ ରମେଶ ଚନ୍ଦ୍ର ବେହେରା, ତବଲାରେ ବିଶ୍ୱ ରଞ୍ଜନ ନନ୍ଦ, ପରକ୍ୟୁଶନରେ ବୈଭବ କୁମାର ଦାସ ଓ ସମୀର ରଞ୍ଜନ ପ୍ରଧାନ, ଡ୍ରମ୍‌ରେ ବିକସିତ୍ ସାହୁ ଏବଂ କଣ୍ଠରେ ମିଲନ୍ କୁମାର ପଣ୍ଡା ରହିଥିଲେ। ପରବର୍ତ୍ତୀ ପ୍ରସ୍ତୁତି ଇଙ୍ଗୋସିଆନ୍‌ରେ ଶିଳ୍ପୀଙ୍କ ଉତ୍ସାହ ଓ ଶକ୍ତି ଦେଖିବାକୁ ମିଳିଥିଲା। ପରେ ଶ୍ରୋତାଙ୍କୁ ଆଉଟିକେ ମନୋରଞ୍ଜନ ଦେବାକୁ ଯାଇ ଶିଳ୍ପୀମାନେ ଓଡ଼ିଶୀ ଫ୍ୟୁଜନ ପରିବେଷଣ କରିଥିଲେ, ଯାହା ସେମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହା ପରେ ଆରମ୍ଭ ହୋଇଥିଲା ସଙ୍ଗୀତ କାର୍ଯ୍ୟକ୍ରମ। କଣ୍ଠଶିଳ୍ପୀ ବିଶ୍ୱମୋହନ କବିଙ୍କ 'ଓଡ଼ିଶା ମୋ ଓଡ଼ିଶା...' ସଙ୍ଗୀତ ଉପସ୍ଥିତ ଶ୍ରୋତାଙ୍କୁ ଆତ୍ମୀୟତାର ଅନୁଭବ ଆଣିଦେଇଥିଲା। ଏଥିସହ ବାହାର ଅତିଥିଙ୍କୁ ଓଡ଼ିଶାର କଳା, ସଂସ୍କୃତି, ଇତିହାସ, ପର୍ଯ୍ୟଟନ ଆଦିର ସ୍ପର୍ଶ ଭରିଦେଇଥିଲା। ସେହିପରି କଣ୍ଠଶିଳ୍ପୀ ଶଶାଙ୍କ ଶେଖର, ବର୍ଣ୍ଣାଳୀ ହୋତା ଓ ଭାଗ୍ୟଶ୍ରୀଙ୍କ ସଙ୍ଗୀତ ବେଶ୍ ମନଛୁଆଁ ଥିଲା। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ଓ ଅନୁଜା ତାରିଣୀ ମିଶ୍ର ପରିଚାଳନା କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ରାହୁଯୁକ୍ତ ଚନ୍ଦ୍ର ଯୋଗୁ ମାନସିକ ସ୍ଥିତି ଭଲ ରହି ନ ପାରେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଗଡ଼ାର ଆଶଙ୍କା ରହିଛି। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟିଜନିତ ସମସ୍ୟା କିମ୍ବା କଳହର ସମ୍ମୁଖୀନ ହେବାକୁ ପଡ଼ିପାରେ। କେବଳ କର୍ମକ୍ଷେତ୍ର ପ୍ରଶସ୍ତ ରହିବା ସହ ଶାରୀରିକ ସୁସ୍ଥତା ମନ୍ଦ ହେବନି।

**ବୃଷ** ଅଭିଳଷିତ ଦ୍ରବ୍ୟପ୍ରାପ୍ତିରେ ବିଜାତୀୟ ବ୍ୟକ୍ତି ଜଣେ ଅସହଯୋଗ କରିପାରେ। ଶାରୀରିକ ଦୁର୍ବଳତା ଯୋଗୁ କାମ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। ମୃଗଶିରା ନକ୍ଷତ୍ର ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ପ୍ରକାଶ ପାଇବ।

**ମିଥୁନ** ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ, ମାତ୍ର ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କଲେ ଉପକୃତ ହେବେ। ଜଣେ ସହକର୍ମୀଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ବାଧବାଧକତାରେ ମନୋରଞ୍ଜନ ସମ୍ପର୍କିତ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାକୁ ପଡ଼ିପାରେ।

**କର୍କଟ** ଦୀର୍ଘ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ଆଜି ଆକସ୍ମିକ ଭାବରେ ପୁନଃ ପ୍ରତିଷ୍ଠିତ ହେବ। ଭାବପ୍ରବଣବଶତଃ ବିରକ୍ତିକର କଥାବାର୍ତ୍ତା କରି ଅପଦସ୍ଥ ହୋଇପାରନ୍ତି। କର୍ମକ୍ଷେତ୍ରରେ ପରକଥାରେ ପ୍ରଭାବିତ ହେଲେ ଭୁଲ୍ ମାର୍ଗର ଅନୁସରଣ କରିବେ। ପୁଷ୍ୟା ନକ୍ଷତ୍ର ଜମିଜମା କାରବାର ବୃଦ୍ଧି ପାଇଁ ଚେଷ୍ଟିତ ହେବେ। ସନ୍ତାନହେତୁକ ଚିନ୍ତା ବଢ଼ିବ।

**ସିଂହ** କର୍ମକ୍ଷେତ୍ରରେ ଈର୍ଷା ପରାୟଣ ବ୍ୟକ୍ତିଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୋଇପାରନ୍ତି। ବ୍ୟବସାୟରେ ସନ୍ତୋଷଜନକ ଫଳ ଦେଖାଦେଇପାରେ। ସ୍ୱାର୍ଥସାଧନର ଅଭିଳାଷ ପୂରଣ ନ ହେବାରୁ ମିତ୍ର କେହି ଛଳନା କରି ଦୂରେଇଯିବେ। ସବୁ ଭଲ ଥିଲେ ସୁଦ୍ଧା କେତେକ କଥାକୁ କେନ୍ଦ୍ରକରି ମାନସିକ ସ୍ତରରେ କଷ୍ଟ ପାଇବେ।

**କନ୍ୟା** ସାମାଜିକ ଜୀବନରେ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରି ଶତ୍ରୁତା ଅର୍ଜନ କରିପାରନ୍ତି। ଉପରିସ୍ଥ ଆଦେଶାନୁସାରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। କାଳକ୍ଷେପଣ ନୀତି ହେତୁ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ।

**ତୁଳା** ବିଭିନ୍ନ ସୂତ୍ରରୁ ରୋଜଗାର କରିବା ସାଙ୍ଗକୁ ବିଳାସ ବ୍ୟସନରେ ସମୟ ଅତିବାହିତ କରିପାରନ୍ତି। ବନ୍ଧୁମାନେ ବିଭ୍ରାନ୍ତିକର ଖବର ପରିବେଷଣ କରି ସମସ୍ୟାକୁ ବଢ଼ାଇ ଦେଇପାରନ୍ତି। ଆନୁଷ୍ଠାନିକ କାମ କିମ୍ବା ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। କ୍ରନିକ୍ ରୋଗପୀଡ଼ା ଜନିତ ସ୍ୱାସ୍ଥ୍ୟରେ ଅବନତି ଘଟିପାରେ।

**ବିଛା** ଆଜି ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇ ଦୁଃଖ ଭୁଲି ଯାଇପାରନ୍ତି। ସହକର୍ମୀଙ୍କ କାର୍ଯ୍ୟକଳାପ ମନରେ ବିରକ୍ତିଭାବ ସୃଷ୍ଟି କରିବ। ପରିସ୍ଥିତିରେ ପଡ଼ି ଖର୍ଚ୍ଚ କରିବାକୁ ବାଧ ହେବେ ଓ ମନସ୍ତାପ ମଧ୍ୟ କରିବେ। ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହେବ। ଅପରାହ୍ନେ ଖୁସି ବାର୍ତ୍ତା ପାଇବେ।

**ଧନୁ** ହାତରୁ ପଇସା ଖର୍ଚ୍ଚ କରି ବନ୍ଧୁଙ୍କ କାର୍ଯ୍ୟରେ କୌଣସି ନିର୍ଦ୍ଦିଷ୍ଟ ଅଭିସନ୍ଧିମୂଳକ ଉଦ୍ଦେଶ୍ୟ ନିହିତ ରହିଥିବାର ଅନୁମାନ କରିପାରନ୍ତି। ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ପ୍ରତାରିତ ହେବା ସମ୍ଭାବନା ରହିଛି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ । ପୂର୍ବାଷାଢ଼ା ନକ୍ଷତ୍ରର ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ।

**ମକର** ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ସୂଚନାକୁ ଅସ୍ୱୀକାର କରିପାରିବେ ନାହିଁ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ କର୍ମକ୍ଷେତ୍ରରେ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। ଆର୍ଥିକ ସ୍ଥିତି ବଦଳିଯିବା କାରଣରୁ ଉଦ୍‌ବିଗ୍ନତା ବୃଦ୍ଧି ପାଇବ। ପାରିବାରିକ ସମସ୍ୟା କେତେକାଂଶରେ ନିୟନ୍ତ୍ରିତ ରହିବ।

**କୁମ୍ଭ** ବିଶୃଙ୍ଖଳିତ ପରିସ୍ଥିତି ଲାଗି ରହିବା କାରଣରୁ କର୍ମକ୍ଷେତ୍ରରେ ଶିଥିଳତା ଦେଖାଦେବ। ପରକଥାରେ ମୁଣ୍ଡ ପୂରାଇ ଭୁଲ୍ ମାର୍ଗରେ ଗତି କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ଶେୟାର ବଜାରରେ କ୍ଷତିର ଆଶଙ୍କା ରହିଛି। ମାତ୍ର ଜଣେ ବନ୍ଧୁଙ୍କ ସାହାଯ୍ୟକୁ ଭୁଲିପାରିବେ ନାହିଁ। ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସଜ୍ଜାରେ ମଜ୍ଜିରହିପାରନ୍ତି।

**ମୀନ** କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ସୁଦ୍ଧା ସମାଲୋଚିତ ହେବେ। ପ୍ରଶାସନ, ସଙ୍ଗଠନ ଓ ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। ଗୃହ ନିର୍ମାଣ କାମରେ ଉନ୍ନତି ଘଟିବ। ପ୍ରତ୍ୟେକ କାମରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି।

ଆଜି ଡିସେମ୍ବର ୫ ତାରିଖ, ମାର୍ଗଶିର ଶୁକ୍ଳପକ୍ଷର ଅନଙ୍ଗ ତ୍ରୟୋଦଶୀ ସୋମବାର, ଅଦ୍ୟ ଗୀତା ଜୟନ୍ତୀ, ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ଦିବସ, ବିଶ୍ୱ ସ୍ୱେଚ୍ଛାସେବୀ ଦିବସ, ବିଶ୍ୱ ମୃତ୍ତିକା ଦିବସ, ରାଶିନକ୍ଷତ୍ର-ଦ୍ୱିଜା/ମେଷ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୧୧ ମି. ଗତେ ଘ.୦୭।୩୨ ମଧ୍ୟେ, ଘ.୦୯।୦୪ ଗତେ ଘ.୧୧।୧୫ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୩୨ ମି. ଗତେ ଘ.୦୮।୫୪ ମି. ମଧ୍ୟେ ରାହୁକାଳ।

# ଦାୟିତ୍ୱରେ ଥିବା ନେତାଙ୍କ ପାଇଁ କର ବା ମର ସ୍ଥିତି

## ପଦ୍ମପୁର ଉପନିର୍ବାଚନ

ପଦ୍ମପୁରରୁ ସୁନିତ୍ ମିଶ୍ର

ପଦ୍ମପୁର ଉପନିର୍ବାଚନରେ ବିଜୟ ହାସଲ କରିବା ବର୍ତ୍ତମାନ ବିଜେଡି ଏବଂ ଭାଜପା ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଏହା ଶେଷ ଉପନିର୍ବାଚନ ହୋଇଥିବାରୁ ଏହାକୁ ୨୦୨୪ ସାଧାରଣ ନିର୍ବାଚନ ପୂର୍ବର ସେମିଫାଇନାଲ ବୋଲି କୁହାଯାଉଛି। ଅବଶ୍ୟ ଏହାପରେ ଯଦି ୨୦୨୪ ପୂର୍ବରୁ କୌଣସି ସ୍ଥାନରେ ଉପନିର୍ବାଚନ ହେବାକୁ ପଡ଼େ, ତେବେ ତାହା ମଧ୍ୟ ଆହୁରି ଅଧିକ ଗୁରୁତ୍ୱ ବହନ କରିବ। ଯେପରି ଧାମନଗର ଉପନିର୍ବାଚନରେ ବିଜେଡିର ପରାଜୟ ଯୋଗୁ ପଦ୍ମପୁରରେ ଶାସକ ଦଳ ନେତାଙ୍କୁ ଆବଶ୍ୟକତାଠାରୁ ଅଧିକ କଠିନ ପରିଶ୍ରମ କରିବାକୁ ପଡ଼ିଛି। ସେହିପରି ଏବେର ଫଳାଫଳ ମଧ୍ୟ ଆଗାମୀ ରାଜନୈତିକ ଭବିଷ୍ୟତ ସ୍ଥିର କରିବା ନେଇ ସ୍ପଷ୍ଟ ଅନୁମେୟ।

ଧାମନଗର ଉପନିର୍ବାଚନ ପରେ ପଦ୍ମପୁରରେ ବିଜୟୀ ହେବାକୁ ୨ ପ୍ରମୁଖ ଦଳ ସବୁପ୍ରକାର ବଳ ଲଗାଇ ଦେଇଛନ୍ତି ବୋଲି ରାଜ୍ୟ ରାଜନୀତିରେ ମୁଖ୍ୟ ଆଲୋଚନାର ବିଷୟବସ୍ତୁ ପାଲଟିଥିଲା। ବିଭିନ୍ନ ଜାଗାରେ ଆଲୋଚନା ଶୁଣିବା ପରେ ଧରିତ୍ରୀ ପକ୍ଷରୁ ପଦ୍ମପୁର ଅଭିମୁଖେ ଶନିବାର ବିଳମ୍ବିତ ରାତିରେ ଗସ୍ତ ଆରମ୍ଭ କରିଥିଲୁ। ରବିବାର ସକାଳ ୮ଟା ୩୦ ମିନିଟ ସମୟରେ ପଦ୍ମପୁର ନିର୍ବାଚନ ମଣ୍ଡଳୀ ଖୁଣ୍ଟପାଲି ଛକଠାରେ ପୋଲିସ ଅଟକାଇଥିଲା। ସେଠାରେ ବରଗଡ଼ ଏସ୍‌ପି ଅଫିସରେ କାର୍ଯ୍ୟରତ କ୍ଷୀରୋଦ୍ର ବିଶ୍ୱାଳ ଅଟକାଇ ଗାଡ଼ି ଯାଞ୍ଚ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଏଇଠାରୁ ହିଁ ପଦ୍ମପୁର ଉପନିର୍ବାଚନର ଉଷ୍ମତା ବିଷୟରେ ଜଣାପଡ଼ିଥିଲା। ୪ଦିନ ପୂର୍ବରୁ ଏକ ଗାଡ଼ିରୁ ୨ଲକ୍ଷ ୬୦ହଜାର ଟଙ୍କା ଜବତ ହେବା କଥା ଆମେ ତାଙ୍କ ମୁହଁରୁ ଶୁଣିବା ପରେ ଆମେ ଆମର ଯାତ୍ରା ପୁଣି ଆରମ୍ଭ କରିଥିଲୁ। ସେହିଠାରୁ ଯେତିକି ଆଗକୁ ଯାଉଥିଲୁ ପୋଷ୍ଟର, ବ୍ୟାନର, ଦଳୀୟ ପତାକା ଛାଉଣି ହୋଇଥିବା ଦୃଶ୍ୟ ଦେଖିବାକୁ ପାଇଲୁ। ଉଭୟ ବିଜେଡି ଏବଂ ଭାଜପା ଯେଉଁ ମାତ୍ରାରେ ପୋଷ୍ଟର, ବ୍ୟାନରମୟ କରିଥିଲେ ସେଥିରୁ ନିର୍ବାଚନୀ ଖର୍ଚ୍ଚ ସମ୍ପର୍କରେ ଭଲ ଭାବେ ବୁଝା ପଡ଼ିଯାଇଥିଲା। ସେଠାରୁ ଯାଇ ରଜାପଡ଼ା ଅଞ୍ଚଳର ଭିକ ଲୁହାଙ୍କୁ ଏକ ଘରୋଇ ହୋଟେଲର ଠିକଣା ପଚାରିଥିଲୁ। ହଠାତ୍ ସେ ଟଙ୍କା ଦିଅ, ଭୋଟ୍ ନେବ ବୋଲି ଆମକୁ କହିଥିଲେ। ଆମେ କିଛି ବୁଝିବା ପୂର୍ବରୁ ସେ ଆହୁରି କହିଥିଲେ ଯେ, ଯିଏ ପଇସା ଦେବ, ତାକୁ ଆମେ ଭୋଟ୍ ଦେବୁ। ଶଙ୍ଖ ଆମକୁ ଚଳାଉଛି। ହେଲେ ମୋଦି ଆସିବା ପରେ ଆମ ଏନ୍‌ଏସି ଏରିଆରେ ଛାତଘର ଦିଆଯାଇଛି। ତେଣୁ ଆମକୁ ଏବେ ଯିଏ ଟଙ୍କା ଦେବ, ସେ ଭୋଟ୍ ନେବ ବୋଲି ଆମକୁ କହିଥିଲେ। ଭିକଙ୍କ ଏହି କଥାରୁ ବହୁତ କିଛି ବୁଝା ପଡୁଥିଲା। ଏହାପରେ ଯେତେବେଳେ ଆମେ ଠିକଣା ଖୋଜୁଥିବା ହୋଟେଲକୁ ପାଇଲୁ, ସେଠାରେ ଆମର ୨ଟି ରୁମ୍ ଆବଶ୍ୟକତା ଥିଲା। ଏ ବାବଦରେ ଯେତେବେଳେ ଆମେ ହୋଟେଲ ମାଲିକଙ୍କୁ କହିଲୁ, ସେ ଗୋଟିଏ ରୁମ୍ ଅଛି ରହିଯାଅ ବୋଲି କହିଥିଲେ। ହେଲେ ଆମେ ୨ଟି ରୁମ୍‌ର ଆବଶ୍ୟକତା ଅଛି ବୋଲି କହିବାରୁ ସେ ପାଲଟା କହିଥିଲେ, ଦେଖନ୍ତୁ ଆପଣ ଭାଗ୍ୟବାନ। ଯେଉଁ ଦାମ୍‌ରେ ଆପଣ ବର୍ତ୍ତମାନ ଗୋଟିଏ ରୁମ୍ ପାଉଛନ୍ତି, ଦିନକ ପୂର୍ବରୁ ତାହା ଆପଣ ଦେଉଥିବା ମୂଲ୍ୟର ୪ଗୁଣା ଅଧିକ ଥିଲା। ହୋଟେଲ ମାଲିକଙ୍କ ଏହି କଥାରୁ ବୁଝାପଡୁଛି, ରାଜନେତାମାନେ କେବଳ ହୋଟେଲରେ ରହଣି ବାବଦକୁ ଗତ ୧୦ଦିନ ମଧ୍ୟରେ କେତେ ଖର୍ଚ୍ଚ କରିଥିବେ। କାରଣ କିଛି ସମୟ ଆଲୋଚନା ଭିତରେ ଉକ୍ତ ହୋଟେଲ ମାଲିକ ଜଣାଇଥିଲେ, ଏଠାରେ ୧୦ଜଣ ବିଧାୟକ ଏବଂ ୨ଜଣ ମନ୍ତ୍ରୀ ରହୁଥିଲେ।

ନିର୍ବାଚନ ଆଚରଣ ବିଧି ଅନୁଯାୟୀ ଶନିବାର ୪ଟା ସୁଦ୍ଧା ସମସ୍ତ ବାହାର ନେତା, ମନ୍ତ୍ରୀ ପଦ୍ମପୁର ଛାଡ଼ି ଦେଇଥିଲେ। ତେଣୁ ଭୁବନେଶ୍ୱର ଏବଂ ଅନ୍ୟ ଅଞ୍ଚଳରୁ ଆସିଥିବା ମାଳ ମାଳ ନେତା, ମନ୍ତ୍ରୀଙ୍କୁ ରବିବାର ପଦ୍ମପୁର ଅଞ୍ଚଳରେ ଦେଖିବାକୁ ମିଳି ନ ଥିଲା। ହେଲେ ଉକ୍ତ ନେତା, ମନ୍ତ୍ରୀଙ୍କ ଜଣେ ଲେଖାଏ ସହଯୋଗୀ ବିଭିନ୍ନ ହୋଟେଲରେ ଲୁଚି ରହିଥିବା ଆମ ଦୃଷ୍ଟିକୁ ଆସିଥିଲା। ଆମେ ରହୁଥିବା ହୋଟେଲରେ କଟକ ଅଞ୍ଚଳର ଜଣେ ଯୁବନେତାଙ୍କ ସହିତ ଭେଟ ହୋଇଥିଲା। ସିଏ ଯେଉଁ ନେତାଙ୍କ ଟିମ୍‌ରେ ରହି ଗୋଟିଏ ପଞ୍ଚାୟତର ଦାୟିତ୍ୱ ବୁଝୁଥିଲେ ଭୋଟ୍ ନ ସରିବା ପର୍ଯ୍ୟନ୍ତ ସେଠାରେ ରହିବାକୁ ତାଙ୍କୁ ନିର୍ଦ୍ଦେଶ ମିଳିଥିବା ସେ ଜଣାଇଥିଲେ। ଅବଶ୍ୟ ସେ କୌଣସି ଗାଡ଼ି, ମୋଟର ନ ରଖି ସାଧାରଣ ଲୋକଙ୍କ ଭଳି ଚଲାବୁଲା କରି ନିଜ କାମ କରୁଥିଲେ। ପଦ୍ମପୁର ସ୍ଥିତି କ'ଣ ବୋଲି ପଚାରିବାରୁ ତାଙ୍କ ନାମ ନ କହିବା ସର୍ତ୍ତରେ ସେ ଜଣାଇଥିଲେ, ସେ ଯେଉଁ ପଞ୍ଚାୟତ ଦାୟିତ୍ୱରେ ଅଛନ୍ତି, ସେଠାରେ ଭୋଜିଭାତ, ପୋଷ୍ଟର, ବ୍ୟାନର, ମଦ ଖର୍ଚ୍ଚ ଛାଡ଼ି ବିଜେଡି ଭୋଟର ପ୍ରତି ହଜାରେ ଟଙ୍କା ଲେଖାଏ ଦେଇଛି। ଏହା ସହ କୌଣସି ବଡ଼ ବଡ଼ ନେତାମାନେ ମଧ୍ୟ ଭୋଟ୍ ନ ସରିବା ଯାଏ ଜିଲାର ଅନ୍ୟତ୍ର ରହି ନିଜ କାର୍ଯ୍ୟ ଚଳାଇଥିବା ସେ କହିଥିଲେ।

ଆମେ ଭେଉଁରିଆ ଛକରୁ ବାହାରି ପାଇକମାଳ ବ୍ଲକରେ ପହଞ୍ଚିଥିଲୁ। ପାଇକମାଳର ହୀରାପୁର, କେଛୋଦାଦର, ମହାରାଣୀ ମେରିପୁର ଭଳି କେତେଗୁଡ଼ିଏ ଗ୍ରାମକୁ ଗସ୍ତ କରି ସେଠାରେ ବିଭିନ୍ନ ବର୍ଗର ଭୋଟରଙ୍କୁ ଭେଟିଥିଲୁ। ଏହି ଗ୍ରାମର ଲୋକମାନେ ମୁଖ୍ୟତଃ ଚାଷ ଉପରେ ନିର୍ଭର କରୁଥିବାବେଳେ ବହୁ ପ୍ରକାର ସୁବିଧା, ସୁଯୋଗଠାରୁ ଏମାନେ ଦୂରରେ ରହିଛନ୍ତି। ତଥାପି ମତାମତ ନେବା ପରେ ସେମାନେ ଯେ ଅତ୍ୟନ୍ତ ସଚେତନ ଭୋଟର ଏକଥାକୁ ଏଡ଼ାଇ ଦିଆଯାଇ ନ ପାରେ। ଆମେ ଭେଟିଥିବା ଏକାଧିକ ଭୋଟର ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଉପରେ ଭରସା ରଖି ନ ଥିବା କହିଥିଲେ ହେଁ ଦଳ ନୁହେଁ, ପ୍ରାର୍ଥୀ ଦେଖି ଭୋଟ୍ ଦେବେ ବୋଲି ଜଣାଇଥିଲେ। ଗ୍ରାମାଞ୍ଚଳର ଏହି ଭୋଟରଙ୍କ ମତାମତ ହିଁ ଅନେକ କିଛି ସଙ୍କେତ ଦେଉଥିଲା। ଏହାସହ ଗାଁ ଗାଁରେ ବନ୍ଧୁକଧାରୀ ଫୋର୍ସ ଘୂରି ବୁଲୁଥିଲେ। ତେବେ କିଛି ଭୋଟରଙ୍କୁ ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ଇନ୍‌ପୁଟ ସବସିଡ଼ି, ପଦ୍ମପୁରକୁ ଜିଲା ମାନ୍ୟତା ଏବଂ କୁଲିତା ସମାଜ ପାଇଁ ପୁରୀରେ ଧର୍ମଶାଳା ବିଷୟ ନେଇ ବୁଝିଥିଲୁ। ହେଲେ ଲୋକମାନଙ୍କର ସେହି କଥା ପ୍ରତି କୌଣସି ପ୍ରକାର ଗୁରୁତ୍ୱ ନ ଥିବା ସେମାନେ କହିଥିଲେ। ପ୍ରଥମକରି ସେମାନେ ଏହିପରି ବ୍ୟୟବହୁଳ ଏବଂ ଜନବହୁଳ ଉପନିର୍ବାଚନ ଦେଖି ଆଶ୍ଚର୍ଯ୍ୟ ହୋଇ ପଡ଼ିଥିଲେ। ବିଭିନ୍ନ ସମସ୍ୟା ସମ୍ପର୍କରେ ସମାଧାନ କରିଦେବେ ବୋଲି କହି ଫେରିଥିବା ନେତାମାନେ ଆଗକୁ କ'ଣ କରୁଛନ୍ତି ବୋଲି ସେମାନେ ଅପେକ୍ଷା କରିଥିବା ମତ ରଖିଥିଲେ। ତେବେ ଶାସକ ଦଳ ଭଳି ନ ହେଲେ ମଧ୍ୟ ଭାଜପା ଭୋଟର ପିଛା ୫୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିଥିବା କିଛି ଗ୍ରାମକୁ ଗଲା ପରେ ଭାଜପା ସମର୍ଥିତ କର୍ମୀଙ୍କ ମୁହଁରୁ ଶୁଣିବାକୁ ମିଳିଛି। ଅନ୍ୟପଟେ ଉପକୂଳ ଏବଂ ଅନ୍ୟାନ୍ୟ ଅଞ୍ଚଳରୁ ଆସିଥିବା ବିଜେଡି ଏବଂ ଭାଜପା ନେତାମାନେ ଏବେ ପଦ୍ମପୁର ନିର୍ବାଚନ ମଣ୍ଡଳୀରୁ ବାହାରି ଯାଇ ଗାଇସିଲେଟ, ନୂଆପଡ଼ା, ସୋହେଲା, ବରଗଡ଼ ହେଡ୍‌କ୍ୱାର୍ଟର୍ସର ବିଭିନ୍ନ ହୋଟେଲରେ ରହି ଭୋଟ୍ ନ ସରିବା ପର୍ଯ୍ୟନ୍ତ ଉପନିର୍ବାଚନର ଟିକିନିଖି ଖବର ରଖି ତଦାରଖ ଚଳାଇଥିବା ଜଣାପଡ଼ିଛି। ଧାମନଗର ଭଳି ପଦ୍ମପୁର ଉପନିର୍ବାଚନ ଫଳାଫଳ ଯେଭଳି ଖରାପ ନ ହୁଏ, ସେଥିଲାଗି ଦାୟିତ୍ୱରେ ଥିବା ଶାସକ ଦଳ ନେତାଙ୍କ ମୁଣ୍ଡରେ ଖଣ୍ଡା ଝୁଲୁଛି। ତେଣୁ ସେମାନେ ଏବେ କର ବା ମର ସ୍ଥିତିରେ କାର୍ଯ୍ୟ ଜାରି ରଖିଥିବା ଜଣେ ବରିଷ୍ଠ ବିଜେଡି ନେତା କହିଛନ୍ତି। ଅନୁରୂପ ଭାବେ ପଦ୍ମପୁର ଉପନିର୍ବାଚନ ଫଳାଫଳ ନିଜ ସପକ୍ଷରେ ନେଇ ରାଜ୍ୟ ରାଜନୀତିରେ ଏକ ପରିବର୍ତ୍ତନର ସୁନିଶ୍ଚିତ ବାର୍ତ୍ତା ଦେବାକୁ ଭାଜପା ନେତାମାନେ ବଳବଳ ଲଗାଇ ଦେଇଛନ୍ତି। ହେଲେ ବିଗତ ଦିନରେ ଏକାଧିକବାର ଏହି ଆସନ ନିଜ ହାତରେ ରଖି ଆସିଥିବା କଂଗ୍ରେସ ବ୍ୟାନର, ପୋଷ୍ଟର ଏବଂ ପ୍ରଚାର ରାଜନୀତିରେ ବହୁପଛରେ ରହିଛି। ଅନେକ ଭୋଟର କଂଗ୍ରେସ ପ୍ରାର୍ଥୀଙ୍କ ନାମ ମଧ୍ୟ ଜାଣି ନ ଥିବା ସିଧାସଳଖ ଧରିତ୍ରୀ ଲାଇଭ୍‌ରେ ମତ ରଖିଛନ୍ତି।

# ସୀମାନ୍ତରେ ଗୁଳି ବିନିମୟ: ୪ ମାଓବାଦୀ ନିହତ

## ଆମେରିକାରେ ନିର୍ମିତ କାରବାଇନ କ୍ୟାଲେବର୍ ରାଇଫଲ ମିଳିଲା


ଜବତ ଅସ୍ତ୍ରଶସ୍ତ୍ର

ମାଲକାନଗିରି, ୪।୧୨(ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲା ପେର୍ମା ନିକଟରେ ଶନିବାର ରାତିରେ ହୋଇଥିବା ଏନକାଉଣ୍ଟରରେ ୪ଜଣ ମାଓବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମୃତଦେହ ସହ ୪ଟି ଅସ୍ତ୍ରଶସ୍ତ୍ର ଜବତ ହୋଇଛି।

ଛତିଶଗଡ଼ ବିଜାପୁର ଜିଲା ପେର୍ମାଠାରେ ଶନିବାର ରାତିରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ୪ ଜଣ ମାଓବାଦୀ ନିହତ ହୋଇଥିଲେ। ଘଟଣା ସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଥିଲା। ତେବେ ଆଶ୍ଚର୍ଯ୍ୟର ବିଷୟ ଯେ, ମାଓବାଦୀଙ୍କ ନିକଟରୁ ମିଳିଥିବା ୪ଟି ଅସ୍ତ୍ର ମଧ୍ୟରୁ ଗୋଟିଏ ଆମେରିକାରେ ନିର୍ମିତ ସ୍ୱୟଂଚାଳିତ ଅସ୍ତ୍ର ବୋଲି ଜଣାପଡିଛି। ଏଠାରୁ କାରବାଇନ କ୍ୟାଲେବର୍ ୩୦ ଏମ୍-୧ ରାଇଫଲ ମଧ୍ୟ ମିଳିଛି। ଏହି ରାଇଫଲ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଆମେରିକାର ସୈନ୍ୟମାନେ ବ୍ୟବହାର କରୁଥିଲେ। ମାଓବାଦୀଙ୍କ ନିକଟକୁ ଆମେରିକା ନିର୍ମିତ ଅସ୍ତ୍ରଶସ୍ତ୍ର କିପରି ଆସିଲା ସେନେଇ ତଦନ୍ତ ଚାଲିଥିବା ବିଜାପୁର ଏସ୍‌ପି ଅଞ୍ଜାନେ ଭାରସାମି ପ୍ରକାଶ କରିଛନ୍ତି। ବିଜାପୁରରୁ ମାଓବାଦୀମାନଙ୍କ ନିକଟରୁ ମିଳିଥିବା ଆମେରିକୀୟ ଅସ୍ତ୍ରର ଅଗ୍ନିଶକ୍ତି ୩୦୦ ୟାର୍ଡ ବୋଲି କୁହାଯାଉଛି, ଯେଉଁଥିରେ ୧୫ରୁ ୨୦ ରାଉଣ୍ଡ ଗୁଳି ଏକା ସାଙ୍ଗରେ ଚଳାଇହେବ, ଯାହା ଅତ୍ୟନ୍ତ ମାରାତ୍ମକ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ, ଏହା ପୂର୍ବରୁ ନାରାୟଣପୁରର ମାଡ ଅଞ୍ଚଳରେ ଏନକାଉଣ୍ଟର ପରେ ଜର୍ମାନୀ ନିର୍ମିତ ରାଇଫଲ ମିଳିଥିଲା।












# ଆଇଆଇସି ଗିରଫ: ମାମଲାରୁ ନାଁ କାଟିବାକୁ ନେଉଥିଲେ ୨୫ହଜାର ଟଙ୍କା

**ବଲାଙ୍ଗୀର ଅଫିସ, ୪।୧୨:** ଏକ ମାମଲାରୁ ନାଁ କାଟିଦେବାକୁ ଲାଞ୍ଚ ନେବାବେଳେ ରବିବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଆଇଆଇସି ଆଲୋକ କୁମାର ବେହେରା। ଅଫିସ୍ ଚାମ୍ବରରେ ଅଜିତ ଘଡ଼େଇ ନାମକ ବ୍ୟକ୍ତିଙ୍କଠାରୁ ସେ ଉକ୍ତ ଟଙ୍କା ନେଉଥିବାବେଳେ ବଲାଙ୍ଗୀର, ବରଗଡ଼ ଏବଂ ସମ୍ବଲପୁରର ମିଳିତ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିନେଇଥିଲା।


ଆଲୋକ ବେହେରା

ତାଙ୍କଠାରୁ ଲାଞ୍ଚ ବାବଦକୁ ନେଉଥିବା ୨୫ହଜାର ଟଙ୍କା ଜବତ କରାଯାଇଥିଲା। ୨୦୨୦ ମସିହାର ଟଙ୍କା ହେରଫେର ଘଟଣାକୁ ନେଇ ଏକ ମାମଲା ରୁଜୁ ହୋଇଥିଲା। ଏଥିରୁ ନାଁ କାଟି ଦେବାକୁ ଆଇଆଇସି ବେହେରା ଘଡ଼େଇଙ୍କଠାରୁ ୨୫ ହଜାର ଟଙ୍କା ଦାବି କରିଥିଲେ। ଏହାପରେ ସେ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ଘଡ଼େଇ ଆଇଆଇସି ବେହେରାଙ୍କ ଅଫିସ ଚାମ୍ବରକୁ ଯାଇ ଟଙ୍କା ଦେଇଥିଲେ। ଏହି ସମୟରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଆଇଆଇସିଙ୍କଠାରୁ ୨୫ ହଜାର ଟଙ୍କା ଜବତ କରିଥିଲା। ଏନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା (୪୧/୨୨) ରୁଜୁ ହୋଇଛି। ସୋମବାର ଗିରଫ ଆଇଆଇସିଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଭିଜିଲାନ୍ସ ଡିଏସ୍‌ପି ପୌଲସ୍ତି ଛତ୍ରିଆ ସୂଚନା ଦେଇଛନ୍ତି।

# ଆସନ୍ତା ବର୍ଷରୁ ପେପରଲେସ୍ ହେବ ଏମ୍ସ

## ବହୁମୁଖୀ ଅଟ୍ଟାଳିକା ଉଦ୍‌ଘାଟନ କଲେ କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ

ଭୁବନେଶ୍ୱର, ୪।୧୨(ବ୍ୟୁରୋ)



- ଖୁବ୍‌ଶୀଘ୍ର ସେଣ୍ଟର ଅଫ୍ ଏକ୍ସିଲେନ୍ସ ଓ ସାଟେଲାଇଟ୍ ସେଣ୍ଟର ହେବ
- ରୋଗୀ ଓ ସମ୍ପର୍କୀୟଙ୍କ ରହଣି ନିମନ୍ତେ ହେବ ବିଶ୍ରାମ କେନ୍ଦ୍ର

ଆସନ୍ତା ବର୍ଷରୁ ଭୁବନେଶ୍ୱର ଏମ୍ସରେ ଇ-ହସ୍ପିଟାଲ କାର୍ଯ୍ୟକ୍ଷମ ହେବ। ଅର୍ଥାତ୍ ଏହି ଜାତୀୟ ସ୍ୱାସ୍ଥ୍ୟ ଅନୁଷ୍ଠାନ ସମ୍ପୂର୍ଣ୍ଣ ପେପରଲେସ୍ ହେବ। ଫଳରେ ଚିକିତ୍ସା ସମ୍ପର୍କିତ ସମସ୍ତ ପଞ୍ଜୀକରଣ ବ୍ୟବସ୍ଥାରେ ସୁଧାର ଆସିପାରିବ। ଏମ୍ସରେ ପ୍ରତିଦିନ ୧୦ ହଜାରରୁ ଅଧିକ ରୋଗୀଙ୍କ ଭିଡ଼ ଲାଗୁଥିବାରୁ ଖୁବ୍‌ଶୀଘ୍ର ଏହି ବ୍ୟବସ୍ଥା ଲାଗୁ କରିବାକୁ ଯୋଜନା କରାଯାଇଛି। ରବିବାର ଏମ୍ସ ପରିଦର୍ଶନ ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଡା. ଭାରତୀ ପ୍ରବୀଣ ପାୱାର ଏହି ସୂଚନା ଦେଇଛନ୍ତି। ସେ ଏମ୍ସରେ ସ୍ୱାସ୍ଥ୍ୟସେବା ସ୍ଥିତି ଅନୁଧ୍ୟାନ କରିବା ସହ ପରିସରରେ ଏକ ବହୁମୁଖୀ ଅଟ୍ଟାଳିକାକୁ ଲୋକାର୍ପଣ କରିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଲେ, ବିଶେଷକରି ଗୁରୁତର ରୋଗୀଙ୍କୁ ଏମ୍ସରେ ଚିକିତ୍ସା ପାଇଁ ଅଧିକ ଗୁରୁତ୍ୱ ଦିଆଯିବ। ବିଭିନ୍ନ ହସ୍ପିଟାଲରୁ ସାଧାରଣ ରୋଗୀଙ୍କୁ ଏମ୍ସ ରେଫର କରାଯାଉଥିବାରୁ ଗୁରୁତର ରୋଗୀଙ୍କ ଚିକିତ୍ସା ପ୍ରଭାବିତ ହେଉଛି। ତେଣୁ ସାଧାରଣ ରୋଗୀଙ୍କୁ ଏଠାକୁ ନ ପଠାଇବାକୁ ସବୁ ହସ୍ପିଟାଲ ସହ ଆଲୋଚନା କରାଯିବ। ଓଡ଼ିଶାବାସୀଙ୍କ ଚିକିତ୍ସା ସୁବିଧା ପାଇଁ କେନ୍ଦ୍ରୀୟ ଆୟୁଷ୍ମାନ ଯୋଜନା ଲାଗୁ କରିବାକୁ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ। ଏହାଦ୍ୱାରା ଗରିବ ଲୋକେ ଚିକିତ୍ସା କ୍ଷେତ୍ରରେ ୫ ଲକ୍ଷ ଟଙ୍କା ବୀମାର ସୁବିଧା ପାଇପାରିବେ। କେନ୍ଦ୍ର ସରକାର ଏମ୍ସର ଉନ୍ନତୀକରଣ ନିମନ୍ତେ ପଦକ୍ଷେପ ନେଉଛନ୍ତି। ଖୁବ୍‌ଶୀଘ୍ର ଏଠାରେ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଓ ସାଟେଲାଇଟ୍ ସେଣ୍ଟର ହେବାକୁ ଯାଉଛି। ରୋଗୀ ଓ ସମ୍ପର୍କୀୟଙ୍କ ରହଣି ନିମନ୍ତେ ବିଶ୍ରାମ କେନ୍ଦ୍ର ପ୍ରତିଷ୍ଠା କରାଯିବ। ତେବେ କେନ୍ଦ୍ର ସରକାର ସମସ୍ତ ରାଜ୍ୟରେ ଗୋଟିଏ ଲେଖାଏ ଏମ୍ସ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛନ୍ତି। ଖୁବ୍‌ଶୀଘ୍ର ଦେଶରେ ୨୨ଟି ଏମ୍ସ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେବାକୁ ଯାଉଥିବା ସେ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଏମ୍ସରେ ଚିକିତ୍ସା, ଗବେଷଣା, ନିଯୁକ୍ତି, ଆର୍ଥିକ ଏବଂ ଅନ୍ୟାନ୍ୟ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଠାରେ ବୃକ୍କ ପ୍ରତିରୋପଣ ଚିକିତ୍ସା ଆରମ୍ଭ କରାଯାଇଥିବାରୁ ସେ ପ୍ରଶଂସା କରିବା ସହିତ ଆଗକୁ ଅନ୍ୟାନ୍ୟ ଅଙ୍ଗ ପ୍ରତିରୋପଣ ଚିକିତ୍ସା ଆରମ୍ଭ କରିବା ପାଇଁ ଉତ୍ସାହିତ କରିଥିଲେ।

ଏହି ବୈଠକରେ ଭୁବନେଶ୍ୱର ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଏସ୍. ଏନ୍. ମହାନ୍ତି, ଡିନ୍ ଡା. ପି. ଆର୍. ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ, ସମସ୍ତ ବିଭାଗର ମୁଖ୍ୟ ଉପସ୍ଥିତ ଥିଲେ। ଏଥିସହ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।




“କବିମାନେ ମୃତ୍ୟୁ ଓ ବାହ୍ୟ ଦୁଃଖକଷ୍ଟକୁ ଖୁବ୍ ବଡ଼ କରି ଦେଖନ୍ତି। କିନ୍ତୁ ଏକମାତ୍ର କରୁଣ ନାଟକ ହେଲା ଅନ୍ତରାତ୍ମାର ବ୍ୟର୍ଥତା ଏବଂ ଏକମାତ୍ର ମହାକାବ୍ୟ ହେଲା–ଦେବତ୍ୱ ଦିଗରେ ମନୁଷ୍ୟର ବିଜୟୀ ଉତ୍ତରଣ। –ଶ୍ରୀଅରବିନ୍ଦ



# ଆଣ୍ଠେଇଲା ଇରାନ

ଜନଶକ୍ତି ରାଜଶକ୍ତିଠାରୁ ଅଧିକ ବଳଶାଳୀ ବୋଲି ଇତିହାସ ପ୍ରମାଣ ଦେଇଆସିଛି। ସାଧାରଣ ଲୋକଙ୍କ ଦ୍ୱାରା ହୋଇଥିବା ଆନ୍ଦୋଳନ ଯୋଗୁ ବହୁ କ୍ଷମତାସୀନ ବ୍ୟକ୍ତିଙ୍କୁ ଗାଦିଚ୍ୟୁତ କରାଯାଇପାରିଛି। ରାଜତନ୍ତ୍ର ହେଉ ବା ଗଣତନ୍ତ୍ର ସବୁଠାରେ ଶାସକଙ୍କ ଭୁଲ୍ କାର୍ଯ୍ୟକୁ ଯୁକ୍ତିଯୁକ୍ତ ଭାବେ ଦର୍ଶାଯାଇପାରିଲେ, ପରିବର୍ତ୍ତନ ଅବଶ୍ୟମ୍ଭାବୀ। ଏହାର ସଦ୍ୟ ଦୃଷ୍ଟାନ୍ତ ହେଉଛି ଇରାନ। ଦୁଇ ମାସ ପୂର୍ବେ ମହସା ଅମିନିଙ୍କ ମୃତ୍ୟୁରୁ ଲାଗିଥିବା ନିଆଁ ସେହି ଶକ୍ତିଶାଳୀ ଇସ୍‌ଲାମୀୟ ରାଷ୍ଟ୍ରର ବ୍ୟବସ୍ଥାକୁ ଦୋହଲାଇ ଦେଇଛି। ହିଜାବ ପିନ୍ଧିବାକୁ ଅନିଚ୍ଛୁକ ମହସାଙ୍କୁ ଇରାନର ରିଭୋଲ୍ୟୁଶନାରୀ ପୋଲିସ ଗିରଫ କରି ହାଜତରେ ମାଡ଼ ମାରିବା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିଲା। ସେଥିରୁ ଆରମ୍ଭ ହୋଇଥିବା ଜନଅସନ୍ତୋଷ ଏବଂ ଆନ୍ଦୋଳନ ବିପ୍ଳବର ରୂପ ନେଲା। ଇରାନ ସରକାରଙ୍କ କହିବା ଅନୁଯାୟୀ ୨୦୦ ଲୋକଙ୍କ ମୃତ୍ୟୁ ଘଟିଛି। ଅଣାନୁଷ୍ଠାନିକ ଭାବେ ସେହି ସଂଖ୍ୟା କାହିଁ କେତେ ଅଧିକ ହେବ ବୋଲି ବିଭିନ୍ନ ମାନବ ଅଧିକାର ସଂଗଠନ କହିଛନ୍ତି। ଆଜି ଇରାନର ମୌଳବାଦୀ ସରକାର ଧର୍ମର ଆଢୁଆଳରେ ଅଧିକ ସମୟ ରହିପାରିବ ନାହିଁ ବୋଲି ବୁଝିବା ପରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ପ୍ରଥମ ପର୍ଯ୍ୟାୟରେ ନୈତିକ ପୋଲିସକୁ ଉଚ୍ଛେଦ କରିଛି। ଆର୍ଟର୍ନି ଜେନେରାଲ ମହମ୍ମଦ ଜାଫର କହିଛନ୍ତି, ମହିଳାମାନେ ସେମାନଙ୍କ ମୁହଁକୁ ଲୁଚାଇବା ଦରକାର କି ନୁହେଁ, ତାହା ଉପରେ ସମୀକ୍ଷା ହେବ। ଅର୍ଥାତ୍ ହିଜାବ ସମ୍ପର୍କରେ ଇରାନ ସରକାର ପୁନର୍ବିଚାର କରିବାକୁ ମଙ୍ଗିଲେଣି। ଏହା ମୋଡ଼ ପରିବର୍ତ୍ତନର ଆଭାସ ଦେଉଛି। ପାର୍ଲାମେଣ୍ଟ ଓ ନ୍ୟାୟପାଳିକା ଏହି ପ୍ରସଙ୍ଗ ଉପରେ ଗଭୀର ଅନୁଧ୍ୟାନ କରିବା ପରେ ସରକାରୀ ସ୍ତରରେ ଏଭଳି ନିଷ୍ପତ୍ତି ନିଆଯିବା ନିଶ୍ଚିତ ଭାବେ ପ୍ରତିବାଦକାରୀଙ୍କ ବିଜୟ ବୋଲି କୁହାଯାଉଛି। ସୂଚନାଯୋଗ୍ୟ ଯେ, ୧୯୮୩ରେ ଇରାନ୍‌ରେ ହିଜାବ ବାଧ୍ୟତାମୂଳକ କରାଯାଇଥିଲା। କିନ୍ତୁ ତା’ ପୂର୍ବରୁ ମହିଳାମାନେ ସ୍ୱାଧୀନ ଭାବେ ବିଚରଣ କରିବା ସହ ଜିନ୍ସ ଭଳି ପାଶ୍ଚାତ୍ୟ ପୋଷାକ ପିନ୍ଧିପାରୁଥିଲେ। ତେବେ ଇସ୍‌ଲାମୀୟ ରକ୍ଷଣଶୀଳତା ଯୋଗୁ ହିଜାବ ବ୍ୟବସ୍ଥା ପ୍ରଚଳନ ଇରାନ୍‌କୁ ଏକ ପଛୁଆ ରାଷ୍ଟ୍ର ଭାବେ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ କରିଥିଲା। ସେହି ପରିବର୍ତ୍ତନକୁ ସେଠାକାର ସ୍ୱାଧୀନଚେତା ବ୍ୟକ୍ତି ବିରୋଧ କରୁଥିଲେ। ସେଥିପାଇଁ ଅନେକଙ୍କୁ ଇସ୍‌ଲାମୀୟ ଆଇନ ମାଧ୍ୟମରେ ଦଣ୍ଡିତ କରାଯାଉଥିଲା। ଏହା ସତ୍ତ୍ୱେ ସରକାରବିରୋଧୀ ଏକ ସ୍ରୋତ ଇରାନ୍‌ରେ ବୋହୁଥିଲା। ତେବେ ବିପ୍ଳବ ଲାଗି ଯେଉଁ ଏକ ତୀବ୍ର ଆହ୍ୱାନର ଆବଶ୍ୟକତା ଥିଲା, ତାହା ୨୦୨୨ ସେପ୍ଟେମ୍ବରରେ ୨୨ ବର୍ଷୀୟା ମହସା ଅମିନଙ୍କ ହାଜତରେ ଘଟିଥିବା ଅସ୍ୱାଭାବିକ ମୃତ୍ୟୁ ଦ୍ୱାରା ଅଧିକ ଇନ୍ଧନ ପାଇଥିଲା। ମହସା ହିଜାବକୁ ବିରୋଧ କରୁଥିବାରୁ ପୋଲିସ ତାଙ୍କୁ ଉଠାଇନେଇ ଅତ୍ୟାଚାର କରି ମାରିଦେଇଥିବା ବିଷୟ ପ୍ରଘଟ ହେବା ପରେ ଦେଶରେ ଜନଜାଗରଣ ଆରମ୍ଭ ହୋଇଥିଲା। କ୍ରମେ ଏହି ଆନ୍ଦୋଳନ କେବଳ ଇରାନ୍ ମଧ୍ୟରେ ସୀମିତ ନ ରହି ସମଗ୍ର ବିଶ୍ୱରେ ଗୁଞ୍ଜରଣ ସୃଷ୍ଟି କରିଥିଲା। ଫଳସ୍ୱରୂପ ଆଜି ଇରାନ୍ ସରକାର ଜନଆନ୍ଦୋଳନ ଆଗରେ ମୁଣ୍ଡ ନୁଆଁଇବାର ସଙ୍କେତ ଦେଇଛନ୍ତି।

ଇରାନ ସରକାର ଏପରି ନିଷ୍ପତ୍ତି ନେବା ପଛରେ ନିକଟରେ ଦୁଇଟି ଘଟଣାର ପ୍ରଭାବ ରହିଥିବା ପ୍ରତୀୟମାନ ହେଉଛି। କାତାରର ଦୋହାଠାରେ ଚାଲିଥିବା ଫୁଟ୍‌ବଲ ବିଶ୍ୱକପ୍ ପ୍ରତିଯୋଗିତାର ୨୧ ନଭେମ୍ବରରେ ଇଂଲଣ୍ଡ ବିପକ୍ଷରେ ଇରାନ ଖେଳିବା ପୂର୍ବରୁ ଦୁଇ ଦେଶର ଜାତୀୟ ସଙ୍ଗୀତ ବଜାଯାଇଥିଲା। କିନ୍ତୁ ଇରାନୀୟ ଖେଳାଳିମାନେ ସେମାନଙ୍କ ଦେଶର ଜାତୀୟ ସଙ୍ଗୀତ ବାଜୁଥିବା ବେଳେ ନୀରବ ରହିଥିବା ଦେଖାଯାଇଥିଲା। ମହସା ଅମିନଙ୍କ ତ୍ୟାଗକୁ ସମ୍ମାନ ଦେବା ସହ ହିଜାବ ବିରୋଧୀ ଆନ୍ଦୋଳନକୁ ସମର୍ଥନ କରି ଖେଳାଳିମାନେ ନେଇଥିବା ନିଷ୍ପତ୍ତି ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚା ହୋଇଥିଲା। ଅନୁରୂପ ଭାବେ ୩ ଡିସେମ୍ବରରେ ଇରାନୀୟ ରକ୍ କ୍ଲାଇମ୍ବର ଇଲ୍‌ନାଜ ରେକାବିଙ୍କ ଘରକୁ ପ୍ରଶାସନ ଭାଙ୍ଗିଦେଇଥିଲା। ହିଜାବ ନ ପିନ୍ଧି ରେକାବି ପ୍ରତିଦ୍ୱନ୍ଦ୍ୱିତାରେ ଭାଗ ନେଇ ଅନ୍ତର୍ଜାତୀୟ ସ୍ତରରେ ନାମ ଅର୍ଜନ କରିଥିବାରୁ ତାହାକୁ ଇସ୍‌ଲାମୀୟ ମୌଳବାଦୀ ସହ୍ୟ କରିପାରି ନ ଥିଲେ। ଏହିଭଳି ଅନେକ ଘଟଣା ଘଟିବା ସହ ଅସଂଖ୍ୟ ଲୋକଙ୍କ ଜୀବନ ଯିବା ପରେ ସମ୍ଭବତଃ ଇବ୍ରାହିମ୍ ରଇସି ସରକାର ହିଜାବ ଆଇନରେ ପରିବର୍ତ୍ତନ ଆଣିବାକୁ ବାଧ୍ୟ ହୋଇଛନ୍ତି।

ଆନ୍ଦୋଳନକାରୀଙ୍କ ଆଗରେ ଇରାନ ସରକାର ମୁଣ୍ଡ ନୁଆଁଇବା କେବଳ ସେହି ଦେଶ ନୁହେଁ, ସମଗ୍ର ବିଶ୍ୱ ପାଇଁ ନୂଆ ସଙ୍କେତ ଦେଇଛି। ଏଠାରେ ଅନ୍ୟ କେତେକ ଦେଶରେ ଘଟିଥିବା ଜନଅସନ୍ତୋଷକୁ ଦେଖାଯାଇପାରେ। ଗଣତାନ୍ତ୍ରିକ ଯୁକ୍ତରାଷ୍ଟ୍ର ଆମେରିକାରେ ଗର୍ଭପାତ ବିରୋଧୀ ଗୋଷ୍ଠୀଙ୍କୁ ବିରୋଧ କରିବା ପାଇଁ ମହିଳା ଆଗେଇ ଆସିଥିଲେ। ହେଲେ ସେହି ଦେଶର ସବୁ ବର୍ଗ ଏହି ପ୍ରତିବାଦରେ ଯୋଗ ଦେଇ ନ ଥିଲେ। ଯେହେତୁ ଆମେରିକାର ଗଣତାନ୍ତ୍ରିକ ପଦ୍ଧତି ଅତ୍ୟନ୍ତ ଶକ୍ତିଶାଳୀ ସେଥିପାଇଁ ମଧ୍ୟବର୍ତ୍ତିକାଳୀନ ନିର୍ବାଚନରେ ରିପବ୍ଲିକାନ୍ ପ୍ରାର୍ଥୀମାନଙ୍କୁ ଯଥେଷ୍ଟ ସମର୍ଥନ ମିଳି ନ ଥିବାରୁ ଗର୍ଭପାତ ଆଇନ ସମଗ୍ର ଦେଶରେ ଲାଗୁ ହୋଇପାରିବ ନାହିଁ। ଅର୍ଥାତ୍ ଭୋଟ ମାଧ୍ୟମରେ ଏକ ରାଜନୈତିକ ଦଳର ନୀତିକୁ ରୋକି ଦିଆଯାଇପାରିଛି। ଅନୁରୂପ ଭାବେ ଭାରତରେ ଘଟିଥିବା କୃଷକ ଆନ୍ଦୋଳନ ସମଗ୍ର ଦେଶର କୃଷକ କିମ୍ବା ଅନ୍ୟ ବର୍ଗମାନଙ୍କୁ ଜାଗ୍ରତ କରାଇ ପାରି ନ ଥିଲା। ତଥାପି ଅଳ୍ପ କେତେକ ରାଜ୍ୟର କୃଷକଙ୍କ ଜିଦି ଯୋଗୁ କେନ୍ଦ୍ର ସରକାର ମୁଣ୍ଡ ନୁଆଁଇ ତିନୋଟି ଯାକ ବିବାଦୀୟ କୃଷି ଆଇନକୁ ଫେରାଇ ନେଇଥିଲେ। କିନ୍ତୁ ଇରାନରେ ସବୁ ବର୍ଗ ଏକଜୁଟ୍ ହେବା ଯୋଗୁ ଏକ ଅତ୍ୟନ୍ତ ଶକ୍ତିଶାଳୀ ତଥା ପାଶ୍ଚାତ୍ୟଗାମୀ ଚିନ୍ତାଧାରାରେ ଅନୁପ୍ରାଣିତ ସରକାର ଆଣ୍ଠେଇବାକୁ ବାଧ୍ୟ ହେଲେ। ଇରାନର ଏହି ବିପ୍ଳବ ଆଧୁନିକ ପୃଥିବୀକୁ ସୂଚାଇ ଦେଇଛି ଯେ ଅନ୍ୟାୟ ବିରୋଧରେ ଯଦି ସମସ୍ତେ ଏକଜୁଟ ହେବେ ତେବେ ନ୍ୟାୟ ଆସିବା ଡେରି ହେବ ନାହିଁ। ଏଥିସହିତ ଇରାନ ଘଟଣା ଏହା ମଧ୍ୟ ପ୍ରମାଣ କରିଦେଲା ଯେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ହେଲେ ଦେଶ ଭିତରୁ ଓ ସବୁ ବର୍ଗଙ୍କଠାରୁ ପ୍ରତିବାଦର ସ୍ୱର ଉତ୍ତୋଳନ ପରିବର୍ତ୍ତନ ଆଣିବ। ଯେ ପର୍ଯ୍ୟନ୍ତ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ‘ରାମରାଜ୍ୟ’ ପାଇଁ ଅପେକ୍ଷା କରିବା, ସେହିଦିନ ପର୍ଯ୍ୟନ୍ତ କଷ୍ଟ ଓ ଅନ୍ଧକାରରେ ବଞ୍ଚିବାକୁ ବାଧ୍ୟ ହେବା।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 2 | | | 8 | 5 |
| 4 | 7 | | | | | | | 9 |
| 8 | | 9 | | | | 1 | | |
| 6 | | | | | 9 | | | 2 |
| | 3 | 7 | | | | | | |
| | | 1 | 3 | | 6 | | | |
| | 9 | | | | 7 | 3 | | |
| 7 | | | 8 | | | | | |
| | | | | | | 2 | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 4 | 3 | 2 | 9 | 7 | 1 | 8 |
| 9 | 3 | 8 | 4 | 1 | 7 | 5 | 6 | 2 |
| 2 | 1 | 7 | 6 | 8 | 5 | 3 | 9 | 4 |
| 1 | 9 | 6 | 5 | 4 | 3 | 8 | 2 | 7 |
| 8 | 7 | 5 | 1 | 9 | 2 | 6 | 4 | 3 |
| 4 | 2 | 3 | 8 | 7 | 6 | 1 | 5 | 9 |
| 3 | 4 | 9 | 7 | 5 | 1 | 2 | 8 | 6 |
| 7 | 8 | 1 | 2 | 6 | 4 | 9 | 3 | 5 |
| 5 | 6 | 2 | 9 | 3 | 8 | 4 | 7 | 1 |

ଗତକାଲିର ଉତ୍ତର

# ପ୍ରସ୍ତାବିତ ଡିଜିଟାଲ ଆଇନ



କିଶୋର ଜେନା

ରାଷ୍ଟ୍ର ଓ ସରକାର ସର୍ବଶକ୍ତିମାନ କି ନୁହେଁ ବଙ୍କେଇ ବୁଲେଇ ସେହି ପ୍ରଶ୍ନ ନୂଆକରି ପୁଣି ଉଠିଛି। ଡିଜିଟାଲ ବ୍ୟକ୍ତିଗତ ସୁରକ୍ଷା ବିଲ୍‌ର ଯେଉଁ ଖସଡ଼ା କେନ୍ଦ୍ର ସରକାର ଜନସାଧାରଣଙ୍କ ସମ୍ମୁଖକୁ ଆଣିଛନ୍ତି, ତାକୁ କେନ୍ଦ୍ରକରି ପୁଣିଥରେ ନୂଆ ଭାବରେ ରାଷ୍ଟ୍ର ଓ ସରକାରଙ୍କ ସୀମାହୀନ ଅଧିକାରର ପ୍ରଶ୍ନ ବଡ଼ ହୋଇଉଠିଛି। ଫଳରେ ବିଭିନ୍ନ ମହଲରୁ ପ୍ରବଳ ଆପତ୍ତି ଉଠିଛି। କେନ୍ଦ୍ର ସରକାର ୧୮ ନଭେମ୍ବରରେ ‘ଡିଜିଟାଲ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ବିଲ୍’-୨୦୨୨ର ଖସଡ଼ା ପ୍ରକାଶ କରିଛି। ଖସଡ଼ା ବିଲ୍ ନେଇ ଯାହାର ଯାହା କିଛି ଆପତ୍ତି, ତାହା ଆଗାମୀ ୧୭ ଡିସେମ୍ବର ମଧ୍ୟରେ ଜଣାଇବାକୁ କୁହାଯାଇଛି। କେନ୍ଦ୍ର ଯୋଗାଯୋଗ ଓ ତଥ୍ୟ ପ୍ରଯୁକ୍ତିମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଖସଡ଼ା ବିଲ୍ ପ୍ରକାଶ କରି କହିଛନ୍ତି, ସରକାର ସଂସଦର ଆଗାମୀ ଡିସେମ୍ବର ୭ରୁ ଆରମ୍ଭ ହେଉଥିବା ଶୀତକାଳୀନ ଅଧିବେଶନରେ ବିଲ୍‌ଟିକୁ ପେସ୍ କରିବାକୁ ଆଗ୍ରହୀ।

ଡିଜିଟାଲ ବ୍ୟକ୍ତିଗତ ସୁରକ୍ଷା ଆଇନର ଖସଡ଼ା ବିଲ୍ ନରେନ୍ଦ୍ର ମୋଦି ସରକାର ପ୍ରଥମେ ୨୦୧୯ରେ ଆଣିଥିଲେ। ସେହି ବିଲ୍‌ରେ ରାଷ୍ଟ୍ର ଓ ସରକାରଙ୍କ ପ୍ରଶ୍ନହୀନ କ୍ଷମତା ଥିବାରୁ ବିଭିନ୍ନ ମହଲରୁ ସମାଲୋଚନା ହୋଇଥିଲା। ଗଠିତ ହୋଇଥିଲା ଯୁଗ୍ମ ସଂସଦୀୟ କମିଟି। କମିଟିର ବୈଠକରେ ମତଭେଦ ପ୍ରକଟ ହୋଇଥିଲା। ଭାଜପା ସାଂସଦ ପ୍ରେମ ପ୍ରକାଶ ଚୌଧୁରୀଙ୍କ ନେତୃତ୍ୱାଧୀନ କମିଟିର ଶାସକଦଳ ସଦସ୍ୟମାନେ ରାଷ୍ଟ୍ରୀୟ ନିରାପତ୍ତାର ସ୍ୱାର୍ଥରେ ଏହି ବିଲ୍‌ର ପରିସରରୁ କେନ୍ଦ୍ରୀୟ ଗୋଇନ୍ଦା ବାହିନୀ ପରି ବିଭିନ୍ନ ସଂସ୍ଥାକୁ ବାହାରେ ରଖିବାର ସୁପାରିସ କରିଥିଲେ। ବିରୋଧୀଙ୍କ ପ୍ରବଳ ପ୍ରତିରୋଧ ଯୋଗୁ ସରକାର ୨୦୨୨ ଅଗଷ୍ଟ ୩ରେ ଏହି ବିଲ୍ ପ୍ରତ୍ୟାହାର କରି ନେଇଥିଲେ। କିନ୍ତୁ ତିନି ମାସ ମଧ୍ୟରେ ପୁଣି ନୂତନ ବିଲ୍‌ର ଯେଉଁ ଖସଡ଼ା ପ୍ରକାଶ କରାଯାଇଛି, ସେଥିରେ ‘ଜାତୀୟ ସ୍ୱାର୍ଥ’ରେ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ପୁଣି ଛାଡ଼ ଦିଆଯାଇଛି।

ବିଶେଷଜ୍ଞମାନଙ୍କ ଆଶଙ୍କା, ନୂତନ ଖସଡ଼ା ଚୂଡ଼ାନ୍ତ ହେଲେ ସମ୍ବିଧାନ ସ୍ୱୀକୃତ ବ୍ୟକ୍ତିଗତ ଗୋପନୀୟତାର ଅଧିକାର ଉଲ୍ଲଂଘିତ ହେବ, ରାଷ୍ଟ୍ର ବା ସରକାରଙ୍କ ନଜରଦାରି ସୀମାହୀନ ହୋଇପଡ଼ିବ। ବିଶେଷଜ୍ଞମାନେ ମନେ କରନ୍ତି, ଏହି ବିଲ୍ ଯେତେଟା ବ୍ୟକ୍ତିର ଅଧିକାର ରକ୍ଷାରେ ନୁହେଁ, ତାହାଠାରୁ ଅନେକ ବେଶି ଦୃଷ୍ଟି ଦେଇଛି, କିପରି ସରକାର ସବୁ କ୍ଷମତା ଓ ଅଧିକାର କୁକ୍ଷିଗତ କରି ଇଚ୍ଛାନୁଯାୟୀ ଏହାର ପ୍ରୟୋଗ କରିପାରିବ। ଏସିଆ ପାସିଫିକ୍‌ପଲିସି କାଉନସିଲର ନମ୍ରତା ମାହେଶ୍ୱରୀଙ୍କ ମତରେ, ପୂର୍ବ ବିଲ୍‌ର ଆପତ୍ତିକର ବେଶ୍ କିଛି ବିଷୟ ନୂତନ ଖସଡ଼ାରେ ଆହୁରି ଜୋର୍‌ରେ ରଖାଯାଇଛି। ସରକାରୀ ସଂସ୍ଥାଗୁଡ଼ିକୁ ଛାଡ୍‌ର ବ୍ୟାପକତା ଓ କ୍ଷମତାର ବ୍ୟାପ୍ତି ମଧ୍ୟ ବଢ଼ିଛି।



ଯେପରି ଖସଡ଼ା ବିଲ୍‌ରେ ‘ଜନସ୍ୱାର୍ଥ’ର ଯେଉଁ ବ୍ୟାଖ୍ୟା ଦିଆହୋଇଛି, ତାହା ମଧ୍ୟରେ ରହିଛି ଦେଶର ସଂହତି ଓ ସାର୍ବଭୌମତ୍ୱ, ଦେଶର ନିରାପତ୍ତା, ବିଦେଶ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ, ଶାନ୍ତିଶୃଙ୍ଖଳା ରକ୍ଷା, ପ୍ରରୋଚନାମୂଳକ କାର୍ଯ୍ୟକ୍ରମ ଓ ମିଥ୍ୟା ପ୍ରଚାର। ଏସବୁ ସ୍ୱାର୍ଥ ରକ୍ଷାରେ (ଏକ କଥାରେ ଜନସ୍ୱାର୍ଥ) ଖସଡ଼ା ଆଇନର ବିଧାନ ମାନି ଚଳିବାଠାରୁ ସରକାର ତାଙ୍କର ସଂସ୍ଥାଗୁଡ଼ିକୁ ଛାଡ଼ ଦେବାର ଆବଶ୍ୟକ ବିଜ୍ଞପ୍ତି ଜାରି କରିପାରିବେ। ଏଭଳି କିଛି ବିରୋଧରେ ବିଜ୍ଞପ୍ତି ଜାରି କରିପାରିବେ, ଯାହା ସରକାରଙ୍କ ପାଇଁ ସ୍ପର୍ଶକାତର। ଏହି ସ୍ପର୍ଶକାତରର ସଂଜ୍ଞା କିନ୍ତୁ ଖସଡ଼ା ବିଲ୍‌ରେ ନାହିଁ। ଏହା ବଦଳରେ କାହିଁକି ବିଜ୍ଞପ୍ତି ଜାରି କରିପାରିବେ, ସେହି ବ୍ୟାଖ୍ୟାରେ ସରକାର କୁହନ୍ତି, ଜାତୀୟ ସ୍ୱାର୍ଥ ବେଳେବେଳେ ବ୍ୟକ୍ତି ସ୍ୱାର୍ଥଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ। ପୁରୁଣା ବିଲ୍ ନେଇ ମିଳିତ ସଂସଦୀୟ କମିଟିର ଆଲୋଚନାରେ ବିରୋଧୀ ସଦସ୍ୟମାନେ କହିଥିଲେ, ନ୍ୟାୟ ଓ ଯୁକ୍ତିଭିତ୍ତିକ କ୍ଷେତ୍ର ବିଶେଷରେ ସରକାରକୁ ଛାଡ୍ ଦିଆଯାଇପାରେ। ନୂଆ ବିଲ୍‌ରେ ତାହା ରଖାଯାଇ ନାହିଁ। ସେଠାରେ ସରକାରଙ୍କ ଅଧିକାର ଓ କ୍ଷମତା ଅପରିସୀମ। ଦିଲ୍ଲୀର “ଥିଙ୍କ୍ ଟ୍ୟାଙ୍କ୍ ଡାଇଲଗ୍”ର କହିଛି, ନୂଆ ବିଲ୍‌ରେ ମିଳିତ ସଂସଦୀୟ କମିଟିର ସୁପାରିସକୁ ଅଗ୍ରାହ୍ୟ କରାଯାଇଛି। ବ୍ୟକ୍ତି ଅଧିକାର ରକ୍ଷା ପାଇଁ କୌଣସି ରକ୍ଷାକବଚ ରଖାଯାଇ ନାହିଁ। ଡିଜିଟାଲ ଅଧିକାର ଗୋଷ୍ଠୀ ‘ଇଣ୍ଟରନେଟ୍ ଫ୍ରିଡମ୍ ଫାଉଣ୍ଡେଶନ’ର ମତରେ, ସରକାରୀ ସଂସ୍ଥାଗୁଡ଼ିକୁ ଛାଡ୍‌ର ବିଷୟଗୁଡ଼ିକ ଅସ୍ପଷ୍ଟ ଓ ଦିଗନ୍ତବ୍ୟାପୀ। ଏହାଫଳରେ କେନ୍ଦ୍ର ସରକାରଙ୍କ କ୍ଷମତା ଅନିୟନ୍ତ୍ରିତ ହୋଇପଡ଼ିବ। ସେମାନେ ମନେ କରନ୍ତି, ଆଇନରୁ ସରକାରୀ ସଂସ୍ଥାକୁ ବାଦ୍ ଦିଆଗଲେ, ସରକାରୀ ନଜରଦାରିର ପରିସରରୁ କେହି ବାଦ୍ ପଡ଼ିବେ ନାହିଁ। ଡିଜିଟାଲ ଜଗତରେ ବ୍ୟକ୍ତିର ଯାବତୀୟ ତଥ୍ୟ ନିରାପଦ ରଖିବା ଏହି ବିଲ୍‌ର ଉଦ୍ଦେଶ୍ୟ। ଏହି ବିଲ୍ ପାରିତ ହେବା ପରେ ଗ୍ରାହକଙ୍କ ପାଖରୁ କମ୍ପାନୀ ଯେଉଁସବୁ ତଥ୍ୟ ପାଇଛି, ତାହା ଗ୍ରାହକର ଅନୁମତି ବିନା ବ୍ୟବହାର କରାଯିବ ନାହିଁ। ତଥ୍ୟର ଅପବ୍ୟବହାର କଲେ ଖସଡ଼ା ବିଲ୍‌ରେ ଜରିମାନାର ପ୍ରସ୍ତାବ ରଖାଯାଇଛି, ୨୫୦ କୋଟି ଟଙ୍କା। ତଥ୍ୟ ସଂରକ୍ଷଣ ପାଇଁ ଯେଉଁ ସର୍ଭର ବ୍ୟବହାର କରାଯିବ ତାହା ଦେଶର ଅଥବା ବନ୍ଧୁ ଦେଶର ହୋଇପାରେ। ବନ୍ଧୁ ଦେଶର ଏକ ତାଲିକା ସରକାର ପ୍ରସ୍ତୁତ କରିବେ। ଏକ ପୃଥକ୍ ବୋର୍ଡ ଗଠିତ ହେବ। ବ୍ୟକ୍ତିର ବ୍ୟକ୍ତିଗତ ତଥ୍ୟ କିଭଳି ଭାବେ କାର୍ଯ୍ୟରେ ଲଗାଯାଉଛି, ତା’ ଉପରେ ସରକାରଙ୍କ ନିୟନ୍ତ୍ରଣ ରହିବ। ବ୍ୟକ୍ତି ଯଦି କୌଣସି ସେବା ବନ୍ଦ କରିଦିଅନ୍ତି, ତାହାହେଲେ ସମ୍ପୃକ୍ତ ସଂସ୍ଥାକୁ ତାହାର ସବୁ ତଥ୍ୟକୁ ଲିଭାଇଦେବା ପାଇଁ କହିପାରିବେ। ଖସଡ଼ାରେ ଏ କଥା ମଧ୍ୟ କୁହାଯାଇଛି, ଅନାବଶ୍ୟକ ତଥ୍ୟ ଜମାଦେବାରେ ଗ୍ରାହକ ଅସ୍ୱୀକାର କଲେ, ତାଙ୍କୁ ସେବାରୁ ବଞ୍ଚିତ କରାଯିବ ନାହିଁ। ଯଦିଓ ଏ କ୍ଷେତ୍ରରେ ଅନାବଶ୍ୟକ ତଥ୍ୟର ବ୍ୟାଖ୍ୟା ଓ ସଂଜ୍ଞା ନିର୍ଦ୍ଧାରଣ କରାଯାଇ ନାହିଁ।

ଡିଜିଟାଲ ଦୁନିଆରେ ବ୍ୟକ୍ତି ପରିସର ମାରାତ୍ମକ ଭାବେ ସଙ୍କୁଚିତ। ୨୪ ଘଣ୍ଟାରେ କିଏ କ’ଣ କରୁଛି, କୁଆଡ଼େ ଯାଉଛି, କାହା ସହ ଦେଖାକରିଛି, ପ୍ରଯୁକ୍ତିର ଉପାୟରେ ସବୁ କିଛି ସେବା ପ୍ରଦାନକାରୀର ନଖଦର୍ପଣରେ। ନୂତନ ଖସଡ଼ା ବିଲ୍ ପାରିତ ହେଲେ, ସରକାର ବା ସରକାରୀ ସଂସ୍ଥା ସେହିସବୁ ତଥ୍ୟ ଇଚ୍ଛାନୁସାରେ ନିଜ ପାଖରେ ରଖି ପାରିବେ। ଆବଶ୍ୟକମତେ ବ୍ୟବହାର ମଧ୍ୟ କରିପାରିବେ। ୨୦୧୭ ଅଗଷ୍ଟ ୨୪ରେ ଭାରତର ସୁପ୍ରିମକୋର୍ଟର ୯ଜଣିଆ ବିଚାରପତିଙ୍କ ସାମ୍ବିଧାନିକ ଖଣ୍ଡପୀଠର ସର୍ବସମ୍ମତ ରାୟ ଥିଲା, ଗୋପନୀୟତା ପ୍ରତ୍ୟେକ ନାଗରିକର ମୌଳିକ ଅଧିକାର, ଯାହା ସମ୍ବିଧାନ ସ୍ୱୀକୃତ। ଡିଜିଟାଲ ତଥ୍ୟ ସୁରକ୍ଷା ଆଇନ କିଭଳି ଅଣାଯିବ, ତାହା ସୁପାରିସ କରିବା ପାଇଁ ନରେନ୍ଦ୍ର ମୋଦି ସରକାର ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ବି.ଏନ. ଶ୍ରୀକୃଷ୍ଣଙ୍କ ନେତୃତ୍ୱରେ ଏକ କମିଟି ଗଠନ କରିଥିଲେ। ସେହି କମିଟି ଏହାର ପ୍ରସ୍ତାବ ସରକାରଙ୍କ ପାଖରେ ଦାଖଲ କରିବା ପରେ ମୋଦି ସରକାର ୨୦୧୯ରେ ଯେଉଁ ଖସଡ଼ା ବିଲ୍ ଆଣିଥିଲେ, ବିଚାରପତି ଶ୍ରୀକୃଷ୍ଣ ଏହା ବିପଜ୍ଜନକ ବୋଲି ମନେ କରିଥିଲେ ଏବଂ ‘ଅରଓୟେଲିଆନ ଷ୍ଟେଟ୍’(ଅରଓୟେଲଙ୍କ କଳ୍ପିତ ରାଷ୍ଟ୍ର) ସହ ତୁଳନା କରିଥିଲେ। ନୂଆ ଖସଡ଼ା ବିଲ୍ ସେହି ତୁଳନାମୁକ୍ତ ହୋଇପାରି ନାହିଁ। ଏବେ ଦେଖିବାର କଥା, ସଂସଦର ଶୀତକାଳୀନ ଅଧିବେଶନରେ ସରକାର ଖସଡ଼ା ପ୍ରସ୍ତାବରେ ଆବଶ୍ୟକ ରକ୍ଷାକବଚର ବନ୍ଦୋବସ୍ତ କରୁଛନ୍ତି କି ନାହିଁ!

ମୋ: ୯୪୩୭୩୮୪୮୬୭

# ମୃତ୍ତିକାର ଯତ୍ନ ଜରୁରୀ



ଡ. ପ୍ରମୋଦ କୁମାର ପଣ୍ଡା

ସମଗ୍ର ବିଶ୍ୱରେ ପ୍ରତିବର୍ଷ ଡିସେମ୍ବର ୫ ତାରିଖକୁ ବିଶ୍ୱ ମୃତ୍ତିକା ଦିବସ ରୂପେ ପାଳନ କରାଯାଉଛି। ୨୦୦୨ରେ ଆନ୍ତର୍ଜାତିକ ମୃତ୍ତିକା ବିଜ୍ଞାନ ସମ୍ମିଳନୀରେ ଏହା ଗୃହୀତ ହୋଇଥିଲା। ୨୦୧୩ରେ ମିଳିତ ଜାତିସଂଘର ସାଧାରଣ ପରିଷଦ, ଡିସେମ୍ବର ମାସ ୫କୁ ସମଗ୍ର ବିଶ୍ୱରେ ବିଶ୍ୱ ମୃତ୍ତିକା ଦିବସ ପାଳନ ପାଇଁ ବିଧିବଦ୍ଧ ଘୋଷଣା କରିଥିଲେ। ସେବେଠାରୁ ପ୍ରତିବର୍ଷ ଏହା ବିଶ୍ୱର ସମସ୍ତ ଦେଶରେ ପାଳିତ ହୋଇଆସୁଛି। ଏ ବର୍ଷର ଶୀର୍ଷକ ରହିଛି ‘Soils : Where Food Begins’ (ମୃତ୍ତିକାରୁ ଖାଦ୍ୟର ଉତ୍ପତ୍ତି)। ଯେଉଁ ମାଟି ପୃଥିବୀରେ ୮୦୦ କୋଟି ଲୋକଙ୍କୁ ଏବଂ ଅଗଣିତ ପଶୁପକ୍ଷୀ ବୃକ୍ଷଲତାଙ୍କୁ ଖାଦ୍ୟ ଯୋଗାଉଛି, ତା’ର ରକ୍ଷା ଏପରି ହେବା ଆବଶ୍ୟକ; ଯଦ୍ୱାରା ଆଗାମୀ ବର୍ଷରେ ଜୀବଜଗତକୁ ଖାଦ୍ୟ ସଂଗ୍ରହରେ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ।

ସମଗ୍ର ପୃଥିବୀରେ ଏକ ତୃତୀୟାଂଶ ମୃତ୍ତିକା ଅବକ୍ଷୟ ଜର୍ଜରିତ। ଆମ ଦେଶରେ ୧୨୦.୭ ନିୟୁତ ହେକ୍ଟର ଜମି ଅବକ୍ଷୟିତ। ଅର୍ଥାତ୍ ମୋଟ କ୍ଷେତ୍ରଫଳର (୩୨୯ ନିୟୁତ ହେକ୍ଟର) ୩୭ ଭାଗ। ତେଣୁ ଆମ ମାଟିକୁ ପ୍ରଦୂଷଣ ଓ ଅବକ୍ଷୟଜନିତ କ୍ରିୟାରୁ ବଞ୍ଚାଇବାକୁ ପଡ଼ିବ। କାରଣ ମୃତ୍ତିକା ଥରେ ବଞ୍ଜର ହେଲେ ପୁଣି ତାକୁ ଉର୍ବର କରିବା କାଠିକର ପାଠ। ସେଥିପାଇଁ ସଭ୍ୟତାର ପ୍ରାରମ୍ଭିକ ପର୍ଯ୍ୟାୟରେ ଯେଉଁ ସ୍ଥାନରେ ପର୍ଯ୍ୟାପ୍ତ ଜଳ ଓ ଉର୍ବର ମୃତ୍ତିକା ଥିଲା, ସେହିଠାରେ ହିଁ ଜନବସତି ଉଠିଥିଲା। ଅର୍ଥାତ୍ ନଦୀକୂଳରେ ହିଁ ସଭ୍ୟତାର ଅଭ୍ୟୁଦୟ ହୋଇଥିଲା। ସେ ସିନ୍ଧୁ ନଦୀ କୂଳର ସିନ୍ଧୁ ସଭ୍ୟତା ହେଉ ବା ନୀଳ ନଦୀର ମିଶର ସଭ୍ୟତା ଅବା ମେସୋପଟାମିୟା ସଭ୍ୟତା ଅବା ଚୀନ ସଭ୍ୟତା, ସବୁ ନଦୀ କୂଳରେ ଗଢ଼ି ଉଠିଥିଲା। ଆଜି କିନ୍ତୁ ଜୀବଜଗତର ଜୀବନଦାୟୀ ମୃତ୍ତିକା ବିଭିନ୍ନ କାରଣରୁ ପ୍ରଦୂଷିତ ହେବାରେ ଲାଗିଛି ଓ ଧୀରେ ଧୀରେ ତା’ର ଉର୍ବରତା ହ୍ରାସ ପାଉଛି। ଆଜିକାଲି ମାତ୍ରାଧିକ ରାସାୟନିକ ସାର, କୀଟନାଶକ, କଳକାରଖାନାରୁ ନିର୍ଗତ ଦୂଷିତ ପଦାର୍ଥ, ପଲିଥିନ, ସହରର ବର୍ଜ୍ୟବସ୍ତୁ ଓ ବର୍ଜ୍ୟଜଳକୁ ସିଧାସଳଖ ମାଟିରେ ମିଶିବାକୁ ଛାଡ଼ି ଦିଆଯାଉଛି; ଯାହା ଫଳରେ ମାଟିରେ ଥିବା ଅଣୁଜୀବମାନଙ୍କର ବଂଶବୃଦ୍ଧି ପାଇଁ ପ୍ରତିବନ୍ଧକ ସୃଷ୍ଟି କରୁଛି। ଧୀରେ ଧୀରେ ସେମାନଙ୍କର ସଂଖ୍ୟା ହ୍ରାସ ହେବାରୁ ସେମାନେ ପରିବେଶ ସନ୍ତୁଳନରେ ଥିବା ଭୂମିକାକୁ ସୁଚାରୁ ରୂପେ ସମ୍ପାଦନ କରିପାରୁନାହାନ୍ତି। ଫଳସ୍ୱରୂପ ଧୀରେ ଧୀରେ ଆମର ମୃତ୍ତିକାର ଉର୍ବରା ଶକ୍ତି ହ୍ରାସପାଉଛି। ଯଦି ମୃତ୍ତିକାର ଉର୍ବରା ଶକ୍ତି କ୍ରମଶଃ ହ୍ରାସ ପାଇ ବଞ୍ଜର ଜମିରେ ପରିଣତ ହେବ, ଭବିଷ୍ୟତରେ ଦେଶବାସୀଙ୍କୁ ଆମେ ଖାଦ୍ୟ ସୁରକ୍ଷା ଯୋଗାଇବାରେ ସଫଳ ହୋଇପାରିବା ନାହିଁ।

ପରୀକ୍ଷଣରୁ ଜଣାଯାଇଛି ଯେ, ଏକ ଚାମଚ ମାଟିରେ, ପୃଥିବୀରେ ବାସକରୁଥିବା ମୋଟ ଜନସଂଖ୍ୟାଠାରୁ ଢେର ଅଧିକ ଅଣୁଜୀବ ଥାଆନ୍ତି। ଆମ ସମ୍ମୁଖରେ ଯେଉଁ ମାଟି ଦୃଶ୍ୟମାନ ତାହା ବର୍ଷେ, ଦୁଇବର୍ଷ କିମ୍ବା ଶହେ ବର୍ଷର ମାଟି ନୁହେଁ। ଏହା ଲକ୍ଷ

**ବିଶ୍ୱ ମୃତ୍ତିକା ଦିବସ ଉପଲକ୍ଷେ**



ଲକ୍ଷ ବର୍ଷର ମାଟି। ସାଧାରଣତଃ ବୁଝିବାକୁ ଗଲେ ଏକ ସେଣ୍ଟିମିଟର ମାଟି ପାଇଁ ପ୍ରାୟ ୨୦୦-୪୦୦ ବର୍ଷ ସମୟ ଲାଗିଥାଏ। ଏହି ମୃତ୍ତିକା ପୁଣି ଉର୍ବର ମାଟିରେ ପରିଣତ ହେବାପାଇଁ ଆହୁରି ୩୦୦୦ ବର୍ଷ ସମୟ ଲାଗେ। ଏଥିରୁ ଅନୁମାନ କରାଯାଇପାରେ ଯେ ଆମ ଚତୁଃପାର୍ଶ୍ୱରେ ଦେଖାଯାଉଥିବା ଗଭୀର ମାଟି କେତେ ଲକ୍ଷ ବର୍ଷର ସୃଷ୍ଟି। କିନ୍ତୁ ପରିତାପର ବିଷୟ ଯେ, ପ୍ରତିବର୍ଷ ହେକ୍ଟର ପିଛା ଆମର ହାରାହାରି ମୃତ୍ତିକା କ୍ଷୟ ହେଉଛି ୧୬.୪ ଟନ। ଏହି ମୃତ୍ତିକା ତାହା ସହିତ ଅତ୍ୟନ୍ତ ମୂଲ୍ୟବାନ ଖାଦ୍ୟ ପଦାର୍ଥ (ଯବକ୍ଷାରଜାନ, ଫସଫରସ, ପଟାସିୟମ ଇତ୍ୟାଦି) ଅଣୁସାର ଓ ଅନ୍ୟାନ୍ୟ ପଦାର୍ଥ ଜଳ ସ୍ରୋତ ସହିତ ସମୁଦ୍ରକୁ ନେଇଯାଉଛି ଓ ମୃତ୍ତିକା ଉର୍ବରତା ହ୍ରାସ କରୁଛି। ଆଜିକାଲି ବିଭିନ୍ନ କାର୍ଯ୍ୟକଳାପ ଦ୍ୱାରା ଆମେ ମୃତ୍ତିକା ପ୍ରଦୂଷଣ ବଢ଼ାଇବାରେ ଲାଗିଛେ। ବିଭିନ୍ନ ପ୍ରକାର ପ୍ଲାଷ୍ଟିକ ଓ ପଲିଥିନ ସାମଗ୍ରୀ ମାଟିରେ ମିଶାଇ ଦେଉଛୁ ଏବଂ ତାହା ବିଘଟିତ ନ ହୋଇ ପଡ଼ି ରହୁଛି। ମୃତ୍ତିକାର ମୁଖ୍ୟତଃ ୪ଟି ବଡ଼ ଅବଦାନ ରହିଛି, ଯଥା (୧) ଜଳଧାରଣ କ୍ଷମତା, (୨) ବୃକ୍ଷଲତା ଖାଦ୍ୟଧାରଣ କ୍ଷମତା, (୩) ବିଘଟନ କ୍ଷମତା ଓ (୪) ସନ୍ତୁଳନ କ୍ଷମତା। ଏହି ଚାରୋଟି କାର୍ଯ୍ୟ ମଧ୍ୟରୁ ବିଘଟନ କାର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାଟିରେ ବିଭିନ୍ନ ପ୍ରକାର ଅଣୁଜୀବ ବାସ କରନ୍ତି, ଯଥା (୧) ଯବକ୍ଷାରଜାନ ବିବନ୍ଧକ, (୨) ଫସଫରସ ଓ ଗନ୍ଧକ ଦ୍ରାବକ, (୩) ଜୈବିକ ବିଘଟକ, ଅମ୍ଳଜାନ ପ୍ରେରକ (ଜିଆ) ଇତ୍ୟାଦି ଇତ୍ୟାଦି।

ଓଡ଼ିଶାରେ ପ୍ରାୟ ୪୮୫ କିଲୋମିଟରର ସମୁଦ୍ର ତଟ ଅଛି, ଯାହା କି ଆମେ ସନ୍ତୁଳିତ ଭାବରେ ବ୍ୟବହାର ନ କଲେ, ସମଗ୍ର ତଟ ଅଞ୍ଚଳରେ ଲୁଣା ମାଡ଼ିଯିବାର ସମ୍ଭାବନା ରହିଛି। ଅର୍ଥାତ୍ ସମୁଦ୍ରକୂଳିଆ ଅଞ୍ଚଳରେ ନିର୍ଦ୍ଧାରିତ ଗଭୀରଠାରୁ ଅଧିକ ଗଭୀରତାରୁ ନଳକୂପ ସାହାଯ୍ୟରେ ଭୂଜଳ ଉତ୍ତୋଳନ କଲେ, ସମୁଦ୍ର ପାଣି ସ୍ଥଳ ଭାଗକୁ ପ୍ରବେଶ କରି ସମଗ୍ର ମୃତ୍ତିକା ସ୍ତରକୁ ଲବଣାକ୍ତ କରିଦେବ ଓ ଫସଲ ଚାଷ ହୋଇପାରିବ ନାହିଁ। ସେହିପରି ପାହାଡ଼ିଆ ଅଞ୍ଚଳ ଢାଲୁ ହୋଇଥିବାରୁ, ମୃତ୍ତିକା କ୍ଷୟ ରୋକିବା ପାଇଁ ଉପଯୁକ୍ତ ପଦକ୍ଷେପ ନ ନେଲେ, ଉର୍ବର ମୃତ୍ତିକା କ୍ଷୟ ହୋଇଯିବ, ଯାହାଫଳରେ ଜମିର ଉତ୍ପାଦିକା ଶକ୍ତି କମିଯିବ। ପର୍ଯ୍ୟାପ୍ତ ମାତ୍ରାରେ ଗୋବରଖତ ଓ ସବୁଜ ସାର(ଧଣିଚା) ପ୍ରୟୋଗ ଅଭାବରୁ ଓଡ଼ିଶାର ମୃତ୍ତିକାରେ ଜୈବିକ ଅଙ୍ଗାରକ ବହୁତ ମାତ୍ରାରେ କମିଗଲାଣି। ମୃତ୍ତିକାରେ ଆବଶ୍ୟକ ମାତ୍ରା ଠାରୁ ଜୈବିକ ଅଙ୍ଗାରକ କମିଗଲେ ତା’ର ଜଳଧାରଣ କ୍ଷମତା କମିଯିବ ଓ ଆମେ ଫସଲ ଉତ୍ପାଦନରେ ନାନା ସମସ୍ୟାର ସମ୍ମୁଖୀନ ହେବା। ଭବିଷ୍ୟତ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆମକୁ ଆମର ମୃତ୍ତିକାର ସର୍ବୋତ୍କୃଷ୍ଟ ଯତ୍ନ ନେବା ନିହାତି ଜରୁରୀ। ତେଣୁ ଆଜି ବିଶ୍ୱ ମୃତ୍ତିକା ଦିବସରେ ଶପଥ ନେବା ଯେ ମୃତ୍ତିକାକୁ ପ୍ରଦୂଷଣମୁକ୍ତ ରଖିବା ଓ ତାହାର ଉର୍ବରା ଶକ୍ତି ଯେମିତି ସବୁଦିନ ପରି ବଜାୟ ରହେ, ସେ ଦିଗରେ କାର୍ଯ୍ୟ କରିବା ସହିତ ଅନ୍ୟମାନଙ୍କୁ ସେ ଦିଗରେ ଅଧିକ ସଚେତନ ହୋଇ କାର୍ଯ୍ୟ କରିବା ପାଇଁ ପ୍ରେରିତ କରିବା।

**ପ୍ରଧାନ ବୈଜ୍ଞାନିକ, ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ, ଭୁବନେଶ୍ୱର**
**ମୋ: ୮୭୬୩୮୪୧୧୦୮**

## ଏଇ ଭାରତରେ

ଖାଦ୍ୟଶସ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସବୁଜ ବିପ୍ଳବ ଜାରି ରହିଥିବାବେଳେ ବିହାରରେ ଛତୁ ବିପ୍ଳବ ଆରମ୍ଭ କରିଛନ୍ତି ଡ. ଦୟାରାମ। ସେ ସମସ୍ତିପୁରସ୍ଥ ଡ. ରାଜେନ୍ଦ୍ର ପ୍ରସାଦ ସେଣ୍ଟ୍ରାଲ ଏଗ୍ରିକଲ୍‌ଚର ୟୁନିଭର୍ସିଟିର ବୈଜ୍ଞାନକ ଭାବେ କାର୍ଯ୍ୟରତ। ଦୟାରାମ ବିଗତ ଦଶନ୍ଧିରୁ ଏଯାବତ୍ ୨ଲକ୍ଷ କୃଷକଙ୍କୁ ଛତୁଚାଷ ସମ୍ପର୍କରେ ପ୍ରଶିକ୍ଷଣ ଦେଇସାରିଲେଣି। ତାଙ୍କ ଟିମ୍ ଉଦ୍ୟମରେ ୨୦୨୧-୨୦୨୨ରେ ଛତୁଚାଷୀମାନେ ୨୮ ହଜାର ଟନ ଛତୁ ଉତ୍ପାଦନ କରିଛନ୍ତି। ସବୁ ଚାଷୀ ବର୍ତ୍ତମାନ ବର୍ଷକୁ ୩ରୁ ୪ ଲକ୍ଷ ଟଙ୍କା ରୋଜଗାର କରିବାକୁ ସକ୍ଷମ। ଡ. ଦୟାରାମଙ୍କ ଛତୁ ବିପ୍ଳବ ଯୋଗୁ ବିହାରରେ ଦେଶର ମୋଟ ଛତୁ ଉତ୍ପାଦନର ୧୦.୮୨% ହେଉଛି। ୧୯୯୯ରେ ଡ. ଦୟାରାମ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ଏହି ଅଭିଯାନ ଆରମ୍ଭ କରିଥିଲେ। ସେବେଠାରୁ ସେ ଓ ତାଙ୍କ ଟିମ୍ ଛତୁଚାଷୀମାନଙ୍କୁ ଚାଷ ସମ୍ବନ୍ଧୀୟ ଜ୍ଞାନକୌଶଳ ଯୋଗାଇ ଆସୁଛନ୍ତି ଓ ସେମାନଙ୍କ ଲାଗି ୧୨୩ଟି କଣ୍ଟ୍ରୋଲ ୟୁନିଟ ଖୋଲାଯାଇଛି। ପ୍ରଥମେ ୬ ପ୍ରକାର ଛତୁଚାଷ କରାଯାଇ ଏବେ ୫୦ ପ୍ରକାର ଚାଷ କରାଯାଉଛି। ଏବେ ଦିନକୁ ଅତିବେଶୀରେ ୧୦ ଟନ୍ ଉତ୍ପାଦନ ହୋଇପାରୁଛି। ୨୦୨୨-୨୩ରେ ଉତ୍ପାଦନ ୩୫ ଟନ୍ ହେବ ବୋଲି ଆକଳନ କରାଯାଇଛି ବୋଲି କହନ୍ତି ଡ. ଦୟାରାମ।

## ୨୫ ବର୍ଷ ତଳର ଧରିତ୍ରୀ

**୫ ଡିସେମ୍ବର ୧୯୯୭**

- ବୁରୁଣ୍ଡିର ଉତ୍ତର ପଶ୍ଚିମାଞ୍ଚଳ ବ୍ଲୁ ବାଜା ପ୍ରଦେଶରେ ସରକାରୀ ସୈନ୍ୟ ୫୦ ଜଣ ହୁଟୁ ବିଦ୍ରୋହୀଙ୍କୁ ହତ୍ୟା କରିଛନ୍ତି।
- ସୁପ୍ରିମ୍‌କୋର୍ଟର ବିଚାରପତି ଭାବେ ଜଷ୍ଟିସ୍ ଏ.ପି. ମିଶ୍ର ଏବଂ ଜଷ୍ଟିସ ଏସ୍.ଏସ୍.ଏମ୍. କଦରୀଙ୍କୁ ନିଯୁକ୍ତି ପ୍ରଦାନ।
- କ୍ୟାବିନେଟର ସୁପାରିସ କ୍ରମେ ରାଷ୍ଟ୍ରପତି କେ.ଆର୍. ନାରାୟଣନ ଏକାଦଶ ଲୋକ ସଭାକୁ ଭାଙ୍ଗି ସାନି ନିର୍ବାଚନ ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### କୋଟିପତି ନେତାଙ୍କ ଦରମା ବଢୁଛି

ମହାଶୟ,

କଥାରେ ଅଛି ଛୁରି ହାତରେ କାକୁଡ଼ି। ସେମିତି କେହି କିଛି କହିବାକୁ ନାହିଁ। ଯେତେବେଳେ ଚାହିଁବେ ନେତା ଓ ମନ୍ତ୍ରୀମାନଙ୍କର ଦରମା, ଭତ୍ତା ବଢ଼ି ପାରିବ। କୁଆଡ଼େ ବିଭିନ୍ନ ରାଜ୍ୟଗୁଡ଼ିକର ଦରମାକୁ ଚାହିଁ ଏହା ବୃଦ୍ଧି କରାଯାଇଛି। ହେଲା ଭଲ କଥା। ତେବେ ଚାକିରିଆଙ୍କ କ୍ଷେତ୍ରରେ ଦରମା ବା ଭତ୍ତା ପାଇଁ କାହିଁକି ଆନ୍ଦୋଳନ କରିବାକୁ ପଡୁଛି ? ନେତାମାନଙ୍କର ସଲାସୁତୁରାରେ ବିନା ଆପତ୍ତି ଅଭିଯୋଗରେ ଦରମା ଭତ୍ତା ବଢ଼ିଯାଉଛି। ଚାକିରିଆମାନଙ୍କ ବେଳକୁ ଲାଠିଚାର୍ଯ୍ୟ, ଜେଲଦଣ୍ଡ କାହିଁକି ? ପୁରୁଣା ପେନ୍‌ସନ୍ ପାଇଁ ଭୁକି ଭୁକି ମଧ୍ୟ ଫଳପ୍ରଦ ହେଉନି। କେନ୍ଦ୍ର ସରକାର ଅଠତିରିଶ ଭାଗ ମହଙ୍ଗା ଭତ୍ତା ଦେଇ ସାରିଥିବା ସ୍ଥଳେ ରାଜ୍ୟ ସରକାରଙ୍କ ନିଦ ଭାଙ୍ଗୁନି। ଯୋଜନା ସବୁରେ ନାଁ ଲୋକଙ୍କର, କିନ୍ତୁ ଗାଁ ହେଉଛି ନେତାଙ୍କର। ସେଥିରେ ସେମାନେ ଅଭାବୀ ଯୋଗୁ ସେମାନଙ୍କ ଦରମା ଓ ଭତ୍ତା ବିନା ଆପତ୍ତିରେ ବଢ଼ାଯାଉଛି। ଆରାମଦାୟକ ଘର, ଗାଡ଼ି ଓ ଭୁବନେଶ୍ୱରରେ ଜାଗା। ଥରେ ନେତା ହୋଇଗଲେ କୋଟିପତି କେଉଁ ଟଙ୍କାରେ ? ତାଙ୍କର ତ ଇଡି, ସିବିଆଇ ଓ ଭିଜିଲାନ୍ସ କିଛି କରିପାରୁନି।

**-ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

## ଚିରନ୍ତନୀ

ମଳିନ କ୍ଷୀଣ ଧୂସର ଦେହ
ତୁଟିଛି ତା’ର ଆକାଶ ଗେହ
ଭୂତଳେ ପଡ଼ି ପରାଣ ତା’ର
ମାଗଇ ସୁଖ ମାଗଇ ସ୍ନେହ।
-(କବିର ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)







କୋଣାର୍କ ଚନ୍ଦ୍ରଭାଗା ବେଳାଭୂମିରେ ଚାଲିଥିବା ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବର ରବିବାର ଚତୁର୍ଥ ଦିବସରେ ଓଡ଼ିଶାର କଳା, ସଂସ୍କୃତି ଓ ମେକ୍ ଇନ୍ କନ୍‌କ୍ଲେଭ୍‌କୁ ନେଇ ଶିଳ୍ପୀମାନେ ତିଆରି କରିଥିବା କଳାକୃତି। (ଫଟୋ– ଜ୍ୟୋତିରାଜ ମହାନ୍ତି)

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ, ସିୱାଇଏସ୍‌ଡି ପ୍ରେକ୍ଷାଳୟ, ଗାନ୍ଧୀ ପାର୍କ ଜନତା ମଇଦାନଠାରୁ ପଦଯାତ୍ରା, ସକାଳ ୯ଟା।
- ନିଖିଳ ଓଡ଼ିଶା ଆଶା କର୍ମୀ ସଂଘର ବିଶାଳ ବିକ୍ଷୋଭ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ସ୍ୱତନ୍ତ୍ର ହସ୍ତତନ୍ତ ମେଳା, ଏକାମ୍ର ହାଟ, ପୂର୍ବାହ୍ନ ୧୧ଟା।
- ବ୍ରହ୍ମାକୁମାରୀ ଓମ୍ ନିବାସ ପକ୍ଷରୁ 'ଦିବ୍ୟ ମହାକୁମ୍ଭ' ଉଦ୍‌ଯାପନୀ, ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୩ଟା।
- କଷ୍ଟମ୍‌ସ ଆକ୍ଟ ୧୯୬୨ର ୬୦ ବର୍ଷ ପାଳନ, ଆଇଏଲ୍‌ଏସ୍ ଅଡିଟୋରିୟମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ, ନାଲ୍‌କୋ ଛକ, ଅପରାହ୍ନ ୪ଟା।

କୋଣାର୍କ

- କୋଣାର୍କ ମହୋତ୍ସବ, ମୁକ୍ତାକାଶ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।

# ଭାରତନାଟ୍ୟମ ନୃତ୍ୟରେ ଦର୍ଶକ ବିଭୋର

**କୋଣାର୍କ,୪।୧୨(ଡି.ଏନ୍.ଏ.)**

## କୋଣାର୍କ ଉତ୍ସବର ଚତୁର୍ଥ ସନ୍ଧ୍ୟା

କୋଣାର୍କ ସୂର୍ଯ୍ୟ ମନ୍ଦିରର ପାଦଦେଶରେ ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ୩୩ତମ କୋଣାର୍କ ଉତ୍ସବର ରବିବାର ଥିଲା ଚତୁର୍ଥ ସନ୍ଧ୍ୟା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭାରତନାଟ୍ୟମ ନୃତ୍ୟ ଶିଳ୍ପୀ ଲୀଳା ସାମସନଙ୍କ ସ୍କନ୍ଦ ଡ୍ୟାନ୍ସ କଳାକାରଙ୍କ ଦ୍ୱାରା ଭାରତନାଟ୍ୟମ ଶାସ୍ତ୍ରୀୟ ନୃତ୍ୟରେ ଗଜାନନ ସ୍ତୁତି ପରିବେଷିତ ହୋଇଥିଲା। ପରେ କଳାକାରଙ୍କ ଦ୍ୱାରା ଭଗବାନ ଶ୍ରୀକୃଷ୍ଣଙ୍କ କାଳୀୟ ଦଳନ ବିଷୟ ଉପରେ ନୃତ୍ୟ ପରିବେଷଣ ହୋଇଥିଲା। ଯାହାକି ଦର୍ଶକଙ୍କୁ ବିଭୋର କରିଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ସୁରଭି ଅନୁଷ୍ଠାନର ଓଡିଶୀ ନୃତ୍ୟଗୁରୁ ପୀତାମ୍ବର ବିଶ୍ୱାଳ ଓ ସାଥୀ କଳାକାରଙ୍କ ଦ୍ୱାରା ଶୂର୍ଯ୍ୟ ବ୍ରହ୍ମାଣ୍ଡ ପରିବେଷିତ ହୋଇଥିଲା। ତୃତୀୟ ପର୍ଯ୍ୟାୟରେ ଓଡ଼ିଶୀ ନୃତ୍ୟ ଶୈଳୀରେ କଳାକାରଙ୍କ ଦ୍ୱାରା ମଥୁରା ମଙ୍ଗଳ ପରିବେଷିତ ହୋଇଥିଲା। ଏହି ନୃତ୍ୟର ସଙ୍ଗୀତ ସଂଯୋଜନା ହିମାଂଶୁ ଶେଖର ସ୍ୱାଇଁ କରିଥିବା ବେଳେ ଶବ୍ଦ ସଂଯୋଜନା ଗୁରୁ ଧନେଶ୍ୱର ସାଇଁ ଏବଂ ନୃତ୍ୟ ସଂରଚନା ଗୁରୁ ପୀତାମ୍ବର ବିଶ୍ୱାଳ କରିଥିଲେ।

ଚତୁର୍ଥ ସନ୍ଧ୍ୟାରେ ଅତିଥିଭାବେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉପଦେଷ୍ଟା ଆର ବାଲାକ୍ରିଷ୍ଣନ, ପ୍ରମୁଖ ଆକାଉଣ୍ଟାଣ୍ଟ ଜେନେରାଲ ଅନନ୍ତ କିଶୋର ବେହେରା, ପର୍ଯ୍ୟଟନ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ତଥା ଉପଶାସନ ସଚିବ ବିଶ୍ୱଜିତ୍ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ଡ.ମୃତ୍ୟୁଞ୍ଜୟ ରଥ ଓ ନାଜିଆ ଆଲାମ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ, ଡ.ସଙ୍ଗୀତା ଗୋସାଇଁ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜ କାନ୍ତ ପ୍ରଧାନଙ୍କ ସମେତ ପର୍ଯ୍ୟଟନ ବିଭାଗର ପଦାଧିକାରୀ ସହଯୋଗ କରିଥିଲେ। ଅନ୍ୟପକ୍ଷରେ ଚନ୍ଦ୍ରଭାଗାରେ ଆୟୋଜିତ ଅନ୍ତର୍ଜାତୀୟ ବାଲୁକା କଳା ପ୍ରଦର୍ଶନର ଥିଲା ଚତୁର୍ଥ ଦିବସ। ବାଲୁକା ଶିଳ୍ପୀମାନେ ବାଲିରେ ଭାରତୀୟ ଐତିହ୍ୟ ଓ ସଂସ୍କୃତି ଏବଂ ମେକ ଇନ ଓଡ଼ିଶା ଉପରେ ସଚେତନତା ସୃଷ୍ଟି ନିମନ୍ତେ ଆକର୍ଷଣୀୟ କଳାକୃତି କରିଥିଲେ। ଏହି ବାଲୁକାକଳା ଦେଖିବାକୁ ଚନ୍ଦ୍ରଭାଗା ବେଳାଭୂମି କୂଳରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା।




ଶିଳ୍ପୀମାନେ ଭାରତନାଟ୍ୟମ ନୃତ୍ୟ ପରିବେଷଣ କରୁଛନ୍ତି।



କୋଣାର୍କ ଉତ୍ସବର ଚତୁର୍ଥ ସନ୍ଧ୍ୟାରେ ପରିବେଷିତ ଓଡ଼ିଶୀ ନୃତ୍ୟ।

# ରାଧାକାନ୍ତ ଦେବ ମଠରେ ମହାପ୍ରଭୁଙ୍କୁ ୬୪ ପ୍ରକାର ବ୍ୟଞ୍ଜନ ଲାଗି

**ଡେଲାଙ୍ଗ,୪।୧୨(ଡି.ଏନ୍.ଏ.):** ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ସାଉରିଆ ପଞ୍ଚାୟତର ଘୋରଡିଆ ଗ୍ରାମର ଶ୍ରୀଶ୍ରୀ ରାଧାକାନ୍ତ ଦେବ ମଠରେ ରବିବାର ପବିତ୍ର ବ୍ୟଞ୍ଜନ ଦ୍ୱାଦଶୀ ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ମହାପ୍ରଭୁଙ୍କ ନିକଟରେ ଅନ୍ନ, ଡାଲି, ଘିଅଅନ୍ନ, ଭଜା, ଖଟା, ଶାଗ, ଖିରି, ବେସର ତରକାରି ପ୍ରଭୃତି ହୋଇଥିବାବେଳେ ବିଭିନ୍ନ ପ୍ରକାର ଫଳମୂଳ, ବିରିବରା, ବୁଟଶୋଲା, ଡାଲିମ୍ବ, ଚୁଡାଘଷା, ଖଇକୋରାରେ ପ୍ରସ୍ତୁତ ୬୪ ପ୍ରକାର ବ୍ୟଞ୍ଜନ ଲାଗି ହୋଇଥିଲା। ମଠ ମାଲିକ ଦେବଜ୍ୟୋତି ପଟ୍ଟନାୟକ ଓ ଏହାର ପରିଚାଳକ ଦୁଃଶାସନ ମଙ୍ଗରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଠର ମୁଖ୍ୟ ପୁରୋହିତ ତ୍ରିବିକ୍ରମ ମିଶ୍ର, ପୂଜକ ଗୀତା ପ୍ରସାଦ ଆଚାର୍ଯ୍ୟ, ସର୍ବେଶ୍ୱର ମିଶ୍ର, ସିନା ଭାଇନା ପ୍ରମୁଖ ଠାକୁରଙ୍କ ନୀତିକାନ୍ତି ଓ ବିଧିବିଧାନରେ ପୂଜାର୍ଚ୍ଚନା କରିଥିଲେ। ସୋମନାଥ ମଙ୍ଗରାଜ, ଆର୍ତ୍ତତ୍ରାଣ କୋଦମାସିଂ, ରବୀନ୍ଦ୍ର ରଣା, କାଳୁ ରଣା, ଗୌରୀଶଙ୍କର ବାରିକ, ସଞ୍ଜୟ ନାୟକ ଓ ବିପିନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ମଠ ପରିସରରେ ନାମ ସଂକୀର୍ତ୍ତନ କରାଯାଇଥିଲା।



ମହାପ୍ରଭୁଙ୍କୁ ୬୪ ପ୍ରକାର ବ୍ୟଞ୍ଜନ ଲାଗି କରାଯାଉଛି।

# ୧୨ରେ ସମସ୍ତ ଓକିଲ ସଂଘର ସତ୍ୟାଗ୍ରହ ଆନ୍ଦୋଳନ

**ଭୁବନେଶ୍ୱର,୪।୧୨(ବ୍ୟୁରୋ)**

## ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ପ୍ରତିବାଦ

- ରାଷ୍ଟ୍ରପତି, ପ୍ରଧାନ ବିଚାରପତିଙ୍କୁ ଦିଆଯିବ ସ୍ମାରକପତ୍ର
- ସ୍ୱତନ୍ତ୍ର ବୈଠକରେ ନିଆଗଲା ନିଷ୍ପତ୍ତି

ରାଜ୍ୟରେ ଓକିଲଙ୍କ ଆନ୍ଦୋଳନକୁ ବେଆଇନ ଘୋଷଣା କରିବା ସହ ଲାଇସେନ୍ସ ବାତିଲ କରିବାକୁ ସୁପ୍ରିମକୋର୍ଟ ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆ (ବିସିଆଇ)କୁ ନିର୍ଦ୍ଦେଶ ଦେବା ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ଲାଗି ରହିଛି। ଏହାର ପ୍ରତିବାଦ ସ୍ୱରୂପ ସମସ୍ତ ଓକିଲ ସଂଘ ପକ୍ଷରୁ ଆସନ୍ତା ନଭେମ୍ବର ୧୨ରେ ରାଜ୍ୟବ୍ୟାପୀ ସତ୍ୟାଗ୍ରହ ଆନ୍ଦୋଳନ କରାଯିବ। ଭୁବନେଶ୍ୱର ଓକିଲ ସଂଘ ହଲ୍‌ରେ ରାଜ୍ୟର ସମସ୍ତ ଓକିଲ ସଂଘର କର୍ମକର୍ତ୍ତାଙ୍କୁ ନେଇ ରବିବାର ଆୟୋଜିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିସହ ଓକିଲଙ୍କ ଅଧିକାର ସମ୍ପର୍କରେ ରାଷ୍ଟ୍ରପତି ଓ ପ୍ରଧାନ ବିଚାରପତିଙ୍କୁ ଏକ ସ୍ମାରକପତ୍ର ଦିଆଯିବ ବୋଲି ମଧ୍ୟ ସ୍ଥିର ହୋଇଛି। ବୈଠକରେ ଓକିଲଙ୍କ ମୌଳିକ, ସାମ୍ବିଧାନିକ ଅଧିକାର ସମ୍ପର୍କରେ ପ୍ରତିନିଧିମାନେ ମତବ୍ୟକ୍ତ କରିଥିଲେ। ସମସ୍ତ ସଂଘର କର୍ମକର୍ତ୍ତା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ ନିଜ ଅଧିକାର ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏହା ବିରୋଧରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯିବା ସହ ଏନେଇ ଏକ ଷ୍ଟିଅରିଂ କମିଟି ଗଠନ କରାଯାଇଛି। ଏହି ବୈଠକରେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ଓ ଭାରତୀୟ ଆଇନଜୀବୀ ପରିଷଦର କାର୍ଯ୍ୟପନ୍ଥା ପାଇଁ ନିନ୍ଦା ପ୍ରସ୍ତାବ ଆଗତ କରାଯାଇଥିଲା। ବୈଠକକୁ ଭୁବନେଶ୍ୱର ଓକିଲ ସଂଘ ସଭାପତି ରବି ନାରାୟଣ ସାମନ୍ତରାୟ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ରାଜକିଶୋର ଦାସ ପରିଚାଳନା କରିଥିଲେ। ଏଥିସହ ସଂଘ ଉପସଭାପତି ଅଭିମନ୍ୟୁ ସ୍ୱାଇଁ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ବଡ଼ପଣ୍ଡା, କୋଷାଧ୍ୟକ୍ଷ ଦିବାକର ମିଶ୍ର, ସହସମ୍ପାଦକ ରାଜେନ୍ଦ୍ର କୁମାର ଦାସ ଓ ଅନ୍ୟ କର୍ମକର୍ତ୍ତାଙ୍କ ସମେତ ରାଜ୍ୟର ସମସ୍ତ ଓକିଲ ସଂଘ ସଭାପତି ଏବଂ ସମ୍ପାଦକ ଉପସ୍ଥିତ ଥିଲେ।



ବୈଠକରେ ଯୋଗ ଦେଇଥିବା ଓକିଲ ସଂଘ କର୍ମକର୍ତ୍ତା।

# ସାଇ ଆଶ୍ରମ ପରିସରରୁ ନନ୍ଦନକାନନକୁ ଆସିଲା ଉଦ୍ଧାର କୁମ୍ଭୀର

**ବାରଙ୍ଗ,୪।୧୨(ଡି.ଏନ୍.ଏ.)**

ପ୍ରାଣୀଉଦ୍ୟାନ ନନ୍ଦନକାନନକୁ ରବିବାର ଏକ ଘଡିଆଳ କୁମ୍ଭୀର ଉଦ୍ଧାର ହୋଇଆସିଛି। କୁମ୍ଭୀରଟି ଅପରାହ୍ନରେ ରଘୁନାଥପୁରସ୍ଥିତ ଶିରିଡିସାଇ ଆଶ୍ରମ ପାଖ ପୁଷ୍କରିଣୀରୁ ବାହାରି ପାଖ ଖୋଲା ପଡ଼ିଆରେ ବୁଲୁଥିଲା। ଏହା ଦେଖି ସ୍ଥାନୀୟ ଗ୍ରାମର କିଛି ଲୋକ କୁମ୍ଭୀର ବୁଲିବା ନେଇ ପ୍ରଘଟ କରିଥିଲେ। ପରେ ସ୍ଥାନୀୟ ଯୁବକ କୁମ୍ଭୀରକୁ ଧରି ନନ୍ଦନକାନନକୁ ହସ୍ତାନ୍ତର କରିଥିଲେ। ତେବେ ଏହି କୁମ୍ଭୀରଟି ଏଠାକୁ କିପରି ଆସିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସାଇ ଆଶ୍ରମକୁ ଲାଗି ନନ୍ଦନକାନନ ସୁରକ୍ଷା ପ୍ରାଚୀର ଥିବାରୁ ନନ୍ଦନକାନନ ଭିତରୁ କୁମ୍ଭୀରଟି ପଳାଇ ଆସିଥିବା ଅନୁମାନ କରାଯାଉଛି। ଯଦି କୁମ୍ଭୀରଟି ନନ୍ଦକକାନନ ଭିତରୁ ଆସିଥାଏ, ତେବେ ପ୍ରାଣୀ ବିଭାଗର କାର୍ଯ୍ୟ ଦକ୍ଷତାକୁ ନେଇ ପୁଣି ପ୍ରଶ୍ନବାଚୀ ଉଙ୍କି ମାରିବାକୁ ଯାଉଛି।

## ସେଲ୍‌ଫି କର୍ନର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ରିୟାଶା



@ ପ୍ରିୟତମା



@ ବିନୋଦ



@ ତାରା



@ ଜୟଶ୍ରୀ



@ ବିଶାଲ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ କାର୍ଯ୍ୟାଳୟଠାରେ ରବିବାର ଅନୁଷ୍ଠିତ ୱାର୍କର୍ସ ଇଣ୍ଟରନ୍ୟାଶନାଲର ଚତୁର୍ଥ କ୍ୟାବିନେଟ୍ ବୈଠକ ତଥା ୧୮ତମ ଜିଲା ସମ୍ମିଳନୀରେ ଅତିଥିମାନେ।




ଓଡ଼ିଶା ରାଜ୍ୟ କର୍ମଚାରୀ ଥଇଥାନ ଆଶାୟୀ ସଂଘ ପକ୍ଷରୁ ଭୁବନେଶ୍ୱରରେ ଚାଲିଥିବା ଆନ୍ଦୋଳନରେ ଯୋଗଦେବାକୁ ଆସୁଥିବାବେଳେ ନବରଙ୍ଗପୁରର ଜଣେ କର୍ମକର୍ତ୍ତାଙ୍କ ମୃତ୍ୟୁରେ ଲୋୟର ପିଏମ୍‌ଜିରେ ମହମବତୀ ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି। (ଫଟୋ– ମନୋରଞ୍ଜନ)

## ସଂକ୍ଷେପରେ

### ୪ ବ୍ୟକ୍ତିତ୍ୱଙ୍କୁ 'ଚରଣ ସ୍ୱର୍ଣ୍ଣ ପୁରସ୍କାର'

ଭୁବନେଶ୍ୱର,୪।୧୨(ବ୍ୟୁରୋ) - କନ୍ୟାର ମାନ, ସମ୍ମାନ, ସୁରକ୍ଷା ଓ ସ୍ୱାଭିମାନ ପାଇଁ କାର୍ଯ୍ୟ କରୁଥିବା ସାମାଜିକ ଅନୁଷ୍ଠାନ କନ୍ୟା ଅନ୍‌ମୋଲ ହୈ (କେଏଏଚ୍) ପକ୍ଷରୁ ଚତୁର୍ଥ ଚରଣ ସ୍ୱର୍ଣ୍ଣ ପୁରସ୍କାର ପ୍ରଦାନ ଉତ୍ସବ ରବିବାର ଉତ୍କଳ ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ , ସମ୍ମାନିତ ଅତିଥି ଭାବେ ରୋଟାରିଆନ ଯଜ୍ଞାଶିଷ ମହାପାତ୍ର ଓ ଶାନ୍ତନୁ ପାଣି ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ରାଷ୍ଟ୍ରୀୟ ସଂଯୋଜକ ସରୋଜ ଦାଶ କହିଛନ୍ତି, ନିଷ୍ଠା ଏବଂ ସାଧୁତା ପ୍ରଦର୍ଶନ କରିଥିବା ବ୍ୟକ୍ତି ବିଶେଷଙ୍କ ମନୋବଳ ଦୃଢ଼ କରିବା ଉଦ୍ଦେଶ୍ୟରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। କନ୍ୟା ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଧାୟକ ପଟ୍ଟନାୟକଙ୍କ ସହ ଡ. ସୁଷମା ମିଶ୍ର, ଡ. କାଜଲ ରକ୍ଷିତ, ସ୍ୱରୂପା ଚକ୍ରବର୍ତ୍ତୀଙ୍କୁ 'ଚରଣ ସ୍ୱର୍ଣ୍ଣ ପୁରସ୍କାର' ପ୍ରଦାନ କରାଯାଇଥିଲା। ଏହା ସହ ସାମାଜିକ ଅନୁଷ୍ଠାନ ଯାଯାବର ଟ୍ରଷ୍ଟକୁ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ଓଡ଼ିଶୀ ନୃତ୍ୟ ପରିବେଷଣ ସହ ଚରଣସ୍ୱର୍ଣ୍ଣର ଟାଇଟଲ୍ ସଂଗୀତ ଲୋକାର୍ପିତ ହୋଇଥିଲା। ପ୍ରତିଷ୍ଠାତା ସସ୍ମିତା ଦାଶ, ଅଧ୍ୟକ୍ଷ ଅଂଶୁ ତ୍ରିପାଠୀ, ସଭାପତି ଅର୍ଚ୍ଚନା ପାଣିଗ୍ରାହୀ, ଆବାହକ ତପସ୍ୱିନୀ ପଟ୍ଟନାୟକ, ଦେବସ୍ମିତା ଦାଶ, ଲିପୁନ ମହାରଣା, ସୌମ୍ୟରଞ୍ଜନ ବେହେରା, ବାଦଲ ଆକାଶ କୁମାର, ରାଜଲକ୍ଷ୍ମୀ ନନ୍ଦ, ଐଶ୍ୱର୍ଯ୍ୟା ନାୟକ, ମଧୁସ୍ମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଶାରୀରିକ ସମ୍ପର୍କ ରଖି ହତ୍ୟା ଧମକ

### ଅଭିଯୁକ୍ତ ଯୁବକଙ୍କୁ ପୋଲିସ ଜିମା ଦେଲେ ପରିବାରଲୋକ

ବାରଙ୍ଗ,୪।୧୨(ଡି.ଏନ୍.ଏ.)- ଯୁବତୀଙ୍କୁ ଭଲପାଇ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ପରେ ଗର୍ଭପାତ କରାଇବା ସହ ହତ୍ୟା ଧମକ ଦେବା ନେଇ ଚନ୍ଦକା ଥାନାରେ ରବିବାର ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୨୮୧/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଚନ୍ଦକା ଥାନା ଅଞ୍ଚଳର ଅଖୁନା ଦାସ(୨୭) ଉକ୍ତ ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଆସୁଥିଲେ। ଏହି ଖବର ଯୁବତୀଙ୍କ ପରିବାର ଲୋକ ଜାଣିବାରୁ ଯୁବତୀ ଜଣକ ଅଖୁନାଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ। ଅଖୁନା ବିବାହ କରିବାକୁ ମନା କରିବାରୁ ଯୁବତୀଙ୍କୁ ପରିବାର ଅନ୍ୟତ୍ର ବିବାହ କରିଦେଇଥିଲେ। ହେଲେ ଅଖୁନା ଦୁହିଁଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ କରିବାରୁ ଯୁବତୀଙ୍କୁ ତାଙ୍କ ସ୍ୱାମୀ ଛାଡି ଦେଇଥିଲେ। ଅଖୁନା ଯୁବତୀଙ୍କ ମନରେ ପୁନର୍ବାର ବିଶ୍ୱାସ ଜନ୍ମାଇ ଗୋଟିଏ ଦାମୀ ମୋବାଇଲ ଉପହାର ଦେଇ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଗତ ଜୁଲାଇରେ ଯୁବତୀ ଗର୍ଭଧାରଣ କରିବା ଜାଣି ଅଖୁନା ଔଷଧ ଦେଇ ଗର୍ଭପାତ କରାଇବା ସହ ଜୀବନରୁ ମାରି ଦେବାକୁ ଧମକ ଦେଇ ବିବାହ ପାଇଁ ମନା କରିଦେଇଥିଲେ। ଏହାପରେ ଯୁବତୀ ତାଙ୍କ ସମ୍ପର୍କୀୟଙ୍କ ଘର କଣ୍ଟାବାଡ଼ରେ ଆସି ରହିଥିଲେ। ଖବରପାଇ ଅଖୁନା ରବିବାର ସେଠାକୁ ଆସି ଜବରଦସ୍ତ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲେ। ଏହି ସମୟରେ ଯୁବତୀଙ୍କ ପରିବାରଲୋକ ବାହାରପଟୁ କବାଟ ଦେଇ ଅଖୁନାଙ୍କୁ ପୋଲିସ ଜିମା ଦେଇଥିଲେ।

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗାର ଜବତ

ଭୁବନେଶ୍ୱର,(ବ୍ୟୁରୋ)/ ବାଙ୍କୀ, ୪।୧୨ (ସ୍ୱ.ପ୍ର.) :

**ଅଂଶୁପା ହ୍ରଦ ନିକଟରେ ଏସ୍‌ଟିଏଫ୍ ଚଢ଼ାଉ**
- ୨ ଅଭିଯୁକ୍ତ ଗିରଫ, ଗୋଟିଏ କାର୍ ଜବତ
- ଭୁବନେଶ୍ୱରରେ ଡିଲ୍ ପାଇଁ ଅନୁଗୋଳରୁ ଆସୁଥିଲେ
- ଅଧିକ ତଦନ୍ତ ପାଇଁ ରିମାଣ୍ଡରେ ଆଣିବାକୁ ଯୋଜନା

କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ଅଂଶୁପା ହ୍ରଦ ନିକଟରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗାର ଜବତ କରିଛି। ଘଟଣାସ୍ଥଳରୁ ୨ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ସେମାନେ ଆସିଥିବା ଏକ କାର୍ (ଓଡି୦୯ଇ୫୧୧୧) ମଧ୍ୟ ଜବତ ହୋଇଛି। ଅଭିଯୁକ୍ତଦ୍ୱୟ ହେଲେ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜୁମେଶ କୁମାର ସାହୁ ଓ ଆଠଗଡ଼ ଥାନା ଅଞ୍ଚଳର ହେମନ୍ତ କୁମାର ପ୍ରଧାନ। ଉଭୟଙ୍କଠାରୁ ୧ କେଜି ୩୩୫ ଗ୍ରାମ ବ୍ରାଉନ୍‌ସୁଗାର ଓ କିଛି ଆପରାଧିକ ସାମଗ୍ରୀ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏନେଇ ଏସ୍‌ଟିଏଫ୍ ଏନ୍‌ଡିପିଏସ୍ ଆକ୍ଟର ୨୧(ସି) ଓ ୨୯ ଦଫାରେ ଏକ ମାମଲା (ନଂ.୨୯/୨୦୨୨) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ରବିବାର କଟକ ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଭୁବନେଶ୍ୱର କିମ୍ବା ଆଖପାଖ ଅଞ୍ଚଳରେ ବ୍ରାଉନ୍‌ସୁଗାରର ବଡ଼ ଡିଲ୍ ପାଇଁ ଅନୁଗୋଳରୁ କେତେଜଣ ବ୍ରାଉନସୁଗାର ବେପାରି କାର୍‌ରେ ଆସୁଥିବା ନେଇ ଏସ୍‌ଟିଏଫ୍ ସୂଚନା ପାଇଥିଲା। ରାକେଟକୁ ଧରିବାକୁ କଟକ ଜିଲା ପୋଲିସକୁ ଏସ୍‌ଟିଏଫ୍ ଜଣାଇବା ସହ ଚଢ଼ାଉ ଯୋଜନା ହୋଇଥିଲା। ଶନିବାର ସନ୍ଧ୍ୟାରେ ଅଂଶୁପା ହ୍ରଦ ନିକଟରେ ମିଳିତ ପୋଲିସ୍ ଟିମ୍ ପୂର୍ବପ୍ରସ୍ତୁତି ଅନୁଯାୟୀ ଛକି ରହିଥିଲେ। ସନ୍ଦିଗ୍ଧ କାର୍‌ଟି ଉକ୍ତ ବାଟଦେଇ ଯିବା ସମୟରେ ଏସ୍‌ଟିଏଫ୍ ଓ ପୋଲିସ ଟିମ୍ ଅଟକାଇ ଯାଞ୍ଚ କରିବା ପରେ ବ୍ରାଉନସୁଗାର ମିଳିଥିଲା। ତେବେ ଅଭିଯୁକ୍ତଦ୍ୱୟ କେଉଁଠୁ ଏତେ ପରିମାଣର ବ୍ରାଉନ୍‌ସୁଗାର ଆଣିଲେ, କାହାକୁ ଦେଇଥାନ୍ତେ, ସେମାନଙ୍କ ସହ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ଏହାପୂର୍ବରୁ କେତେ କାରବାର କରିଛନ୍ତି, ଏଭଳି ବିଭିନ୍ନ ଦିଗକୁ ନେଇ ଅଧିକ ତଦନ୍ତ କରିବାକୁ ଏସ୍‌ଟିଏଫ୍ ଅଭିଯୁକ୍ତଦ୍ୱୟଙ୍କୁ ରିମାଣ୍ଡରେ ଆଣିବାକୁ ଯୋଜନା କରୁଥିବା ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ରାଜ୍ୟରେ ନିଶା କାରବାର ରୋକିବାକୁ ୨୦୨୦ରୁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନରେ ଏପର୍ଯ୍ୟନ୍ତ ୬୫ କେଜି ବ୍ରାଉନ୍‌ସୁଗାର, ୨୦୨ ଗ୍ରାମ କୋକେନ ଓ ୧୧୧ କୁଇଣ୍ଟାଲ ଗଞ୍ଜେଇ, ୭୫୦ ଗ୍ରାମ ଅଫିମ ଜବତ ହୋଇଛି। ଏସବୁ ମାମଲାରେ ୧୬୫ ଜଣ ନିଶା ମାଫିଆ ଗିରଫ ହୋଇଥିବା ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।


ଗିରଫ ୨ ଅଭିଯୁକ୍ତ ।

# ମନ ମୋହିଲା 'ମହକ ମେଳା'


ମହକ ମେଳାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

ଭୁବନେଶ୍ୱର, ୪।୧୨(ବ୍ୟୁରୋ)

**ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ**

ଭୁବନେଶ୍ୱର ମହାନଗର ନିଗମସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଶନିବାର ସରକାରୀ ଉଚ୍ଚ ବିଦ୍ୟାଳୟ ବଡ଼ଗଡ଼ଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଏବଂ ବଡ଼ଗଡ଼ ଉଚ୍ଚ ବିଦ୍ୟାଳୟ ଆଲୁମ୍ନି ସଭାପତି ପ୍ରତାପ କୁମାର ଜେନା ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ସ୍ୱତନ୍ତ୍ର ସହାୟତା ଆବଶ୍ୟକ କରୁଥିବା ଛାତ୍ରୀଛାତ୍ରମାନଙ୍କର ସାମଗ୍ରିକ ବିକାଶ ଲକ୍ଷ୍ୟରେ ଆୟୋଜିତ କାର୍ଯ୍ୟକ୍ରମ 'ମହକ ମେଳା'କୁ ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରିଥିଲେ। ଏଥିସହ ଶିକ୍ଷାର୍ଥୀମାନଙ୍କର ସୃଜନଶୀଳ ସ୍ୱପ୍ନ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କ ଅନୁଭବକୁ ସାଉଁଟିଥିବା ପତ୍ରିକା 'ମନର କଥା' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ମହକ ମେଳାରେ କଳ୍ପନାରୁ ଆଳ୍ପନା (ଝୋଟି ଚିତା ମୁରୁଜ), ରଙ୍ଗବେରଙ୍ଗ (ଚିତ୍ରକଳା ଓ ମେହେନ୍ଦି), କାଗଜ ଖେଳ (ମୁଖା ଓ ଓରିଗାମି), ବେଲୁନ୍ ଖେଳ, ଆବର୍ଜନାର ସଦୁପଯୋଗ, ପାଟି ସୁଆଦ (ଝାଲ ମୁଢ଼ି, ଚା..ଇତ୍ୟାଦି) କାର୍ଯ୍ୟକ୍ରମ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଯୁଗ୍ମ ନିର୍ଦ୍ଦେଶିକା ବନ୍ଦନା ମହାପାତ୍ର, ୱାର୍ଡ ନଂ. ୪୪ର କର୍ପୋରେଟର ଅଜିତ୍ କୁମାର ବେହେରା, ୟୁନିଟ-୨ର ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପାଲ, ଓସେପାର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶିକା ଅରୁଣାବାଳା ତ୍ରିପାଠୀ ପ୍ରମୁଖ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ଉପସଭାପତି ସଙ୍ଗୀତା ଦାଶ ପୁରସ୍କାର ବିତରଣ କରିଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ, ବଡ଼ଗଡ଼ର ପ୍ରଧାନ ଶିକ୍ଷୟିତ୍ରୀ ବନଜା ମଞ୍ଜରୀ ସାହୁ, ବିଦ୍ୟାଳୟର ସମସ୍ତ କର୍ମଚାରୀ, ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ସମ୍ବଲ ଶିକ୍ଷକ ଶିକ୍ଷୟିତ୍ରୀ, ଭୁବନେଶ୍ୱର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ସହଯୋଗରେ ଏବଂ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ପ୍ରଜ୍ଞାପାରମିତା ଜେନାଙ୍କ ଦ୍ୱାରା ଏହି ଉତ୍ସବକୁ ସଫଳତାର ସହିତ ପରିଚାଳନା କରାଯାଇଥିଲା।



ସତ୍ୟନଗର ଲେଡିଜ ଫୋରମ ପକ୍ଷରୁ ଗୀତଗୋବିନ୍ଦ ସଦନଠାରେ ଅଭିରୁଚି ଶିଶୁ ପ୍ରତିଭା ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମରେ ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି ।

# ଅଭିରୁଚି ଶିଶୁ ପ୍ରତିଭା ସମ୍ମାନ ୨୦୨୨

ଭୁବନେଶ୍ୱର,୪।୧୨(ବ୍ୟୁରୋ)

ସତ୍ୟନଗର ଲେଡିଜ ଫୋରମ ପକ୍ଷରୁ ରବିବାର ଗୀତଗୋବିନ୍ଦ ସଦନଠାରେ ଅଭିରୁଚି ଶିଶୁ ପ୍ରତିଭା ସମ୍ମାନ-୨୦୨୨ ଅନୁଷ୍ଠିତ ହୋଇଯାଇଛି। ଫୋରମର ସମ୍ପାଦିକା ଅନୁରାଧା ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବିଧାୟକ ମହମ୍ମଦ ମୋକିମ, ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ, ଗୀତିକାର ତଥା ନିର୍ଦ୍ଦେଶକ ଶ୍ରୀକାନ୍ତ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଫୋରମର ବାର୍ଷିକ ପତ୍ରିକା ଅଭିରୁଚିର ଲୋକାର୍ପଣ ହୋଇଥିଲା। ହେଭେନ୍ସ ଗ୍ରୁପ ପକ୍ଷରୁ ବାଦ୍ୟଯନ୍ତ୍ର ପରିବେଷଣ କରାଯାଇଥିଲା। ଆନି ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉମାରାଣୀ ଶତପଥୀ ଧନ୍ୟବାଦ ଦେଇଥିଲେ।

# ରାଜଧାନୀରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହେଉ

ଭୁବନେଶ୍ୱର, ୪।୧୨(ବ୍ୟୁରୋ)

ଦେଶର ସର୍ବକନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତି ରାଜଧାନୀ ଭୁବନେଶ୍ୱରରେ ପ୍ରତିଷ୍ଠା ପାଇଁ ଦାବି ହୋଇଛି। ରବିବାର ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖାର କାର୍ଯ୍ୟନିର୍ବାହୀ ସମିତି ବୈଠକରେ ଏହି ଦାବି ହୋଇଛି। ଅନୁଷ୍ଠାନର ସଭାପତି ଦିଲ୍ଲୀପ ଦାଶଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ଗତ ବର୍ଷର ବାର୍ଷିକ ଓ ଆର୍ଥିକ ବିବରଣୀ ପାଠ କରିବା ସହିତ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। ଏଥିସହ ଜାନୁୟାରୀ ୧୫ରେ ଶାଖାର ନିର୍ବାଚନ ହେବ ବୋଲି ଧାର୍ଯ୍ୟ ହୋଇଥିଲା। ବୈଠକରେ ଉପ ସଭାପତି ଶୀତଳ ଚନ୍ଦ୍ର ମହାନ୍ତି, ଉପଦେଷ୍ଟା ନିମାଇଁ ଚରଣ ଦାସ, ଯୁଗ୍ମ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡ଼ନାୟକ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ମହେଶ୍ୱର ବିଶ୍ୱାଳ, ଇଂ. ନଳିନୀ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ସମ୍ମିଳନୀର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରସନ୍ନ ରଥ ଧନ୍ୟବାଦ ପ୍ରଦାନ କରିଥିଲେ।

# ପରିବେଶ ସୁରକ୍ଷାରେ ଜିଆଇଏସ୍ ଏକ ଉପଯୋଗୀ ଅସ୍ତ୍ର

ଭୁବନେଶ୍ୱର, ୪।୧୨(ବ୍ୟୁରୋ)

**ଓଡ଼ିଶା ପରିବେଶ ସମିତି ପକ୍ଷରୁ ଆଲୋଚନାଚକ୍ର**

ସାମ୍ପ୍ରତିକ ସମୟରେ ବିଶ୍ୱ ପରିବେଶରେ ଅବନତି ଘଟିଚାଲିଛି। ଜଳବାୟୁ ପରିବର୍ତ୍ତନ ବୃଦ୍ଧି ପାଉଥିବା ବେଳେ ଉଦ୍ଭିଦ ଓ ବନ୍ୟପ୍ରାଣୀମାନଙ୍କ ସଂଖ୍ୟା ହ୍ରାସ ପାଉଛି। ଭୌଗୋଳିକ ସୂଚନା ପ୍ରଣାଳୀ ବା ଜିଆଇଏସ୍ ହେଉଛି ଏପରି ଏକ ଉପକରଣ, ଯାହା ପରିବେଶର ବିଭିନ୍ନ ଦିଗ ଉପରେ ସୂଚନା ସଂଗ୍ରହ, ବିଶ୍ଳେଷଣ ଏବଂ ବିତରଣ ପାଇଁ ବ୍ୟବହୃତ ହୋଇଥାଏ। ଏହି ମହାକାଶ ଟେକ୍ନୋଲୋଜି ପରିବେଶୀୟ ପରିବର୍ତ୍ତନକୁ ନିରୀକ୍ଷଣ କରିବା ଏବଂ ପରିମାଣ ଆକଳନ କରିବାରେ ସାହାଯ୍ୟ କରିଥାଏ। ପରିବେଶ ସୁରକ୍ଷାରେ ଜିଆଇଏସ୍ ଏକ ଉପଯୋଗୀ ଅସ୍ତ୍ର। ତେଣୁ ଏହି ଟେକ୍ନୋଲୋଜିକୁ ଅଧିକରୁ ଅଧିକ ପ୍ରୟୋଗ କରାଯିବାର ଆବଶ୍ୟକତା ରହିଛି ବୋଲି ଓଡ଼ିଶା ପରିବେଶ ସମିତି (ଓଇଏସ୍) ପକ୍ଷରୁ 'ମହାକାଶରୁ ପରିବେଶ ପରିବର୍ତ୍ତନ ଉପରେ ନଜର ରଖିବା' ବିଷୟବସ୍ତୁ ସମ୍ପର୍କିତ ସେମିନାରରେ ଯୋଗଦେଇ ପରିବେଶ ବିଶେଷଜ୍ଞମାନେ ମତ ଦେଇଛନ୍ତି।

କାର୍ଯ୍ୟକ୍ରମରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଭୂବିଜ୍ଞାନ ବିଭାଗ ପ୍ରଫେସର ଡ. ସନ୍ଦୀପ ନାରାୟଣ କୁଣ୍ଡୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହାକାଶ ସମ୍ବନ୍ଧୀୟ ପ୍ରଯୁକ୍ତିବିଦ୍ୟା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ପିସିସିଏଫ ଡ. ବିଜୟ କେତନ ପଟ୍ଟନାୟକ ଅଧ୍ୟକ୍ଷତା କରି ପ୍ରକୃତି ଓ ପରିବେଶର ସୁରକ୍ଷା ଏବଂ ସଂରକ୍ଷଣ ନିମନ୍ତେ ଜିଆଇଏସ୍ ପରି ନୂତନ ପ୍ରଯୁକ୍ତିସବୁର ପ୍ରୟୋଗ ନୂତନ ସମ୍ଭାବନା ସୃଷ୍ଟି କରିଛି ବୋଲି କହିଥିଲେ। ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରି କହିଲେ, ବର୍ତ୍ତମାନ ଗ୍ରହଣ କରାଯାଉଥିବା ସଂରକ୍ଷଣ ପଦକ୍ଷେପଗୁଡ଼ିକ ଜୈବବିବିଧତା ଏବଂ ପ୍ରାକୃତିକ ଭାବେ କାର୍ଯ୍ୟରତ ପରିସଂସ୍ଥାଗୁଡ଼ିକୁ ବଜାୟ ରଖିବାରେ ପର୍ଯ୍ୟାପ୍ତ ନୁହେଁ। ଜୀବଜାତିର ବିବିଧତା ରକ୍ଷା ନିମନ୍ତେ ହେଉଥିବା ପ୍ରୟାସକୁ ତ୍ୱରାନ୍ୱିତ କରିବାରେ ଏହି ପ୍ରଯୁକ୍ତି ଏକ ଅତ୍ୟାବଶ୍ୟକ ଉପକରଣ ବୋଲି ମତ ଦେଇଥିଲେ। ଉପସଭାପତି ବନ୍ୟପ୍ରାଣୀ ବୈଜ୍ଞାନିକ ଡ. ଲାଲା ଏକେ ସିଂହ ଉପଗ୍ରହ ଆଧାରିତ ତଥ୍ୟର ଭୂପୃଷ୍ଠ ବାସ୍ତବତା ସହିତ ତୁଳନାତ୍ମକ ଅଧ୍ୟୟନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଇଂ. ବିନୋଦ ଚନ୍ଦ୍ର ପାଢ଼ୀ, ପ୍ରଫେସର ଶିବ ପ୍ରସାଦ ଅଧିକାରୀ, ଡ. ପ୍ରସନ୍ନ କୁମାର ଏବଂ ଡ. ରାକେଶ ରଞ୍ଜନ ଠାକୁର ଯୋଗଦେଇ ମତ ଉପସ୍ଥାପନ କରିଥିଲେ। ଓଡ଼ିଶା ବିଜ୍ଞାନ ଏକାଡେମୀର ପୂର୍ବତନ ସଚିବ ଡ. ରେଖା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦିବ୍ୟ ମହାକୁମ୍ଭ: ବୈଜ୍ଞାନିକ, ଇଞ୍ଜିନିୟରଙ୍କୁ ନେଇ ଆଲୋଚନା

ଭୁବନେଶ୍ୱର,୪।୧୨(ବ୍ୟୁରୋ)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଓମ୍ ନିବାସ ଭୁବନେଶ୍ୱର ତରଫରୁ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଓଡ଼ିଶାରେ ପ୍ରଥମ 'ଦିବ୍ୟ ମହାକୁମ୍ଭ'ର ରବିବାର ଥିଲା ଅଷ୍ଟମ ଦିବସ। ଏହି ଅବସରରେ ବୈଜ୍ଞାନିକ ଓ ଇଞ୍ଜିନିୟର ବର୍ଗଙ୍କ ନିମନ୍ତେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବ୍ରହ୍ମାକୁମାର ଅରୁଣ ଭାଇ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ରାଉରକେଲା ସବ୍‌ଜୋନ୍‌ର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ବିମଳା ଦିଦି, ଡବ୍ଲ୍ୟୁଏଫ୍‌ଇଓର କାର୍ଯ୍ୟକାରୀ ଉପସଭାପତି ଇଂ. ଅଶୋକ ବସା, ଆଇଏଫ୍‌ଏସ୍ ଡ. କେ. ମୁରୁଗେସାନ୍, ଇଂ. ପ୍ରଭାକର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ରାଜଯୋଗିନୀ ବ୍ରହ୍ମାକୁମାରୀ ଅସ୍ମିତା ଭଉଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଧନ୍ୟବାଦ ଦେଇଥିଲେ ବ୍ରହ୍ମାକୁମାରୀ ଗୀତା ଭଉଣୀ। ଏହା ସୋମବାର ଉଦ୍‌ଯାପିତ ହେବ।

# ୩ ଦଳ ସେମିକୁ ପ୍ରବେଶ

ବାରଙ୍ଗ,୪।୧୨(ଡି.ଏନ୍.ଏ.)

**ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଉଦ୍‌ଘାଟିତ**

ଗଣ୍ଡରପୁର ୟୁନାଇଟେଡ୍ ୟୁଥ୍ ସ୍ପୋର୍ଟ୍‌ସ କ୍ଲବ ଆନୁକୂଲ୍ୟରେ ୨୦ତମ ଆମନ୍ତ୍ରଣୀୟ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ବ୍ଲକ କଲ୍ୟାଣପୁର ପଞ୍ଚାୟତ ଗଣ୍ଡରପୁର ବିଜୁପଟ୍ଟନାୟକ ମିନିଷ୍ଟାଡିୟମରେ ପ୍ରଥମ ଦିବସରେ ଗ୍ରାମାଞ୍ଚଳରୁ ୨ଟି ଏବଂ ସହରାଞ୍ଚଳରୁ ଗୋଟିଏ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ବ୍ରାହ୍ମଣୀଗାଁ, ପ୍ରତାପ କ୍ଲବ ପ୍ରତାପନଗରୀ ଓ ମଙ୍ଗଳା କ୍ଲବ କଟକ ବିଜୟୀ ହୋଇ ସେମିକୁ ପ୍ରବେଶ କରିଛନ୍ତି। ଗ୍ରାମାଞ୍ଚଳର ପ୍ରଥମ ମ୍ୟାଚ୍‌ରେ ବ୍ରାହ୍ମଣୀଗାଁ କ୍ଲବ ଟ୍ରାଇବ୍ରେକରରେ ୫-୪ ଗୋଲରେ ଚମ୍ପାନାହାକାଣୀ କ୍ଲବ ପଦ୍ମକେଶରୀପୁରକୁ ପରାସ୍ତ କରିଛି। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ପ୍ରତାପ କ୍ଲବ ପ୍ରତାପନଗରୀ ୪-୦ ଗୋଲରେ ଗାଡ଼କଣକୁ ପରାସ୍ତ କରିଛି। ସହରାଞ୍ଚଳର ପ୍ରଥମ ମ୍ୟାଚ୍‌ରେ ପପୁଲାର କ୍ଲବ ଢେଙ୍କାନାଳକୁ ୨-୦ ଗୋଲରେ ମଙ୍ଗଳା କ୍ଲବ କଟକ ପରାସ୍ତ କରିଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦସଭ୍ୟା ବବିତା ରାଉତ, ଅନ୍ୟତମ ଅତିଥି ଭାବେ ଗଣ୍ଡରପୁର ଗ୍ରାମ ସଭାପତି ଭାସ୍କରଚନ୍ଦ୍ର ପଡିଆରୀ, ବିଜେଡି ଭୁବନେଶ୍ୱର ଜୋନ ସାଧାରଣ ସମ୍ପାଦକ ନିର୍ମଳ ରାଉତ, କ୍ଲବ ସଭାପତି ଲକ୍ଷ୍ମଣ ରାଉତ ପ୍ରମୁଖ ଯୋଗଦେଇଥିଲେ। ସୋମବାର ଗ୍ରାମାଞ୍ଚଳରୁ ପ୍ରଥମ ମ୍ୟାଚ୍ ଜୟପୁର କ୍ଲବ ଏବଂ ମେନ୍ଧପୁର କ୍ଲବ ଓ ଦ୍ୱିତୀୟ ମ୍ୟାଚ୍ ବରଦା କ୍ଲବ ଏବଂ ନରଣପୁର କ୍ଲବ ମଧ୍ୟରେ ଖେଳାଯିବ। ସେହିପରି ସହରାଞ୍ଚଳରୁ ପ୍ରଥମ ମ୍ୟାଚ୍ ମା' ଭୂଆଶୁଣି କ୍ଲବ ବିଡ଼ାନାସୀ ଏବଂ ରାମଧୁନ କ୍ଲବ ସୋନପୁର ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବ ସମ୍ପାଦକ ମାନସରଞ୍ଜନ ପଡିଆରୀ କହିଛନ୍ତି।

# ୩ ବ୍ୟକ୍ତିତ୍ୱଙ୍କୁ ମିଳିବ ଶ୍ରୀଜଗନ୍ନାଥ ଚେତନା ସମ୍ମାନ

ପୁରୀ ଅଫିସ, ୪।୧୨:

ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ଆସନ୍ତା ୧୦ ତାରିଖରେ ପାଳନ ହେବ। ଏଥିରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଏବଂ ଗଜପତି ମହାରାଜା ଦିବ୍ୟସିଂହ ଦେବ ଉଦ୍‌ଘାଟକ ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ବିଶିଷ୍ଟ ସାମାଜିକ କର୍ମୀ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ପ୍ରତିଭା ସମ୍ମାନ, ଲେଖକ ଓ ଗବେଷକ ଡ. ଭାସ୍କର ମିଶ୍ରଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ଗବେଷକ ସମ୍ମାନ, ଜଗନ୍ନାଥ ଚେତନା ପ୍ରଚାରକ ଶଙ୍କର୍ଷଣ ମଙ୍ଗରାଜଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ପ୍ରଚାରକ ସମ୍ମାନ ପ୍ରଦାନ କରାଯିବ। ସେହିପରି ଶ୍ରୀଜଗନ୍ନାଥ ମନ୍ଦିର, ଧର୍ମଗଡ଼, କଳାହାଣ୍ଡି ଏବଂ ଶ୍ରୀଜଗନ୍ନାଥ ମନ୍ଦିର କୋଏମ୍ବାଟୁର, ତାମିଲନାଡୁଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ସଙ୍ଗଠକ ସମ୍ମାନ ପ୍ରଦାନ କରାଯିବ। ଏହି ଅବସରରେ ଶ୍ରୀଜଗନ୍ନାଥଙ୍କର ପାଞ୍ଚ ଜଣ ସେବକ ଓ ସେବକ ପରିବାରର ସଦସ୍ୟଙ୍କୁ ଚିକିତ୍ସା ସହାୟତା ପ୍ରଦାନ କରାଯିବ।



ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨ର ଉଦ୍‌ଯାପନୀ ସନ୍ଧ୍ୟାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି ।

# ଜଳବାୟୁ ପରିବର୍ତ୍ତନ ବଡ଼ ଚାଲେଞ୍ଜ

ଭୁବନେଶ୍ୱର,୪।୧୨(ବ୍ୟୁରୋ)

ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେଶନର ୧୫ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଏକ ଜାତୀୟ କର୍ମଶାଳା ସ୍ଥାନୀୟ ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରଶାସକ ଦିଲୀପ ରାଉତରାୟ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ବଡ଼ ଚାଲେଞ୍ଜ ହୋଇଥିବାବେଳେ ଏହାର ଆହ୍ୱାନ ଓ ସମ୍ଭାବନା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ପରିବେଶ ସମିତି ସମ୍ପାଦକ ପ୍ରଫେସର ଜୟକୃଷ୍ଣ ପାଣିଗ୍ରାହୀ ଓ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ୱାଟର ମ୍ୟାନେଜମେଣ୍ଟର ପ୍ରମୁଖ ବୈଜ୍ଞାନିକ ଡ. ପ୍ରମୋଦ କୁମାର ପଣ୍ଡା ଯୋଗଦେଇ ଜଳବାୟୁ ପରିବର୍ତ୍ତନର ପୃଷ୍ଠଭୂମି, ପ୍ରଭାବ ଓ ତିକ୍ତତା ହ୍ରାସ ସମ୍ପର୍କରେ ମତ ରଖିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷ ପ୍ରକୃତିବନ୍ଧୁ ଡ. ବିପିନ ବିହାରୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଲାୟନ ବିପିନ ବିହାରୀ ନାୟକ, ଟ୍ରଷ୍ଟି ପ୍ରଶାସକ ଅକ୍ଷୟ କୁମାର ପାଣି, ସାଧାରଣ ସମ୍ପାଦିକା ଡ. ସୁକାନ୍ତି ମିଶ୍ର ଓ ସାମ୍ବାଦିକ ସନତ ମିଶ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପରିବେଶକୁ ସୁରକ୍ଷା ଦେବା ସହ ଆମ ସଂସ୍କୃତିକୁ ମଧ୍ୟ ସମ୍ମାନ ଦେବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ର ଅବଦାନ ଲାଗି ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ 'ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେଶନ ସମ୍ମାନ-୨୦୨୨' ପ୍ରଦାନ କରାଯାଇଥିଲା। ଜୀବନବ୍ୟାପୀ ସାଧନା ନିମନ୍ତେ ସୁରେଶ କୁମାର ଚୌଧୁରୀଙ୍କୁ ସମ୍ମାନିତ କରାଯାଇଥିଲା। କବି ରକ୍ଷକ ନାୟକ ଓ ଅନ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ଭାରତୀୟ ନୌସେନା ଦିବସ ଉପଲକ୍ଷେ ନୌସୈନିକଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଦିବ୍ୟାଙ୍ଗଙ୍କୁ ହ୍ୱିଲ୍ ଚେୟାର ଓ କାନଯନ୍ତ୍ର ପ୍ରଦାନ କରାଯାଇଥିଲା। ଅତିଥିମାନେ ସ୍ମୃତି ସ୍ମାରଣିକା ଉନ୍ମୋଚନ କରିଥିଲେ। ଗୋଲକ ବିହାରୀ ସିଂହ, ରବୀନ୍ଦ୍ରନାଥ ରାଉତରାୟ, ବାଳକୃଷ୍ଣ ରାଉତ, ମିଳନ କୁମାର ପ୍ରଧାନ, ଚକ୍ରଧର ଦାସ, ପ୍ରିୟଦର୍ଶନ ମହାପାତ୍ର, ଦିବ୍ୟଜ୍ୟୋତି ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚନ୍ଦ୍ର ବିଜୟୀ ମିଶ୍ର ସଂଯୋଜନା ଓ ଡ. ଶିବପ୍ରସାଦ ବେହେରା ଧନ୍ୟବାଦ ଦେଇଥିଲେ।

**'ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେଶନ ସମ୍ମାନ'**



କାର୍ଯ୍ୟକ୍ରମରେ ଅତିଥିମାନେ କବି ରକ୍ଷକ ନାୟକଙ୍କୁ ସମ୍ମାନିତ କରୁଛନ୍ତି ।

# ଧବଳେଶ୍ୱରଙ୍କ ଦର୍ଶନ ପାଇଁ ହେବ ଅସ୍ଥାୟୀ ରାସ୍ତା

- ୯ରେ ଖୋଲାଯିବ ଟେଣ୍ଡର ଫାଇଲ
- ୨୦୨୩ ମାର୍ଚ୍ଚ ସୁଦ୍ଧା ପୋଲ କାମ ସାରିବାକୁ ନିର୍ଦ୍ଦେଶ

ଖୁଣ୍ଟୁଣୀ, ୪।୧୨(ଡି.ଏନ.ଏ.)

କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱରଙ୍କ ଦର୍ଶନ ପାଇଁ ଭକ୍ତଙ୍କୁ ବାରଣ କରାଯାଇଛି। ଧବଳେଶ୍ୱର ପୀଠକୁ ସଂଯୋଗ ହୋଇଥିବା ଝୁଲାପୋଲକୁ ବନ୍ଦ କରାଯାଇଥିବାରୁ ଭକ୍ତମାନେ ଦର୍ଶନରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ଅସନ୍ତୋଷ ଜୋର୍ ଧରିଛି। ତେବେ ଭକ୍ତମାନେ କିଭଳି ଠାକୁରଙ୍କୁ ଦର୍ଶନ କରିପାରିବେ ସେଥିପାଇଁ କଟକ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏ ନେଇ ଧବଳେଶ୍ୱର ପୀଠରେ ରବିବାର ମଧ୍ୟାହ୍ନରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଧବଳେଶ୍ୱରଙ୍କ ଦର୍ଶନ ପାଇଁ ମହାନଦୀରେ କଂକ୍ରିଟ୍ ପୋଲ ନିର୍ମାଣ କରାଯାଉଛି। ଏହି କାମ ଆସନ୍ତା ବର୍ଷ ଶେଷ ହେବ। ତେବେ ଏହା ପୂର୍ବରୁ ପୋଲ ନିକଟ ନଦୀଶଯ୍ୟାରେ ବାଲିବସ୍ତା ପକାଯାଇ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯିବ। ଏଥିପାଇଁ ସହମତି ଭିତ୍ତିରେ ନିଷ୍ପତ୍ତି ହୋଇ ରବିବାରଠାରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ୯ ତାରିଖରେ ସର୍ବସାଧାରଣରେ ଟେଣ୍ଡର ଫାଇଲ ଖୋଲାଯିବ ବୋଲି ଆଠଗଡ଼ ତହସିଲଦାର ପ୍ରିୟବ୍ରତ ଦାସ କହିଛନ୍ତି। ଏଥିସହିତ କଂକ୍ରିଟ ପୋଲ ନିର୍ମାଣ କାମ ଆସନ୍ତା ଫେବୃୟାରୀ ମଧ୍ୟରେ ସାରିବାକୁ କେନ୍ଦ୍ରାଞ୍ଚଳ ଆର୍‌ଡିସି ସୁରେଶ ଚନ୍ଦ୍ର ଦଳାଇ ସମ୍ପୃକ୍ତ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏହି କାମକୁ ଆଉ ଗୋଟିଏ ମାସ ଅର୍ଥାତ୍ ମାର୍ଚ୍ଚ ମଧ୍ୟରେ ଶେଷ କରିବାକୁ ଠିକାଦାର ସମୟ ମାଗିଥିଲେ। ଫଳରେ ମାର୍ଚ୍ଚ ଶେଷ ସୁଦ୍ଧା ନିର୍ମାଣ କାମ ସରିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ଗ୍ରାମ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ



ପୋଲ ନିର୍ମାଣ ଓ ଅସ୍ଥାୟୀ ରାସ୍ତା କାମ ତ୍ୱରାନ୍ୱିତ ପାଇଁ ପ୍ରଶାସନିକ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

ପ୍ରଦୀପ ମହାପାତ୍ର, ସୁପରିଣ୍ଟେଣ୍ଡେଣ୍ଟ ସୋମନାଥ ପରିଡା, ଆର୍‌ଆଣ୍ଡ୍‌ବିର ପ୍ରଦୀପ ମହାନ୍ତି, ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ତହସିଲଦାର ପ୍ରିୟବ୍ରତ ଦାସ, ଚୌଦ୍ୱାର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ଗୁରୁଡିଝାଟିଆ ଥାନା ଅଧିକାରୀ ରଞ୍ଜନ କୁମାର ପ୍ରଧାନ, ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା, ମଞ୍ଚେଶ୍ୱର ସରପଞ୍ଚଙ୍କ ପ୍ରତିନିଧି ପ୍ରିୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୋଲ ନିର୍ମାଣ ଓ ଅସ୍ଥାୟୀ ରାସ୍ତା କାମ ତ୍ୱରାନ୍ୱିତ ପାଇଁ ଜିଲାପାଳ ଚୟନୀ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିଥିଲେ।

ସୂଚନାଯୋଗ୍ୟ, ଗୁଜରାଟର ମୋରବିରେ ଝୁଲାପୋଲ ଦୁର୍ଘଟଣାରେ ଶତାଧିକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଘଟଣାର ୨୪ ଘଣ୍ଟା ନ ପୂରୁଣୁ ଆଠଗଡ ବ୍ଲକ ମଞ୍ଚେଶ୍ୱରଠାରେ ମହାନଦୀ ଉପରେ ନିର୍ମିତ ଧବଳେଶ୍ୱର ଝୁଲାପୋଲକୁ ସର୍ବସାଧାରଣଙ୍କ ଯାତାୟାତ ନିମନ୍ତେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ଘୋଷଣା କରାଯାଇଛି। ଝୁଲାପୋଲରେ ଫାଟ ସୃଷ୍ଟି ହେବା ସହ ବିମ୍‌ରେ କଳଙ୍କି ଲାଗି କଣା ହୋଇଯାଇଥିବାରୁ ମରାମତିର ଆବଶ୍ୟକ ରହିଛି। ଗତ ନଭେମ୍ବର ୧ରୁ ଭକ୍ତଙ୍କ ଯାତାୟାତ ବନ୍ଦ କରାଯିବା ସହ ପୀଠ ନିକଟରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ୧୪୪ ଧାରା ଜାରି କରାଯାଇଛି। ଫଳରେ ଭକ୍ତମାନେ ଠାକୁରଙ୍କ ଦର୍ଶନରୁ ବଞ୍ଚିତ ହୋଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

## ସଂକ୍ଷେପରେ

### ଟ୍ରକ୍‌ରେ ପିଟିହେଲା ବାଇକ୍, ଚାଳକ ମୃତ

ମଙ୍ଗୁଳି/ଜଗତପୁର,୪।୧୨(ଡି.ଏନ୍.ଏ.)- ଜଗତପୁର ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ବିରୂପା ବ୍ରିଜ୍ ନିକଟରେ ରବିବାର ଅପରାହ୍ନରେ ଏକ ଟ୍ରକ(ନଂ. ଓଡ଼ି୦୬ଏ-୦୩୭୩) ପଛରେ ଭାରସାମ୍ୟ ହରାଇ ବାଇକ୍ (ନଂ.ଓଡ଼ି୨୨ଟି-୬୦୧୩) ପିଟି ହୋଇଯାଇଛି। ଏଥିରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ପଛରେ ବସିଥିବା ଅନ୍ୟଜଣେ ଗୁରୁତର ହୋଇଛନ୍ତି। ଉଭୟଙ୍କ ପରିଚୟ ମିଳିପାରି ନ ଥିବାବେଳେ ଘର ଭଦ୍ରକ ଅଞ୍ଚଳରେ ବୋଲି ଜଣାପଡିଛି। ମୃତକ ଓ ଆହତ ଏକ ବାଇକ୍‌ରେ ଭଦ୍ରକରୁ କଟକ ଅଭିମୁଖେ ଯାଉଥିବାବେଳେ ଅସାବଧାନତାବଶତଃ ଉକ୍ତ ଟ୍ରକ୍‌ରେ ପିଟି ହୋଇଯାଇଥିଲେ। ଫଳରେ ଚାଳକ ଟ୍ରକ ପଛରେ ଚାପି ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବାଇକ୍ ପଛରେ ବସିଥିବା ଅନ୍ୟଜଣେ ଛିଟିକି ତଳେ ପଡିଯାଇଥିଲେ। ଜଗତପୁର ପୋଲିସ ଆହତଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ସେହିପରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟି ଜବତ କରି ତଦନ୍ତ ଚଳାଇଛି।

### କାର୍-ସ୍କୁଟି ମୁହାଁମୁହିଁ ଧକ୍କା, ୨ ଗୁରୁତର

ଖୁଣ୍ଟୁଣୀ, ୪।୧୨(ଡି.ଏନ୍.ଏ.)- ଖୁଣ୍ଟୁଣୀ ଥାନା ଅଧୀନ ଆଇଟିଆଇ କଲେଜ ସମ୍ମୁଖ ୫୫ନଂ. ଜାତୀୟ ରାଜପଥରେ ରବିବାର ଅପରାହ୍ନରେ କାର୍-ସ୍କୁଟି ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ସ୍କୁଟିରେ ବସିଥିବା କପୁରସିଂ ଗ୍ରାମର ପୀତବାସ ବେହେରା ଓ ତ୍ରିଲୋଚନ ବେହେରା ଗୁରୁତର ହୋଇଛନ୍ତି। ଚିକିତ୍ସା ଲାଗି ସେମାନଙ୍କୁ କଟକର ଏକ ଘରୋଇ ହସ୍ପିଟାଲକୁ ପଠାଯାଇଛି। କାରଟି କଟକ ପଟୁ ଆସୁଥିବାବେଳେ ବିପରୀତ ଦିଗରୁ ଯାଉଥିବା ସ୍କୁଟି ସହିତ ଧକ୍କା ହୋଇଥିଲା। ପରେ ଉକ୍ତ କାର୍ ଭାରସାମ୍ୟ ହରାଇ ଅନ୍ୟଏକ କାରକୁ ଧକ୍କା ଦେଇ ରାସ୍ତାପାର୍ଶ୍ୱକୁ ଓଲଟି ପଡିଥିଲା। ଏଥିରେ ଚାଳକ ସାମାନ୍ୟ ଆହତ ହୋଇଥିଲେ। ପୋଲିସ ପହଞ୍ଚି ସ୍କୁଟି ଓ କାର୍ ଦୁଇଟି ଜବତ କରି ତଦନ୍ତ ଚଳାଇଛି।

### 'ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯାଉ'

ଖୁଣ୍ଟୁଣୀ, ୪।୧୨(ଡି.ଏନ୍.ଏ.)- ଖୁଣ୍ଟୁଣୀ ଥାନା ଅଧୀନ ବାଲୀସ୍ଥିତ ଶ୍ରୀଶ୍ରୀ ଧବଳେଶ୍ୱର ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଦିଲୀପ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଏନ୍‌ଏସ୍‌ଏସ୍ ଅଧିକାରୀ ତଥା ଅଧ୍ୟାପକ ରଶ୍ମିରଞ୍ଜନ ମହାପାତ୍ର ଓ ଅଧ୍ୟାପକ ମଳୟ କୁମାର ମିଶ୍ର ଯୋଗଦେଇ ଦିବ୍ୟାଙ୍ଗମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ର ନରୋତ୍ତମ ପଣ୍ଡା ଧନ୍ୟବାଦ ଦେଇଥିଲେ।

## 'ଜୀବନରେ ଶାନ୍ତି ପାଇଁ ଆଧ୍ୟାତ୍ମିକତା ସର୍ବୋତ୍ତମ ମାର୍ଗ'

କଟକ ଅଫିସ, ୪।୧୨

ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ ସମର୍ପିତ ଅନୁଷ୍ଠାନ ହୋପ୍ ଏଜ୍ ପକ୍ଷରୁ ସିଡିଏ ସେକ୍ଟର-୬ସ୍ଥିତ ଆଶ୍ରୟ ଦି ସେଲ୍‌ଟର ପରିସରରେ ଏକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ଦାଶ ଯୋଗଦେଇ କହିଥିଲେ, ଜୀବନରେ ସୁଖ ଓ ଶାନ୍ତି ନିମନ୍ତେ ଆଧ୍ୟାତ୍ମିକତା ହିଁ ସର୍ବୋତ୍ତମ ମାର୍ଗ। ବିପଦ ସମୟରେ ସାହସ ଓ ଧୈର୍ଯ୍ୟ ହରାଇବା ଉଚିତ ନୁହେଁ। ପରମେଶ୍ୱରଙ୍କ ଉପରେ ଦୃଢ ଆସ୍ଥା ପ୍ରକଟ କରିବା ସହିତ ମନ୍ତ୍ର ଉଚ୍ଚାରଣ ଓ ନିଷ୍ଠାର ସହ ଜପ କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ଅନ୍ୟତମ ବକ୍ତା ଡ. ପ୍ରସନ୍ନ କୁମାର ନାୟକ ଯୋଗଦେଇ ଏଡ୍‌ସ ରୋଗ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅନୁଷ୍ଠାନର ସଭାପତି କିଶୋର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଟ୍ରଷ୍ଟି ଡ. ସତ୍ୟ ରାୟ, ସମ୍ପାଦକ ରଣଜିତ୍ ସାହୁ, ବିଜୟ କୁମାର ପୃଷ୍ଟି, ଇଂ. କୃଷ୍ଣ କୁମାର ଦାସବର୍ମା, ଡ. ଜି.ବି. ସାହୁ, ପ୍ରମିଳା ଦାସବର୍ମା ପ୍ରମୁଖ ଉପସ୍ଥିତ ଥିଲେ।





କଟକ ନେତାଜୀ ସେତୁପାର୍ଶ୍ୱ ବେଲ୍‌ଭ୍ୟୁ ପାର୍କ ପରିସରରେ କମିଶନରେଟ୍ ପୋଲିସ ପକ୍ଷରୁ ରବିବାର ଅନୁଷ୍ଠିତ ଓଡ଼ିଶା ପୋଲିସର ବ୍ୟାଣ୍ଡ ଶୋ'।

## 'ସାଂସ୍କୃତିକ କାର୍ଯ୍ୟକ୍ରମରେ ସମୃଦ୍ଧ ହୋଇଥାଏ ସଂସ୍କୃତି'

କଟକ ଅଫିସ, ୪।୧୨

**ୱିଣ୍ଟର ଫେଷ୍ଟିଭାଲ**

ଅଭୀପ୍‌ସା ଅନୁଷ୍ଠାନ ପକ୍ଷରୁ ୱିଣ୍ଟର ଫେଷ୍ଟିଭାଲ କଟକ ଗାନ୍ଧୀଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଚିତ୍ରଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର ଉଦ୍‌ଘାଟନ କରି ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପରମ୍ପରା ଓ ସଂସ୍କୃତି ସମୃଦ୍ଧି ହୋଇଥାଏ ବୋଲି କହିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସଂଗ୍ରାମ କେଶରୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୁରୁ ଜ୍ୟୋତିରଞ୍ଜନ ଦାସ, ପୁଷ୍ପା ପଣ୍ଡା, ମନୀଷା ରାୟ, ସୁଲତା ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ହର୍ଷିତା ଦାସ, ରିତିକା ଦଳେଇ, ଶାଶ୍ୱତୀ ସାହୁ, ଦେବଦିତ୍ୟ ଦାସ, ହରପ୍ରିତ ଦାସ ପ୍ରମୁଖ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ଏଥିରେ ଡା. ଦୀନବନ୍ଧୁ ମହାରଣା, ଚିତ୍ରଶିଳ୍ପୀ ସବିତା ମଞ୍ଜରୀ ଦାଶ, ନୃତ୍ୟଗୁରୁ ମାନଭଞ୍ଜନ ଜେନା, ରାଜେଶ କୁମାର, ଗୁରୁ ସନ୍ତୋଷ କୁମାର ଓ ଯୋଗଗୁରୁ ସାଗରିକା ଜେନା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିସହ ରିତିକା ଦଳାଇଙ୍କୁ ଲିଟିଲ ମିସ୍ ଏବଂ ପ୍ରଭୁପାଦ ଦାସଙ୍କୁ ଅଭୀପ୍‌ସା ଲିଟିଲ ମାଷ୍ଟର-୨୦୨୨ ଟାଇଟଲ ପ୍ରଦାନ କରାଯାଇଥିଲା।

## ଓଡ଼ିଶୀ ନୃତ୍ୟ ପାଠ୍ୟକ୍ରମ ପ୍ରସ୍ତୁତ କରିଥିଲେ ଗୁରୁ ଦୟାନିଧି



କଟକ କଳାବିକାଶ କେନ୍ଦ୍ରରେ ରବିବାର ଅନୁଷ୍ଠିତ ପ୍ରାମାଣିକ ଚଳଚ୍ଚିତ୍ର ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥିମାନେ।

କଟକ ଅଫିସ,୪।୧୨

**କଳାବିକାଶ କେନ୍ଦ୍ରରେ ପ୍ରାମାଣିକ ଚଳଚ୍ଚିତ୍ର ଉନ୍ମୋଚିତ**

ଓଡ଼ିଶୀ ନୃତ୍ୟକୁ ଆନୁଷ୍ଠାନିକ ଭାବେ ଶିକ୍ଷାଦେବା ପାଇଁ ଗୁରୁ ଦୟାନିଧି ଦାସ ହିଁ କଳାବିକାଶ କେନ୍ଦ୍ର ଜରିଆରେ ପ୍ରଥମ ପାଠ୍ୟକ୍ରମ ପ୍ରସ୍ତୁତ କରିଥିଲେ। ଓଡ଼ିଶୀ ନୃତ୍ୟର ପ୍ରଚାର, ପ୍ରସାର କ୍ଷେତ୍ରରେ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ। ହେଲେ ସେ ଯେତିକି ସ୍ୱୀକୃତି ଓ ସମ୍ମାନ ପାଇବା କଥା ତାହା ହୋଇପାରିନାହିଁ। ତାଙ୍କର ଅକାଳ ବିୟୋଗ ପରେ ସମସ୍ତେ ତାଙ୍କୁ ଭୁଲି ଯାଇଛନ୍ତି। କଳାବିକାଶ କେନ୍ଦ୍ରଠାରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ଗୁରୁ ଦୟାନିଧିଙ୍କ ଜୀବନ ସମ୍ପର୍କିତ ପ୍ରାମାଣିକ ଚଳଚ୍ଚିତ୍ର ଉନ୍ମୋଚନ ଉତ୍ସବରେ ଅତିଥି ଭାବେ କଳାବିକାଶ କେନ୍ଦ୍ରର ଟ୍ରଷ୍ଟି ରାଜୁ କ୍ୟାଲ ଯୋଗ ଦେଇ ଏହି ମତବ୍ୟକ୍ତ କରିଛନ୍ତି। ସେ ଆହୁରି କହିଛନ୍ତି, ଅବୈତନିକ ଶିକ୍ଷକ ଭାବେ ଦୟାନିଧି ପ୍ରଥମେ କଳାବିକାଶ କେନ୍ଦ୍ରରେ ନାଚ ଶିଖାଇବା ଆରମ୍ଭ କରିଥିଲେ। ଓଡ଼ିଶୀ ନୃତ୍ୟର ପାଠ୍ୟକ୍ରମ ପ୍ରସ୍ତୁତ କରିବା ସହ ନାମକରଣ ଦେବା ଆଦି କାର୍ଯ୍ୟରେ ନୀଳମାଧବ ବୋଷ ଓ କାଳୀଚରଣ ପଟ୍ଟନାୟକ ତାଙ୍କୁ ସହଯୋଗ କରିଥିଲେ। କଳାବିକାଶ କେନ୍ଦ୍ର ନିମନ୍ତେ ଜମି ଅଧିଗ୍ରହଣ, ଘର ତିଆରି, ପିଲାଙ୍କୁ ନେବାଆଣିବା, ଲୋକଙ୍କଠାରୁ ଅର୍ଥ ସଂଗ୍ରହ ଆଦି କାର୍ଯ୍ୟ ସକ୍ରିୟ ଭାବେ କରୁଥିଲେ। ଅନ୍ୟତମ ଅତିଥି କଳାବିକାଶ କେନ୍ଦ୍ରର ଟ୍ରଷ୍ଟି ରବୀନ୍ଦ୍ର ନାଥ ମହାନ୍ତି କହିଥିଲେ, କଳାବିକାଶ କେନ୍ଦ୍ରରେ ଦୟାନିଧି ବାବୁଙ୍କ ଏ ପ୍ରାମାଣିକ ଚଳଚ୍ଚିତ୍ର ଉନ୍ମୋଚନ ହେବା ଗୌରବର ବିଷୟ। ଏହି କାର୍ଯ୍ୟକ୍ରମରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଓଡ଼ିଶୀ ନୃତ୍ୟଗୁରୁ କସ୍ତୁରୀ ବଡୁ, ପ୍ରିୟମ୍ବଦା ମହାନ୍ତି ହେଜମାଦି, ଇନ୍ଦିରା ମିଶ୍ର, ରାଜଲକ୍ଷ୍ମୀ ରଥ, କୃଷ୍ଣଚନ୍ଦ୍ର ରାଉତ, ରାଜକିଶୋର ଖଟୁଆ, ଗୋପାଳ ଚନ୍ଦ୍ର ପଣ୍ଡା, ପ୍ରେମାନନ୍ଦ ରାୟ, ପ୍ରଦୀପ୍ତ ପଟ୍ଟନାୟକ, ଡ. ଶୈଳେଶ୍ୱର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ସରକାର ତାଙ୍କୁ ମରଣୋତ୍ତର ଭାବେ ଉପଯୁକ୍ତ ମର୍ଯ୍ୟାଦା ଦେବା ଉଚିତ ବୋଲି ସେମାନେ ମତ ଦେଇଥିଲେ। ଗୁରୁ ଦୟାନିଧି ସ୍ମୃତି କଳା ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସମ୍ପାଦିକା ଡ. ବିଜୟଲକ୍ଷ୍ମୀ ଦାସ ପରିଚାଳନା କରିଥିଲେ।

## ୧୧ରେ ରେଭେନ୍‌ଶା ନୂତନ ଛାତ୍ରାବାସର ହୀରକ ଜୟନ୍ତୀ ସମାରୋହ

କଟକ ଅଫିସ,୪।୧୨

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନୂତନ ଛାତ୍ରାବାସର ହୀରକ ଜୟନ୍ତୀ ସମାରୋହ ଆଗାମୀ ୧୧ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ରେଭେନ୍‌ଶା ଛାତ୍ରାବାସର ପୁରାତନ ଛାତ୍ରସଂଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଛାତ୍ରାବାସ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରସଂଘ ସଭାପତି ଅରବିନ୍ଦ ବେହେରା ଓ କର୍ମକର୍ତ୍ତାମାନେ ହୀରକ ଜୟନ୍ତୀ ପାଳନର ରୂପରେଖ ସମ୍ପର୍କରେ ଆଲୋଚନା କରି ବିଭିନ୍ନ ପ୍ରସ୍ତାବ ପାରିତ କରିଛନ୍ତି। ଏହି ଉତ୍ସବ ନୂତନ ଛାତ୍ରାବାସ ସମ୍ମୁଖ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ। ଭାଷାତତ୍ତ୍ୱବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ପଦ୍ମଶ୍ରୀ ପ୍ରିୟମ୍ବଦା ମହାନ୍ତି ହେଜମାଦୀ ଏବଂ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଦେଶବିଦେଶରେ ଉଚ୍ଚପଦରେ ଅବସ୍ଥାପିତ ବହୁ ପୁରାତନ ଅନ୍ତେବାସୀଙ୍କୁ ନିମନ୍ତ୍ରଣ କରାଯିବ। ଉକ୍ତଦିନ କାର୍ଯ୍ୟକ୍ରମ ସକାଳ ସାଢେ ୮ଟାରୁ ରାତି ସାଢେ ୯ଟା ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଅଧିବେଶନରେ ଛାତ୍ରସଂଘର ହୀରକ ଜୟନ୍ତୀ ସ୍ମରଣିକା ଓ ନୂତନ ଛାତ୍ରାବାସ ମୁଖପତ୍ର ପୂରବୀ ଉନ୍ମୋଚିତ ହେବ। ଆନ୍ତଃ ଛାତ୍ରାବାସସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଦ୍ୱିତୀୟ ଅଧିବେଶନରେ ପୁରାତନ ଛାତ୍ରମାନେ ନିଜର ଅନୁଭୂତି ସମ୍ପର୍କରେ କହିବେ। ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଏହି କାର୍ଯ୍ୟକ୍ରମରେ ଛାତ୍ରାବାସର ସମସ୍ତ ପୁରାତନ ଛାତ୍ର ଯୋଗଦେବା ପାଇଁ ନିବେଦନ କରାଯାଇଛି। ଉକ୍ତ ବୈଠକରେ ଛାତ୍ରସଂଘର କାର୍ଯ୍ୟକାରୀ ସଭାପତି ଅଜୟ ମହାନ୍ତି, କଲ୍ୟାଣ ମହାନ୍ତି, ଜଗଦୀଶ ମିଶ୍ର, ବିଧୁଭୂଷଣ ମହାନ୍ତି, ନିରୋଦ ଦାସ, ଉପସଭାପତି ସିଦ୍ଧାର୍ଥ ମହାପାତ୍ର, ସାଧାରଣ ସମ୍ପାଦକ ଡ. ଜ୍ଞାନରଞ୍ଜନ ପଣ୍ଡା, କୋଷାଧ୍ୟକ୍ଷ ନିଗମାନନ୍ଦ ବଳ, ଦୀପକ ମହନ୍ତ, ବିଭୁଦତ୍ତ ବେହେରା, ଦିବ୍ୟଜିତ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ, ବଡ଼ମ୍ବା କ୍ଲବ ଚାମ୍ପିୟନ

ଚୌଦ୍ୱାର, ୪।୧୨(ଡି.ଏନ୍.ଏ.)

ଚୌଦ୍ୱାର ଓଟିଏମ୍ କଲୋନୀସ୍ଥିତ ଗୋପବନ୍ଧୁ ହାଇସ୍କୁଲ ପଡିଆରେ ଗତ ୨୭ ତାରିଖରୁ ଆରମ୍ଭ ହୋଇଥିବା ଚୌଦ୍ୱାର କପ୍ କର୍କ ବଲ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଆମ୍ବିସନ୍ କ୍ରିକେଟ କ୍ଲବ୍ ଓ ବଡ଼ମ୍ବା କ୍ରିକେଟ କ୍ଲବ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଏଥିରେ ବଡ଼ମ୍ବା କ୍ଲବ୍ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ୍ ଓ ରନର୍ସ ଅପ୍ ଟିମ୍‌କୁ କପ୍ ପ୍ରଦାନ କରିଥିଲେ। ବିଶ୍ୱଜିତ୍ ଭଞ୍ଜ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ମନୋଜ ମହାନ୍ତି, ଅର୍ଜ୍ଜୁନ ପଣ୍ଡା, ଉତ୍କଳ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରତିଷ୍ଠାତା ଗଣେଶ ପ୍ରସାଦ ବେହେରା, ଅଭୟ ସ୍ୱାଇଁ, ଟୁଲୁ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲବ ସଭାପତି ଅମିତ୍ କୁମାର ବେଉରା, ଅବିନାଶ ଗଡ଼ନାୟକଙ୍କ ସମେତ କ୍ଲବ୍‌ର ସମସ୍ତ ସଦସ୍ୟ କ୍ରୀଡା ପରିଚାଳନା କରିଥିଲେ।

## 'ଭଗବଦ୍ ଗୀତା ହିନ୍ଦୁଧର୍ମର ସର୍ବଶ୍ରେଷ୍ଠ ଗ୍ରନ୍ଥ'



ସମ୍ବର୍ଦ୍ଧନା ଉତ୍ସବରେ ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କ ସହ ଅନ୍ୟ ଅତିଥିମାନେ।

କଟକ ଅଫିସ, ୪।୧୨

**ଦେବାଳୟ ବିମୋଚନ ଟ୍ରଷ୍ଟର ସମ୍ବର୍ଦ୍ଧନା ଉତ୍ସବ**

ହିନ୍ଦୁଧର୍ମରେ ସର୍ବଶ୍ରେଷ୍ଠ ଗ୍ରନ୍ଥ ହେଉଛି ଶ୍ରୀମଦ୍ ଭଗବଦ୍ ଗୀତା। ଗୀତା ମାନବ ଜାତିକୁ ସମାଜରେ ଚଳଣି ଓ ସମସ୍ୟାର ସମାଧାନ ପାଇଁ ମାର୍ଗଦର୍ଶନ କରିଥାଏ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ କହିଛନ୍ତି। ଆଧ୍ୟାତ୍ମିକ ଅନୁଷ୍ଠାନ ଦେବାଳୟ ବିମୋଚନ (ଉତ୍ତ୍ରଦେଶ) ଟ୍ରଷ୍ଟ ପକ୍ଷରୁ କଟକ ଶତାବ୍ଦୀ ଭବନରେ ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଷଡଙ୍ଗୀ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ଟ୍ରଷ୍ଟର ରାଜ୍ୟ ସଭାପତି ପ୍ରଦୀପ୍ତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଅନ୍ତର୍ଜାତୀୟ କଥାବ୍ୟାସ ସ୍ୱାମୀ ମୁକୁନ୍ଦକୃଷ୍ଣ ଦାସ ମହାରାଜ, ସମ୍ମାନିତ ଅତିଥି ଭାବେ ଡ. ପବିତ୍ର ମୋହନ ସାମନ୍ତରାୟ, ବାବାଜୀ ବିଶ୍ୱନାଥ ଦାସ ମହାରାଜ, ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ବକ୍ତବ୍ୟ ପ୍ରଦାନ କରିଥିଲେ । ଶ୍ରୀମଦ୍ ଭଗବଦ୍ ଗୀତା ପରୀକ୍ଷାରେ ଅବିଭକ୍ତ କଟକ ଜିଲାର ୭୭ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ ଉତ୍ସବରେ ପଣ୍ଡିତ ପ୍ରଶାନ୍ତ ଶତପଥୀ ବେଦ ପାଠ, ସାଗରିକା ସାହୁ ଭଗବଦ୍ ଗୀତା ପାଠ, ପଣ୍ଡିତ ପ୍ରମୋଦ କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ଆଇନଜୀବୀ ଅରବିନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ବଢୁଛି ବେଆଇନ ନିଶା କାରବାର

କଟକ ଅଫିସ,୪।୧୨

କଟକ ଜିଲାରେ ବେଆଇନ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ଜିଲା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ମାଦକ ଦ୍ରବ୍ୟ ଜବତ କରାଯାଉଥିଲେ ମଧ୍ୟ ଏହି ବେଆଇନ କାରବାରକୁ ରୋକାଯାଇପାରୁନାହିଁ। ଗତ ଶନିବାର ଓ ରବିବାର ଦୁଇ ଦିନରେ ୮ଟି ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ବେଆଇନ ନିଶାଦ୍ରବ୍ୟ ଜବତ କରାଯାଇଛି। ଏନେଇ ୮ଟି ମାମଲା ରୁଜୁ କରାଯିବା ସହ ମୋଟ ୩୨,୮୨,୦୦୦ ଟଙ୍କାର ସାମଗ୍ରୀ ଜବତ କରାଯାଇଛି। ଏହି ଘଟଣାରେ ୮ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରାଯାଇଛି।

କଟକ ଜିଲା ଅବକାରୀ ଏସ୍‌ପି ଦେବାଶିଷ ପଟେଲଙ୍କ ସୂଚନା ଅନୁଯାୟୀ, ଏହି ଦୁଇ ଦିନରେ ତ୍ରିଶୁଳିଆ ଛକ, ବୈଦେଶ୍ୱର ଛକ, ଓଏମ୍‌ପି ଗୋଲେଇ ଛକ, ଡ୍ରିମ୍ସ କଲେଜ ଛକ, ଜଗତପୁର ଗୋଲେଇ ଛକ ଭଳି ୮ଟି ସ୍ଥାନରେ ଚଢ଼ାଉ କରାଯାଇ ୧୧୮୦ ଲିଟର ଦେଶୀ ମଦ, ୧୩ କୁଇଣ୍ଟାଲ ୫୦ କେଜି ଭାଙ୍ଗ, ୨୨ କେଜି ଗଞ୍ଜେଇ,

## ୨ ଦିନରେ ୮ ମାମଲା

**୩୨,୮୨,୦୦୦ ଟଙ୍କାର ସାମଗ୍ରୀ ଜବତ, ୮ ଗିରଫ**



ଜବତ ସାମଗ୍ରୀ ଓ ଗିରଫ ଅଭିଯୁକ୍ତ।

କାରବାରରେ ବ୍ୟବହାର କରାଯାଇଥିବା ଦୁଇଟି ୪ ଚକିଆ ଗାଡ଼ି, ଗୋଟିଏ ଅଟୋ ଜବତ ହୋଇଛି। ଶନିବାର ମୋବାଇଲ ୟୁନିଟ୍-୧ ଦ୍ୱାରା ବୈଦେଶ୍ୱର ଥାନା ଅନ୍ତର୍ଗତ ବୈଦେଶ୍ୱର ଛକରୁ କେଦାର ନାୟକ ଓ ସୂର୍ଯ୍ୟମଣି ରାଉତଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ୯୦୦ ଲିଟର ଦେଶୀମଦ ଓ ଏକ ୪ ଚକିଆ ଗାଡ଼ି ଜବତ ହୋଇଥିଲା। ଏନେଇ ଏକ ମାମଲା(ନଂ.୧୫୦/୨୨) ରୁଜୁ ହୋଇଛି। ସେହିପରି ରବିବାର ଅବକାରୀ ମୋବାଇଲ ୟୁନିଟ-୧ ଦ୍ୱାରା ଚାଉଳିଆଗଞ୍ଜ ଥାନା ଅଧୀନ ଓଏମ୍‌ପି ଗୋଲେଇ ଛକ ନିକଟରେ ଚଢ଼ାଉ କରାଯାଇ ଜିତେନ୍ଦ୍ର କୁମାର ଓ ଶିବ ସିଂହଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ୨୨ କେଜି ଗଞ୍ଜେଇ ଜବତ କରାଯାଇଛି। ଏ ନେଇ ଏକ ମାମଲା(ନଂ.୧୫୯/୨୨) ରୁଜୁ ହୋଇଛି। ମୋବାଇଲ ୟୁନିଟ୍-୨ ଦ୍ୱାରା ଟାଙ୍ଗୀ ଡ୍ରିମ୍‌ସ କଲେଜ ଛକ ନିକଟରେ ଚଢ଼ାଉ କରାଯାଇ ସୁଧାକର ବଳିଆରସିଂହଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ୧୨ କୁଇଣ୍ଟାଲ ଭାଙ୍ଗ ସହ ଏକ ଚାରିଚକିଆ ଗାଡ଼ି ଜବତ କରାଯାଇଛି। ଏନେଇ ଏକ ମାମଲା(ନଂ.୧୫୮/୨୨) ରୁଜୁ ହୋଇଛି। ସେହିପରି ମୋବାଇଲ ୟୁନିଟ-୨ ଦ୍ୱାରା ଜଗତପୁର ଥାନା ଅନ୍ତର୍ଗତ ଜଗତପୁର ଗୋଲେଇରେ ଚଢ଼ାଉ କରାଯାଇ ଜୟରେଠୀ ରାଉତରାୟଙ୍କୁ ଗିରଫ କରାଯିବା ସହ ୧୫୦ କେଜି ଭାଙ୍ଗ ଜବତ କରାଯାଇଛି। ଏ ନେଇ କେସ୍ ନଂ. ୧୫୯/୨୨ ରୁଜୁ ହୋଇଛି। ସେହିପରି ତ୍ରିଶୁଳିଆ ଛକରେ ଚଢାଉ କରାଯାଇ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ମାଦକ ଦ୍ରବ୍ୟ ଜବତ କରାଯାଇଛି। ଏହି ଚଢ଼ାଉରେ ଆଇଆଇସି ଶ୍ରୁତିକାନ୍ତ ରାଉତ, ସଞ୍ଜିତ ବର୍ଲା, ଏସ୍‌ଆଇ ଅଜିତ୍ ମହାପାତ୍ର, ଓଆଇସି କମଳାକାନ୍ତ ବେହେରା, ଏଏସ୍‌ଆଇ ହେମନ୍ତ କୁମାର ମଲ୍ଲିକଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ବୃଦ୍ଧ ଗୁରୁତର

ବେଗୁନିଆ,୪।୧୨(ଡି.ଏନ୍.ଏ.): ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ଅଧୀନ ବାଘମାରୀ ବଡ଼ଶଙ୍ଖ ନିକଟରେ ରବିବାର ଗାଡ଼ି ଧକ୍କାରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବେଗୁନିଆ ଥାନା ଅନ୍ତର୍ଗତ ଚଟୁଆ ଗ୍ରାମର ସୱପ୍ନେଶ୍ୱର ବାରିକ(୭୦)। ସୂଚନା ମୁତାବକ, ସକାଳ ୯ଟା ୩୦ରେ ସ୍ୱପ୍ନେଶ୍ୱର ସାରୁଅ ଗ୍ରାମରୁ ସାଇକେଲରେ ଘରକୁ ଫେରୁଥିଲେ। ବଡ଼ଶଙ୍ଖ ନିକଟରେ କୌଣସି ଏକ ଗାଡି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବାଘମାରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ଖୋର୍ଦ୍ଧା ଅଫିସ, ୪।୧୨: ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପ୍ରତିଷ୍ଠାନ ଏବଂ ଖୋର୍ଦ୍ଧା ଜିଲା ଶିଶୁ ସୁରକ୍ଷା ୟୁନିଟ ମିଳିତ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରୁ ତିନୋଟି ବର୍ଗରେ ୮୩ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ନୀଳ ରଙ୍ଗର ଗ୍ରୁପ୍‌ରେ ଆଦିତ୍ୟ ରାୟ, ନିହାରିକା ଦାସ ଏବଂ ଏଲିନା ଦାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଧଳା ଗ୍ରୁପ୍‌ରେ ଛାତ୍ରୀ ଅନ୍ୱେଷା ମହାପାତ୍ର ୧ମ, ପ୍ରାର୍ଥନା ଅନୁରାଗୀ ୨ୟ ଓ ଛାତ୍ର ଗଣେଶ ମୁଣ୍ଡା ୩ୟ ସ୍ଥାନରେ ରହିଛନ୍ତି। ସବୁଜ ଗ୍ରୁପ୍‌ରେ ଛାତ୍ରୀ ସୌମ୍ୟା ସ୍ୱାଇଁ ୧ମ, ଆରାଧନା ମହାରଣା ୨ୟ ଓ ଅର୍ପିତା ପ୍ରଧାନ ୩ୟ ସ୍ଥାନରେ ଅଧିକାର କରିଚନ୍ତି। ଏହି ପ୍ରତିଯୋଗିତାରେ ବିଚାରକ ଭାବେ ଦୀପକ ଛୋଟରାୟ, ବିକ୍ରମ କେଶରୀ ସେନାପତି ଓ ଦୀନବନ୍ଧୁ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ନୋଡାଲ ଅଫିସର ମନସ୍ୱିନୀ ମହାପାତ୍ର, ସୌମେନ୍ଦ୍ର ନାୟକ, ରଞ୍ଜନ କୁମାର ଗୋଛାୟତ, ସନ୍ଧ୍ୟାରାଣୀ ମହାନ୍ତି ଏବଂ ମଣିପାଲ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ୨୧ ୟୁନିଟ୍ ରକ୍ତ ସଂଗ୍ରହ

ବେଗୁନିଆ,୪।୧୨(ଡି.ଏନ୍.ଏ.): ବେଗୁନିଆ ବ୍ଲକ ଅନ୍ତର୍ଗତ ସାରୁଅ ଗ୍ରାମସ୍ଥିତ ବିପ୍ଳବୀ ଯୁବ ପରିଷଦ କ୍ଲବ ପରିସରରେ ରବିବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୨୧ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଖୋର୍ଦ୍ଧା ରକ୍ତ ଭଣ୍ଡାର କାର୍ଯ୍ୟାଳୟର ଡା.ଆଶାଲତା ସାମଲ, ଲାବ ଟେକ୍ନିସିଆନ ଅରୁଣ କୁମାର ସାହୁ, ବିଚିସ୍ମିତା ପୁହାଣ ଓ ସହାୟକ ଅମିତା ନାୟକ ରକ୍ତ ସଂଗ୍ରହ କରିଥିଲେ। ସାମାଜିକ କର୍ମୀ ଯୋଗେଶ୍ୱର ପଣ୍ଡା ପରିଚାଳନା କରିଥିଲେ। ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ଅତିଥିଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ସମସ୍ତ ସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପରିତ୍ୟକ୍ତ ପୋଖରୀ ପାଲଟିଛି ଡମ୍ପିଂୟାର୍ଡ

- ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ
- ବିଭିନ୍ନ ସ୍ଥାନରେ ପଡ଼ିରହୁଛି ଆବର୍ଜନା

ଖୋର୍ଦ୍ଧା ଅଫିସ,୪।୧୨



ସ୍ୱଚ୍ଛ ସର୍ବେକ୍ଷଣ ତାଲିକାରେ ଶୀର୍ଷ ସ୍ଥାନ ହାସଲ ଲାଗି ଖୋର୍ଦ୍ଧା ପରିଷଦ ପକ୍ଷରୁ ପାଣି ଭଳି ଅର୍ଥ ଖର୍ଚ୍ଚ କରାଯାଉଛି। ରାସ୍ତାରେ ଅଳିଆ ପଡ଼ିବ ନାହିଁ, ସ୍ୱଚ୍ଛ ସାଥିମାନେ ଘର ଘର ବୁଲି ଅଳିଆ ଉଠାଇବେ। ଏନେଇ ପୌର ପ୍ରଶାସନ ପକ୍ଷରୁ ସ୍ୱଚ୍ଛସାଥି, ସାନିଟାଇଜ କର୍ମଚାରୀଙ୍କୁ ୩ଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ସହରରେ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯାଉଥିବା କୁହାଯାଉଛି। ଅନ୍ୟପଟେ ସହରର ବିଭିନ୍ନ ସ୍ଥାନରେ ଅଳିଆ ପଡ଼ିରହୁଥିବା ଦେଖିବାକୁ ମିଳିଛି। ସାହି ଗଳିକନ୍ଦିରେ ଅଳିଆ ଜମାହୋଇ ପରିବେଶକୁ ପ୍ରଦୂଷିତ କରୁଛି। ଗୋରୁ, ବୁଲା କୁକୁର ଖାଦ୍ୟ ଲାଳସାରେ ଆସି ଅଳିଆକୁ ଏଣେତେଣେ ପକାଉଛନ୍ତି। ଫଳରେ ପରିବେଶ ଆବର୍ଜନାମୟ ହେଉଛି। ଗନ୍ଧରେ ନାକ ଫାଟିପଡୁଛି। ଲୋକେ ନାକରେ ରୁମାଲ ଦେଇ ଯାତାୟାତ କରିବାକୁ ବାଧ ହେଉଛନ୍ତି। ସକାଳ ୮ଟା ପର୍ଯ୍ୟନ୍ତ ସହରରୁ ଅଳିଆ ହଟୁ ନ ଥିବା ଅଭିଯୋଗ ହେଉଛି। ମୁଖ୍ୟତଃ ଟ୍ରାଫିକ ଛକ, ସମବାୟ ଛକ, ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟ, ରାଧାବଲ୍ଲଭ ସାହି ରାସ୍ତା, ନୂଆବସଷ୍ଟାଣ୍ଡ ରୋଡ ପାର୍ଶ୍ୱ ପରିତ୍ୟକ୍ତ ପୋଖରୀ ନିକଟରେ ଅଳିଆ ଗଦା ହୋଇ ରହୁଛି। ଅନେକ ୱାର୍ଡରେ ଆବର୍ଜନା ଉଠାଯାଉ ନ ଥିବା ଅଭିଯୋଗ ହେଉଛି। ଗୁରୁଜଙ୍ଗ, ଶ୍ରୀରାମନଗର ହାଉସିଂବୋର୍ଡ, ନୂଆବସଷ୍ଟାଣ୍ଡ ପରିସର, ଗୀତାଭବନ ପଡିଆ, ଖ୍ରୀଷ୍ଟିଆନ ସାହି, ମସ୍‌ଜିଦ୍ ସମ୍ମୁଖ ରାସ୍ତା, ଜରି ପୋଖରୀ ପାର୍ଶ୍ୱ ରାସ୍ତା, ନୂଆବସଷ୍ଟାଣ୍ଡ ରୋଡରେ ଥିବା ଏକ ପରିତ୍ୟକ୍ତ ପୋଖରୀ ମୁକ୍ତ ଡମ୍ପିଂୟାର୍ଡ ପାଲଟିଛି। ସେଠାରେ ରହିଥିବା ଦୋକାନ ଏବଂ ଘରୁ ବାହାରୁଥିବା ଅଳିଆ ଆବର୍ଜନା ସେଥିରେ ପକାଯାଉଛି। ଫଳରେ ଅଳିଆ ଗଦା ହୋଇ ଡେଙ୍ଗୁ, ମ୍ୟାଲେରିଆ ବ୍ୟାପିବା ଆଶଙ୍କା ଦେଖାଦେଇଛି। ସେହି ପୋଖରୀକୁ ପୁନରୁଦ୍ଧାର କରାଯାଉ ନ ଥିବାରୁ ଏହା ପୂତିଗନ୍ଧମୟରେ ପରିଣତ ହୋଇଛି। ସେହିପରି ଟିଏଲସି ରୋଡ ପାର୍ଶ୍ୱରେ ରହିଥିବା ଖଣି ପୋଖରୀ ମଧ୍ୟ ମୁକ୍ତ ଡମ୍ପିଂୟାର୍ଡ ପାଲଟିଛି।

ପ୍ରକାଶ ଯେ, ୫୦ହଜାର ଜନସଂଖ୍ୟା ବିଶିଷ୍ଟ ଖୋର୍ଦ୍ଧା ସହରରେ ୨୨ଟି ୱାର୍ଡ ରହିଛି। ସେଥିରୁ ୨୦ଟି ୱାର୍ଡ ଘରୋଇକରଣ କରାଯାଇଛି। ଏଥିବାବଦକୁ ପୌର ପ୍ରଶାସନ ପକ୍ଷରୁ ମାସିକ ଲକ୍ଷାଧିକ ଟଙ୍କା ଠିକା ସଂସ୍ଥାକୁ ଦିଆଯାଉଛି। ଦୈନିକ ନିୟମିତ ଠିକା ସଂସ୍ଥା ଦ୍ୱାରା ଅଳିଆ ଉଠୁଥିବା ପ୍ରଶାସନ ପକ୍ଷରୁ କୁହାଯାଉଛି। ଏଥିଲାଗି ପ୍ରଶାସନ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ତେବେ ବାସ୍ତବ ଚିତ୍ର ଭିନ୍ନ। ଏ ନେଇ ସ୍ଥାନୀୟ ବାସିନ୍ଦା ପୌର ପ୍ରଶାସନ ନିକଟରେ ଅଭିଯୋଗ କରୁଥିଲେ ବି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଠିକା ସଂସ୍ଥା କେବଳ ମୁଖ୍ୟ ରାସ୍ତାକୁ ଛାଡ଼ି ସାହି ଗଳିକନ୍ଦି ପ୍ରତି ଧ୍ୟାନ ଦେଉନାହିଁ ବୋଲି ସାହି ବାସିନ୍ଦା ଗଣମାଧ୍ୟମ ଆଗରେ କହିଛନ୍ତି। ଖୋର୍ଦ୍ଧା ପୌର ପ୍ରଶାସନ ଅଧୀନରେ ୨୦୪ ଠିକା କର୍ମଚାରୀ, ୧୭ ସ୍ୱଚ୍ଛ ସାଥି, ୨ଜଣ ସୁପରଭାଇଜର କାର୍ଯ୍ୟରତ ଅଛନ୍ତି। ଅନ୍ୟ କର୍ମଚାରୀ ମଧ୍ୟ ପୌର ପ୍ରଶାସନ ଅଧୀନରେ କାର୍ଯ୍ୟ କରୁଛନ୍ତି। ସହରରୁ ଦୈନିକ ୧୪ରୁ ୧୬ଟନ ଓଦା ଓ ଶୁଖିଲା ଆବର୍ଜନା ବାହାରୁଛି। ଅଳିଆ ଉଠାଇବା ଲାଗି ଏସ୍‌ଏଚ୍‌ଜି ଗ୍ରୁପ୍ ଜରିଆରେ ୬ଟି ବ୍ୟାଟେରିଚାଳିତ ଅଳିଆବୁହା ଗାଡ଼ି, ୩୦ଟି ଟ୍ରାଇସାଇକେଲ, ୪ଟି ଟ୍ରାକ୍ଟର ନିୟୋଜନ କରାଯାଇଥିବା ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହା ସତ୍ତ୍ୱେ ବିଭିନ୍ନ ସ୍ଥାନରେ ଅଳିଆ ପଡ଼ିରହୁଛି। ଠିକା ସଂସ୍ଥାକୁ ପୌର ପ୍ରଶାସନ ପକ୍ଷରୁ ଲକ୍ଷାଧିକ ଟଙ୍କା ଦିଆଯାଉଛି। କାହା ସ୍ୱାର୍ଥରେ ପୌର ପ୍ରଶାସନ ଏଭଳି ଅନୁକମ୍ପା ଦେଖାଉଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏନେଇ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି କହିଛନ୍ତି, ସହରର ସ୍ୱଚ୍ଛତା ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉଛି। ସକାଳୁ ଗୋଟିଏ ଟାଇମ୍ ଅଳିଆ ଉଠୁଛି। ପରବର୍ତ୍ତୀ ସମୟରେ ସେହି ସ୍ଥାନରେ ଲୋକେ ଅଳିଆ ପକାଉଛନ୍ତି। ଏଣୁ ଏଭଳି ସମସ୍ୟା ଉପୁଜୁଛି। ତେଣୁ ଏଥିପ୍ରତି ଦୃଷ୍ଟି ଦିଆଯିବ।

## ଡିଜେ ଗାଡ଼ି ଜବତ, ଜଣେ ଅଟକ

ବାଲୁଗାଁ,୪।୧୨(ଡି.ଏନ୍.ଏ.)

ବାଲୁଗାଁ ଥାନା ଅଞ୍ଚଳରେ ବିବାହ ଶୋଭାଯାତ୍ରା କିମ୍ବା କୌଣସି କାର୍ଯ୍ୟକ୍ରମରେ ଡିଜେ ବଜାଇବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ତେବେ ଏହି ନିୟମକୁ କେତେଜଣ ଅମାନିଆ ମାନୁନାହାନ୍ତି। ରବିବାର ପୋଲିସ ଏକ ଡିଜେ ଗାଡ଼ିକୁ ଜବତ କରିବା ସହ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ମଧ୍ୟାହ୍ନରେ ବାଲୁଗାଁସ୍ଥିତ ପାଟଣାସାହିରେ ଏକ ବିବାହ ଶୋଭାଯାତ୍ରାରେ ଡିଜେ ବଜାଇଥିଲେ। ସ୍ଥାନୀୟ ବରିଷ୍ଠ ନାଗରିକ ସାଉଣ୍ଡ କମ୍ କରିବାକୁ ନିବେଦନ କରିଥିଲେ। ତେବେ ଡିଜେ ବଜାଉଥିବା ବ୍ୟକ୍ତି ଜଣଙ୍କ ନିବେଦନକୁ ପ୍ରତ୍ୟାଖ୍ୟାନ କରି ଆହୁରି ଶବ୍ଦକୁ ବଢାଇଥିଲେ। ଏନେଇ କେତେଜଣ ବରିଷ୍ଠ ନାଗରିକ ଆଇଆଇସି ରଶ୍ମିରଞ୍ଜନ ଦାଶଙ୍କୁ ଜଣାଇଥିଲେ। ଆଇଆଇସି ଦାଶ ସଦଳବଳ ଘଟଣାସ୍ଥଳରେ ପହଞ୍ଚିବା ସମୟରେ ଡିଜେ ବଜାଉଥିବା ବ୍ୟକ୍ତି ଜଣକ ଦ୍ରୁତଗତିରେ ପଳାଇଥିଲେ। ପୋଲିସ ଗାଡିକୁ ପିଛାକରି ରେଲ୍‌ୱେ ଓଭରବ୍ରିଜ ତଳୁ ଜବତ କରିଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୭୧/୨୨) ରୁଜୁ କରିବା ସହ ଗାଡ଼ି ଚାଳକଙ୍କୁ ଅଟକ ରଖିଛି। ସମ୍ପୃକ୍ତ ଥିବା ଅନ୍ୟ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ଦାଶ କହିଛନ୍ତି।



ଖୋର୍ଦ୍ଧା: ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

## ‘ଦନେଇ ଦାସଙ୍କ ଗୋପିଭାଷା, ପ୍ରହେଳିକା ସାହିତ୍ୟକୁ ଋଦ୍ଧିମନ୍ତ କରିଛି’

ବୋଲଗଡ଼,୪।୧୨(ଡି.ଏନ୍.ଏ.)

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ବଳଦୁର୍ଗ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦ ବୋଲଗଡ଼ ମିଳିତ ଆନୁକୂଲ୍ୟରେ ରବିବାର ଅବସରପ୍ରାପ୍ତ କର୍ମଚାରୀ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠାନର ସଭାପତି ଗୋପୀନାଥ ଖାଡେଙ୍ଗାଙ୍କ ଅଧ୍ୟକ୍ଷତାରେ ରୀତି କବି ଦନେଇ ଦାସଙ୍କ ଜୟନ୍ତୀ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ସଂଯୋଜକ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କବି ଦନେଇ ଦାସଙ୍କ ରଚିତ ଗୋପିଭାଷା ଓ ପ୍ରହେଳିକା ସାହିତ୍ୟକୁ ଋଦ୍ଧିମନ୍ତ କରିଛି ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ସାହିତ୍ୟିକା ଶକୁନ୍ତଳା ବଳିଆରସିଂ ଯୋଗଦେଇ ରୀତିଯୁଗରେ କବି ଦାସଙ୍କ ରଚିତ କାବ୍ୟକବିତା ପରିଚିତ ହୋଇଛି ବୋଲି କହିଥିଲେ। ଅତିଥିଭାବେ ରବୀନ୍ଦ୍ର ପରିଡ଼ା, ସୁରେଶ ଛୋଟରାୟ, କବି ଜ୍ଞାନ ଦାସ, ପ୍ରଫୁଲ୍ଲ ସାମନ୍ତରାୟ, ନବଘନ ପରିଡ଼ା, ଅଜୟ ମିଶ୍ର, ହରିବନ୍ଧୁ ସାହୁ, ନବକିଶୋର ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥିଙ୍କ ଦ୍ୱାରା ବଳଦୁର୍ଗ ଗୌରବ ଏବଂ ଶବ୍ଦ ସୁରଭି ନାମକ ଦୁଇଟି ପୁସ୍ତକ ଉନ୍ମୋଚନ ହୋଇଥିଲା। ଉତ୍ସବରେ ଅନେକ ସାରସ୍ୱତ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଞ୍ଚଳର ବହୁ କବି କବୟିତ୍ରୀ ସ୍ୱରଚିତ କବିତା ପରିବେଷଣ କରିଥିଲେ। ଶିକ୍ଷକ ଶ୍ରୀକାନ୍ତ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅବିନାଶ ସୁବୁଦ୍ଧି ଓ ଛାତ୍ରୀଛାତ୍ରଙ୍କ ଦାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା। ଶିକ୍ଷାବିତ୍ ରଘୁନାଥ ଦଳବେହେରା, ଗୀତାଞ୍ଜଳି ମହାପାତ୍ର, ଶିକ୍ଷୟିତ୍ରୀ ସେବତୀ ପରିଡ଼ା, ପ୍ରଫୁଲ୍ଲ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ବାଲ୍ମୀକି ବଳିଆରସିଂହ ଧନ୍ୟବାଦ ଦେଇଥିଲେ।

## ଖନନ ବେଳେ ପାହାଡ଼ରୁ ଖସିଲା ପୋକ୍ଲିନ୍ ମେଶିନ୍

### ଅପରେଟର ମୃତ

ଖୋର୍ଦ୍ଧା ଅଫିସ,୪।୧୨



ପାହାଡ଼ ଖୋଳିବାବେଳେ ପୋକ୍ଲିନ ମେଶିନ ସହ ଖସିପଡ଼ି ଜଣେ ଅପରେଟରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖୋର୍ଦ୍ଧା ମଳିପଡ଼ାର ଦିଲୀପ କଲସ। ରବିବାର ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ହାତୀଆମୁଣ୍ଡିଆରେ ଏହି ଅଘଟଣ ଘଟିଛି। ସୂଚନା ଅନୁଯାୟୀ, ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳର ଏକ ଘରୋଇ କମ୍ପାନୀ ହାତୀଆମୁଣ୍ଡିଆରେ ଥିବା ହାତିଆ ପାହାଡ଼କୁ ଲିଜ୍ ନେଇଛି। ପାହାଡ଼ ଉପରେ ପୋକ୍ଲିନ ମେଶିନ ଯୋଗେ ପଥର କଟା ଚାଲିଥିବାବେଳେ ଅପରେଟର ଦିଲୀପ ଭାରସାମ୍ୟ ହରାଇ ମେଶିନ ସହ ତଳକୁ ଖସିପଡ଼ିଥିଲେ। ତାଙ୍କ ଶରୀରର ବିଭିନ୍ନ ଅଂଶ ଖଣ୍ଡବିଖଣ୍ଡିତ ହୋଇଯାଇଥିଲା। ତାଙ୍କ ବାପା ରତ୍ନାକର କଲସଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏଥିସହ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ପ୍ରସ୍ତାବିତ ପ୍ରକଳ୍ପର ପ୍ଲାନ ଏଷ୍ଟିମେଟ ପାଇଁ ନିର୍ଦ୍ଦେଶ

ଗମ୍ଭାରୀମୁଣ୍ଡା,୪।୧୨(ଡି.ଏନ୍.ଏ.)

ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଦକ୍ଷେଶ୍ୱର ଭଗବତୀ ମନ୍ଦିର ଶୁଭେଚ୍ଛୁ କମିଟିର ପ୍ରଥମ ବୈଠକ ରବିବାର ସ୍ଥାନୀୟ ଏନ୍‌ଏସି ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିକଟରେ ୫-ଟି ସଚିବଙ୍କ ଗସ୍ତ ସମୟରେ ମା’ ଭଗବତୀ ମନ୍ଦିରର ଉନ୍ନତି ନିମନ୍ତେ ଦିଆଯାଇଥିବା ପ୍ରକଳ୍ପ ଉପରେ ସମୀକ୍ଷା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜିଲାପାଳ ଚକ୍ରବର୍ତ୍ତୀ କମିଟି ସଦସ୍ୟଙ୍କଠାରୁ ମତାମତ ଏବଂ ଅଭିଯୋଗ ଶୁଣିଥିଲେ। ମନ୍ଦିର ଗର୍ଭଗୃହ ପ୍ରଶସ୍ତୀକରଣ, ମନ୍ଦିର ପାଚେରି ସମ୍ପ୍ରସାରଣ, ମନ୍ଦିର ଆଧୁନିକୀକରଣ, ସରକାରୀ ଓ ଦେବୋତ୍ତର ସ୍ଥାନ ଚିହ୍ନଟ ଓ ଜବରଦଖଲ ଉଚ୍ଛେଦ, ବାଣପୁର ବାଇପାସ ଠାରୁ ଭଗବତୀ ମନ୍ଦିର ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ପ୍ରଶସ୍ତୀକରଣ, ବସ୍‌ଷ୍ଟାଣ୍ଡ ନିର୍ମାଣ ନିମନ୍ତେ ସ୍ଥାନ ନିରୂପଣ, ଟ୍ରାଫିକ କମାଇବା ନିମନ୍ତେ ମେଘାମ୍ବରୀ କେନାଲ ରୋଡରୁ ମନ୍ଦିର ପର୍ଯ୍ୟନ୍ତ ବାଇପାସ ନିର୍ମାଣ, ବାଣପୁର ବାଇପାସଠାରୁ ଶକ୍ତି ହଲ୍ ପର୍ଯ୍ୟନ୍ତ ଆଲୋକୀକରଣ ଉପରେ ଆଲୋଚନା କରାଯାଇଥିଲା। ଓଡ଼ିଶା ସେତୁ ନିର୍ମାଣ ନିଗମ, ତହସିଲ ଏବଂ ପୂର୍ତ୍ତ ବିଭାଗକୁ ଉପରୋକ୍ତ ପ୍ରକଳ୍ପ ପାଇଁ ପ୍ଲାନ ଏଷ୍ଟିମେଟ ପ୍ରସ୍ତୁତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକ ପରେ ଜିଲାପାଳ ଓ ଟିମ୍ ଭଗବତୀ ମନ୍ଦିର ଯାଇ ବିଭିନ୍ନ ବିଷୟ ଅନୁଧ୍ୟାନ କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ, ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଏନଏସି ଅଧ୍ୟକ୍ଷ ମିଟୁ ନାୟକ, ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, ବିଡିଓ ବୁଲବୁଲ ବେହେରା, ଆଇଆଇସି ଜୟପ୍ରକାଶ ପରିଡ଼ା, ଦକ୍ଷେଶ୍ୱର ଭଗବତୀ ଏଣ୍ଡାଓମେଣ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ ଏବଂ ଶୁଭେଚ୍ଛୁ କମିଟି ସଭ୍ୟମାନେ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟମାନେ।

## ମହାଶକ୍ତି ଯୋଦ୍ଧା, ମହାବୀର କ୍ରିକେଟ କ୍ଲବ ବିଜୟୀ

ଟାଙ୍ଗୀ(ଖୋର୍ଦ୍ଧା),୪।୧୨(ଡି.ଏନ୍.ଏ.)

ଚାନ୍ଦପୁର ପ୍ରିମିୟର୍ କ୍ରିକେଟ ଲିଗ୍‌ର ଅଷ୍ଟମ ଦିନରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ରାମପାଦ ଖେଳପଡ଼ିଆରେ ପ୍ରଥମ ମ୍ୟାଚ୍ ମହାଶକ୍ତି ଯୋଦ୍ଧା ଓ ବ୍ଲାକ କ୍ୟାପ୍ସ ଟିମ୍ ମଧ୍ୟରେ ହୋଇଥିଲା। ମହାଶକ୍ତି ଯୋଦ୍ଧା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବ୍ଲାକ କ୍ୟାପ୍ସ ଟିମ୍ ୧୪ ଓଭରରେ ୧୦ ଉଇକେଟ ବିନିମୟରେ ୮୯ ରନ ସଂଗ୍ରହ କରିଥିଲା। ଜବାବରେ ମହାଶକ୍ତି ଯୋଦ୍ଧା ଟିମ୍ ୧୦.୨ ଓଭରରେ ୨ ଉଇକେଟ ବିନିମୟରେ ୯୦ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ରବୀନ୍ଦ୍ର ପ୍ରଧାନ ଓ ଜଗତଜିତ୍ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ରାମଚଣ୍ଡୀ ଯୋଦ୍ଧା ଏବଂ ମହାବୀର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ମହାବୀର କ୍ଲବ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୫ ଉଇକେଟ ବିନିମୟରେ ୧୯୧ ରନ ସଂଗ୍ରହ କରିଥିଲା। ଜବାବରେ ମହାଶକ୍ତି ଯୋଦ୍ଧା ୧୫ ଓଭରରେ ୯ ଉଇକେଟ ବିନିମୟରେ ୧୭୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ସୁକାନ୍ତ ଦତ୍ତ ଓ ଜଗତ୍‌ଜିତ୍ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ଶ୍ରୀଦୁର୍ଗା ଏଣ୍ଟରପ୍ରାଇଜର୍ସ ଓ ସୁପରଇକୋ ଇଲେକ୍ଟ୍ରିକ ବାଇକର ପ୍ରୋପ୍ରାଇଟର୍ ଦର୍ଶନ କୁମାର ସାହୁ ଓ ପ୍ରଶାନ୍ତ ସାହୁ (ଚାର୍ଟାର୍ଡ ଆକାଉଣ୍ଟାଣ୍ଟ) ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ମହିଳା ସମାବେଶରେ ପୂର୍ବତନ ବିଧାୟକଙ୍କ ଶକ୍ତି ପ୍ରଦର୍ଶନ




ମହିଳା ସମାବେଶରେ ପୂର୍ବତନ ବିଧାୟକ ରଘୁନାଥ ସାହୁ ଏବଂ ଅନ୍ୟମାନେ।

ବାଲୁଗାଁ/ଗମ୍ଭାରୀମୁଣ୍ଡା, ୪।୧୨(ଡି.ଏନ୍.ଏ.)

ଚିଲିକା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ(ବିଜେଡି)ରେ ଗୋଷ୍ଠୀ କନ୍ଦଳ ଦିନକୁ ଦିନ ଉଗ୍ରରୂପ ନେବାରେ ଲାଗିଛି। ପୂର୍ବତନ ବିଧାୟକ ରଘୁନାଥ ସାହୁ ଏକ ସପ୍ତାହ ମଧ୍ୟରେ ଦୁଇଥର କର୍ମୀ ସମ୍ମିଳନୀ କରିଥିବା ବେଳେ ରବିବାର ପୁଣି ବାଲୁଗାଁ ସ୍ଥିତ ବିଜେଡି କାର୍ଯ୍ୟାଳୟରେ ମହିଳା ସମାବେଶ କରି ଶକ୍ତି ପ୍ରଦର୍ଶନ କରିଛନ୍ତି। ଏଥିରେ ମହିଳା ନେତ୍ରୀମାନେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ସିଧାସଳଖ ସମାଲୋଚନା କରିଥିଲେ। ଏଥିସହ ବାଣପୁର ବ୍ଲକ ମିଶନ ଶକ୍ତି ଦାୟିତ୍ୱରେ ଥିବା କର୍ମଚାରୀଙ୍କ ବିଭିନ୍ନ ଦୁର୍ନୀତିମୂଳକ କାର୍ଯ୍ୟକୁ ନିନ୍ଦା କରିବା ସହ ତଦନ୍ତ ପାଇଁ ଦାବି ହୋଇଥିଲା। ସମ୍ମିଳନୀରେ ବିଜେଡି ମୁଖ୍ୟ ସଙ୍ଗଠିକା ଲିଲିବାଳା ସୁବୁଦ୍ଧି, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ସେଠୀ, ସଙ୍ଗଠିକା ବୈଜୟନ୍ତୀ ଖୁଣ୍ଟିଆ, ଦେବେନ୍ଦ୍ର ସାମନ୍ତସିଂହାର, ରମେଶ ଚନ୍ଦ୍ର ମହାପାତ୍ରଙ୍କ ସମେତ ୨ ହଜାରରୁ ଊର୍ଦ୍ଧ୍ୱ ମହିଳା ଉପସ୍ଥିତ ଥିଲେ।

ପ୍ରକାଶ ଯେ, ଗତ ୨୩ ତାରିଖରେ ପୂର୍ବତନ ବିଧାୟକ ସାହୁ ଏକ କର୍ମୀ ସମ୍ମିଳନୀ କରି ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଓ କେତେଜଣ ଦଳୀୟ ନେତୃବୃନ୍ଦଙ୍କ ପାଇଁ ନିର୍ବାଚନମଣ୍ଡଳୀରେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଥିବା କହିଥିଲେ। ଏହାର ପ୍ରତିବାଦରେ ୨୯ ତାରିଖରେ ଜିଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା ଓ ମାନସ ପ୍ରଧାନଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହରି ପୂର୍ବତନ ବିଧାୟକ ସାହୁଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏଥିସହ ତାଙ୍କୁ ଦଳରୁ ବହିଷ୍କାର ପାଇଁ ଦାବି କରାଯାଇଥିଲା। ୩୦ ତାରିଖରେ ପୂର୍ବତନ ବିଧାୟକ ସାହୁ ପୁଣି ଏକ କର୍ମୀ ସମ୍ମିଳନୀ କରିଥିଲେ।

## ତ୍ରିନାଥ ଫୁଟବଲ ଟୁର୍ନାମେଣ୍ଟ

# ମହାବୀର ଫୁଟବଲ କ୍ଲବ ଚାମ୍ପିୟନ

ବେଗୁନିଆ,୪।୧୨(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଖେଳପଡିଆରେ ରବିବାର ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ତ୍ରିନାଥ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟରେ ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଶାମୁକାପାଟଣାର ମହାବୀର ଫୁଟବଲ କ୍ଲବ ଓ ମା’ଡମଣୀ ଫୁଟବଲ ଆସୋସିଏଶନ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଫଳରେ ନିୟମ ଅନୁଯାୟୀ ଟାଇବ୍ରେକରର ସହାୟତା ନିଆଯାଇଥିଲା। ମହାବୀର ଫୁଟବଲ କ୍ଲବ ୨-୦ ଗୋଲରେ ବିଜୟୀ ହୋଇଥିଲା। ତ୍ରିନାଥ ପରିଡା ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରକାଶ ନାୟକ ଓ ପ୍ରସନ୍ନ ନାୟକ ଲାଇନରେ ସହଯୋଗ କରିଥିଲେ। ମୁଖ୍ୟ ଅତିଥିଭାବେ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ସାମାଜିକ କର୍ମୀ ରାମଚନ୍ଦ୍ର ମହାପାତ୍ର ଓ ରଣଜିତ ତ୍ରିପାଠୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ପବିଧର ପରିଡା, ଚିନ୍ତାମଣି ପରିଡା, ନିରଞ୍ଜନ ଛାଟୋଇ ପ୍ରମୁଖ ଉପସ୍ଥିତ ଥିଲେ। ପୁରସ୍କାର ବିତରଣ ଉତ୍ସବରେ ଚାମ୍ପିୟନ ଓ ରନର୍ସ ଟିମକୁ ଟ୍ରଫି ପ୍ରଦାନ କରାଯାଇଥିଲା।



ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ଖେଳାଳିଙ୍କ ସହ ହାତ ମିଳାଉଛନ୍ତି।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିଙ୍କ ସହ ଅନ୍ୟମାନେ।

## ବରଗଡ଼ ୟୁନାଇଟେଡ୍ ବିଜୟୀ

ଝାଁଳା,୪।୧୨(ଡି.ଏନ୍.ଏ.)

ମଦନପୁର ନବଜ୍ୟୋତି କ୍ଲବ ଦ୍ୱାରା ଆୟୋଜିତ ସର୍ବଭାରତୀୟ ମଦନପୁର କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍ ବରଗଡ଼ ୟୁନାଇଟେଡ(ବରଗଡ଼) ଏବଂ କ୍ଲବ ୭୩ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚର ୫୬ ମିନିଟରେ ବରଗଡ଼ ୟୁନାଇଟେଡ ଟିମ୍‌ର ଅନ୍ତର୍ଯ୍ୟାମୀ ଗୋଧି ଗୋଟିଏ ଗୋଲ ଦେଇଥିଲେ। ତେବେ ଖେଳ ଶେଷ ସୁଦ୍ଧା କ୍ଲବ ୭୩ ଗୋଲ୍ ଦେଇ ନ ପାରି ପରାଜିତ ହୋଇଥିଲା। କ୍ଲବ ୭୩ର ଚେତନ ନାୟକ ଶ୍ରେଷ୍ଠ ଖେଳାଳିଭାବେ ବିବେଚିତ ହୋଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଅତିଥିଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଚିନ୍ମୟ କୁମାର ଦାସ, ନବରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏମ.ଏସ.ବେଗ, ମନୋରଞ୍ଜନ ଖୁଣ୍ଟିଆ, ପ୍ରିୟବ୍ରତ ବାହିନୀପତି ଓ ସୁଶାନ୍ତ ମିଶ୍ର ମ୍ୟାଚ୍ ପରିଚାଳନା କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୪।୧୨।୨୦୨୨

| | |
|---|---|
| ୫,୧୯,୬୭୪ ଟଙ୍କା | |
| ସୁନା | ୧୦୦ ଗ୍ରାମ |
| ରୁପା | ୬୨.୩୦୦ ଗ୍ରାମ |

# ଗୀତାରେ ଭାରତୀୟ ଶାଶ୍ୱତ ଚେତନା ପ୍ରତିଫଳିତ

ପୁରୀ ଅଫିସ, ୪।୧୨



ଆଲୋଚନାଚକ୍ରରେ ଅତିଥିମାନେ ଟ୍ରଷ୍ଟ ମୁଖପତ୍ର ଶ୍ରୀଗୁଣ୍ଡିଚାର ସ୍ୱତନ୍ତ୍ର ବିଶେଷାଙ୍କକୁ ଉନ୍ମୋଚନ କରୁଛନ୍ତି।

ଶରଧାବାଲିସ୍ଥିତ ରାଣୀସତୀ ଭବନରେ ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ପକ୍ଷରୁ 'ଗୀତାରେ ଶ୍ରୀଜଗନ୍ନାଥ ଚେତନା' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଷ୍ଟ ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଶ୍ୱ ଓଡ଼ିଆ ସମ୍ମିଳନୀର ଅଧ୍ୟକ୍ଷ ଡ. ମୁରଲୀ ମନୋହର ଶର୍ମା ଯୋଗଦେଇ ଶ୍ରୀଜଗନ୍ନାଥ ଚେତନା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱାମୀ ବୋଧାୟନ ମହାରାଜ, ମୁଖ୍ୟବକ୍ତା ଭାବେ ଅର୍ଥନୀତିଜ୍ଞ ପ୍ରଦୀପ କୁମାର ଶତପଥୀ, ସମ୍ମାନିତ ବକ୍ତା ଭାବେ ଡ. ଚନ୍ଦ୍ରଶେଖର ଦାଶ, ବିଶିଷ୍ଟ ଅତିଥି ଭାବେ ବୁନରା ସେବକ ଡା. ଶରତ ଚନ୍ଦ୍ର ମହାନ୍ତି, ଡ. ହରପ୍ରସାଦ ମିଶ୍ର, ଟ୍ରଷ୍ଟ ଉପାଧ୍ୟକ୍ଷ ବିନୋଦ କୁମାର ପଣ୍ଡା, ଉପଦେଷ୍ଟା ପୁଷ୍କର ମହାପାତ୍ର, ସଦସ୍ୟା ବିଜୟଲକ୍ଷ୍ମୀ ଦାଶ ପ୍ରମୁଖ ଯୋଗଦେଇ ଗୀତାରେ ଶ୍ରୀଜଗନ୍ନାଥ ଚେତନା ବିଷୟରେ ଆଲୋଚନା କରିଥିଲେ। କଥାରେ ଅଛି ଖାଇବ ପିତା, ପଢ଼ିବ ଗୀତା, ତେବେ ସେ ହୋଇବ ଜଗତ ଜିତା। ଭାରତୀୟ ସଂସ୍କୃତିରେ ଗୀତା ହେଉଛି ଏକ ଜ୍ଞାନଭିତ୍ତିକ ଚେତନଶୀଳ ଗ୍ରନ୍ଥ। ପ୍ରାୟ ଅଧିକାଂଶ ଭାରତୀୟ ନାଗରିକ ଗୀତା ଗ୍ରନ୍ଥର ଉପଦେଶକୁ ଗ୍ରହଣ କରନ୍ତି। ଏଥିରେ ବିଷାଦ ଯୋଗଠାରୁ ଆରମ୍ଭ କରି ଜ୍ଞାନ ଯୋଗ, ଭକ୍ତି ଯୋଗ, କର୍ମ ଯୋଗ ସହ ୧୮ଟି ଅଧ୍ୟାୟ ରହିଛି। କୁହାଯାଏ ଗୀତା ଭଗବାନ ଶ୍ରୀକୃଷ୍ଣଙ୍କ ମୁଖ ନିଃସୃତ ବାଣୀ। ଏହି ଗ୍ରନ୍ଥର ରଚୟିତା କୃଷ୍ଣ ଦୈପାୟନ ବ୍ୟାସ। କୁରୁକ୍ଷେତ୍ର ଯୁଦ୍ଧରେ ଧର୍ମ ମାର୍ଗରେ ଅନ୍ୟାୟ ଅନୀତିର ପ୍ରତିରୋଧ ପାଇଁ ଅର୍ଜୁନଙ୍କୁ ନିଜର ବୀର କ୍ରମ ଓ କର୍ତ୍ତବ୍ୟ ସମ୍ପାଦନା କରିବା ଛଳରେ ଶ୍ରୀକୃଷ୍ଣ ଉପଦେଶ ବାଣୀ ଦେଇଥିଲେ। ଗୀତାରେ ଭାରତୀୟ ଶାଶ୍ୱତ ଚେତନା ପ୍ରତିଫଳିତ। ଭଗବାନ ଶ୍ରୀକୃଷ୍ଣଙ୍କ ସହ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ସଂସ୍କୃତିର ସମ୍ବନ୍ଧ ରହିଛି। ଏହା ବିଭିନ୍ନ ଶାସ୍ତ୍ର ପୁରାଣରୁ ଜଣାଯାଏ। ଗୋଲକବିହାରୀ ପରମବ୍ରହ୍ମଙ୍କ ସହ ଅଷ୍ଟମ ଅବତାର ଶ୍ରୀକୃଷ୍ଣଙ୍କ ଶାସ୍ତ୍ରୀୟ ସମ୍ବନ୍ଧ ଓ ନିଷ୍କର୍ଷ ଯୋଗ ଦର୍ଶନର ବିଶେଷତ୍ୱ ବୋଲି ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଥିଲା।

ଏହି ଅବସରରେ ଟ୍ରଷ୍ଟ ମୁଖପତ୍ର ଶ୍ରୀଗୁଣ୍ଡିଚାର ସ୍ୱତନ୍ତ୍ର ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ଶତପଥୀ, ଡ. ନୃସିଂହାନନ୍ଦ ମହାପାତ୍ର, ସୁରେଶ କୁମାର ପ୍ରଧାନ, ବ୍ୟଙ୍ଗକବି ଧର୍ମଛଡ଼ା, ମଞ୍ଜୁଶ୍ରୀ ମିଶ୍ର ଏବଂ ପଣ୍ଡିତ ଦୟାନିଧି ପଣ୍ଡା ସମ୍ବର୍ଦ୍ଧିତ ହୋଇଥିଲେ। ଅନୁଷ୍ଠାନର ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସମ୍ପାଦକୀୟ ପାଠ କରିଥିଲେ। ଭବାନୀ ବଳିଆରସିଂ ସ୍ୱାଗତ ଅଭିଭାଷଣ, ଗବେଷକ ମଦନମୋହନ ମହାପାତ୍ର ପ୍ରାରମ୍ଭିକ ସୂଚନା ଏବଂ ଶିବସୁନ୍ଦର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁରୀ ଶ୍ରୀଲିଙ୍ଗରାଜ କଳାନିକେତନର କଳାକାରମାନେ ଗୀତଗୋବିନ୍ଦ ଗାନ କରିଥିଲେ। ଆଲୋଚନା ଚକ୍ରରେ ଡ. ଅଭିମନ୍ୟୁ ଭୂୟାଁ, ଇଂ. ଗିରିଜା ଶଙ୍କର ପାଢ଼ୀ, ଜୟନ୍ତୀ ମହାପାତ୍ର, ଅନ୍ନପୂର୍ଣ୍ଣା ଦେବୀ, ବିଚିତ୍ର ରଞ୍ଜନ ମହାପାତ୍ର, ଶ୍ୟାମସୁନ୍ଦର ମହାପାତ୍ର, ସୂର୍ଯ୍ୟନାରାୟଣ ପାଣିଗ୍ରାହୀ, ଦେବନ କୁମାର ଦାସ ଏବଂ ବିଜୟ ଚରଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କ୍ରିଷ୍ଣା ଦେବୀ ଧନ୍ୟବାଦ ଦେଇଥିଲେ।

# ପୁରୀ ଜିଲା ଦିବ୍ୟାଙ୍ଗ ମହାମଞ୍ଚ ଗଠିତ

ପୁରୀ ଅଫିସ, ୪।୧୨

ଅନ୍ତଃରାଷ୍ଟ୍ରୀୟ ଭିନ୍ନକ୍ଷମ ଦିବସ ଅବସରରେ ପୁରୀ ଜିଲାର ଭିନ୍ନକ୍ଷମଙ୍କ ସହିତ ଅନେକ ସକ୍ଷମ ବ୍ୟକ୍ତି ଏକାଠି ହୋଇ ପୁରୀ ଜିଲା ଦିବ୍ୟାଙ୍ଗ ମହାମଞ୍ଚ ଗଠନ କରିଛନ୍ତି। ଏହାର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ପୌରାଞ୍ଚଳ ସହିତ ସମସ୍ତ ୧୧ ବ୍ଲକର ପ୍ରତିନିଧି ଯୋଗଦେଇ ଦିବ୍ୟାଙ୍ଗଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସାମାଜିକ କର୍ମୀ ସିଦ୍ଧାର୍ଥ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସଙ୍ଗଠନର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସଙ୍ଗଠନର ଆବାହକ ଅଧ୍ୟକ୍ଷ ଭାବେ ସିଦ୍ଧାର୍ଥ ରାୟଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ବ୍ୟଙ୍ଗ ସାହିତ୍ୟିକ ରତ୍ନାକର ବେହେରା ଉପାଧ୍ୟକ୍ଷ, ପ୍ରବକ୍ତା ଗଜଲକ୍ଷ୍ମୀ ରାଏ ସଙ୍ଗଠନ ସମ୍ପାଦିକା, ରାଜକିଶୋର ପାତ୍ର ସହସମ୍ପାଦକ, ଅଞ୍ଜଳି କୁମାରୀ ନାୟକ କୋଷାଧ୍ୟକ୍ଷ, କମଳକାନ୍ତ ସାହୁ ସହକୋଷାଧ୍ୟକ୍ଷ ଏବଂ ଆଇନଜୀବୀ ଅଶୋକ ଦାସ ଏବଂ ସଂଗ୍ରାମ କେଶରୀ ଦାସ ଲିଗାଲ ସେଲ୍ ଆଡଭାଇଜର ଭାବେ ମନୋନୀତ ହୋଇଛନ୍ତି। ମିଡିଆ ସେଲ ସଞ୍ଚାଳକ ଭାବେ ସତ୍ୟନାରାୟଣ ସାହୁ, କ୍ଷେତ୍ର ସଞ୍ଚାଳକ ଭାବେ କମଳ କୁମାର ଦାସ, ନିର୍ମଳ କୁମାର ପ୍ରଧାନ, ପୁଷ୍ପଲତା ପ୍ରଧାନ ଏବଂ ବିଚିତ୍ରା ରାଉତରାୟଙ୍କୁ ମନୋନୀତ କରାଯାଇଛି। ପ୍ରଶାନ୍ତ କୁମାର ନାୟକ, ବିସ୍ମୟ ମିଶ୍ର, କୃଷ୍ଣଚନ୍ଦ୍ର ସାହୁ ପୁରୀ ନଗର କମିଟି ସଞ୍ଚାଳକ ଭାବେ ମନୋନୀତ ହୋଇଛନ୍ତି। ଗୋପ ବ୍ଲକ ସଞ୍ଚାଳକ ନିର୍ମଳ କୁମାର ପ୍ରଧାନ, ବ୍ରହ୍ମଗିରି ବ୍ଲକର ଗୁଣ୍ଡିଚା ଷଣ୍ଢ, କୃଷ୍ଣପ୍ରସାଦର ଧର୍ମପ୍ରସାଦ ଦାସ, ଅସ୍ତରଙ୍ଗର ଭ୍ରମରବର ରାଉତ, ସତ୍ୟବାଦୀର ପ୍ରଦୀପ କୁମାର ଦାସ, କାକଟପୁରର ଅକ୍ଷୟ କୁମାର ସ୍ୱାଇଁ, ନିମାପଡ଼ା ବ୍ଲକ ସଞ୍ଚାଳକ ଭାବେ ଦିବାକର ନାୟକଙ୍କୁ ମନୋନୀତ କରାଯାଇଛି। ଜିଲାର ଦିବ୍ୟାଙ୍ଗଙ୍କୁ ଗୋଟିଏ ଛାତ ତଳକୁ ଆଣି ସେମାନଙ୍କ ସୁବିଧା ଅସୁବିଧା ବୁଝିବା, ସରକାରୀ ସାହାଯ୍ୟକୁ ସେମାନଙ୍କ ନିକଟରେ ପହଞ୍ଚାଇବା ଏବଂ ସେମାନଙ୍କ ଅଧିକାର ସହିତ ଭିନ୍ନକ୍ଷମ ଓ ସକ୍ଷମଙ୍କ ମଧ୍ୟରେ ପାତରଅନ୍ତର ନ ରଖି ଏକ ମିଳିତ ସମାଜ ଗଠନ କରିବା ବୋଲି ଅନୁଷ୍ଠାନର ପ୍ରବକ୍ତା ରତ୍ନକର ବେହେରା କହିଛନ୍ତି।

## ସଂକ୍ଷେପରେ

### ନିଶା ନିବାରଣ ସଚେତନତା

**ସାକ୍ଷୀଗୋପାଳ, ୪।୧୨ (ଡି.ଏନ୍.ଏ./ସ୍ୱ.ପ୍ର.):** ଆଭା ସଂଗଠନ ପକ୍ଷରୁ ସତ୍ୟବାଦୀ ଥାନା ପରିସରରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସାମାଜିକ ସୁରକ୍ଷା ପ୍ରତିଷ୍ଠାନ ଭାରତ ସରକାର ଓ ରାଜ୍ୟସ୍ତରୀୟ ସଂଯୋଜନା ସଂସ୍ଥାର ମିଳିତ ସହଯୋଗରେ ନିଶା ମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ପୋଲିସର ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନୁଷ୍ଠାନର ସଭାପତି ସୁଧୀର ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା, ସବ୍‌ଇନ୍‌ସପେକ୍ଟର ମମତା ବିଶ୍ୱାଳ, ଆଇନଜୀବୀ ଗୁଣ୍ଡିଚା ବରାଳ, ଡା. ପ୍ରୀତମ ବାଗ, ସାମାଜିକ କର୍ମୀ ଡ. କ୍ଷେତ୍ରବାସୀ ପ୍ରଧାନ, ଅନୁଷ୍ଠାନର ସହ ସମ୍ପାଦକ ବାଲୁଙ୍କେଶ୍ୱର ପରିଡ଼ା, ବିଶ୍ୱ ରଞ୍ଜନ ଦାସ, ବିଶ୍ୱଜିତ ସାହୁ ଏବଂ ବିଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଆନ୍ଦୋଳନ କରିବ ଜେନେରାଲ ଇନ୍ସ୍ୟୁରାନ୍ସ କର୍ମଚାରୀ ସଂଘ

**ପୁରୀ ଅଫିସ, ୪।୧୨:** ସର୍ବଭାରତୀୟ ଜେନେରାଲ ଇନସ୍ୟୁରାନ୍ସ କର୍ମଚାରୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଆନ୍ଦୋଳନ କରାଯିବାକୁ ଚେତାବନୀ ଦିଆଯାଇଛି। ରବିବାର ଏକ ଖବରଦାତା ସମ୍ମିଳନୀରେ ସର୍ବଭାରତୀୟ ଜେନେରାଲ ଇନସ୍ୟୁରାନ୍ସ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ତ୍ରିଲୋକ ସିଂ କହିଛନ୍ତି, କେନ୍ଦ୍ର ସରକାର ସମସ୍ତ ବୀମା କମ୍ପାନୀକୁ ଘରୋଇ କରଣ କରିବାରେ ଲାଗିଛନ୍ତି, ଯାହା ଗ୍ରହଣୀୟ ନୁହେଁ। ସଂଶୋଧିତ ନିୟମ ୧୯୩୮ ଅନୁସାରେ ଲୋକଙ୍କ ହିତ ପାଇଁ ସବୁ ବୀମା କମ୍ପାନୀ ମିଶାଇ ଏକ ଉଚ୍ଚକୋଟୀର ବୀମା କମ୍ପାନୀ ସ୍ଥାପନ କରାଯାଉ। ଘରୋଇକରଣ ବୀମା କମ୍ପାନୀଗୁଡ଼ିକ ସହ ମୁକାବିଲା କରିବା ପାଇଁ ସରକାରଙ୍କ ପକ୍ଷରୁ ଲେଭଲ ପ୍ଲେଇଂ ଫିଲ୍ଡ ପାଇଁ ଆମେ ପ୍ରୟାସ କରୁଛୁ। କେପିଆଇ ନାମରେ ଅଧିକାରୀମାନଙ୍କୁ ହଟାଇବା ସହ ସେମାନଙ୍କ ଉପରେ ଚାପ ପକାଯାଉଛି। ଭବିଷ୍ୟତରେ ବୀମା କମ୍ପାନୀଗୁଡ଼ିକୁ ବିକ୍ରି କରାଯିବାର ରଣ କୌଶଳ ଚାଲିଛି। ଆନ୍ଦୋଳନ ମାଧ୍ୟମରେ ଏହାର ଜବାବ ଦିଆଯିବ ବୋଲି ସେ କହିଛନ୍ତି। ଏହି ଅବସରରେ ସଂଘର ସଭାପତି ଅମରଜିତ୍ କୌର, କାର୍ଯ୍ୟକାରୀ ସଭାପତି ଆର୍. ଶ୍ରୀନିବାସ ମୂର୍ତ୍ତି, ଅତିରିକ୍ତ ସାଧାରଣ ସମ୍ପାଦକ ଏ. କୁମାର ଭେଲୁ ପ୍ରମୁଖ ଉପସ୍ଥିତ ଥିଲେ।

# ନୃତ୍ୟ ସଙ୍ଗୀତ ପ୍ରତିଯୋଗିତାରେ ଛାତ୍ରୀଛାତ୍ରଙ୍କ ପ୍ରତିଭା ପ୍ରଦର୍ଶନ



ଜିଲାସ୍ତରୀୟ ନୃତ୍ୟ ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସହ ଅତିଥିମାନେ।

ନିମାପଡ଼ା,୪।୧୨(ଡି.ଏନ୍.ଏ.)

ସ୍ୱେଚ୍ଛାସେବୀ ସଂଗଠନ ନୟାସବେରା ୟୁଥ୍ ଟ୍ରଷ୍ଟ ପକ୍ଷରୁ ଏକ ଜିଲାସ୍ତରୀୟ ନୃତ୍ୟ ସଙ୍ଗୀତ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଟାଉନ ହଲ୍‌ଠାରେ ଆୟୋଜିତ ଏହି ସମାରୋହରେ ଅତିଥି ଭାବେ ଡାକ୍ତର ନେତ୍ରାନନ୍ଦ ଭୋଇ, ଶିକ୍ଷାବିତ୍ ପ୍ରତାପଚନ୍ଦ୍ର ସାବୁତ୍, ନିର୍ମଳ ମିଶ୍ର, ଯୁବନେତା ଦିଲୀପ ପାତ୍ର, ସୁଦର୍ଶନ ପ୍ରଧାନ, ଟ୍ରଷ୍ଟ ସଭାପତି ବିଶ୍ୱରଞ୍ଜନ ତ୍ରିପାଠୀ, ସମ୍ପାଦକ ନିର୍ମଳ ପରିଜା ପ୍ରମୁଖ ଯୋଗଦେଇଥିଲେ। ନିମାପଡ଼ାର ବିକାଶ, ଜନସଚେତନତା ସୃଷ୍ଟି କରିବା ଦିଗରେ ଏହି ଟ୍ରଷ୍ଟ ଏକ ମାଇଲଖୁଣ୍ଟ ସଦୃଶ ବୋଲି ଅତିଥିମାନେ କହିଥିଲେ। ପ୍ରତିଯୋଗିତାରେ ପୁରୀ ଜିଲାର ନିମାପଡ଼ାବବବବବବବବବପ୍ରବ , ଗୋପ, ପିପିଲି, ବାଲିପାଟଣା ଆଦି ବ୍ଲକର ୭୦ଟି ସ୍କୁଲ ଓ କଲେଜର ୨ଶହରୁ ଉର୍ଦ୍ଧ୍ୱ କଳାକାରମାନେ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ବିଚାରକ ଭାବେ ଶିକ୍ଷକ ବିକାଶ ସାହୁ, ରାଜେଶ ରଥ, ସଙ୍ଗୀତ ଗୁରୁ ରାଜା ମଲ୍ଲିକ, ଅଭିଶେକ ନନ୍ଦ ପ୍ରମୁଖ ଯୋଗଦେଇ ସଂଯୋଜନା କରିଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୧୧ ତାରିଖରେ ଅନୁଷ୍ଠାନର ବାର୍ଷିକ ଉତ୍ସବରେ ମାନପତ୍ର, ପୁରସ୍କାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯିବ ବୋଲି ଟ୍ରଷ୍ଟ ସମ୍ପାଦକ ପରିଜା କହିଛନ୍ତି। ଟ୍ରଷ୍ଟର ସଦସ୍ୟ ସୁନୀଲ ସାହୁ, ପ୍ରଦୀପ ସ୍ୱାଇଁ, ସତ୍ୟବ୍ରତ ପ୍ରଧାନ, ବଳରାମ ସାମଲ, ସୁଲଗ୍ନା ସାହୁ, ଶ୍ରଦ୍ଧାଞ୍ଜଳି ଓଝା, ରଶ୍ମିରେଖା ଜେନା, ବିଷ୍ଣୁଚରଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୩ ବ୍ୟକ୍ତିତ୍ୱଙ୍କୁ ମିଳିବ ଶ୍ରୀଜଗନ୍ନାଥ ଚେତନା ସମ୍ମାନ

ପୁରୀ ଅଫିସ, ୪।୧୨

ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ଏକାଦଶ ବାର୍ଷିକ ଉତ୍ସବ ଆସନ୍ତା ୧୦ ତାରିଖରେ ହୋଟେଲ ହଲିଡେ ରିସର୍ଟରେ ପାଳନ ହେବ। ଏଥିରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଏବଂ ଗଜପତି ମହାରାଜା ଦିବ୍ୟସିଂହ ଦେବ ଉଦ୍‌ଘାଟକ ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ବିଶିଷ୍ଟ ସାମାଜିକ କର୍ମୀ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ପ୍ରତିଭା ସମ୍ମାନ, ଲେଖକ ଓ ଗବେଷକ ଡ. ଭାସ୍କର ମିଶ୍ରଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ଗବେଷକ ସମ୍ମାନ, ଜଗନ୍ନାଥ ଚେତନା ପ୍ରଚାରକ ଶଙ୍କର୍ଷଣ ମଙ୍ଗରାଜଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ପ୍ରଚାରକ ସମ୍ମାନ ପ୍ରଦାନ କରାଯିବ। ସେହିପରି ଶ୍ରୀଜଗନ୍ନାଥ ମନ୍ଦିର, ଧର୍ମଗଡ଼, କଳାହାଣ୍ଡି ଏବଂ ଶ୍ରୀଜଗନ୍ନାଥ ମନ୍ଦିର କୋଏମ୍ବାଟୁର, ତାମିଲନାଡୁଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ସଙ୍ଗଠକ ସମ୍ମାନ ପ୍ରଦାନ କରାଯିବ। ଏହି ଅବସରରେ ଶ୍ରୀଜଗନ୍ନାଥଙ୍କର ପାଞ୍ଚ ଜଣ ସେବକ ଓ ସେବକ ପରିବାରର ସଦସ୍ୟଙ୍କୁ ଚିକିତ୍ସା ସହାୟତା ପ୍ରଦାନ କରାଯିବ। ଉତ୍ସବରେ ପ୍ରତିଷ୍ଠାନର ମୁଖପତ୍ର ଶ୍ରୀଜଗନ୍ନାଥ ଚେତନା ଲୋକାର୍ପିତ ହେବ। ଉତ୍ସବରେ ବିଭିନ୍ନ ରାଜ୍ୟରୁ ଶତାଧିକ ସଦସ୍ୟା ସଦସ୍ୟ ଯୋଗଦେବେ ବୋଲି ପ୍ରତିଷ୍ଠାନର ମହାସଚିବ ଡ. ନରେଶ ଚନ୍ଦ୍ର ଦାଶ ସୂଚନା ଦେଇଛନ୍ତି। ଏହି ପ୍ରତିଷ୍ଠାନ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଗବେଷଣା କରିଆସୁଛି।

# କେନ୍ଦ୍ରାଞ୍ଚଳ ଆଇଜିଙ୍କ ପିପିଲି ଥାନା ପରିଦର୍ଶନ



ପୋଲିସ ଅଧିକାରୀଙ୍କ ସହିତ କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ଆଲୋଚନା କରୁଛନ୍ତି।

ପିପିଲି,୪।୧୨(ସ୍ୱ.ପ୍ର.)

କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ପିପିଲି ଥାନା ପରିଦର୍ଶନ କରିବା ସହ ବିଭିନ୍ନ ଅଭିଯୋଗ ସମ୍ପର୍କରେ ଏସ୍‌ଡିପିଓ ଦେବଦତ୍ତ ବରାଳ ଓ ଥାନା ଅଧିକାରୀ ଅଭିମନ୍ୟୁ ନାୟକଙ୍କ ସହ ଆଲୋଚନା କରିଛନ୍ତି। ଅପ୍ୟପଟେ ଥାନା ଆଗରେ ଜାତୀୟ ଦଳିତ ମାଇନୋରଟି ମହାସଂଘର ୫୦ରୁ ଉର୍ଦ୍ଧ୍ୱ ମହିଳା ପ୍ଲାକାର୍ଡ ଧରି ଥାନା ଅଧିକାରୀଙ୍କ ବିରୋଧରେ ନୀରବ ପ୍ରତିବାଦ କରିଥିଲେ। ସାଧାରଣ ଗରିବ ଲୋକଙ୍କୁ ନ୍ୟାୟ ଦେବା ପାଇଁ ଯେଉଁମାନେ ଆନ୍ଦୋଳନ କରିଥିଲେ ସେମାନଙ୍କ ବିରୋଧରେ ଥାନା ଅଧିକାରୀ ମିଥ୍ୟା ମାମଲା ରୁଜୁ କରଛନ୍ତି। ସାଧାରଣ ଲୋକଙ୍କ ନ୍ୟାୟ ପାଇଁ ଆନ୍ଦୋଳନ ଜାରି ରହିବ ବୋଲି ଦଳିତ ମହସଂଘର ରାଜ୍ୟ ସଭାପତି ବିଜୟ ସେଠୀ କହିଛନ୍ତି। ପ୍ରକାଶ ଯେ, ପିପିଲି ସଙ୍ଗଲାଇ ଶାସନ ଗ୍ରାମରେ ଜଣେ ବିଲ୍ଡର ଜମି ହଡପ କରି ଏକ ଆପାର୍ଟମେଣ୍ଟ ନିର୍ମାଣ କରିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କୁ ଠକିଥିବା ନେଇ ଥାନାରେ ଅଭିଯୋଗ କରିବା ସହ ଉକ୍ତ ଆପାର୍ଟମେଣ୍ଟ ଗେଟରେ ଗ୍ରାମବାସୀ ତାଲା ପକାଇଥିଲେ। ଏଥିସହ ଏକ ଘରୋଇ ଫାଇନାନ୍ସ କମ୍ପାନୀ ଜଗନ୍ନାଥପୁର ଗ୍ରାମର ସବିତା ସେଠୀଙ୍କୁ ଠକିଥିବା ଏବଂ ପିପିଲି ପୌରାଞ୍ଚଳ ଭାଗ ଚାଷୀଙ୍କ ଜମିରେ ଘାସମରା ଔଷଧ ପକାଇ ଫସଲ ନଷ୍ଟ କରିଥିବା ଜମି ମାଲିକ ବିରୋଧରେ ଅଭିଯୋଗ କରିଥିଲେ ଚଷୀ। ଏଭଳି ଅଭିଯୋଗ ଥାନାରେ ହୋଇଥିଲେ ମଧ୍ୟ ନ୍ୟାୟ ମିଳି ନ ଥିଲା। ଫଳରେ ଗତ ୧୨ ତାରିଖରେ ଦଳିତ ମହାସଂଘ ପକ୍ଷରୁ ପିପିଲିରୁ ଡିଜି ଅଫିସ ଅଭିମୁଖେ ପଦଯାତ୍ରା ବାହାରିଥିଲା। ସେଠାରେ ଦଳିତ ମହାସଂଘ ପକ୍ଷରୁ ଡିଜିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏନେଇ କେନ୍ଦ୍ରାଞ୍ଚଳ ଆଇଜି କୁହନ୍ତି, ପ୍ରତ୍ୟେକ ଶନିବାର ବିଭିନ୍ନ ଥାନାକୁ ଗସ୍ତ କରିଥାଏ। ତେଣୁ ପିପିଲି ଥାନାକୁ ଆସି ବିଭିନ୍ନ ଅଭିଯୋଗ ଉପରେ ଆଲୋଚନା କରିଥିବା ସେ କହିଛନ୍ତି।



ପୁରୀ ହିଞ୍ଜୋଳା ଜାଗା ପରିସରରେ ନବନିର୍ମିତ କଲ୍ୟାଣ ମଣ୍ଡପକୁ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଡା. ସମ୍ବିତ ପାତ୍ର ଉଦ୍‌ଘାଟନ କରୁଛନ୍ତି। ପାର୍ଶ୍ୱରେ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଏବଂ ଅନ୍ୟମାନେ।

# ଷୋଳହଳ ହତ୍ୟାକାଣ୍ଡ: ୨ ଅଭିଯୁକ୍ତ ଗିରଫ, ମାରଣାସ୍ତ୍ର ଜବତ

ସାକ୍ଷୀଗୋପାଳ, ୪।୧୨ (ଡି.ଏନ୍.ଏ./ସ୍ୱ.ପ୍ର.)

ସତ୍ୟବାଦୀ ଥାନା ଅନ୍ତର୍ଗତ ଷୋଳହଳ ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଶନିବାର ଗୋଷ୍ଠୀ ଆକ୍ରମଣ ଓ ହତ୍ୟାକାଣ୍ଡ ହୋଇଥିଲା। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ରବିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରବି ନାରାୟଣ ପଣ୍ଡା ଓ ପ୍ରମିଳା ପଣ୍ଡା। ଆକ୍ରମଣରେ ବ୍ୟବହୃତ ମାରଣାସ୍ତ୍ର ପୋଲିସ ଜବତ କରିଛି। ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୁରୀ ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ କହିଛନ୍ତି। ସୂଚନା ମୁତାବକ, ସାନଭାଇ ଇନ୍ଦ୍ରମଣି ପଣ୍ଡାଙ୍କୁ ବିଜୟ ପଣ୍ଡାଙ୍କ ସମେତ ୧୦ ଜଣ ସଂଘବଦ୍ଧ ଭାବେ କଟୁରି, ଶାବଳ, କାଠ, ଲୁହାଛଡ଼ ଆଦି ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ବଡ଼ଭାଇ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ସହ ପରିବାର ଲୋକେ ବିରୋଧ କରିବାକୁ ଆସି ଆକ୍ରମଣର ଶିକାର ହୋଇଥିଲେ। ଦୁହେଁ ଗୁରୁତର ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାବେଳେ ଶନିବାର ଇନ୍ଦ୍ରମଣିଙ୍କ ମୃତ୍ୟୁ ଘଟିଥିଲା। ପୂର୍ଣ୍ଣଚନ୍ଦ୍ର ଏବେ ବି ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଇନ୍ଦ୍ରମଣିଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି।

# 'କେନ୍ଦ୍ର ସରକାରଙ୍କ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଅ'




କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଭାଜପା କର୍ମକର୍ତ୍ତାମାନେ।

## ଭାଜପା ଶରଧାବାଲି ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ

ପୁରୀ ଅଫିସ, ୪।୧୨

ଭାରତୀୟ ଜନତା ପାର୍ଟି ପୁରୀ ଶରଧାବାଲି ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ରବିବାର ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶରଧାବାଲି ମଣ୍ଡଳ ସଭାପତି ସଞ୍ଜୀବ କୁମାର ମୁଖାର୍ଜୀ ଅଧ୍ୟକ୍ଷତା କରିଥିଲେ। ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଡ. ସମ୍ବିତ ପାତ୍ର, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲା ଭାଜପା ସଭାପତି ଆଶ୍ରିତ କୁମାର ପଟ୍ଟନାୟକ, ଜିଲା ମହିଳା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ଜିଲା ସାଧାରଣ ସମ୍ପାଦକ ଉମାକାନ୍ତ ନାୟକ, ପୂର୍ବତନ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ଶଙ୍କର ପରିଡ଼ା, ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ବିଶ୍ୱାଳ, ସଂଗ୍ରାମ କାନୁନ୍‌ଗୋ, ଉପସଭାପତି ଧିରେନ ରାୟ, ପ୍ରତାପ ମହାନ୍ତି, ପି. ଚନ୍ଦ୍ର ରାଓ, ଦାଶରଥି ମହାନ୍ତି, ଦେବେନ୍ଦ୍ର ତରାଇ, ସିଂହଦ୍ୱାର ମଣ୍ଡଳ ସଭାପତି ରବି ନାରାୟଣ ଦାଶ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନିତା ପଟ୍ଟନାୟକ, ସମ୍ପାଦକ ରାଜେଶ କୁମାର ନନ୍ଦ, ସୋନାଲିକା ପ୍ରତିହାରୀ, ଶିବ ନାରାୟଣ ଦାଶ, ଭାସ୍କର ରେଡ୍ଡୀ, ବ୍ରଜବନ୍ଧୁ ଦାସ ପ୍ରମୁଖ ଯୋଗ ଦେଇଥିଲେ। କେନ୍ଦ୍ର ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟକୁ ତୃଣମୂଳ ସ୍ତରରେ ପହଞ୍ଚାଇବାକୁ ଡ. ପାତ୍ର କର୍ମୀ ଓ ନେତାମାନଙ୍କୁ ଆହ୍ୱାନ ଦେଇଥିଲେ। ସେହିପରି ବିଧାୟକ ଷଡ଼ଙ୍ଗୀ ରାଜ୍ୟ ସରକାରଙ୍କ କଳା କାରନାମାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ କହିଥିଲେ। କେନ୍ଦ୍ର ସରକାରଙ୍କ ଯୋଜନାକୁ ରାଜ୍ୟ ସରକାର ମିଛରେ ନିଜ ମୋହର ମାରି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ସେ କହିଥିଲେ। ସଂଗ୍ରାମ କାନୁନ୍‌ଗୋ ଧନ୍ୟବାଦ ଦେଇଥିଲେ।

# ପାରାମାଉଣ୍ଟକୁ ହରାଇ ସେମିରେ ରାମେଶ୍ୱର

## ରାଜ୍ୟସ୍ତରୀୟ ନିମାପଡ଼ା ବାରବାଟୀ କପ୍ କ୍ରିକେଟ୍ ଉଦ୍‌ଘାଟିତ

ନିମାପଡ଼ା,୪।୧୨(ଡି.ଏନ୍.ଏ.)

ନିମାପଡ଼ା ଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ନିମାପଡ଼ା ବାରବାଟୀ କପ୍ ଦ୍ୱିତୀୟ ଟୁବୁଲି ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ରାମେଶ୍ୱର ସ୍ପୋର୍ଟିଂ (ଭୁବନେଶ୍ୱର) ଓ ପାରାମାଉଣ୍ଟ ସ୍ପୋର୍ଟିଂ (ଭୁବନେଶ୍ୱର)ଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ୭୧ ରନ୍‌ରେ ପରାସ୍ତ କରି ରାମେଶ୍ୱର ସ୍ପୋର୍ଟିଂ ବିଜୟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ରାମେଶ୍ୱର ସ୍ପୋର୍ଟିଂ ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ୍ ହରାଇ ୧୮୨ ରନ୍ ସଂଗ୍ରହ କରିଥିଲା। ଦଳର ଖେଳାଳି ସାରଂଶ କୁମାର ୫ ଛକା, ୬ ଚଉକା ସହ ୭୭ ରନ୍, ନାୟକ ଜନ୍ମେଜୟ ୨୯ ରନ୍ ସଂଗ୍ରହ କରିଥିଲେ। ଏଥିସହ ବୋଲର ନୀହାର ଭୂୟାଁ ସର୍ବାଧିକ ୬ ଉଇକେଟ୍ ନେଇଥିବାବେଳେ ପ୍ରତୀକ କୁମାର ସ୍ୱାଇଁ ୨ ଉଇକେଟ୍ ନେଇଥିଲେ। ପ୍ରତିପକ୍ଷ ପାରାମାଉଣ୍ଟ ଦଳର ବୋଲର ହିତେଶ କୁମାର ନାୟକ ୩ ଉଇକେଟ୍ ଏବଂ ଶକ୍ତି ଏସ୍ ଦାସ ୩ ଉଇକେଟ୍ ନେଇଥିଲେ। ଦଳ ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୧୧ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ସୌମ୍ୟରଞ୍ଜନ ବିଶ୍ୱାଳ ସର୍ବାଧିକ ୨୪ ରନ୍ ସଂଗ୍ରହ କରିଥିଲେ। ଓଡ଼ିଶାର ସ୍ୱୀକୃତିପ୍ରାପ୍ତ ଅମ୍ପାୟର ଅୟଶକାନ୍ତ ମିଶ୍ର ଓ ତାପସ ଦାସ ମ୍ୟାଚ ପରିଚାଳନା କରିଥିଲେ। ଆନନ୍ଦ ମଲ୍ଲିକ ଓ ବିଶ୍ୱଜିତ୍ ଘଡେଇ ସ୍କୋରର ରହିଥିଲେ। ବିଜୟୀ ଦଳର ଖେଳାଳୀ ନୀହାରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ଅତିଥି ଭାବେ ଶିକ୍ଷାବିତ୍ ବସନ୍ତ ମହାନ୍ତି, ଅମରେଶନନ୍ଦନ ସାହୁ, କ୍ରୀଡ଼ାବିତ୍ ମହେନ୍ଦ୍ର ସିଂ ଭାଟିଆ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ରାଜ୍ୟ ଗଣପରିଷଦ ଓଡ଼ିଶାର ସଭାପତି ଜ୍ୟୋସ୍ନାରାଣୀ ତ୍ରିପାଠୀ, ଅଷ୍ଟିନ୍ ପ୍ଲାଏଉଡର ରାଜ୍ୟ ମୁଖ୍ୟ ବିଜୟ ପ୍ରସାଦ ମିଶ୍ର, ଏସ୍‌ପି ଫାଉଣ୍ଡେଶନ ନିର୍ଦ୍ଦେଶକ ଶ୍ୱେତପର୍ଣ୍ଣା ରାୟ ମହାପାତ୍ର, ପଦ୍ମଚରଣ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସୋମବାର କଟକ ନିମପୁର କ୍ରିକେଟ୍ କ୍ଲବ ଖୋର୍ଦ୍ଧା ଜିଲା କ୍ରିକେଟ୍ ଆସୋସିଏଶନ ମଧ୍ୟରେ ଆୟୋଜିତ ହେବ।



ନିମାପଡ଼ା ବାରବାଟୀ ଗ୍ରାଉଣ୍ଡରେ ରାଜ୍ୟସ୍ତରୀୟ ନିମାପଡ଼ା ବାରବାଟୀ କପ୍ ଦ୍ୱିତୀୟ ଟୁବୁଲି ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ୍ ଅବସରରେ ଅତିଥିଙ୍କ ସହ ଖେଳାଳିମାନେ।

## ସଂକ୍ଷେପରେ

### ଭୂମି ଅଧିକାର ପ୍ରମାଣ ପତ୍ର ନିମନ୍ତେ ଡ୍ରୋନ ସର୍ଭେ କାର୍ଯ୍ୟ ଆରମ୍ଭ

ପୁରୁଣା ଭୁବନେଶ୍ୱର,୪।୧୨(ଡି.ଏନ୍.ଏ.): ଏକାମ୍ର ନିର୍ବାଚନମଣ୍ଡଳୀର ୱାର୍ଡ ନଂ.୬୦ ଅନ୍ତର୍ଗତ କପିଳେଶ୍ୱର ଅଞ୍ଚଳରେ ଡ୍ରୋନ ସର୍ଭେ ମାଧମରେ ଭୂମିହୀନ ବାସିନ୍ଦାଙ୍କ ଭୂମି ଅଧିକାର ପ୍ରମାଣ ପତ୍ର ପ୍ରଦାନ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମର ଏହି କାର୍ଯ୍ୟକ୍ରମକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶୁଭାରମ୍ଭ କରଛନ୍ତି। ପରେ ୱାର୍ଡ ନଂ.୬୧ ଭୀମଟାଙ୍ଗୀ ସାଇ ମନ୍ଦିର ଠାରୁ ଏକାମ୍ର କଲେଜ ପର୍ଯ୍ୟନ୍ତ ପିଚୁ ରାସ୍ତା ପାଇଁ ଶିଳାନ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧରେ ଡେପୁଟି ମେୟର ମଞ୍ଜୁଲତା କହଁର, କର୍ପୋରେଟର ଚନ୍ଦ୍ରଶେଖର ମଲ୍ଲିଆ, ଶିବ ନାରାୟଣ ରାୟ, ଶିବପ୍ରସାଦ ବେହେରା, ଜୋନାଲ ଡେପୁଟି କମିଶନର ପ୍ରିୟବ୍ରତ ପାଢ଼ୀ, ପୂର୍ବତନ କର୍ପୋରେଟର ଛବିନ୍ଦ୍ର ଜେନା, ପ୍ରଭାସ ସୁନ୍ଦରାୟ, ପ୍ରଶାନ୍ତ ମହାପାତ୍ର, ଜିତେନ୍ଦ୍ର ମଲିଆ, ରଞ୍ଜନ ମଲିଆ, ବିଜୟ ମଲିଆ, ଶକ୍ତିଶେଖର ମଲିଆ, ସସ୍ମିତା ଭୋଇ, ଜଗନ୍ନାଥ ପଟ୍ଟନାୟକ, ମାନସ ପଟ୍ଟନାୟକ, ମହିଳା ଗୋଷ୍ଠୀର ସଦସ୍ୟା ଉପସ୍ଥିତ ଥିଲେ।

### ଟଙ୍କା ନ ଦେବାରୁ ସଂଘବଦ୍ଧ ଆକ୍ରମଣ

**ଅଭିଯୁକ୍ତ ଗିରଫ, ଖଣ୍ଡା ଜବତ**

ଭୁବନେଶ୍ୱର, ୪।୧୨(ବ୍ୟୁରୋ): ବଟି ମାଗିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ତେଲୁଗୁ ବସ୍ତିର ଜାପାନୀ ଓରଫ ଆର.ପାୱାନ। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତାଙ୍କଠାରୁ ଗୋଟିଏ ଖଣ୍ଡା ଜବତ ହୋଇଛି। ସେହିଭଳି କେତେଜଣ ଅଭିଯୁକ୍ତ ଫେରାର ଥିବା ଜଣାପଡିଛି। ସୂଚନା ମୁତାବକ, ଅଭିଯୋଗକାରୀ ସୁବ୍ରତ ଏବଂ ତାଙ୍କର କେତେଜଣ ବନ୍ଧୁ ଭୀମପୁର ଛକରେ ଥିବା ଓମଫେଡ ପାର୍ଲରରେ ବସିଥିଲେ। ଏହି ସମୟରେ ଅଭିଯୁକ୍ତ ଏବଂ ତାଙ୍କର କେତେଜଣ ସହଯୋଗୀ ସେଠାରେ ପହଞ୍ଚି ସୁବ୍ରତଙ୍କୁ ଟଙ୍କା ଦେବା ପାଇଁ କହିଥିଲେ। ତେବେ ସୁବ୍ରତ ଟଙ୍କା ଦେବାକୁ ମନା କରିବାରୁ ଅଭିଯୁକ୍ତମାନେ ତାଙ୍କୁ ପଥରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ବଞ୍ଚାଇବା ପାଇଁ ଆସିଥିବା ବନ୍ଧୁମାନଙ୍କୁ ମଧ ଅଭିଯୁକ୍ତମାନେ ସଙ୍ଘବଦ୍ଧ ଭାବେ ଖଣ୍ଡାରେ ଆକ୍ରମଣ କରିଥିଲେ। ଏଥିସହ ପୋଲିସକୁ ସୂଚନା ଦେଲେ ଜୀବନରୁ ମାରିଦେବା ଲାଗି ଧମକ ଦେଇ ଘଟଣାସ୍ଥଳରୁ ଆକ୍ରମଣକାରୀ ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା।

### ଟ୍ରକ୍‌ରେ ପିଟିହେଲା ବାଇକ୍, ଚାଳକ ମୃତ

ମଙ୍ଗୁଳି/ଜଗତପୁର,୪।୧୨(ଡି.ଏନ୍.ଏ.)- ଜଗତପୁର ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ବିରୂପା ବ୍ରିଜ୍ ନିକଟରେ ରବିବାର ଅପରାହ୍ଣରେ ଏକ ଟ୍ରକ(ନଂ. ଓଡ଼ି୦୬ଏ-୦୩୭୩) ପଛରେ ଭାରସାମ୍ୟ ହରାଇ ବାଇକ୍ (ନଂ.ଓଡ଼ି୨୨ଟି-୬୦୧୩) ପିଟି ହୋଇଯାଇଛି। ଏଥିରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ପଛରେ ବସିଥିବା ଅନ୍ୟଜଣେ ଗୁରୁତର ହୋଇଛନ୍ତି। ଉଭୟଙ୍କ ପରିଚୟ ମିଳିପାରି ନ ଥିବାବେଳେ ଘର ଭଦ୍ରକ ଅଞ୍ଚଳରେ ବୋଲି ଜଣାପଡିଛି। ମୃତକ ଓ ଆହତ ଏକ ବାଇକ୍‌ରେ ଭଦ୍ରକରୁ କଟକ ଅଭିମୁଖେ ଯାଉଥିବାବେଳେ ଅସାବଧାନତାବଶତଃ ଉକ୍ତ ଟ୍ରକ୍‌ରେ ପିଟି ହୋଇଯାଇଥିଲେ। ଫଳରେ ଚାଳକ ଟ୍ରକ ପଛରେ ଚାପି ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବାଇକ୍ ପଛରେ ବସିଥିବା ଅନ୍ୟଜଣେ ଛିଟିକି ତଳେ ପଡିଯାଇଥିଲେ। ଜଗତପୁର ପୋଲିସ ଆହତଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ସେହିପରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟି ଜବତ କରି ତଦନ୍ତ ଚଳାଇଛି।

### ଷୋଳହଳ ହତ୍ୟାକାଣ୍ଡ: ୨ ଅଭିଯୁକ୍ତ ଗିରଫ

ସାକ୍ଷୀଗୋପାଳ, ୪।୧୨ (ଡି.ଏନ୍.ଏ./ସ୍ୱ.ପ୍ର.): ସତ୍ୟବାଦୀ ଥାନା ଅନ୍ତର୍ଗତ ଷୋଳହଳ ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଶନିବାର ଗୋଷ୍ଠୀ ଆକ୍ରମଣ ଓ ହତ୍ୟାକାଣ୍ଡ ହୋଇଥିଲା। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ରବିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରବି ନାରାୟଣ ପଣ୍ଡା ଓ ପ୍ରମିଳା ପଣ୍ଡା। ଆକ୍ରମଣରେ ବ୍ୟବହୃତ ମାରଣାସ୍ତ୍ର ପୋଲିସ ଜବତ କରିଛି। ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୁରୀ ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ କହିଛନ୍ତି।

# ଗାଡ଼ି ସାଇଡ୍ ମାରି ଖଣ୍ଡାରେ ହାଣିଲେ

- ଯୁବକ ଗୁରୁତର, ଅଭିଯୁକ୍ତ ଗିରଫ
- ପ୍ରେମରେ ବିଫଳ ହେବା ପରେ ହତ୍ୟା ଯୋଜନାରେ ଥିଲେ
- ଜନ୍ମ ଦିନରେ ଖଣ୍ଡାରେ କାଟିଥିଲେ କେକ୍

**ଛାତ୍ର ନେତାଙ୍କ ଗୁଣ୍ଡାରାଜ୍**



ଆହତ ରିଫନ୍ ବଳିୟାରସିଂହ





ଗିରଫ ଅଭିଯୁକ୍ତ ପୁତୁଲ ଓ ଜବତ ଖଣ୍ଡା। ପୁତୁଲ ଖଣ୍ଡାରେ କେକ୍ କାଟୁଛନ୍ତି।

ଭୁବନେଶ୍ୱର (ବ୍ୟୁରୋ)/ଯାଁଳା, ୪।୧୨(ଡି.ଏନ୍.ଏ.) : ଛାତ୍ର ନେତାଙ୍କ ଗୁଣ୍ଡାରାଜ୍। ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରି ବିଫଳ ହେବା ପରେ ତାଙ୍କ ଭାଇଙ୍କୁ ହତ୍ୟା ଯୋଜନା କରିଥିଲେ। ଗାଡି ସାଇଡ୍ ମାରିବା ପରେ ଖଣ୍ଡାରେ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ହେଲେ ସୌଭାଗ୍ୟ ବଶତଃ ଖଣ୍ଡ ଚୋଟ ତାଙ୍କ କାନମୁଣ୍ଡା ଓ ଶରୀରର ଅନ୍ୟ ସ୍ଥାନରେ ଲାଗିଥିଲା। ଦିନଦ୍ୱିପ୍ରହରରେ ବିଚ୍ ରାସ୍ତାରେ ଘଟିଥିଲା ଏପରି ଆତଙ୍କରାଜ। ଖୋର୍ଦ୍ଧା ଜିଲା ଇନ୍‌ଫୋସିଟି ଥାନା ଅନ୍ତର୍ଗତ ମଦନପୁର ଅଞ୍ଚଳରେ ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ଭୟର ବାତାବରଣ ସୃଷ୍ଟି ହୋଇଛି। ଆକ୍ରମଣର ଶିକାର ଯୁବକ ହେଲେ ରିଫନ ବଳିୟାରସିଂହ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏମ୍ସରେ ଭର୍ତ୍ତି କରିଛନ୍ତି। ତେବେ ଅଭିଯୋଗ ପରେ ପୋଲିସ ଆକ୍ରମଣକାରୀ ଯୁବକ ମଦନପୁର ତଳସାହିର ଜ୍ଞାନ ରଞ୍ଜନ ମାନ୍‌ସିଂ ଓରଫ ପୁତୁଲ (୨୯)ଙ୍କୁ ଗିରଫ କରିଛି। ତାଙ୍କଠାରୁ ଗୋଟିଏ ଖଣ୍ଡା ଜବତ କରାଯାଇଛି। ପୁତୁଲ ଏକ ରାଜନୈତିକ ଦଳର ଜଣେ ଛାତ୍ର ନେତା ବୋଲି ଜଣାପଡିଛି। ଗତ କିଛିଦିନ ତଳେ ଅଭିଯୁକ୍ତ ପୁତୁଲୁ ନିଜ ଜନ୍ମଦିନ ପାଳନବେଳେ ଖଣ୍ଡାରେ କେକ୍ କାଟିବା ଦୃଶ୍ୟ ଭାଇରାଲ ହୋଇଥିଲା।

ସୂଚନା ଅନୁସାରେ, ରିଫନଙ୍କ ଭଉଣୀକୁ ଅଭିଯୁକ୍ତ ପୁତୁଲ ଏକତରଫା ପ୍ରେମ କରୁଥିଲେ। ତାଙ୍କୁ ପ୍ରାୟ ସମୟରେ ପିଛା କରି ହଇରାଣ କରୁଥିଲେ। ଏନେଇ ଗତ ଦୁଇମାସ ତଳେ ଇନ୍‌ଫୋସିଟି ଥାନାରେ ଅଭିଯୋଗ ମଧ ହୋଇଥିଲା। ପୋଲିସ ପୁତୁଲକୁ ଥାନାକୁ ଆଣି ଚେତାବନୀ ଦେଇ ଛାଡ଼ିଦେଇଥିଲା। ଫଳରେ ସେ ରିଫନଙ୍କ ଉପରେ ପ୍ରତିଶୋଧ ନେବାକୁ ସୁଯୋଗ ଖୋଜୁଥିଲେ। ଏପରିକି ମଝିରେ ମଝିରେ ରିଫନଙ୍କୁ କମେଣ୍ଟ ମାରିବା ସହ ଗଣ୍ଡଗୋଳ ବାଟ ଖୋଜୁଥିଲେ। ରବିବାର ସକାଳେ ରିଫନ ମଦନପୁରରୁ ଗୋହିରା ଛକକୁ ବାଇକ୍‌ରେ ଆସୁଥିଲେ। ଏହି ସମୟରେ ପୁତୁଲ କାର୍‌ରେ ମଦନପୁରକୁ ଫେରୁଥିଲେ। ସ୍ଥାନୀୟ ଏକ ଘରୋଇ ବୈଷୟିକ ମହାବିଦ୍ୟାଳୟ ନିକଟରେ ରିଫନଙ୍କୁ ଦେଖି ପୁତୁଲ ସାଇଡ୍ ମାରିଥିଲେ। ସେ ବାଇକ୍ ସହ ତଳେ ପଡିଯାଇଥିଲେ। ଏହାପରେ ସାଇଡ୍‌ମରାକୁ ନେଇ ଉଭୟଙ୍କ ମଧରେ ବଚସା ହୋଇଥିଲା। ଏଥିରେ ପୁତୁଲ ଉତ୍କ୍ଷିପ୍ତ ହୋଇ ତାଙ୍କ କାର୍‌ରେ ରଖିଥିବା ଖଣ୍ଡା ଆଣି ରିଫନଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଚୋଟ ମାରିଥିଲେ। ହେଲେ ରିଫନ ହାତ ଦେଖାଇବା ସହ ମୁଣ୍ଡକୁ ସାଇଡ୍ କରିଦେବାରୁ ଖଣ୍ଡାଟି ତାଙ୍କ କାନ ଓ କାନମୁଣ୍ଡାରେ ବାଜିଥିଲା। ରିଫନଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣା ସ୍ଥଳକୁ ଦୌଡ଼ି ଆସିବାରୁ ଅଭିଯୁକ୍ତ ପୁତୁଲୁ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକ ରିଫନଙ୍କୁ ମେଡିକାଲ ପଠାଇବା ସହ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତ ପୁତୁଲୁଙ୍କୁ ବହୁ ଖୋଜା ଖୋଜା ପରେ ଭୁବନେଶ୍ୱରରୁ ଗିରଫ କରିଥିଲା।

## ଖନନ ବେଳେ ପାହାଡ଼ରୁ ଖସିଲା ପୋକ୍ଲିନ୍ ମେଶିନ୍

**ଅପରେଟର ମୃତ**

ଖୋର୍ଦ୍ଧା ଅଫିସ,୪।୧୨

ପାହାଡ଼ ଖୋଳିବାବେଳେ ପୋକ୍ଲିନ ମେଶିନ ସହ ଖସିପଡ଼ି ଜଣେ ଅପରେଟରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖୋର୍ଦ୍ଧା ମଳିପଡ଼ାର ଦିଲୀପ କଲସ। ରବିବାର ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ହାତୀଆମୁଣ୍ଡିଆରେ ଏହି ଅଘଟଣ ଘଟିଛି। ସୂଚନା ଅନୁଯାୟୀ, ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳର ଏକ ଘରୋଇ କମ୍ପାନୀ ହାତୀଆମୁଣ୍ଡିଆରେ ଥିବା ହାତିଆ ପାହାଡ଼କୁ ଲିଜ୍ ନେଇଛି। ପାହାଡ଼ ଉପରେ ପୋକ୍ଲିନ ମେଶିନ ଯୋଗେ ପଥର କଟା ଚାଲିଥିବାବେଳେ ଅପରେଟର ଦିଲୀପ ଭାରସାମ୍ୟ ହରାଇ ମେଶିନ ସହ ତଳକୁ ଖସିପଡ଼ିଥିଲେ। ତାଙ୍କ ଶରୀରର ବିଭିନ୍ନ ଅଂଶ ଖଣ୍ଡବିଖଣ୍ଡିତ ହୋଇଯାଇଥିଲା। ତାଙ୍କ ବାପା ରତ୍ନାକର କଲସଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏଥିସହ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।



## ରାସ୍ତାରୁ ଷଣ୍ଢ ଉଠାଇବା ବେଳେ ଆକ୍ରମଣ

ଭୁବନେଶ୍ୱର,୪।୧୨(ବ୍ୟୁରୋ)

ରାଜରାସ୍ତାରେ ବୁଲା ଗୋରୁଙ୍କ ଯୋଗୁ ଅନେକ ସମୟରେ ଦୁର୍ଘଟଣା ହେଉଥିବାରୁ ସେମାନଙ୍କୁ ଉଠାଉଛି ବିଏମ୍‌ସି। ମାତ୍ର ଏମାନଙ୍କୁ ଉଠାଇବା ସମୟରେ ଅନେକ ସ୍ଥାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଗୋରୁଙ୍କୁ ଉଠାଇବାକୁ ଯାଇ ଅଡୁଆରେ ପଡୁଛି ଏଜେନ୍ସି। ଗୁରୁବାର ରାତିରେ ପଟିଆ ଅଞ୍ଚଳରେ ଏପରି ଘଟଣା ଘଟିଛି। ବିଏମ୍‌ସି ପକ୍ଷରୁ ନିୟୋଜିତ ସଂସ୍ଥା 'ଭଲ୍ୟୁଣ୍ଟର ଫର ସୋସିଆଲ ସର୍ଭିସ୍ ଆଣ୍ଡ ଲିଆସନିସ୍' (ଭିସାଲ) ରାସ୍ତାରୁ ଷଣ୍ଢ ଉଠାଉଥିବାବେଳେ ସେମାନଙ୍କ ଉପରେ କିଛି ବ୍ୟକ୍ତି ଆକ୍ରମଣ କରି ଷଣ୍ଢମାନଙ୍କୁ ଖୋଲି ଦେଇଥିଲେ। ଏଥିରେ ସଂସ୍ଥାର କିଛି ବ୍ୟକ୍ତି ଆହତ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ସଂସ୍ଥା ପକ୍ଷରୁ ବିଏମ୍‌ସିରେ ଲିଖିତ ଅଭିଯୋଗ ହୋଇଥିଲା। ବିଏମ୍‌ସ୍ ପକ୍ଷରୁ ଶନିବାର ଚନ୍ଦ୍ରଶେଖରପୁର ଥାନାରେ ୪ଜଣଙ୍କ ନାମରେ ଏତଲା ଦିଆଯାଇଛି।

ଘଟଣା ସମ୍ପର୍କରେ ବିଏମ୍‌ସି ଡେପୁଟି କମିଶନର (ୱେଲଫେୟାର) ରମେଶ ଚନ୍ଦ୍ର ଜେନା କହିଛନ୍ତି, ଏଜେନ୍ସି ବିଏମ୍‌ସିରେ ଲିଖିତ ଅଭିଯୋଗ କରିଥିଲା। କମିଶନର ଏହାକୁ ଦେଖିବା ପରେ ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ଏବଂ ସଂସ୍ଥାର ଅଭିଯୋଗକୁ ଭିତ୍ତିକରି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ରାସ୍ତାରୁ ଷଣ୍ଢ ଉଠାଯାଉଥିବାରୁ କିଛିଲୋକଙ୍କ ସ୍ୱାର୍ଥରେ ବ୍ୟାଘାତ ସୃଷ୍ଟି ହେଉଛି। କେତେକ ଲୋକ ଷଣ୍ଢକୁ ନିଜ ଗୋଶାଳାରେ ରଖି ବିଭିନ୍ନ ସାମାଜିକ ଅନୁଷ୍ଠାନ ଏବଂ ଅନ୍ୟାନ୍ୟ ସ୍ଥାନରୁ ଟଙ୍କା ଆଣୁଥିଲେ। ମାତ୍ର ବିଏମ୍‌ସି ଷଣ୍ଢମାନଙ୍କୁ ଉଠାଇ ନେବା ପରେ ସେମାନେ ଏହା କରିପାରୁନାହାନ୍ତି। ଫଳରେ ଏଭଳି ଆକ୍ରୋଶମୂଳକ କାର୍ଯ୍ୟ କରୁଛନ୍ତି।

**ଥାନାରେ ଏତଲା ଦେଲା ବିଏମ୍‌ସି**

ସୂଚନାଯୋଗ୍ୟ, ରାସ୍ତାରୁ ବୁଲା ଗୋରୁଙ୍କୁ ଉଠାଇବା ପାଇଁ ବିଏମ୍‌ସି ପକ୍ଷରୁ ୩ଟି ଏଜେନ୍ସି ଯଥା ଭିଶାଲ, ଜେ.କେ. ଟ୍ରେଡର୍ସ ଏବଂ ଆର.କେ. ଟ୍ରେଡର୍ସଙ୍କୁ ନିୟୋଜିତ କରାଯାଇଛି। ସମ୍ପୃକ୍ତ ଏଜେନ୍ସି ମହାନଗର ନିଗମାଞ୍ଚଳର ଯେ କୌଣସି ସ୍ଥାନରୁ ବୁଲା ଗୋରୁଙ୍କୁ ଉଠାଇପାରିବେ। ଦିନବେଳା ସେମାନଙ୍କୁ ଉଠାଇବା କଷ୍ଟକର ହୋଇଥିବାରୁ ସାଧାରଣତଃ ବିଳମ୍ବିତ ରାତିରେ ସେମାନଙ୍କୁ ଉଠାଯାଇଥାଏ।





କଟକ ନେତାଜୀ ସେତୁପାର୍ଶ୍ୱ ବେଲ୍‌ଭ୍ୟୁ ପାର୍କ ପରିସରରେ କମିଶନରେଟ୍ ପୋଲିସ ପକ୍ଷରୁ ରବିବାର ଅନୁଷ୍ଠିତ ଓଡ଼ିଶା ପୋଲିସର ବ୍ୟାଣ୍ଡ ଶୋ'।

## ଆନ୍ଦୋଳନ କରିବ ଜେନେରାଲ ଇନ୍‌ସ୍ୟୁରାନ୍ସ କର୍ମଚାରୀ ସଂଘ

ପୁରୀ ଅଫିସ, ୪।୧୨:

ସର୍ବଭାରତୀୟ ଜେନେରାଲ ଇନସ୍ୟୁରାନ୍ସ କର୍ମଚାରୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଆନ୍ଦୋଳନ କରାଯିବାକୁ ଚେତାବନୀ ଦିଆଯାଇଛି। ରବିବାର ସଂଘର ସାଧାରଣ ସମ୍ପାଦକ ତ୍ରିଲୋକ ସିଂ କହିଛନ୍ତି, କେନ୍ଦ୍ର ସରକାର ସମସ୍ତ ବୀମା କମ୍ପାନୀକୁ ଘରୋଇ କରଣ କରିବାରେ ଲାଗିଛନ୍ତି। ଭବିଷ୍ୟତରେ ବୀମା କମ୍ପାନୀଗୁଡ଼ିକୁ ବିକ୍ରି କରାଯିବାର ରଣ କୌଶଳ ଚାଲିଛି। ଆନ୍ଦୋଳନ ମାଧମରେ ଏହାର ଜବାବ ଦିଆଯିବ ବୋଲି ସେ କହିଛନ୍ତି।

# ଧବଳେଶ୍ୱରଙ୍କ ଦର୍ଶନ ପାଇଁ ହେବ ଅସ୍ଥାୟୀ ରାସ୍ତା

- ୯ରେ ଖୋଲାଯିବ ଟେଣ୍ଡର ଫାଇଲ
- ୨୦୨୩ ମାର୍ଚ୍ଚ ସୁଦ୍ଧା ପୋଲ କାମ ସାରିବାକୁ ନିର୍ଦ୍ଦେଶ

ଖୁଣ୍ଟୁଣୀ, ୪।୧୨(ଡି.ଏନ.ଏ.)

କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱରଙ୍କ ଦର୍ଶନ ପାଇଁ ଭକ୍ତଙ୍କୁ ବାରଣ କରାଯାଇଛି। ଧବଳେଶ୍ୱର ପୀଠକୁ ସଂଯୋଗ ହୋଇଥିବା ଝୁଲାପୋଲକୁ ବନ୍ଦ କରାଯାଇଥିବାରୁ ଭକ୍ତମାନେ ଦର୍ଶନରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ଅସନ୍ତୋଷ ଜୋର୍ ଧରିଛି। ତେବେ ଭକ୍ତମାନେ କିଭଳି ଠାକୁରଙ୍କୁ ଦର୍ଶନ କରିପାରିବେ ସେଥିପାଇଁ କଟକ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏ ନେଇ ଧବଳେଶ୍ୱର ପୀଠରେ ରବିବାର ମଧ୍ୟାହ୍ନରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଧବଳେଶ୍ୱରଙ୍କ ଦର୍ଶନ ପାଇଁ ମହାନଦୀରେ କଂକ୍ରିଟ୍ ପୋଲ ନିର୍ମାଣ କରାଯାଉଛି। ଏହି କାମ ଆସନ୍ତା ବର୍ଷ ଶେଷ ହେବ। ତେବେ ଏହା ପୂର୍ବରୁ ପୋଲ ନିକଟ ନଦୀଶଯ୍ୟାରେ ବାଲିବସ୍ତା ପକାଯାଇ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯିବ। ଏଥିପାଇଁ ସହମତି ଭିତ୍ତିରେ ନିଷ୍ପତ୍ତି ହୋଇ ରବିବାରଠାରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ୯ ତାରିଖରେ ସର୍ବସାଧାରଣରେ ଟେଣ୍ଡର ଫାଇଲ ଖୋଲାଯିବ ବୋଲି ଆଠଗଡ଼ ତହସିଲଦାର ପ୍ରିୟବ୍ରତ ଦାସ କହିଛନ୍ତି। ଏଥିସହିତ କଂକ୍ରିଟ ପୋଲ ନିର୍ମାଣ କାମ ଆସନ୍ତା ଫେବୃୟାରୀ ମଧରେ ସାରିବାକୁ କେନ୍ଦ୍ରାଞ୍ଚଳ ଆର୍‌ଡିସି ସୁରେଶ ଚନ୍ଦ୍ର ଦଳାଇ ସମ୍ପୃକ୍ତ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏହି କାମକୁ ଆଉ ଗୋଟିଏ ମାସ ଅର୍ଥାତ୍ ମାର୍ଚ୍ଚ ମଧରେ ଶେଷ କରିବାକୁ ଠିକାଦାର ସମୟ ମାଗିଥିଲେ। ଫଳରେ ମାର୍ଚ୍ଚ ଶେଷ ସୁଦ୍ଧା ନିର୍ମାଣ କାମ ସରିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ଗ୍ରାମ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ ପ୍ରଦୀପ ମହାପାତ୍ର, ସୁପରିଣ୍ଟେଣ୍ଡେଣ୍ଟ ସୋମନାଥ ପରିଡା, ଆର୍‌ଆଣ୍ଡ୍‌ବିର ପ୍ରଦୀପ ମହାନ୍ତି, ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ତହସିଲଦାର ପ୍ରିୟବ୍ରତ ଦାସ, ଚୌଦ୍ୱାର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ଗୁରୁଡିଝାଟିଆ ଥାନା ଅଧିକାରୀ ରଞ୍ଜନ କୁମାର ପ୍ରଧାନ, ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା, ମଞ୍ଚେଶ୍ୱର ସରପଞ୍ଚଙ୍କ ପ୍ରତିନିଧି ପ୍ରିୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୋଲ ନିର୍ମାଣ ଓ ଅସ୍ଥାୟୀ ରାସ୍ତା କାମ ତ୍ୱରାନ୍ୱିତ ପାଇଁ ଜିଲାପାଳ ଓ ଅନ୍ୟମାନେ କ୍ଷେତ୍ର ପରିଦର୍ଶନ କରିଥିଲେ।

ସୂଚନାଯୋଗ୍ୟ, ଗୁଜରାଟର ମୋରବିରେ ଝୁଲାପୋଲ ଦୁର୍ଘଟଣାରେ ଶତାଧିକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଘଟଣାର ୨୪ ଘଣ୍ଟା ନ ପୂରୁଣୁ ଆଠଗଡ ବ୍ଲକ ମଞ୍ଚେଶ୍ୱରଠାରେ ମହାନଦୀ ଉପରେ ନିର୍ମିତ ଧବଳେଶ୍ୱର ଝୁଲାପୋଲକୁ ସର୍ବସାଧାରଣଙ୍କ ଯାତାୟାତ ନିମନ୍ତେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ଘୋଷଣା କରାଯାଇଛି। ଝୁଲାପୋଲରେ ଫାଟ ସୃଷ୍ଟି ହେବା ସହ ବିମ୍‌ରେ କଳଙ୍କି ଲାଗି କଣା ହୋଇଯାଇଥିବାରୁ ମରାମତିର ଆବଶ୍ୟକ ରହିଛି। ଗତ ନଭେମ୍ବର ୧ରୁ ଭକ୍ତଙ୍କ ଯାତାୟାତ ବନ୍ଦ କରାଯିବା ସହ ପୀଠ ନିକଟରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ୧୪୪ ଧାରା ଜାରି କରାଯାଇଛି। ଫଳରେ ଭକ୍ତମାନେ ଠାକୁରଙ୍କ ଦର୍ଶନରୁ ବଞ୍ଚିତ ହୋଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

## ଜମି କିଣାବିକା ସର୍ତ୍ତାବଳୀ ପୂରଣ ନ କରି ଯୁବକ ଗିରଫ

ଫୁଲନଖରା, ୪।୧୨(ଡି.ଏନ୍.ଏ.)

ଗୃହୋପଯୋଗୀ ଜମି କିଣିବା ସମୟରେ ସର୍ତ୍ତାବଳୀ ଅନୁଯାୟୀ ଜମିକୁ ବିଦ୍ୟୁତ୍, ରାସ୍ତା ଓ ଜଳ ଯୋଗାଣ କରି ନ ଥିବାରୁ ଜଣେ ଯୁବକଙ୍କୁ ରବିବାର କଟକ ସଦର ଥାନା ପୋଲିସ ଗିରଫ କରିଛି । ସେ ହେଲେ ଗୋପାଳପୁରସ୍ଥିତ ଶାମପୁର ଗ୍ରାମର ରାକେଶ ଓରଫ ନୃସିଂହ ଚରଣ ଜେନା। ପୋଲିସ ସୂତ୍ରରୁ ପ୍ରକାଶ, ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅନ୍ତର୍ଗତ କନାପଡ଼ା ଗ୍ରାମର ମନୋରମା ମହାନ୍ତି ଓ ଅନ୍ୟ ୯ ଜଣ ବ୍ୟକ୍ତି ମିଶି ସଦର ଥାନା ଅନ୍ତର୍ଗତ ଗୋପାଳପୁରଠାରେ ଗୃହୋପଯୋଗୀ ଜମି କଟକ ଚାଉଳିଆଗଞ୍ଜ ଥାନା ଅଞ୍ଚଳର ସୌଭାଗିନୀ ମହାନ୍ତିଙ୍କଠାରୁ କିଣିଥିଲେ। ଏହି କିଣାବିକା ଦୁଇଜଣ ମଧ୍ୟସ୍ଥ ନୃସିଂହ ଚରଣ ଜେନା ଓ ସୁଭଦ୍ରାପୁର ଗ୍ରାମର ମୁନା ଓରଫ ଲୋକନାଥ ବାରିକଙ୍କ ସହଯୋଗରେ ହୋଇଥିଲା। ସେହି ସମୟରେ ନୃସିଂହ ଓ ଲୋକନାଥ କ୍ରେତାମାନଙ୍କୁ ଅନ୍ୟ ଲୋକଙ୍କ ଜମି ଦେଖାଇ ସେହି ରାସ୍ତା ସହ ଜଳ ଯୋଗାଣ ଓ ବିଦ୍ୟୁତ ସଂଯୋଗ କରାଇ ଦେବା ପାଇଁ କହି ଏକ ସତ୍ୟପାଠ ଦେଇ ଅଧିକ ଅର୍ଥ ନେଇଥିଲେ। କିନ୍ତୁ ନିର୍ଦ୍ଦିଷ୍ଟ ସମୟ ଅତିବାହିତ ହୋଇଯାଇଥିଲେ ସୁଦ୍ଧା ସେମାନେ ଆବଶ୍ୟକ ସୁବିଧା ପୂରଣ କରିପାରି ନ ଥିଲେ। ଏ ନେଇ ମନୋରମାଙ୍କ ସହ ଅନ୍ୟ କ୍ରେତାମାନେ ମିଶି କୋର୍ଟର ଦ୍ୱାରସ୍ଥ ହୋଇ ପିଟିଶନ ଦାଖଲ କରିଥିଲେ। ସଦର ଥାନା ପୋଲିସ ତଦନ୍ତ ପରିସରକୁ ଆଣି ମାମଲା ନଂ.୧୮୨/୨୨ ରୁଜୁ କରି ରାକେଶଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଏହି ମାମଲାରେ ପୂର୍ବରୁ ଲୋକନାଥ ଜେଲରେ ଅଛନ୍ତି।

## ପିଲାଙ୍କ ସାମୂହିକ ବିକାଶର ଗୁରୁଦାୟିତ୍ୱ ନିଏ ପ୍ରି ସ୍କୁଲ

ଭୁବନେଶ୍ୱର,୪।୧୨(ବ୍ୟୁରୋ)

ଶୈଳଶ୍ରୀବିହାରସ୍ଥିତ ଲିଟିଲ ଉଇଙ୍ଗ୍‌ସ ପ୍ରି ସ୍କୁଲର ୧୫ତମ ବାର୍ଷିକ ଉତ୍ସବ ଶନିବାର ସନ୍ଧ୍ୟାରେ ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଗଗନ ବିହାରୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବରିଷ୍ଠ ବୈଜ୍ଞାନିକ ନରେନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ବର୍ତ୍ତମାନ ଉଭୟ ମାତାପିତା କର୍ମଜୀବୀ ହେଉଥିବା ଯୋଗୁ ପ୍ରି ସ୍କୁଲ ଛୋଟ ପିଲାଙ୍କ ସାମୂହିକ ବିକାଶ ପାଇଁ ଗୁରୁଦାୟିତ୍ୱ ନେଇଥାଏ। ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ପିଲାଟି ବଢିଲେ ସେମାନଙ୍କ ମାନସିକ ଓ ଭୌତିକ ବିକାଶ ହୁଏ ବୋଲି ମୁଖ୍ୟ ଅତିଥି କହିଥିଲେ। ମୁଖ୍ୟବକ୍ତା ଭାବେ ରେଳବାଇ ପୂର୍ବତନ ପ୍ରଶାସକ ତଥା ଜଣେ ଅଭିଭାବକ ଧୀରେନ ପ୍ରତିହାରୀ ଯୋଗଦେଇ ସ୍କୁଲର ଅଧ୍ୟକ୍ଷାଙ୍କର ପିଲାଙ୍କ ପ୍ରତି ଥିବା ସ୍ନେହ ଶ୍ରଦ୍ଧା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅଧ୍ୟକ୍ଷା ସ୍ନେହାଞ୍ଜଳି ପଟ୍ଟନାୟକ ସ୍ୱାଗତ ଭାଷଣରେ ତାଙ୍କ ୧୫ ବର୍ଷର ଅଭିଜ୍ଞତାରେ ପିଲାଙ୍କୁ ଖେଳ ଓ ସ୍ନେହରେ ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି କରାଯାଇ ସେଥିପ୍ରତି ମନୋନିବେଶ କରାଯାଇଥାଏ ବୋଲି କହିଥିଲେ। ବିଭିନ୍ନ କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ପିଲାମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶୁଭଜିତ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।





ବାର୍ଷିକ ଉତ୍ସବରେ ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ପୁସ୍ତକ ପଠନ ଅଭ୍ୟାସ ସଙ୍କଟରୁ ରକ୍ଷାକରେ

**କୁଳମଣି ମେହେରଙ୍କୁ 'ଯୁଗପ୍ରବର୍ତ୍ତକ ସାରସ୍ୱତ ସମ୍ମାନ'**

ଭୁବନେଶ୍ୱର, ୪।୧୨ (ବ୍ୟୁରୋ)

ପୁସ୍ତକ ପଠନ ଅଭ୍ୟାସ ମଣିଷକୁ ବହୁ ସଙ୍କଟରୁ ରକ୍ଷା କରିବା ସହ ରୋଗୀର ରୋଗ ମଧ ଲାଘବ କରେ। ପୁସ୍ତକ ପଠନ ଅଭ୍ୟାସ ମଧ ବାର୍ଦ୍ଧକ୍ୟ ଯନ୍ତ୍ରଣାର ଉପଶମ କରିଥାଏ। ଏହାକୁ ପୁସ୍ତକ ଚିକିତ୍ସା କୁହାଯାଏ ବୋଲି କଥାକାର ଅଚ୍ୟୁତାନନ୍ଦ ପତି ମତ ଦେଇଛନ୍ତି। ଗଣ ସାଂସ୍କୃତିକ ମଞ୍ଚ ପକ୍ଷରୁ ଗୀତଗୋବିନ୍ଦ ସଦନଠାରେ ୫ଦିନିଆ ଯୁଗ ପ୍ରବର୍ତ୍ତକ କଳା ଓ ସାହିତ୍ୟ ସମାରୋହକୁ ଉଦ୍‌ଘାଟନ କରି କଥାକାର ପତି ଏହା କହିଛନ୍ତି। ମୁଖ୍ୟ ଅତିଥି ଭାବେ ଲେଖକ, ସ୍ତମ୍ଭକାର ତଥା ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାସ୍ କମ୍ୟୁନିକେଶନ୍‌ର ନିର୍ଦ୍ଦେଶକ ପ୍ରଫେସର ଡ. ମୃଣାଳ ଚାଟାର୍ଜୀ ଯୋଗ ଦେଇଥିଲେ। ଚିତ୍ରଶିଳ୍ପୀ ଓ ସାହିତ୍ୟିକମାନଙ୍କୁ ଆଗାମୀ ପିଢ଼ି ପାଇଁ ପୁସ୍ତକ ପଠନ ଓ ଚରିତ୍ର ଗଠନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଛାତ୍ରୀଛାତ୍ରମାନେ ମୁକ୍ତ ପଠନ ଓ ମୁକ୍ତ ଜ୍ଞାନ ଆହରଣ କରିପାରିଲେ ଉପଯୁକ୍ତ ବ୍ୟକ୍ତିତ୍ୱ ଗଠନ କରିପାରିବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଗଣିତ ବିଭାଗ ପ୍ରଫେସର ଡ. ବୀରେନ୍ଦ୍ର ନାୟକ କଳା ପ୍ରଦର୍ଶନୀରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟଗୁଡ଼ିକର ପ୍ରଶଂସା କରିଥିଲେ।

ଏହି ଅବସରରେ ଚଳିତ ବର୍ଷର 'ଯୁଗପ୍ରବର୍ତ୍ତକ ସାରସ୍ୱତ ସମ୍ମାନ' କବି କୁଳମଣି ମେହେରଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ଯୁଗ ପ୍ରବର୍ତ୍ତକର ଲେଖିକା ଡ. ବାସନ୍ତୀ ମହାନ୍ତି, ଅନୁବାଦିକା ତଥା 'ପ୍ରାଚୀତାରା'ର ସମ୍ପାଦିକା ହରପ୍ରିୟା ମହାନ୍ତି, ଗବେଷିକା ସୁନନ୍ଦା ମହାପାତ୍ର, କବି ଅକ୍ଷୟ ରାଉଳ, ପ୍ରବାସିନୀ ରାଉଳ, ଚିତ୍ରଶିଳ୍ପୀ ଡ. ରମାକାନ୍ତ ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ୧୪ଜଣ ଚିତ୍ରଶିଳ୍ପୀଙ୍କୁ ଉଚ୍ଚକୋଟୀର କଳାକୃତି ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ୧୪୮ଜଣ ଚିତ୍ରଶିଳ୍ପୀଙ୍କୁ ନେଇ ଏହି ଚିତ୍ରକଳା ପ୍ରଦର୍ଶନୀ ସୂଚନା ଭବନଠାରେ ଆସନ୍ତା ୭ ତାରିଖ ଯାଏ ଚାଲିବ। ଯୁଗପ୍ରବର୍ତ୍ତକର ସମ୍ପାଦକ ତଥା ଗଣ ସାଂସ୍କୃତିକ ମଞ୍ଚର ସଭାପତି ରାଜେନ୍ଦ୍ର ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଲଳିତକଳା ଏକାଡେମୀ ସଚିବ ପଞ୍ଚାନନ ସାମଲ ଯୋଗଦେଇଥିବା ବେଳେ କବି ତଥା ପୂର୍ବତଟ ରେଳପଥର ଜନସମ୍ପର୍କ ଅଧିକାରୀ ନିରାକାର ଦାସ ସ୍ୱାଗତ ଭାଷଣ ଦେଇଥିଲେ।





ଯୁଗ ପ୍ରବର୍ତ୍ତକ କଳା ଓ ସାହିତ୍ୟ ସମାରୋହରେ ଯୋଗଦେଇଥିବା ଅତିଥିମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୫ ଡିସେମ୍ବର, ୨୦୨୨

## ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା

**କଟକ ଅଫିସ:** ସ୍ଥାନୀୟ ବଙ୍ଗାଳି ସାହିସ୍ଥିତ ରାମକୃଷ୍ଣ କୁଟୀରରେ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅନୁଷ୍ଠାନର ସଭାପତି ପଦ୍ମନାଭ ସାମଲ ଉଦ୍‌ଘାଟନ କରିଥିଲେ। ଏଥିରେ ବିଚାରକ ଭାବେ ବିଚିତ୍ରାନନ୍ଦ ମିଶ୍ର, ମୀରା ବେଉରା, ଡ. ବସନ୍ତ କୁମାରୀ ନନ୍ଦ, ଡ. ଓଁକାର ରାଉତ, ହେମଲତା ସିଂ, ଲକ୍ଷ୍ମୀ ମିଶ୍ର, ଦୈତାରୀ ସାହୁ ଯୋଗ ଦେଇଥିଲେ। ସମ୍ପାଦକ ଗୋକୁଳାନନ୍ଦ ପଟ୍ଟନାୟକ, ତତ୍ତ୍ୱାବଧାରକ ସୁଭାଷ ଚନ୍ଦ୍ର ସାହୁ, ଭୁବନାନନ୍ଦ ମହାନ୍ତି, ପ୍ରିୟରଞ୍ଜନ ମହାପାତ୍ର, ଲକ୍ଷ୍ମୀ ନାରାୟଣ ଦାଶ, ଦେବରାଜ ମିଶ୍ର, ମିଲନ ବଡୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଆସନ୍ତା ଜାନୁୟାରୀ ୧ ତାରିଖରେ ଆୟୋଜିତ ହେବାକୁ ଥିବା କଳ୍ପତରୁ ଉତ୍ସବର ଧର୍ମସଭାରେ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।



## ସଂକ୍ଷେପରେ

### ଭାଜପାର କର୍ମୀ ସମ୍ମିଳନୀ

କଣ୍ଟାପଡା, ୪।୧୨(ଡି.ଏନ୍.ଏ.)
କଣ୍ଟାପଡା ପଞ୍ଚାୟତ ଭାଜପାର ସାଙ୍ଗଠନିକ କର୍ମୀ ସମ୍ମିଳନୀ ସ୍ଥାନୀୟ ବଟଗାଦୀ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସମିତିସଭ୍ୟ ପବିତ୍ର ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ସମ୍ମିଳନୀରେ ନିଆଳିର ଭାଜପା ନେତା ଛବି ମଲ୍ଲିକ, ବେଣୁଧର ବେହେରା, ବନ୍ଧୁଚରଣ ସାହୁ, ଭାଜପା କଟକ ସଦର ଜିଲା ସମ୍ପାଦକ ଲଲାଟେନ୍ଦୁ ପ୍ରସାଦ ଦାସ, ପ୍ରଭାତ ମହାପାତ୍ର, କଣ୍ଟାପଡା ପଞ୍ଚାୟତ ସମିତି ଅଧକ୍ଷ ଜିନା ଭୋଇ, ଉପାଧକ୍ଷ ଜତୀନ୍ଦ୍ର ବରାଳଙ୍କ ସମେତ ବିଭିନ୍ନ ପଞ୍ଚାୟତର କର୍ମୀମାନେ ଯୋଗଦେଇ କଣ୍ଟାପଡା ବ୍ଲକରେ ଭାଜପାର ସଙ୍ଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ପାଇଁ ଆଲୋଚନା କରିଥିଲେ। କଣ୍ଟାପଡା ପଞ୍ଚାୟତ ସରପଞ୍ଚ ନିର୍ମଳ ସାହୁ ଧନ୍ୟବାଦ ଦେଇଥିଲେ।

### ହୃଦ୍‌ଘାତରେ ଯୁବ ବ୍ୟବସାୟୀଙ୍କ ପରଲୋକ

ଚୌଦ୍ୱାର, ୪।୧୨(ଡି.ଏନ୍.ଏ.)- ଚୌଦ୍ୱାର କପାଳେଶ୍ୱର ଅଞ୍ଚଳର ପ୍ରତିଷ୍ଠିତ ଯୁବ ବ୍ୟବସାୟୀ ମନୋଜ ପଟ୍ଟନାୟକଙ୍କର ଶନିବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସନ୍ଧ୍ୟାରେ ସେ ଘର ପାଖରେ ବୁଲୁଥିବାବେଳେ ହୃଦ୍‌ଘାତ ହୋଇଥିଲା। ଚିକିତ୍ସା ଲାଗି ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ, ଇମ୍ଫାର ଜନସମ୍ପର୍କ ଡିଜିଏମ୍ ଧ୍ରୁବ ଚରଣ ରାଉତ, ଭାଜପା ନେତା କୈଳାସ ଚନ୍ଦ୍ର ବେହେରା, ବିଜେଡି ନେତା ପ୍ରେମଚାନ୍ଦ ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଚୌଦ୍ୱାର ଅଞ୍ଚଳ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାର ନିଆଯାଇଥିଲା। ସେଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ସୂଚନାଯୋଗ୍ୟ, ମନୋଜ ଜଣେ ପରୋପକାରୀ, ବନ୍ଧୁବତ୍ସଳ, ସ୍ନେହୀ ତଥା ମେଳାପି ବ୍ୟକ୍ତି ଥିଲେ।

### ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ମଙ୍ଗୁଳି/ଜଗତପୁର,୪।୧୨(ଡି.ଏନ୍.ଏ.)- ବାଣୀବିହାର ୧୯୮୫ ବ୍ୟାଚ୍ ଦର୍ଶନଶାସ୍ତ୍ର ବିଭାଗର ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ କଟକସ୍ଥିତ ଏକ ହୋଟେଲରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ରୀଛାତ୍ରମାନେ ଯୋଗଦେଇ ପୁରୁଣା ସ୍ମୃତିକୁ ମନେ ପକାଇବା ସହ ଭାବର ଆଦାନପ୍ରଦାନ କରିଥିଲେ। ଜଗତପୁରସ୍ଥିତ ଲକ୍ଷ୍ମୀ ନାରାୟଣ ସାହୁ ମହାବିଦ୍ୟାଳୟର ଅଧକ୍ଷା ସସ୍ମିତା ପଟ୍ଟନାୟକ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁବାସିନୀ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଅବସରପ୍ରାପ୍ତ ପ୍ରଫେସର ରସାନନ୍ଦ ମହାନ୍ତି, ପ୍ରଫେସର ସୁଧୀର ପ୍ରଧାନ, ପ୍ରଶାନ୍ତ ଆଚାର୍ଯ୍ୟ, ଅଧାପିକା ସସ୍ମିତା ମହାନ୍ତି, ମୟୂରଭଞ୍ଜ କପ୍ତିପଦା ନୂଆସାହି କଲେଜ ଅଧକ୍ଷ ଚନ୍ଦ୍ରକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପତିତପାବନ କଲେଜର ଅଧାପକ ସତ୍ୟ ମିଶ୍ର ଧନ୍ୟବାଦ ଦେଇଥିଲେ।

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗାର ଜବତ

ଭୁବନେଶ୍ୱର (ବ୍ୟୁରୋ)/ ବାଙ୍କୀ (ସ୍ୱ.ପ୍ର.),୪।୧୨

**ଅଂଶୁପା ହ୍ରଦ ନିକଟରେ ଏସ୍‌ଟିଏଫ୍ ଚଢ଼ାଉ**

- ୨ ଅଭିଯୁକ୍ତ ଗିରଫ, ଗୋଟିଏ କାର୍ ଜବତ
- ଭୁବନେଶ୍ୱରରେ ଡିଲ୍ ପାଇଁ ଅନୁଗୋଳରୁ ଆସୁଥିଲେ
- ଅଧିକ ତଦନ୍ତ ପାଇଁ ରିମାଣ୍ଡରେ ଆଣିବାକୁ ଯୋଜନା



କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ଅଂଶୁପା ହ୍ରଦ ନିକଟରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗାର ଜବତ କରିଛି। ଘଟଣାସ୍ଥଳରୁ ୨ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ସେମାନେ ଆସିଥିବା ଏକ କାର୍ (ଓଡି୦୯ଇ୫୧୧୧) ମଧ୍ୟ ଜବତ ହୋଇଛି। ଅଭିଯୁକ୍ତଦ୍ୱୟ ହେଲେ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜୁମେଶ କୁମାର ସାହୁ ଓ ଆଠଗଡ଼ ଥାନା ଅଞ୍ଚଳର ହେମନ୍ତ କୁମାର ପ୍ରଧାନ। ଉଭୟଙ୍କଠାରୁ ୧ କେଜି ୩୩୫ ଗ୍ରାମ ବ୍ରାଉନ୍‌ସୁଗାର ଓ କିଛି ଆପରାଧିକ ସାମଗ୍ରୀ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏନେଇ ଏସ୍‌ଟିଏଫ୍ ଏନ୍‌ଡିପିଏସ୍ ଆକ୍ଟର ୨୧(ସି) ଓ ୨୯ ଦଫାରେ ଏକ ମାମଲା (ନଂ.୨୯/୨୦୨୨) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ରବିବାର କଟକ ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଭୁବନେଶ୍ୱର କିମ୍ବା ଆଖପାଖ ଅଞ୍ଚଳରେ ବ୍ରାଉନ୍‌ସୁଗାରର ବଡ଼ ଡିଲ୍ ପାଇଁ ଅନୁଗୋଳରୁ କେତେଜଣ ବ୍ରାଉନସୁଗାର ବେପାରି କାର୍‌ରେ ଆସୁଥିବା ନେଇ ଏସ୍‌ଟିଏଫ୍ ସୂଚନା ପାଇଥିଲା। ରାକେଟକୁ ଧରିବାକୁ କଟକ ଜିଲା ପୋଲିସକୁ ଏସ୍‌ଟିଏଫ୍ ଜଣାଇବା ସହ ଚଢ଼ାଉ ଯୋଜନା ହୋଇଥିଲା। ଶନିବାର ସନ୍ଧ୍ୟାରେ ଅଂଶୁପା ହ୍ରଦ ନିକଟରେ ମିଳିତ ପୋଲିସ୍ ଟିମ୍ ପୂର୍ବପ୍ରସ୍ତୁତି ଅନୁଯାୟୀ ଛକି ରହିଥିଲେ। ସନ୍ଦିଗ୍ଧ କାର୍‌ଟି ଉକ୍ତ ବାଟଦେଇ ଯିବା ସମୟରେ ଏସ୍‌ଟିଏଫ୍ ଓ ପୋଲିସ ଟିମ୍ ଅଟକାଇ ଯାଞ୍ଚ କରିବା ପରେ ବ୍ରାଉନସୁଗାର ମିଳିଥିଲା। ତେବେ ଅଭିଯୁକ୍ତଦ୍ୱୟ କେଉଁଠୁ ଏତେ ପରିମାଣର ବ୍ରାଉନ୍‌ସୁଗାର ଆଣିଲେ, କାହାକୁ ଦେଇଥାନ୍ତେ, ସେମାନଙ୍କ ସହ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ଏହାପୂର୍ବରୁ କେତେ କାରବାର କରିଛନ୍ତି, ଏଭଳି ବିଭିନ୍ନ ଦିଗକୁ ନେଇ ଅଧିକ ତଦନ୍ତ କରିବାକୁ ଏସ୍‌ଟିଏଫ୍ ଅଭିଯୁକ୍ତଦ୍ୱୟଙ୍କୁ ରିମାଣ୍ଡରେ ଆଣିବାକୁ ଯୋଜନା କରୁଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ରାଜ୍ୟରେ ନିଶା କାରବାର ରୋକିବାକୁ ୨୦୨୦ରୁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନରେ ଏପର୍ଯ୍ୟନ୍ତ ୬୫ କେଜି ବ୍ରାଉନ୍‌ସୁଗାର, ୨୦୨ ଗ୍ରାମ କୋକେନ ଓ ୧୧୧ କୁଇଣ୍ଟାଲ ଗଞ୍ଜେଇ, ୭୫୦ ଗ୍ରାମ ଅଫିମ ଜବତ ହୋଇଛି। ଏସବୁ ମାମଲାରେ ୧୬୫ ଜଣ ନିଶା ମାଫିଆ ଗିରଫ ହୋଇଥିବା ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।

# ସଫଳତା ପାଇଁ ଆନ୍ତରିକତା ଅପରିହାର୍ଯ୍ୟ



କଲେଜ ପରିଚାଳନା ପରିଷଦ ବୈଠକରେ ଯୋଗଦେଇଥିବା ସଦସ୍ୟମାନେ।

ରଘୁନାଥପୁର,୪।୧୨(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ନୂତନ ପରିଚାଳନା ପରିଷଦ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ତଥା ନାଇଜରର କୁଳସଚିବ ଡ.ଅଭୟ କୁମାର ନାୟକ ଏଥିରେ ପୌରୋହିତ୍ୟ କରି ସଫଳତା ପାଇଁ ଆନ୍ତରିକତା ଅପରିହାର୍ଯ୍ୟ ବୋଲି କହିଥିଲେ। ମହାବିଦ୍ୟାଳୟର ଅଧକ୍ଷ ସରୋଜ କୁମାର ପଣ୍ଡା, ସଭ୍ୟ ସୁଶ୍ରୀ ଗୀତା ରଥ, ଡ.ସମୀର ପାତ୍ର, ବାବୁଲି ଚରଣ ସ୍ୱାଇଁ, ଶୁଭ୍ରାଂଶୁ ଦ୍ୱିବେଦୀ, ଡ.ବିରସ କୁମାରୀ ନାୟକ ଓ ଅଧାପିକା ସ୍ମିତାରାଣୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟରେ ହୋଇଯାଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ। ବିଶେଷ କରି କଲେଜର ଶୈକ୍ଷିକ ବାତାବରଣକୁ ଅଧିକ କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ କଲେଜର ଅଧାପିକା ଓ ଅଧାପକମାନେ ପରିଷଦର ସମସ୍ତ ସଭ୍ୟାସଭ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସଭାପତି ଡ.ନାୟକ ଧନ୍ୟବାଦ ଦେଇଥିଲେ।

# ଫୁଟବଲ ଟୁର୍ଣ୍ଣାମେଣ୍ଟ, ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ



ଖେଳାଳିଙ୍କ ଗହଣରେ ଅତିଥିମାନେ।

ଚୌଦ୍ୱାର, ୪।୧୨(ଡି.ଏନ୍.ଏ.)

ବଚନ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ଓଟିଏମ୍ ଖେଳ ପଡିଆରେ ରବିବାରଠାରୁ ଆରମ୍ଭ ହୋଇଛି। ଓଡ଼ିଶା ଫୁଟବଲ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅତିଥି ଭାବେ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ଆଇଆଇସି ବିରଞ୍ଚି ନାରାୟଣ ପତି, କାଉନ୍‌ସିଲର ବିଜୟଲକ୍ଷ୍ମୀ ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ମମତା ସାହୁ ପ୍ରମୁଖ ଯୋଗଦେଇଥିଲେ। କାଉନସିଲର ସୁବ୍ରତ ସାମଲ ମଞ୍ଚ ପରିଚାଳନା କରିଥିଲେ। କଟକର ରାଇଜିଂ ଷ୍ଟୁଡେଣ୍ଟ ଓ ଆଠଗଡ଼ ଆଥଲେଟିକ ଆସୋସିଏଶନ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଇଜିଂ ଷ୍ଟୁଡେଣ୍ଟ ଟାଇବ୍ରେକର ଜରିଆରେ ୬–୫ଗୋଲରେ ବିଜୟୀ ହୋଇଥିଲା। ରେଫରି ଏସ୍.କେ. ହାୟଲ, ପ୍ରଦୀପ ମହାନ୍ତି, ସୁନୀଲ ହେମ୍ବ୍ରମ ଓ ମହମ୍ମଦ ସାକଲିନ କ୍ରୀଡା ପରିଚାଳନା କରିଥିବାବେଳେ ୟୁଥ୍ ଆସୋସିଏଶନ ସଭାପତି ପ୍ରଶାନ୍ତ ସାହୁ, ଅଶୋକ ସାହୁ, ସନ୍ଦୀପ ମଲ୍ଲ, ଚିନ୍ତାମଣି ସାହୁ, ସଞ୍ଜୟ ରାଉତ ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ ଜିଲାର ୧୩ଟି ଟିମ୍ ଭାଗ ନେଇଥିବାବେଳେ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ ଜଣାପଡିଛି।

# ଚାଷୀଙ୍କୁ ସୁଲଭ ଦରରେ ସାର, କୀଟ ନାଶକ ଯୋଗାଇବାକୁ ନିଷ୍ପତ୍ତି

ବାଙ୍କୀ,୪।୧୨(ସ୍ୱ.ପ୍ର.)

ବାଙ୍କୀ ଆଞ୍ଚଳିକ ବାଣିଜ୍ୟସମବାୟ ସମିତି ପରିଚାଳନା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତି ପରିସରରେ ଆୟୋଜିତ ଏହି ବୈଠକରେ ସଭାପତି ସଞ୍ଜୟ କୁମାର ପୃଷ୍ଟି ଅଧକ୍ଷତା କରିଥିଲେ। ସମ୍ପାଦକ ହେମନ୍ତ କୁମାର ରାଉତ ପ୍ରଥମେ ନବନିର୍ବାଚିତ ଉପସଭାପତି ଓ ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇ ସମିତିର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଚାଷୀଙ୍କୁ ସୁଲଭ ଦରରେ ସାର ଓ କୀଟନାଶକ ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଥିଲା। ଏଥିସହ ଜବରଦଖଲରେ ଥିବା ଜାଗାଗୁଡିକ ପୁନଃରୁଦ୍ଧାର କରିବା ଏବଂ ନୂତନ ବ୍ୟବସାୟ ସଂପର୍କରେ ଆଲୋଚନା କରାଯାଇଥିଲା । ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କରୁ ଏହି ସମିତି ଆଣିଥିବା ଋଣ ଅର୍ଥର ପୈଠ ନିମନ୍ତେ ଏକକାଳୀନ ସମାଧାନ ପାଇଁ କେନ୍ଦ୍ର ସମବାୟ ବ୍ୟାଙ୍କକୁ ଅନୁରୋଧ କରାଯାଇଥିଲା । ବୈଠକରେ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ପାଢ଼ୀ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଓ ନିର୍ଦ୍ଦେଶକ ସମରେନ୍ଦ୍ର ମହାପାତ୍ରଙ୍କ ସମେତ ପ୍ରଭାସିନୀ ମହରଣା, ଭାଗୀରଥି ପାଣି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ୩ ସାମାଜିକ କର୍ମୀଙ୍କୁ 'ସେବା ରତ୍ନ'



ସେବା ରତ୍ନ ସମ୍ମାନରେ ସମ୍ମାନିତ ୩ ବ୍ୟକ୍ତିବିଶେଷଙ୍କ ସହ ଅନ୍ୟମାନେ।

ମାହାଙ୍ଗା,୪।୧୨(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ କଇଥା ପଞ୍ଚାୟତ ନିକଟ ଅମରାବତୀ କଲ୍ୟାଣ ମଣ୍ଡପ ପରିସରରେ ସମ୍ଭବ ଚାରିଟେବୁଲ ଟ୍ରଷ୍ଟର ୩ୟ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସମ୍ପାଦିକା ପ୍ରମିଳା ସିଂ ଏହାର ନେତୃତ୍ୱ ନେଇଥିଲେ। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ନୀଳିମା ପାଳ ଯୋଗଦେଇ ଦିବ୍ୟାଙ୍ଗମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ନିଜେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ଉପରେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ବାବାଜୀ ଅମୃତାନନ୍ଦ ଦାସ, ବରେଣ୍ୟ ଅତିଥି ପଦ୍ମିନୀ ସାହୁ, ସମ୍ମାନିତ ଅତିଥି ଡ. ସଂଗ୍ରାମ କେଶରୀ ସାମନ୍ତରାୟ, ଅତିଥି ସ୍ନେହାଶିଷ ପଣ୍ଡା, ଅଶ୍ୱିନୀ ଲେଙ୍କା, ଅଙ୍କିତ ମହାପାତ୍ର, କବିତା ପାଣିଗ୍ରାହୀ, ରଞ୍ଜନା ଦାସ, ଡ. ଦୀପକ ଗୁପ୍ତା, ଦୀପ୍ତିରଞ୍ଜନ ବେହେରା, ପ୍ରଭାସ ମଲିକ, ପ୍ରଦୋଷ ନାଥ, ସନ୍ତୋଷ ବାରିକ ପ୍ରମୁଖ ଯୋଗଦେଇଥିଲେ। ଦିବ୍ୟାଙ୍ଗମାନେ ସମାଜରେ ଅନ୍ୟମାନଙ୍କ ପାଇଁ କିପରି ଉଦାହରଣ ପାଲଟୁଛନ୍ତି, ସେ ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା। ସମାଜ ମଙ୍ଗଳ ନିମନ୍ତେ ଉଲ୍ଲେଖନୀୟ ଅବଦାନ ପାଇଁ ୩ ସାମାଜିକ କର୍ମୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ 'ସେବା ରତ୍ନ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ଖବରଦାତା ରମେଶ ଚନ୍ଦ୍ର ସାହୁ, ସାମାଜିକ କର୍ମୀ ବିଜୟ କୁଅଁର, ଶିକ୍ଷାବିତ୍ ନିରଞ୍ଜନ ସାହୁ। ଏହି ଅବସରରେ ସଙ୍ଗୀତ, ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଟିଲୁ ସାମନ୍ତରାୟ ସଭା ସଂଯୋଜନା କରିଥିବାବେଳେ ବିକ୍ରମ କେଶରୀ ନାଥ ବିବରଣୀ ପାଠ ଓ ପ୍ରିୟଙ୍କା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ମହିଳା ଖୋ ଖୋ ପ୍ରତିଯୋଗିତା: ବାଙ୍କୀ କଲେଜ ଚାମ୍ପିୟନ

ବାଙ୍କୀ,୪।୧୨(ସ୍ୱ.ପ୍ର.)



ବାଙ୍କୀ କଲେଜ ଅଧକ୍ଷଙ୍କ ସହ ଚାମ୍ପିୟନ ଟିମ୍‌ର ଖେଳାଳି ଓ ଅନ୍ୟମାନେ।

ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ମହିଳା ଖୋଖୋ ପ୍ରତିଯୋଗିତାରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ମହିଳା ଖୋଖୋ ଦଳ ଚାମ୍ପିୟନ ହୋଇ ଟ୍ରଫି ହାସଲ କରିଛି । ଯାଜପୁର ଜିଲାର ଅରିସ୍ଥିତ ବରୁଣେଶ୍ୱର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସାଲେପୁର କଲେଜକୁ ପରାସ୍ତ କରି ବାଙ୍କୀ କଲେଜ ବିଜୟୀ ହୋଇଛି । ଏହି ଅବସରରେ କଲେଜ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଅଧକ୍ଷ କ୍ୟାପଟେନ ଭବାନୀ ପ୍ରସାଦ ହୋତା, ଉପାଧକ୍ଷ ପ୍ରାଧାପକ ମନୋଜ କୁମାର ମହାପାତ୍ର, ଯୁକ୍ତ ଦୁଇ ଅଧକ୍ଷ ପ୍ରାଧାପକ ରାଜକିଶୋର ପାଲ, ପ୍ରଶାସନିକ ଅଧିକାରୀ ଅଧାପକ ଶୈଳେନ୍ଦ୍ର ନାରାୟଣ ଦେଓ , କ୍ରୀଡା କ୍ଲବର ଉପସଭାପତି ଅଧାପକ ଯୁଗଳ କିଶୋର ମଣ୍ଡଳ ପ୍ରମୁଖ ସମ୍ବର୍ଦ୍ଧନା ଓ ଅଭିନନ୍ଦନ ଜଣାଇଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କୁ ୮ ଦଫା ଦାବିପତ୍ର

ବାଙ୍କୀ,୪।୧୨(ସ୍ୱ.ପ୍ର.)



ଡମପଡ଼ା ବ୍ଲକର ଲେବୁଲ ୫ ସହକାରୀ ଶିକ୍ଷକମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ଦଫା ସମ୍ବଳିତ ଦାବିପତ୍ର ବ୍ଲକ ଶିକ୍ଷାଅଧିକାରୀ ନରେନ୍ଦ୍ର କୁମାର ବେହେରାଙ୍କୁ ପ୍ରଦାନ କରିଛନ୍ତି। ବିଶେଷ କରି ଗଣଶିକ୍ଷକମାନଙ୍କୁ ନିୟମିତ କରିବା, ଲେବୁଲ ୫ କ୍ୟାଡର ଶିକ୍ଷକମାନଙ୍କ ଏକ୍ସ କ୍ୟାଡର ଉଚ୍ଛେଦ କରି ଟ୍ରେଜେରି ମାଧ୍ୟମରେ ଦରମା ପ୍ରଦାନ, ଅବସରପ୍ରାପ୍ତ ମୃତ ଏକ୍ସ କ୍ୟାଡର ଶିକ୍ଷକଙ୍କୁ ଗ୍ରାଚ୍ୟୁଟି ଏବଂ ଅନ୍ୟାନ୍ୟା ସୁବିଧା ଯୋଗାଇ ଦେବାପାଇଁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଡମ୍ବୁର ଧର ବସ୍ତି, ପରମାନନ୍ଦ ପିରୋଇ, ବଙ୍କିମ ଚନ୍ଦ୍ର ନାୟକ, ମାନସ ମଲ୍ଲିକ, ନବକିଶୋର ସାହୁ, ମିନତୀ ସାହୁ, ତରଣୀସେନ ସାମଲ ଉପସ୍ଥିତ ଥିଲେ।

# ଅଗ୍ନିକାଣ୍ଡ, ୪ ବଖରା ଜଳିଗଲା



ବଡ଼ମ୍ବା,୪।୧୨(ଡି.ଏନ୍.ଏ.)

ବଡ଼ମ୍ବା ଥାନା ଅନ୍ତର୍ଗତ ମୁଗଗହୀର ଗ୍ରାମରେ ରବିବାର ଅଗ୍ନିକାଣ୍ଡ ଘଟି ୪ ବଖରା ଜଳିଯାଇଛି। ଏଥିରେ ଧଡି ଚୌଧୁରୀ, ସନ୍ତୋଷ ଚୌଧୁରୀ, ମହରଗୀ ଚୌଧୁରୀ ଏବଂ ଧର୍ମାନନ୍ଦ ଚୌଧୁରୀଙ୍କ ପରିବାର କ୍ଷତିଗ୍ରସ୍ତ ହୋଇଛି। ଅଗ୍ନିକାଣ୍ଡରେ ସେମାନଙ୍କସମସ୍ତ ଆସବାବ ଓ ଖାଦ୍ୟ ଶସ୍ୟ ଜଳିପୋଡି ପାଉଁଶ ହୋଇଯାଇଛି। ବିଦ୍ୟୁତ୍ ଶର୍ଟ ସର୍କିଟ୍ ଯୋଗୁ ଏପରି ଅଗ୍ନିକାଣ୍ଡ ହୋଇଥିବା ବିପନ୍ନ ପରିବାର କହିଛନ୍ତି। ଖବରପାଇ ବଡ଼ମ୍ବା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଗୋପୀନାଥପୁର ରାଜସ୍ୱ ନିରୀକ୍ଷକ ସୌମ୍ୟରଞ୍ଜନ ସାହୁ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିବାବେଳେ ସମସ୍ତ ବିପନ୍ନ ପରିବାରଙ୍କୁ ପଲିଥିନ ଯୋଗାଇ ଦେଇଛନ୍ତି। ଅନ୍ୟ ପକ୍ଷରେ ମୁଗଗହୀର ସରପଞ୍ଚ କଳ୍ପନା ଚୌଧୁରୀ ବିପନ୍ନ ପରିବାରଙ୍କ ନିକଟରେ ପହଞ୍ଚି ଆଶ୍ୱାସନା ଦେବା ସହିତ ବିପନ୍ନଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପ୍ରଶାସନ ପାଖରେ ଦାବି କରିଛନ୍ତି।

# ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ସେବା ବିପର୍ଯ୍ୟସ୍ତ

ବାଙ୍କୀ,୪।୧୨(ସ୍ୱ.ପ୍ର.)



ଯୁବ କଂଗ୍ରସର ପ୍ରତିନିଧି ମଣ୍ଡଳୀ ସିଡିଏମ୍‌ଓଙ୍କ ସହ ଆଲୋଚନା କରୁଛନ୍ତି।

- ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଭେଟି ଅଭିଯୋଗ କଲା ଯୁବ କଂଗ୍ରେସ
- ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ଓ ଏହା ଅଧୀନରେ ରହିଥିବା ସମସ୍ତ ପ୍ରାଥମିକ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଚାଳନାଗତ ତ୍ରୁଟି ରହିଛି। ଫଳରେ ଏସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇଛି। ତେଣୁ ତୁରନ୍ତ ସମସ୍ୟାର ସମାଧାନ ପାଇଁ ଦାବି ହୋଇଛି। ଏନେଇ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କାଙ୍କ ନିର୍ଦ୍ଦେଶକ୍ରମେ ବାଙ୍କୀ ବିଧାନସଭା ଯୁବକଂଗ୍ରେସ ପକ୍ଷରୁ ବିଧାନସଭା ଯୁବକଂଗ୍ରେସ ସଭାପତି ବିଭୂତି ଭୂଷଣ ଦଳସିଂହ ରାୟଙ୍କ ନେତୃତ୍ୱରେ ଏକ ୬ଜଣିଆ ପ୍ରତିନିଧିମଣ୍ଡଳୀ କଟକ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡିଏମ୍‌ଓ) ସତ୍ୟବ୍ରତ ଛୋଟରାୟଙ୍କୁ ସାକ୍ଷାତ କରି ୧୦ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ରରେ ଦର୍ଶାଯାଇଛି ଯେ, ପ୍ରଶାସନିକ ଅବହେଳା ପାଇଁ ବାଙ୍କୀ ମୁଖ୍ୟ ଚିକିତ୍ସାଳୟ ନିଜର ସତ୍ତା ହରାଇବାରେ ଲାଗିଛି। ବାଙ୍କୀ ନିର୍ବାଚନମଣ୍ଡଳୀର ଏହା ସବୁଠାରୁ ବଡ଼ଡାକ୍ତରଖାନା ହୋଇଥିବା ବେଳେ ଏଠାରେ ଲୋକଙ୍କୁ ଉପଯୁକ୍ତ ସେବା ମିଳିପାରୁନାହିଁ। ଏହାବ୍ୟତୀତ ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭେଷଜ ବିଶେଷଜ୍ଞ ନାହାନ୍ତି। ୧୪ଟି ବିଭାଗର ଡାକ୍ତରଙ୍କ ନିଯୁକ୍ତି ସତ୍ତ୍ୱେ ୨୪ଘଣ୍ଟିଆ ସେବା ମିଳିପାରୁନାହିଁ। ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କୁ ଚିକିତ୍ସାଳୟରେ ଦେଖିବାକୁ ମିଳୁନାହିଁ, ଯଦ୍ୱାରା କୌଣସି ସମସ୍ୟା ନେଇ ତାଙ୍କ ସହ ଆଲୋଚନା ମଧ୍ୟ ହୋଇ ପାରୁନାହିଁ। ଉପଖଣ୍ଡ ଚିକିତ୍ସା ଅଧିକାରୀ ଏଠାକୁ ଡେପୁଟେଶନରେ ଆସିବା ଫଳରେ ତାଙ୍କର କୌଣସି ଆର୍ଥିକ କ୍ଷମତା ନ ଥିବାରୁ ପ୍ରଶାସନିକ ଅବ୍ୟବସ୍ଥା ଦେଖାଦେଇଛି। ନିଶ୍ଚେତକ ପାଇଁ ଯେଉଁ ଡାକ୍ତର ଏଠାକୁ ଡେପୁଟେସନରେ ଆସିଛନ୍ତି ସେ ଅନ୍ୟ ଚିକିତ୍ସାଳୟରେ କାର୍ଯ୍ୟ କରୁଛନ୍ତି। ଯଦ୍ୱାରା ରୋଗୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚିକିତ୍ସାଳୟରେ ୭ ଫାର୍ମାସିଷ୍ଟ ରହିଥିବା ବେଳେ ଏବେ ୫ଜଣ କାର୍ଯ୍ୟ କରୁଛନ୍ତି। ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ରାତିରେ କାର୍ଯ୍ୟ କରୁନାହାନ୍ତି। ଡାକ୍ତରଙ୍କ ପାଇଁ ସରକାରୀ କ୍ୱାର୍ଟର୍ସ ରହିଥିବା ବେଳେ କେହିବି ସେଠାରେ ରହୁନାହାନ୍ତି। ସେମାନଙ୍କ ସ୍ଥାନରେ ଅନ୍ୟକର୍ମଚାରୀ ରହୁଛନ୍ତି। ଡାକ୍ତରଙ୍କ ଅବହେଳା ଯୋଗୁ ଚିକିତ୍ସାଳୟରେ ରହିଥିବା ବ୍ଲଡ ବ୍ୟାଙ୍କ କାର୍ଯ୍ୟକ୍ଷମ ହେଉନାହିଁ। ସରକାରଙ୍କ ପକ୍ଷରୁ ଡାକ୍ତରଖାନା କାଉଣ୍ଟରରେ ମରାଯାଇଥିବା ଔଷଧ ଚିକିତ୍ସାଳୟରେ ଉପଲବ୍ଧ ହେଉ ନ ଥିବା ଅଭିଯୋଗ କରାଯାଇଛି। ଯେଉଁ ସବୁ ଅତ୍ୟାଧୁନିକ ଯନ୍ତ୍ର ଚିକିତ୍ସାଳୟରେ ରହିଛି ସେ ସବୁର ବ୍ୟବହାର କରାଯାଉ ନ ଥିବାରୁ କଳଙ୍କି ଲାଗିଗଲାଣି। ଲୋକେ ଅଧିକ ଅର୍ଥ ବ୍ୟୟ କରି ସମସ୍ତ ପ୍ରକାର ପରୀକ୍ଷା କରି ରିପୋର୍ଟ ଆଣୁଛନ୍ତି। ଚିକିତ୍ସାଳୟରେ କର୍ମଚାରୀଙ୍କ ରୋଗୀମାନଙ୍କ ପ୍ରତି ବ୍ୟବହାର ଠିକ ରହୁନାହିଁ। ସାମାନ୍ୟ ଚିକିତ୍ସା ପାଇଁ ଏଠାରୁ ରୋଗୀଙ୍କୁ କଟକ କିମ୍ବା ଅନ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିବାକୁ ଡାକ୍ତରମାନେ ପରାମର୍ଶ ଦେଉଛନ୍ତି, ଯଦ୍ୱାରା ଅନେକାଂଶରେ ରୋଗୀଙ୍କ ଜୀବନ ଚାଲିଯିବା ଆଶଙ୍କା ଦେଖାଯାଉଛି। ତେଣୁ ଏ ସବୁ ସମସ୍ୟାର ସମାଧାନ ପାଇଁ ଯୁବ କଂଗ୍ରେସ ପ୍ରତିନିଧି ଦଳ ପକ୍ଷରୁ ଦାବି କରାଯାଇଛି।

ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଛୋଟରାୟ ସମସ୍ୟା ଗୁଡିକର ସମାଧାନ ପାଇଁ ରାଜ୍ୟ ସରକାରଙ୍କୁ ଜଣାଇବା ସହ ତାଙ୍କ ସ୍ତରରେ ଯାହା ସମ୍ଭବ ସେ ସବୁକୁ ଶୀଘ୍ର ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମାତ୍ର ସମସ୍ୟା ଗୁଡିକର ଯଦି ସମାଧାନ ନ ହୁଏ ତେବେ ବାଙ୍କୀ ଯୁବକଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ପ୍ରତିନିଧି ଦଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଛୋଟରାୟଙ୍କୁ ଜଣାଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଭେଟିଥିବା ପ୍ରତିନିଧି ଦଳରେ ବାଙ୍କୀ ବିଧାନ ସଭା ଯୁବକଂଗ୍ରେସ କାର୍ଯ୍ୟକାରୀ ସଭାପତି ସୋମନାଥ ପଣ୍ଡା, ଡମପଡ଼ା ବ୍ଲକ ଯୁବକଂଗ୍ରେସ ଉପସଭାପତି ଆକାଶ ବେଉରା, କଟକ ଜିଲା ଯୁବକଂଗ୍ରେସ ପୂର୍ବତନ ସମ୍ପାଦକ ରଶ୍ମିରଞ୍ଜନ ପଣ୍ଡା, ସୌମ୍ୟରଞ୍ଜନ ବେଉରା ଓ ଗଗନ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ସାହିତ୍ୟ ସଂସଦର ନୂତନ କର୍ମକର୍ତ୍ତା ଚୟନ

**ଜଟଣୀ,୪।୧୨(ଡି.ଏନ୍.ଏ.):** ଜଟଣୀ ସାହିତ୍ୟ ସଂସଦର ସାଧାରଣ ଅଧିବେଶନ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଶ୍ୟାମସୁନ୍ଦର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିର୍ବାଚନ ଅଧିକାରୀ ଭାବେ ସୁରେନ୍ଦ୍ର କୁମାର ମିଶ୍ର ଏବଂ ଜଗଦୀଶ ମହାପାତ୍ର ଯୋଗଦେଇଥିଲେ। ସାହିତ୍ୟ ସଂସଦର ଆଗାମୀ ଦୁଇ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ସଭାପତି ଭାବେ ଶ୍ୟାମସୁନ୍ଦର ତ୍ରିପାଠୀ, ଉପ ସଭାପତି ଆଦିନାରାୟଣ ଖଣ୍ଡୁଆଲ, ସମ୍ପାଦକ ସତ୍ୟବାଦୀ ସାହୁ, ଯୁଗ୍ମ ସମ୍ପାଦକ ରଶ୍ମିତା ନାୟକ, କୋଷାଧକ୍ଷ ସୁଦର୍ଶନ ସାହୁ, ହିସାବ ନିରୀକ୍ଷକ ଶରତ ଚନ୍ଦ୍ର ଦାଶ, ସ୍ମରଣିକା ସମ୍ପାଦକ ବିଷ୍ଣୁପଦ ଦାଶ, ସ୍ମରଣିକା ସହସମ୍ପାଦକ ଭାବେ ପଦ୍ମଲୋଚନ ସାହୁ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ କମିଟି ସଦସ୍ୟଭାବେ ୪ ଜଣ ଏବଂ ଉପଦେଷ୍ଟା ଭାବେ ୫ଜଣ ସଦସ୍ୟ ମନୋନୀତ ହୋଇଛନ୍ତି।

### ଉପକାରାଗାରରେ ଶ୍ରୀଅରବିନ୍ଦ ପାଠଚକ୍ର

**ଗମ୍ଭାରୀମୁଣ୍ଡା,୪।୧୨(ଡି.ଏନ୍.ଏ.):** ବାଣପୁର ଉପକାରାଗାରରେ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଆର୍‌ଜ୍ୟୋତି ଟ୍ରଷ୍ଟ ପୁରୀ ଓ ଶ୍ରୀଅରବିନ୍ଦ ଲିଗାଲ ୟୁନିଟ ଖୋର୍ଦ୍ଧାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଡା.ବିପିନାନନ୍ଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭିକାରୀ ପ୍ରଧାନ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ବକ୍ତାଭାବେ ଅରଜ୍ୟୋତି ଟ୍ରଷ୍ଟର ସଦସ୍ୟ ସୁକାନ୍ତ ଜେନା, ସୁନୀଲ ପୃଷ୍ଟି, ଖୋର୍ଦ୍ଧା ଜିଲା ଲିଗାଲ ୟୁନିଟର ଆବାହକ ଶେଷଦେବ ମହାରଣା ପ୍ରମୁଖ ଅନ୍ତେବାସୀଙ୍କୁ ଆଧାତ୍ମିକ ଅଭିଭାଷଣ ଦେଇଥିଲେ। ପ୍ରତ୍ୟେକ ମନୁଷ୍ୟ ଜୀବନର ଲକ୍ଷ୍ୟ ଜାଣିବା ଓ ନିଜକୁ ଏକ ସୁସ୍ଥ ସମାଜ ଗଠନରେ ସାମିଲ କରିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ଶିବ ଭୋଳ ଧନ୍ୟବାଦ ଦେଇଥିଲେ।

### ସିଦ୍ଧେଶ୍ୱରଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଖୋର୍ଦ୍ଧା ଅଫିସ,୪।୧୨:** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସମ୍ମିଳନୀ କକ୍ଷରେ ରବିବାର ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଚାର୍ଯ୍ୟ ସିଦ୍ଧେଶ୍ୱର ସିଂଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି। ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ଗିରିଜା ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ କୁଳମଣି ମିଶ୍ର ମୁଖ୍ୟ ଅତିଥି, ପରିଚାଳନା ସମିତି ସମ୍ପାଦକ ଅଜିତ ପଟ୍ଟନାୟକ, କୋଷାଧକ୍ଷ ସୁଶାନ୍ତ ମୋହନ ପଟ୍ଟନାୟକ, ସଦସ୍ୟା ଅର୍ଚ୍ଚନା ପ୍ରିୟଦର୍ଶିନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସିଦ୍ଧେଶ୍ୱରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ର ଜୀବନରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସ୍ୱୟଂସେବକ ଭାବେ ସମର୍ପିତ ହୋଇ ରାଷ୍ଟ୍ରୀୟ କାର୍ଯ୍ୟରେ ବ୍ରତୀ ରହିଛନ୍ତି। ଛାତ୍ରବତ୍ସଳ, ଆଦର୍ଶ ଶିକ୍ଷକ ଭାବେ ସିଦ୍ଧେଶ୍ୱରଙ୍କ କାର୍ଯ୍ୟ ପ୍ରଂଶସନୀୟ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଗୁରୁମା, ଗୁରୁଜୀମାନେ ଉପସ୍ଥିତ ଥିଲେ।

### ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବଣ୍ଟନ

**ଜଟଣୀ,୪।୧୨(ଡି.ଏନ୍.ଏ.):** ଜଟଣୀ ଜନକଲ୍ୟାଣ ସେବାଟ୍ରଷ୍ଟ ପକ୍ଷରୁ ଅଧକ୍ଷ ନବୀନ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର ନାୟକଙ୍କ ସମ୍ପାଦନାକ୍ରମେ ଆଇନ ପରାମର୍ଶଦାତା ଶିବପ୍ରସାଦ ରଥ ମଞ୍ଚ ପରିଚାଳନା କରିଥିଲେ। ସାମାଜିକକର୍ମୀ ସୁନିଲ ରାଉତରାୟ ମୁଖ୍ୟ ଅତିଥି, ଭୀମସେନ ଭୁଜବଳ ମୁଖ୍ୟ ବକ୍ତା ଏବଂ ଟ୍ରଷ୍ଟର ପରାମଶଦାତା ନରେନ୍ଦ୍ର ମୁଦୁଲି ଅତିଥି ଭାବେ ଯୋଗଦେଇଥିଲେ। ୩୭ଜଣ ଦିବ୍ୟାଙ୍ଗ ଯୋଗ ଦେଇଥିଲେ। ଦିବ୍ୟାଙ୍ଗଙ୍କୁ ସହାୟକ ଉପରକଣ ବଣ୍ଟନ କରାଯାଇଥିଲା। ଟ୍ରଷ୍ଟ ଉପସଭାପତି ନିଲୁ ପଟ୍ଟନାୟକ ଯୋଗଦେଇଥିବା ବେଳେ ସହସମ୍ପାଦକ ଏମ.ଡି କରିମ ଧନ୍ୟବାଦ ଦେଇଥିଲେ।

### ଗୀତା ଜୟନ୍ତୀ

**ବାଣପୁର,୪।୧୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବାଣପୁର ବିଜ୍ଞାପିତ ଅଞ୍ଚଳ ଅଚ୍ୟୁତରାଜପୁର ଠାରେ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ବାଣପୁର ଶାଖା ଦ୍ୱାରା କେନ୍ଦ୍ର କାର୍ଯ୍ୟାଳୟରେ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ନଗର ସଞ୍ଚାଳକ ସତ୍ୟ ନାରାୟଣ ଷଡ଼ଙ୍ଗୀ ଯୋଗଦେଇ ଦୈନନ୍ଦିନ ଜୀବନରେ ଗୀତାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଝରଣା ଭଉଣୀ ଗୀତା ଶ୍ଳୋକ ପଠନ କରିଥିବା ବେଳେ ବୈରାଗୀ ଚରଣ ବଳ କାର୍ଯ୍ୟକ୍ରମ ପରିଚଳାନା କରିଥିଲେ।

# ଗୀତାରେ ଭାରତୀୟ ଶାଶ୍ୱତ ଚେତନା ପ୍ରତିଫଳିତ

**ପୁରୀ ଅଫିସ, ୪।୧୨**


ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ଶରଧାବାଲିସ୍ଥିତ ରାଣୀସତୀ ଭବନରେ ଶ୍ରୀଗୁଣ୍ଡିଚା ଆଧାତ୍ମିକ ଟ୍ରଷ୍ଟ ପକ୍ଷରୁ 'ଗୀତାରେ ଶ୍ରୀଜଗନ୍ନାଥ ଚେତନା' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଷ୍ଟ ଅଧକ୍ଷ ଅଶ୍ୱିନୀ କୁମାର ଦାଶ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଶ୍ୱ ଓଡ଼ିଆ ସମ୍ମିଳନୀର ଅଧକ୍ଷ ଡ. ମୁରଲୀ ମନୋହର ଶର୍ମା ଯୋଗଦେଇ ଶ୍ରୀଜଗନ୍ନାଥ ଚେତନା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱାମୀ ବୋଧାୟନ ମହାରାଜ, ମୁଖ୍ୟବକ୍ତା ଭାବେ ଅର୍ଥନୀତିଜ୍ଞ ପ୍ରଦୀପ କୁମାର ଶତପଥି, ସମ୍ମାନିତ ବକ୍ତା ଭାବେ ଡ. ଚନ୍ଦ୍ରଶେଖର ଦାଶ, ବିଶିଷ୍ଟ ଅତିଥି ଭାବେ ଚୁନରା ସେବକ ଡା. ଶରତ ଚନ୍ଦ୍ର ମହାନ୍ତି, ଡ. ହରପ୍ରସାଦ ମିଶ୍ର, ଟ୍ରଷ୍ଟ ଉପାଧକ୍ଷ ବିନୋଦ କୁମାର ପଣ୍ଡା, ଉପଦେଷ୍ଟା ପୁଷ୍କର ମହାପାତ୍ର, ସଦସ୍ୟା ବିଜୟଲକ୍ଷ୍ମୀ ଦାଶ ପ୍ରମୁଖ ଯୋଗଦେଇ ଗୀତାରେ ଶ୍ରୀଜଗନ୍ନାଥ ଚେତନା ବିଷୟରେ ଆଲୋଚନା କରିଥିଲେ। କଥାରେ ଅଛି ଖାଇବ ପିତା, ପଢ଼ିବ ଗୀତା, ତେବେ ସେ ହୋଇବ ଜଗତ ଜିତା। ଭାରତୀୟ ସଂସ୍କୃତିରେ ଗୀତା ହେଉଛି ଏକ ଜ୍ଞାନଭିତ୍ତିକ ଚେତନଶୀଳ ଗ୍ରନ୍ଥ। ପ୍ରାୟ ଅଧିକାଂଶ ଭାରତୀୟ ନାଗରିକ ଗୀତା ଗ୍ରନ୍ଥର ଉପଦେଶକୁ ଗ୍ରହଣ କରନ୍ତି। ଏଥିରେ ବିଷାଦ ଯୋଗଠାରୁ ଆରମ୍ଭ କରି ଜ୍ଞାନ ଯୋଗ, ଭକ୍ତି ଯୋଗ, କର୍ମ ଯୋଗ ସହ ୧୮ଟି ଅଧ୍ୟାୟ ରହିଛି। କୁହାଯାଏ ଗୀତା ଭଗବାନ ଶ୍ରୀକୃଷ୍ଣଙ୍କ ମୁଖ ନିସୃତ ବାଣୀ। ଏହି ଗ୍ରନ୍ଥର ରଚୟିତା କୃଷ୍ଣ ଦୈପାୟନ ବ୍ୟାସ। କୁରୁକ୍ଷେତ୍ର ଯୁଦ୍ଧରେ ଧର୍ମ ମାର୍ଗରେ ଅନ୍ୟାୟ ଅନୀତିର ପ୍ରତିରୋଧ ପାଇଁ ଅର୍ଜୁନଙ୍କୁ ନିଜର ବୀର କ୍ରମ ଓ କର୍ତ୍ତବ୍ୟ ସମ୍ପାଦନା କରିବା ଛଳରେ ଶ୍ରୀକୃଷ୍ଣ ଉପଦେଶ ବାଣୀ ଦେଇଥିଲେ। ଗୀତାରେ ଭାରତୀୟ ଶାଶ୍ୱତ ଚେତନା ପ୍ରତିଫଳିତ। ଭଗବାନ ଶ୍ରୀକୃଷ୍ଣଙ୍କ ସହ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ସଂସ୍କୃତିର ସମ୍ବନ୍ଧ ରହିଛି। ଏହା ବିଭିନ୍ନ ଶାସ୍ତ୍ର ପୁରାଣରୁ ଜଣାଯାଏ। ଗୋଲକବିହାରୀ ପରମବ୍ରହ୍ମଙ୍କ ସହ ଅଷ୍ଟମ ଅବତାର ଶ୍ରୀକୃଷ୍ଣଙ୍କ ଶାସ୍ତ୍ରୀୟ ସମ୍ବନ୍ଧ ଓ ନିଷ୍କର୍ଷ ଯୋଗ ଦର୍ଶନର ବିଶେଷତ୍ୱ ବୋଲି ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଥିଲା।

ଏହି ଅବସରରେ ଟ୍ରଷ୍ଟ ମୁଖପତ୍ର ଶ୍ରୀଗୁଣ୍ଡିଚାର ସ୍ୱତନ୍ତ୍ର ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ଶତପଥୀ, ଡ. ନୃସିଂହାନନ୍ଦ ମହାପାତ୍ର, ସୁରେଶ କୁମାର ପ୍ରଧାନ, ବ୍ୟଙ୍ଗକବି ଧର୍ମଛଡ଼ା, ମଞ୍ଜୁଶ୍ରୀ ମିଶ୍ର ଏବଂ ପଣ୍ଡିତ ଦୟାନିଧି ପଣ୍ଡା ସମ୍ବର୍ଦ୍ଧିତ ହୋଇଥିଲେ। ଅନୁଷ୍ଠାନର ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସମ୍ପାଦକୀୟ ପାଠ କରିଥଲେ। ଭବାନୀ ବଳିଆରସିଂ ସ୍ୱାଗତ ଅଭିଭାଷଣ, ଗବେଷକ ମଦନମୋହନ ମହାପାତ୍ର ପ୍ରାରମ୍ଭିକ ସୂଚନା ଏବଂ ଶିବସୁନ୍ଦର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁରୀ ଶ୍ରୀଲିଙ୍ଗରାଜ କଳାନିକେତନର କଳାକାରମାନେ ଗୀତଗୋବିନ୍ଦ ଗାନ କରିଥିଲେ। ଆଲୋଚନା ଚକ୍ରରେ ଡ. ଅଭିମନ୍ୟୁ ଭୂୟାଁ, ଇଂ. ଗିରିଜା ଶଙ୍କର ପାଢ଼ୀ, ଜୟନ୍ତୀ ମହାପାତ୍ର, ଅନ୍ନପୂର୍ଣ୍ଣା ଦେବୀ, ବିଚିତ୍ର ରଞ୍ଜନ ମହାପାତ୍ର, ଶ୍ୟାମାସୁନ୍ଦର ମହାପାତ୍ର, ସୂର୍ଯ୍ୟନାରାୟଣ ପାଣିଗ୍ରାହୀ, ଦେବନ କୁମାର ଦାସ ଏବଂ ବିଜୟ ଚରଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କ୍ରିଷ୍ଣା ଦେବୀ ଧନ୍ୟବାଦ ଦେଇଥିଲେ।

# ୩ ବ୍ୟକ୍ତିଙ୍କୁ ମିଳିବ ଶ୍ରୀଜଗନ୍ନାଥ ଚେତନା ସମ୍ମାନ

**ପୁରୀ ଅଫିସ, ୪।୧୨**

ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ଏକାଦଶ ବାର୍ଷିକ ଉତ୍ସବ ଆସନ୍ତା ୧୦ ତାରିଖରେ ହୋଟେଲ ହଲିଡେ ରିସର୍ଟରେ ପାଳନ ହେବ। ଏଥିରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଏବଂ ଗଜପତି ମହାରାଜା ଦିବ୍ୟସିଂହ ଦେବ ଉଦ୍‌ଘାଟକ ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ବିଶିଷ୍ଟ ସାମାଜିକ କର୍ମୀ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ପ୍ରତିଭା ସମ୍ମାନ, ଲେଖକ ଓ ଗବେଷକ ଡ. ଭାସ୍କର ମିଶ୍ରଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ଗବେଷକ ସମ୍ମାନ, ଜଗନ୍ନାଥ ଚେତନା ପ୍ରଚାରକ ଶଙ୍କର୍ଷଣ ମଙ୍ଗରାଜଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ପ୍ରଚାରକ ସମ୍ମାନ ପ୍ରଦାନ କରାଯିବ। ସେହିପରି ଶ୍ରୀଜଗନ୍ନାଥ ମନ୍ଦିର, ଧର୍ମଗଡ଼, କଳାହାଣ୍ଡି ଏବଂ ଶ୍ରୀଜଗନ୍ନାଥ ମନ୍ଦିର କୋଏମ୍ବାଟୁର, ତାମିଲନାଡୁଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ସଙ୍ଗଠକ ସମ୍ମାନ ପ୍ରଦାନ କରାଯିବ। ଏହି ଅବସରରେ ଶ୍ରୀଜଗନ୍ନାଥଙ୍କର ପାଞ୍ଚ ଜଣ ସେବକ ଓ ସେବକ ପରିବାରର ସଦସ୍ୟଙ୍କୁ ଚିକିତ୍ସା ସହାୟତା ପ୍ରଦାନ କରାଯିବ। ଉତ୍ସବରେ ପ୍ରତିଷ୍ଠାନର ମୁଖପତ୍ର ଶ୍ରୀଜଗନ୍ନାଥ ଚେତନା ଲୋକାର୍ପିତ ହେବ। ଉତ୍ସବରେ ବିଭିନ୍ନ ରାଜ୍ୟରୁ ଶତାଧିକ ସଦସ୍ୟା ସଦସ୍ୟ ଯୋଗଦେବେ ବୋଲି ପ୍ରତିଷ୍ଠାନର ମହାସଚିବ ଡ. ନରେଶ ଚନ୍ଦ୍ର ଦାଶ ସୂଚନା ଦେଇଛନ୍ତି।

# ମନ ମୋହିଲା 'ମହକ ମେଳା'


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ଭୁବନେଶ୍ୱର, ୪।୧୨(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଶନିବାର ସରକାରୀ ଉଚ୍ଚ ବିଦ୍ୟାଳୟ ବଡ଼ଗଡ଼ଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଏବଂ ବଡ଼ଗଡ଼ ଉଚ୍ଚ ବିଦ୍ୟାଳୟ ଆଲୁମ୍ନି ସଭାପତି ପ୍ରତାପ କୁମାର ଜେନା ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ସ୍ୱତନ୍ତ୍ର ସହାୟତା ଆବଶ୍ୟକ କରୁଥିବା ଛାତ୍ରୀଛାତ୍ରମାନଙ୍କର ସାମଗ୍ରିକ ବିକାଶ ଲକ୍ଷ୍ୟରେ ଆୟୋଜିତ କାର୍ଯ୍ୟକ୍ରମ 'ମହକ ମେଳା'କୁ ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରିଥିଲେ। ଏଥିସହ ଶିକ୍ଷାର୍ଥୀମାନଙ୍କର ସୃଜନଶୀଳ ସ୍ୱପ୍ନ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କ ଅନୁଭବକୁ ସାଉଁଟିଥିବା ପତ୍ରିକା 'ମନର କଥା' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ମହକ ମେଳାରେ କଳ୍ପନାରୁ ଆଳ୍ପନା (ଝୋଟି ଚିତା ମୁରୁଜ), ରଙ୍ଗବେରଙ୍ଗ (ଚିତ୍ରକଳା ଓ ମେହେନ୍ଦି), କାଗଜ ଖେଳ (ମୁଖା ଓ ଓରିଗାମି), ବେଲୁନ ଖେଳ, ଆବର୍ଜନାର ସଦୁପଯୋଗ, ପାଟି ସୁଆଦ (ଝାଲ ମୁଢ଼ି, ଚା..ଇତ୍ୟାଦି) କାର୍ଯ୍ୟକ୍ରମ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଯୁଗ୍ମ ନିର୍ଦ୍ଦେଶିକା ବନ୍ଦନା ମହାପାତ୍ର, ୱାର୍ଡ ନଂ. ୪୪ର କର୍ପୋରେଟର ଅଜିତ୍ କୁମାର ବେହେରା, ୟୁନିଟ-୨ର ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପାଲ, ଓସେପାର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶିକା ଅରୁଣାବାଳା ତ୍ରିପାଠୀ ପ୍ରମୁଖ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ଉପସଭାପତି ସଙ୍ଗୀତା ଦାଶ ପୁରସ୍କାର ବିତରଣ କରିଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ, ବଡ଼ଗଡ଼ର ପ୍ରଧାନ ଶିକ୍ଷୟିତ୍ରୀ ବନଜା ମଞ୍ଜରୀ ସାହୁ, ବିଦ୍ୟାଳୟର ସମସ୍ତ କର୍ମଚାରୀ, ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ସମ୍ବଳ ଶିକ୍ଷକ ଶିକ୍ଷୟିତ୍ରୀ, ଭୁବନେଶ୍ୱର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ସହଯୋଗରେ ଏବଂ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ପ୍ରଜ୍ଞାପାରମିତା ଜେନାଙ୍କ ଦ୍ୱାରା ଏହି ଉତ୍ସବକୁ ସଫଳତାର ସହିତ ପରିଚାଳନା କରାଯାଇଥିଲା।



କଟକ ନେତାଜୀ ସେତୁପାର୍ଶ୍ୱ ବେଲ୍‌ଭ୍ୟୁ ପାର୍କ ପରିସରରେ କମିଶନରେଟ୍ ପୋଲିସ ପକ୍ଷରୁ ରବିବାର ଅନୁଷ୍ଠିତ ଓଡ଼ିଶା ପୋଲିସର ବ୍ୟାଣ୍ଡ ଶୋ'।

# ବିଦ୍ୟାପୀଠରେ ପୂଜ୍ୟପୂଜା ସମାରୋହ

**କୃଷ୍ଣପ୍ରସାଦ,୪।୧୨(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଦୁଆରଶୁଣୀ ବିଦ୍ୟାପୀଠରେ ପୂଜ୍ୟପୂଜା ସମାରୋହ ଏବଂ କ୍ରୀଡ଼ା ଶିକ୍ଷକ ବନମାଳି ଜେନାଙ୍କୁ ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ଡ.ବିଶ୍ୱଜିତ ଘୋଷ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ରାଜ୍ୟ ସରକାରଙ୍କ ଶାରୀରିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପ୍ରଧାନ, ସହକାରୀ ଜିଲା ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ମାର୍ଥା, କୃଷ୍ଣପ୍ରସାଦ ବିଡିଓ ମନୋଜ ନାୟକ, ବିମୁ ଦାସ, ଭିକାରୀ ଚରଣ ଜେନା, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ମହେନ୍ଦ୍ର ନାୟକ, ମଣ୍ଡଳ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ମିଶ୍ର, ଗମ୍ଭାରୀ ସରପଞ୍ଚ ସୁଶାନ୍ତ ପରିଡ଼ା, ସମିତିସଭ୍ୟ ଜାନକୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଏବଂ ମୋ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ପୂଜ୍ୟ ପୂଜାର ଆୟୋଜନ କରାଯାଇଥିବା ବେଳେ ବିଦ୍ୟାଳୟ ପ୍ରତିଷ୍ଠାତା ସଭ୍ୟ ଏବଂ ପରିଚାଳନା କମିଟିର ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା। କୃଷ୍ଣପ୍ରସାଦ ବ୍ଲକ କ୍ରୀଡ଼ା ଜୋନ ସମ୍ପାଦକ ପଦ୍ମ ଚରଣ ଜେନାଙ୍କ ନେତୃତ୍ୱରେ ଶିକ୍ଷକ ବନମାଳି ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବ ପରିଚାଳନାରେ ଶିକ୍ଷକ ଏବଂ କର୍ମଚାରୀ ସହଯୋଗ କରିଥିଲେ।

# ଜଟଣୀ ଏମ୍‌କେସିସି ଚାମ୍ପିୟନ

**ଟେନିସ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

**ଖୋର୍ଦ୍ଧା ଅଫିସ,୪।୧୨**

ଖୋର୍ଦ୍ଧା ଜିଲା ଗୟାବନ୍ଧ ବାପୁଜୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୦ମ ଟେନିସ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଜଟଣୀ ଏମ୍‌କେସିସି ଚାମ୍ପିୟନ ହାସଲ କରିଛି। ରବିବାର ଫାଇନାଲ ମ୍ୟାଚରେ ଖୋର୍ଦ୍ଧା ସାଇ ଇଲେଭେନ ଟିମ୍‌କୁ ଜଟଣୀ ଏମ୍‌କେସିସି ଭେଟିଥିଲା। ଟସ୍ ଜିଣି ଜଟଣୀ ଦଳ ନିର୍ଦ୍ଧାରିତ ଓଭରରେ ୧୭୮ ରନ କରିଥିଲେ। ଜବାବରେ ଖୋର୍ଦ୍ଧା ଦଳ ସମସ୍ତ ଉଇକେଟ ହରାଇ ୧୩୨ରନ କରି ପରାସ୍ତ ହୋଇଛି। ଜଟଣୀ ଦଳର ଲକି ମ୍ୟାନ ଅଫ ଦି ମ୍ୟାଚ୍ ଓ ବିମଳ ମହାପାତ୍ର ମ୍ୟାନ ଅଫ ଦି ସିରିଜ୍ ହୋଇଛନ୍ତି। ମ୍ୟାଚକୁ ଶେଖ୍ ଅରିଫ୍ ଏବଂ ଇସ୍ରାଏଲ ଖାଁ ପରିଚାଳନା କରିଥିଲେ। ଆରଫତ ଖାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମହିଳା ବିଜୁ ଜନତା ଦଳର ଉପାଧକ୍ଷ ବାସନ୍ତୀ ମହାପାତ୍ର, ଓଳସିହ ସରପଞ୍ଚ ରଞ୍ଜନ ଭୋଳ, ସାମାଜିକ କର୍ମୀ ସୁଶାନ୍ତ ଶ୍ରୀଚନ୍ଦନ ଓ ରାଜା ବେହେରା ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ଆରଫତ ଖାଁ, ସୁଲତାନ ଖାଁ, ଲିପୁ ଶ୍ରୀଚନ୍ଦନ, ଅର୍ଜୁନ ଭୁଜବଳ, ଆଲୋକ ଭୁଜବଳ, ଶେଖ୍ ଅରିଫ୍, ହଜାରି ଭୁଜବଳ, ଜାବିଦ ଖାଁ, ବୃନ୍ଦାବନ ଭୁଜବଳ ଓ ଗୌସ୍ ଖାଁ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

# ଡାଳଖାଇ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ବୋଲଗଡ଼,୪।୧୨(ଡି.ଏନ୍.ଏ.)**

ବୋଲଗଡ ବ୍ଲକ ଅଧୀନ ଖଣତି ଗ୍ରାମ ଠାରୁ ବୋରିକ ରାସ୍ତା ପାର୍ଶ୍ୱ କଇଁସାହି ଜଙ୍ଗଲ ଠାରେ ମା'ଡାଳଖାଇ (ବନଦୁର୍ଗା)ଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଖଣତି ଗ୍ରାମର ପଞ୍ଚୁ ବେହେରା, ରମେଶ ବେହେରା, ବିଜୟ ମହାନ୍ତି ଏବଂ ଡାଳଖାଇ ମନ୍ଦିର କମିଟି ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ୪ଦିନ ବ୍ୟାପୀ ଅନୁଷ୍ଠିତ ଏହି ଉତ୍ସବରେ ବିଭିନ୍ନ ଦିବସରେ ଅଙ୍କୁରାରୋପଣ, ଜଳଯାତ୍ରା, ସର୍ବଦେବଦେବୀ ଆବାହନ, ଅଗ୍ନି ସଂସ୍ଥାପନ, ମହାସ୍ନାନ, ସୂର୍ଯ୍ୟପୂଜା, ଗୋପୂଜା, ଶାଳାପୂଜା, ବ୍ୟାସ, ପୂର୍ଣ୍ଣାହୁତି, ଘଟ ବିସର୍ଜନ ଓ ମହାମନ୍ତ୍ର ଜପ ଆଦି ହୋଇଥିଲା। ସେହିପରି ପ୍ରତ୍ୟହ ଭଜନ ସମାରୋହ, ପାଇକ ଆଖଡ଼ା, ସମ୍ବଲପୁରୀ ଓ ଆଦିବାସୀ ନୃତ୍ୟ ପରିବେଷିତ ହୋଇଥିଲା। ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ତାରାପ୍ରସାଦ ପଟ୍ଟନାୟକ, ଭବାନୀ ଜଗଦ୍ଦେବ, ଜୟଶ୍ରୀ ପଟ୍ଟନାୟକ, ଶିବପ୍ରସାଦ ମିଶ୍ର ପ୍ରମୁଖଙ୍କ ସମେତ ଅନ୍ୟ ଅତିଥି ଉତ୍ସବରେ ଯୋଗଦେଇଥିଲେ।

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗାର ଜବତ

**ଭୁବନେଶ୍ୱର,(ବ୍ୟୁରୋ)/ ବାଙ୍କୀ, ୪।୧୨ (ସ୍ୱ.ପ୍ର.)**

କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ଅଂଶୁପା ହ୍ରଦ ନିକଟରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗାର ଜବତ କରିଛି। ଘଟଣାସ୍ଥଳରୁ ୨ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ସେମାନେ ଆସିଥିବା ଏକ କାର୍ (ଓଡି୦୯ଇ୫୧୧୧) ମଧ୍ୟ ଜବତ ହୋଇଛି। ଅଭିଯୁକ୍ତଦ୍ୱୟ ହେଲେ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜ୍ଞାନେଶ କୁମାର ସାହୁ ଓ ଆଠଗଡ଼ ଥାନା ଅଞ୍ଚଳର ହେମନ୍ତ କୁମାର ପ୍ରଧାନ। ଉଭୟଙ୍କଠାରୁ ୧ କେଜି ୩୩୫ ଗ୍ରାମ ବ୍ରାଉନ୍‌ସୁଗାର ଓ କିଛି ଆପରାଧିକ ସାମଗ୍ରୀ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏନେଇ ଏସ୍‌ଟିଏଫ୍ ଏନ୍‌ଡିପିଏସ୍ ଆକ୍ଟର ୨୧(ସି) ଓ ୨୯ ଦଫାରେ ଏକ ମାମଲା (ନଂ.୨୯/୨୦୨୨) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ରବିବାର କଟକ ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଭୁବନେଶ୍ୱର କିମ୍ବା ଆଖପାଖ ଅଞ୍ଚଳରେ ବ୍ରାଉନ୍‌ସୁଗାରର ବଡ଼ ଡିଲ୍ ପାଇଁ ଅନୁଗୋଳରୁ କେତେଜଣ ବ୍ରାଉନସୁଗାର ବେପାରି କାର୍‌ରେ ଆସୁଥିବା ନେଇ ଏସ୍‌ଟିଏଫ୍ ସୂଚନା ପାଇଥିଲା। ରାକେଟକୁ ଧରିବାକୁ କଟକ ଜିଲା ପୋଲିସକୁ ଏସ୍‌ଟିଏଫ୍ ଜଣାଇବା ସହ ଚଢ଼ାଉ ଯୋଜନା ହୋଇଥିଲା। ଶନିବାର ସନ୍ଧ୍ୟାରେ ଅଂଶୁପା ହ୍ରଦ ନିକଟରେ ମିଳିତ ପୋଲିସ୍ ଟିମ୍ ପୂର୍ବପ୍ରସ୍ତୁତି ଅନୁଯାୟୀ ଛକି ରହିଥିଲେ। ସନ୍ଦିଗ୍ଧ କାର୍‌ଟି ଉକ୍ତ ବାଟଦେଇ ଯିବା ସମୟରେ ଏସ୍‌ଟିଏଫ୍ ଓ ପୋଲିସ ଟିମ୍ ଅଟକାଇ ଯାଞ୍ଚ କରିବା ପରେ ବ୍ରାଉନସୁଗାର ମିଳିଥିଲା। ତେବେ ଅଭିଯୁକ୍ତଦ୍ୱୟ କେଉଁଠୁ ଏତେ ପରିମାଣର ବ୍ରାଉନ୍‌ସୁଗାର ଆଣିଲେ, କାହାକୁ ଦେଇଥାନ୍ତେ, ସେମାନଙ୍କ ସହ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ଏହାପୂର୍ବରୁ କେତେ କାରବାର କରିଛନ୍ତି, ଏଭଳି ବିଭିନ୍ନ ଦିଗକୁ ନେଇ ଅଧିକ ତଦନ୍ତ କରିବାକୁ ଏସ୍‌ଟିଏଫ୍ ଅଭିଯୁକ୍ତଦ୍ୱୟଙ୍କୁ ରିମାଣ୍ଡରେ ଆଣିବାକୁ ଯୋଜନା କରୁଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ରାଜ୍ୟରେ ନିଶା କାରବାର ରୋକିବାକୁ ୨୦୨୦ରୁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନରେ ଏପର୍ଯ୍ୟନ୍ତ ୬୫ କେଜି ବ୍ରାଉନ୍‌ସୁଗାର, ୨୦୨ ଗ୍ରାମ କୋକେନ ଓ ୧୧୧ କୁଇଣ୍ଟାଲ ଗଞ୍ଜେଇ, ୭୫୦ ଗ୍ରାମ ଅଫିମ ଜବତ ହୋଇଛି। ଏସବୁ ମାମଲାରେ ୧୬୫ ଜଣ ନିଶା ମାଫିଆ ଗିରଫ ହୋଇଥିବା ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।

# ଗାଡ଼ି ସାଇଡ୍ ମାରି ଖଣ୍ଡାରେ ହାଣିଲେ

**ଛାତ୍ର ନେତାଙ୍କ ଗୁଣ୍ଡାରାଜ୍**
- ଯୁବକ ଗୁରୁତର, ଅଭିଯୁକ୍ତ ଗିରଫ
- ପ୍ରେମରେ ବିଫଳ ହେବା ପରେ ହତ୍ୟା ଯୋଜନାରେ ଥିଲେ
- ଜନ୍ମ ଦିନରେ ଖଣ୍ଡାରେ କାଟିଥିଲେ କେକ୍

**ଯାଁଳା/ଜଟଣୀ, ୪।୧୨(ଡି.ଏନ୍.ଏ.)**

ଛାତ୍ର ନେତାଙ୍କ ଗୁଣ୍ଡାରାଜ୍। ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରି ବିଫଳ ହେବା ପରେ ତାଙ୍କ ଭାଇଙ୍କୁ ହତ୍ୟା ଯୋଜନା କରିଥିଲେ। ଗାଡି ସାଇଡ୍ ମାରିବା ପରେ ଖଣ୍ଡାରେ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ହେଲେ ସୌଭାଗ୍ୟ ବଶତଃ ଖଣ୍ଡ ଚୋଟ ତାଙ୍କ କାନମୁଣ୍ଡା ଓ ଶରୀରର ଅନ୍ୟ ସ୍ଥାନରେ ଲାଗିଥିଲା। ଦିନଦ୍ୱିପ୍ରହରରେ ବିଚ୍ ରାସ୍ତାରେ ଘଟିଥିଲା ଏପରି ଆତଙ୍କରାଜ। ଖୋର୍ଦ୍ଧା ଜିଲା ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ମଦନପୁର ଅଞ୍ଚଳରେ ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ଭୟର ବାତାବରଣ ସୃଷ୍ଟି ହୋଇଛି। ଆକ୍ରମଣର ଶିକାର ଯୁବକ ହେଲେ ରିଫନ ବଳିୟାରସିଂହ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏମ୍ସରେ ଭର୍ତ୍ତି କରିଛନ୍ତି। ତେବେ ଅଭିଯୋଗ ପରେ ପୋଲିସ ଆକ୍ରମଣକାରୀ ଯୁବକ ଜ୍ଞାନ ରଞ୍ଜନ ମାନ୍‌ସିଂ ଓରଫ ପୁତୁଲ (୨୯)ଙ୍କୁ ଗିରଫ କରିଛି। ତାଙ୍କଠାରୁ ଗୋଟିଏ ଖଣ୍ଡା ଜବତ କରାଯାଇଛି। ପୁତୁଲ ଏକ ରାଜନୈତିକ ଦଳର ଜଣେ ଛାତ୍ର ନେତା ବୋଲି ଜଣାପଡିଛି। ଗତ କିଛିଦିନ ତଳେ ଅଭିଯୁକ୍ତ ପୁତୁଲୁ ନିଜ ଜନ୍ମଦିନ ପାଳନବେଳେ ଖଣ୍ଡାରେ କେକ୍ କାଟିବା ଦୃଶ୍ୟ ଭାଇରାଲ ହୋଇଥିଲା।


ଗୁରୁତର ଯୁବକ।

ସୂଚନା ଅନୁସାରେ ରିଫନଙ୍କ ଭଉଣୀକୁ ଅଭିଯୁକ୍ତ ପୁତୁଲ ଏକତରଫା ପ୍ରେମ କରୁଥିଲେ । ସେ ଯୁଆଡେ ଯାଆନ୍ତି ଅଭିଯୁକ୍ତ ପ୍ରାୟ ସମୟ ପିଛା କରି ହଇରାଣ ହରକତ କରିଥାନ୍ତି । ଏନେଇ ଗତ ଦୁଇ ମାସ ତଳେ ଇମ୍ଫୋଭ୍ୟାଲି ଥାନାରେ ଅଭିଯୋଗ ମଧ୍ୟ ହୋଇଥିଲା। ସେଠାରେ ପୋଲିସ ପୁତୁଲକୁ ୱାର୍ଣ୍ଣିଂ ଦେଇ ଛାଡିଥିଲେ । ଏହାପରେ ରିଫନ ଉପରେ ପ୍ରତିଶୋଧ ନେବାକୁ ପୁତୁଲୁ ସ୍ଥିର କରିସାରିଥିଲା । ତେବେ ମଝିରେ ମଝିରେ ରିଫନକୁ କମେଣ୍ଟ ମାରିବା ସହ ଗଣ୍ଡଗୋଳ ବାଟ ଖୋଜୁଥିଲା । ରବିବାର ସକାଳେ ରିଫନ ମଦନପୁରରୁ ଗୋହିରା ଛକକୁ ଏକ ମୋଟରସାଇକେଲ ଯୋଗେ ଆସୁଥିବା ସମୟରେ ପୁତୁଲ ଏକ ଥର ଗାଡି ଯୋଗେ ମଦନପୁରକୁ ଫେରୁଥିଲା । ହେଲେ ଏକ ଘରୋଇ ବୈଷୟିକ ମହାବିଦ୍ୟାଳୟ ନିକଟରେ ପୁତୁଲ ରିଫନକୁ ସାଇଡ ମାରିବାରୁ ସେ ନିଜ ଗାଡିରୁ ତଳେ ପଡିଯାଇଥିଲା। ଏହାପରେ ରିଫନ ଏହାର କାରଣ ପୁତୁଲୁଙ୍କୁ ପଚାରିବାରୁ ଦୁଇ ଜଣଙ୍କ ମଧ୍ୟରେ ବଚସା ହୋଇଥିଲା । ଏହାପରେ ପୁତୁଲ ଉତକ୍ଷିପ୍ତ ହୋଇ ଥର ଗାଡ଼ିରେ ରଖିଥିବା ଖଣ୍ଡା ବାହାର କରି ରିଫନକୁ ଆକ୍ରମଣ କରିଥିଲା ।ସେ ମୁଣ୍ଡକୁ ଲକ୍ଷକରି ଖଣ୍ଡା ଚୋଟ ପକାଉଥିବା ବେଳେ ରିଫନ ଏଡାଇ ଯିବାରୁ ଚୋଟ ତାଙ୍କ କାନରେ ବାଜିଥିଲା । ରିଫନଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକ ଘଟଣା ସ୍ଥଳକୁ ଦୌଡ଼ି ଆସିବାରୁ ପୁତୁଲୁ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ସ୍ଥାନୀୟ ଲୋକ ରିଫନଙ୍କୁ ମେଡିକାଲ ପଠାଇବା ସହ ଇମ୍ଫୋଭ୍ୟାଲି ଥାନାକୁ ଖବର ଦେଇଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତ ପୁତୁଲୁଙ୍କୁ ବହୁ ଖୋଜା ଖୋଜା ପରେ ଭୁବନେଶ୍ୱରରୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଏନେଇ ରିଫନ ପରିବାର ପକ୍ଷରୁ ଇମ୍ଫୋଭ୍ୟାଲି ଥାନାରେ ଏକ ଲିଖିତ ଅଭିଯୋଗ ହେବାରୁ ଘଟଣାର ଅଧିକ ତଦନ୍ତ ଚଳାଇଛି ପୋଲିସ । ଏଭଳି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଯାଇଛି ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ବୃଦ୍ଧ ଗୁରୁତର

ବେଗୁନିଆ,୪।୧୨(ଡି.ଏନ୍.ଏ.): ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ଅଧୀନ ବାଘମାରୀ ବଡ଼ଶଙ୍ଖ ନିକଟରେ ରବିବାର ଗାଡ଼ି ଧକ୍କାରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବେଗୁନିଆ ଥାନା ଅନ୍ତର୍ଗତ ଚଟୁଆ ଗ୍ରାମର ସୱପ୍ନେଶ୍ୱର ବାରିକ(୭୦)। ସୂଚନା ମୁତାବକ, ସକାଳ ୯ଟା ୩୦ରେ ସ୍ୱପ୍ନେଶ୍ୱର ସାରୁଅ ଗ୍ରାମରୁ ସାଇକେଲରେ ଘରକୁ ଫେରୁଥିଲେ। ବଡ଼ଶଙ୍ଖ ନିକଟରେ କୌଣସି ଏକ ଗାଡି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବାଘମାରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ଖୋର୍ଦ୍ଧା ଅଫିସ, ୪।୧୨: ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପ୍ରତିଷ୍ଠାନ ଏବଂ ଖୋର୍ଦ୍ଧା ଜିଲା ଶିଶୁ ସୁରକ୍ଷା ୟୁନିଟ ମିଳିତ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରୁ ତିନୋଟି ବର୍ଗରେ ୮୩ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ନୀଳ ରଙ୍ଗର ଗ୍ରୁପ୍‌ରେ ଆଦିତ୍ୟ ରାୟ୍, ନିହାରିକା ଦାସ ଏବଂ ଏଲିନା ଦାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଧଳା ଗ୍ରୁପ୍‌ରେ ଛାତ୍ରୀ ଅନ୍ୱେଷା ମହାପାତ୍ର ୧ମ, ପ୍ରାର୍ଥନା ଅନୁରାଗୀ ୨ୟ ଓ ଛାତ୍ର ଗଣେଶ ମୁଣ୍ଡା ୩ୟ ସ୍ଥାନରେ ରହିଛନ୍ତି। ସବୁଜ ଗ୍ରୁପ୍‌ରେ ଛାତ୍ରୀ ସୌମ୍ୟା ସ୍ୱାଇଁ ୧ମ, ଆରାଧନା ମହାରଣା ୨ୟ ଓ ଅର୍ପିତା ପ୍ରଧାନ ୩ୟ ସ୍ଥାନରେ ଅଧିକାର କରିଚନ୍ତି। ଏହି ପ୍ରତିଯୋଗିତାରେ ବିଚାରକ ଭାବେ ଦୀପକ ଛୋଟରାୟ, ବିକ୍ରମ କେଶରୀ ସେନାପତି ଓ ଦୀନବନ୍ଧୁ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ନୋଡାଲ ଅଫିସର ମନସ୍ୱିନୀ ମହାପାତ୍ର, ସୌମେନ୍ଦ୍ର ନାୟକ, ରଞ୍ଜନ କୁମାର ଗୋଚ୍ଛାୟତ, ସନ୍ଧ୍ୟାରାଣୀ ମହାନ୍ତି ଏବଂ ମଣିପାଲ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ୨୧ ୟୁନିଟ୍ ରକ୍ତ ସଂଗ୍ରହ

ବେଗୁନିଆ,୪।୧୨(ଡି.ଏନ୍.ଏ.): ବେଗୁନିଆ ବ୍ଲକ ଅନ୍ତର୍ଗତ ସାରୁଅ ଗ୍ରାମସ୍ଥିତ ବିପ୍ଳବୀ ଯୁବ ପରିଷଦ କ୍ଲବ ପରିସରରେ ରବିବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୨୧ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଖୋର୍ଦ୍ଧା ରକ୍ତ ଭଣ୍ଡାର କାର୍ଯ୍ୟାଳୟର ଡା.ଆଶାଲତା ସାମଲ, ଲାବ ଟେକ୍ନିସିଆନ ଅରୁଣ କୁମାର ସାହୁ, ବିଚିସ୍ମିତା ପୁହାଣ ଓ ସହାୟକ ଅମିତା ନାୟକ ରକ୍ତ ସଂଗ୍ରହ କରିଥିଲେ। ସାମାଜିକ କର୍ମୀ ଯୋଗେଶ୍ୱର ପଣ୍ଡା ପରିଚାଳନା କରିଥିଲେ। ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ଅତିଥିଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ସମସ୍ତ ସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ଶ୍ରଦ୍ଧାଳୁ

ପୁରୀ ଅଫିସ, ୪।୧୨

- ଶ୍ରୀମନ୍ଦିର ନିକଟ ସ୍ଥାନରେ ଶୌଚାଳୟ, ପରିସ୍ରାଗାର ନାହିଁ
- ମଠ, ଧର୍ମଶାଳା ଉଚ୍ଛେଦ ଯୋଗୁ ଶେଡ୍ ପାଖରେ ରାତ୍ରିଯାପନ


ପରିତ୍ୟକ୍ତ ଅବସ୍ଥାରେ ଥିବା ଶୌଚାଳୟ।

ବିଶ୍ୱ ମାନଚିତ୍ରରେ ପୁରୀ ଏକ ପ୍ରସିଦ୍ଧ ପର୍ଯ୍ୟଟନ ଓ ଆଧ୍ୟାତ୍ମିକ ସହର ଭାବେ ପରିଚିତ। ରାଜ୍ୟ ସରକାରଙ୍କ ପକ୍ଷରୁ ପୁରୀକୁ ବିଶ୍ୱସ୍ତରୀୟ କରିବା ପାଇଁ ପ୍ରକ୍ରିୟା ଜାରି ରହିଛି। ଏଠାକୁ ଦେଶ ବିଦେଶରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଛୁଟି ଆସୁଛନ୍ତି। ତେବେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନେ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଶ୍ରୀମନ୍ଦିର ନିକଟସ୍ଥ ଅଞ୍ଚଳରେ ଶ୍ରଦ୍ଧାଳୁଙ୍କ ଲାଗି ପର୍ଯ୍ୟାପ୍ତ ପରିମାଣର ଶୌଚାଳୟ ଓ ପରିଶ୍ରାଗାର ନାହିଁ। ଏଥିଯୋଗୁ ସେମାନେ ହଇରାଣ ହେଉଛନ୍ତି। ବିଶେଷ କରି ମହିଳା ଓ ଛୋଟ ପିଲାଙ୍କୁ ଏଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ପୂର୍ବରୁ ଶ୍ରୀମନ୍ଦିର ଉତ୍ତର-ପୂର୍ବ କୋଣ ଦୋଳବେଦି କୋଣ ନିକଟରେ ଶ୍ରଦ୍ଧାଳୁଙ୍କ ଲାଗି ଶୌଚାଳୟ ଓ ପରିଶ୍ରାଗାର ରହିଥିଲା। ତେଣୁ ଶ୍ରଦ୍ଧାଳୁଙ୍କର ସମସ୍ୟା କିଛି ମାତ୍ରାରେ ଦୂର ହୋଇ ପାରୁଥିଲା। ମାତ୍ର ଶ୍ରୀମନ୍ଦିର ପରିକ୍ରମା ମାର୍ଗର କାର୍ଯ୍ୟ ଉକ୍ତ ଅଞ୍ଚଳରେ ଜାରି ରହିଥିବାରୁ ସେଠାରେ ଥିବା ଶୌଚାଳୟ ଓ ପରିଶ୍ରାଗାରକୁ ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇ ନିର୍ମାଣ କାର୍ଯ୍ୟ ଚାଲିଛି। ସେହିପରି ପୂର୍ବରୁ ମନ୍ଦିର ପାଖରେ ଅସ୍ଥାୟୀ ବା ଭ୍ରାମ୍ୟମାଣ ଶୌଚାଳୟ ବ୍ୟବସ୍ଥା କରାଯାଇଥିଲା। ମାତ୍ର ଏବେ ଉକ୍ତ ଅସ୍ଥାୟୀ ଶୌଚାଳୟ ଦେଖିବାକୁ ମିଳୁନାହିଁ। ଦକ୍ଷିଣ ଦ୍ୱାର ନିକଟରେ ଥିବା ଏକ ଭ୍ରାମ୍ୟମାଣ ଶୌଚାଳୟ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ଫଳରେ ଶ୍ରଦ୍ଧାଳୁମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଅପରପକ୍ଷେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପ୍ରଶାସନ ପକ୍ଷରୁ କରାଯାଇଥିବା ଅସ୍ଥାୟୀ ଶେଡ୍‌ର ବ୍ୟାରିକେଡ ଉପରେ ଶ୍ରଦ୍ଧାଳୁମାନେ ସେମାନଙ୍କ ଲୁଗାପଟା ଶୁଖାଉଥିବା ସହ ରାସ୍ତାରେ ଜିନିଷପତ୍ର ଧରି ବସି ରହୁଥିବା ଦେଖିବାକୁ ମିଳୁଛି। ଏପରିକି ଅନେକ ଶ୍ରଦ୍ଧାଳୁ ବ୍ୟାରିକେଡ୍ ନିକଟରେ ରାତ୍ରି ଯାପନ କରୁଛନ୍ତି। ଏହାର ମୁଖ୍ୟ କାରଣ ହେଉଛି ମଠ ଓ ଧର୍ମଶାଳାର ଅଭାବ। ପୂର୍ବରୁ ଆର୍ଥିକ ଦୁର୍ବଳ ଶ୍ରେଣୀର ଶ୍ରଦ୍ଧାଳୁ ପୁରୀ ଆସିଲେ କମ୍ ଅର୍ଥ ଦେଇ ଶ୍ରୀମନ୍ଦିର ଚାରିପଟେ ଥିବା ମଠ କିମ୍ବା ଧର୍ମଶାଳାରେ ରାତ୍ରୀଯାପନ କରିବା ସହ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଥିଲେ। ମାତ୍ର ବର୍ତ୍ତମାନ ମଠ ଓ ଧର୍ମଶାଳା ଉଚ୍ଛେଦ ହୋଇସାରିଥିବାରୁ ଶ୍ରଦ୍ଧାଳୁଙ୍କ ପକ୍ଷେ ଅଧିକ ଅର୍ଥ ଦେଇ ଲଜ୍, ହୋଟେଲ ଓ ଭକ୍ତ ନିବାସରେ ରହିବା ସମ୍ଭବପର ହେଉନାହିଁ। ସେହିପରି ଯେଉଁ କେତୋଟି ଧର୍ମଶାଳା ବର୍ତ୍ତମାନ ପୁରୀରେ ଅଛି ତାହ ସମୁଦ୍ରକୁ ଶଙ୍ଖେ ସଦୃଶ। ଏ ନେଇ ପୁରୀ ସହର ବାସିନ୍ଦା ବିକାଶ କୁମାର ପ୍ରଧାନ କହିଛନ୍ତି, ଶ୍ରୀକ୍ଷେତ୍ର ହେଉଛି ରାଜ୍ୟର ଧାର୍ମିକ ରାଜଧାନୀ ସହ ବିଶ୍ୱର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ। ପ୍ରତିଦିନ ଦେଶ ବିଦେଶରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ ଓ ବେଳାଭୂମି ବୁଲିବା ସହ ନିକଟସ୍ଥ ଅନ୍ୟାନ୍ୟ ସ୍ଥାନ ପରିଭ୍ରମଣ ଉଦ୍ଦେଶ୍ୟରେ ଆସିଥାନ୍ତି। ମାତ୍ର ପ୍ରଶାସନର ବେପରୁଆ ମନୋଭାବ ଯୋଗୁ ସେମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଅନେକ ସମୟରେ ପରିଶ୍ରାଗାର ଖୋଜିଲେ ପାଉନାହାନ୍ତି। ତେଣୁ ଏଣେତେଣେ ପରିଶ୍ରା କରିବାକୁ ବାଧ ହେଉଛନ୍ତି। ସେହିପରି ସୁଲଭ ମୂଲ୍ୟରେ ରହିବା ପାଇଁ ଧର୍ମଶାଳା ନ ଥିବାରୁ ଅନେକ ଭକ୍ତ ମନ୍ଦିର ନିକଟରେ ବସିରହୁଥିବା ଦେଖିବାକୁ ମିଳୁଛି। ଏସବୁ ସସମ୍ୟା ପ୍ରତି ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ। ସମ୍ପ୍ରତି ପର୍ଯ୍ୟଟନ ଋତୁରେ ପୁରୀକୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ। ତେଣୁ ଶ୍ରୀମନ୍ଦିର ଚାରିପଟେ ଚାଲିଥିବା ଉନ୍ନୟନ କାର୍ଯ୍ୟ ସରିବା ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଅସ୍ଥାୟୀ ବା ଭ୍ରାମ୍ୟମାଣ ଶୌଚାଳୟ ବ୍ୟବସ୍ଥା କରାଯିବା ଆବଶ୍ୟକ। ତେବେ ଏନେଇ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଛନ୍ତି, ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଓ ସୁବିଧା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଉଛି। ଶ୍ରୀମନ୍ଦିର ଚପଲ ଷ୍ଟାଣ୍ଡ ନିକଟରେ ଶ୍ରଦ୍ଧାଳୁଙ୍କ ଲାଗି ଶୌଚାଳୟ ରହିଛି। ସେଠାରେ ସମସ୍ତ ପ୍ରକାର ସୁବିଧା କରାଯାଇଛି। ବର୍ତ୍ତମାନ ପ୍ରକଳ୍ପ କାର୍ଯ୍ୟ ଚାଲିଛି। କାର୍ଯ୍ୟ ସରିବା ପରେ ଶ୍ରଦ୍ଧାଳୁମାନେ ଅଧିକ ସୁବିଧା ପାଇପାରିବେ। ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଭ୍ରାମ୍ୟମାଣ ଶୌଚାଳୟ ରଖାଯାଇଥିଲା ବୋଲି ସ୍ୱାଇଁ ପ୍ରକାଶ କରିଛନ୍ତି।


ଶ୍ରୀମନ୍ଦିର ନିକଟରେ ବିଶ୍ରାମସ୍ଥଳ ନ ଥିବାରୁ ପୁରୀ ବଡ଼ଦାଣ୍ଡ ବ୍ୟାରିକେଡ ନିକଟରେ ଶ୍ରଦ୍ଧାଳମାନେ ବିଶ୍ରାମ ନେବା ସହ ଲୁଗା ଶୁଖାଇଛନ୍ତି।

## ଡିଜେ ଗାଡ଼ି ଜବତ, ଜଣେ ଅଟକ

ବାଲୁଗାଁ,୪।୧୨(ଡି.ଏନ୍.ଏ.)

ବାଲୁଗାଁ ଥାନା ଅଞ୍ଚଳରେ ବିବାହ ଶୋଭାଯାତ୍ରା କିମ୍ବା କୌଣସି କାର୍ଯ୍ୟକ୍ରମରେ ଡିଜେ ବଜାଇବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ତେବେ ଏହି ନିୟମକୁ କେତେଜଣ ଅମାନିଆ ମାନୁନାହାନ୍ତି। ରବିବାର ପୋଲିସ ଏକ ଡିଜେ ଗାଡ଼ିକୁ ଜବତ କରିବା ସହ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ମଧ୍ୟାହ୍ନରେ ବାଲୁଗାଁସ୍ଥିତ ପାଟଣାସାହିରେ ଏକ ବିବାହ ଶୋଭାଯାତ୍ରାରେ ଡିଜେ ବଜାଇଥିଲେ। ସ୍ଥାନୀୟ ବରିଷ୍ଠ ନାଗରିକ ସାଉଣ୍ଡ କମ୍ କରିବାକୁ ନିବେଦନ କରିଥିଲେ। ତେବେ ଡିଜେ ବଜାଉଥିବା ବ୍ୟକ୍ତି ଜଣଙ୍କ ନିବେଦନକୁ ପ୍ରତ୍ୟାଖ୍ୟାନ କରି ଆହୁରି ଶବ୍ଦକୁ ବଢାଇଥିଲେ। ଏନେଇ କେତେଜଣ ବରିଷ୍ଠ ନାଗରିକ ଆଇଆଇସି ରଶ୍ମିରଞ୍ଜନ ଦାଶଙ୍କୁ ଜଣାଇଥିଲେ। ଆଇଆଇସି ଦାଶ ସଦଳବଳ ଘଟଣାସ୍ଥଳରେ ପହଞ୍ଚିବା ସମୟରେ ଡିଜେ ବଜାଉଥିବା ବ୍ୟକ୍ତି ଜଣକ ଦ୍ରୁତଗତିରେ ପଳାଇଥିଲେ। ପୋଲିସ ଗାଡିକୁ ପିଛାକରି ରେଲ୍‌ୱେ ଓଭରବ୍ରିଜ ତଳୁ ଜବତ କରିଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୭୧/୨୨) ରୁଜୁ କରିବା ସହ ଗାଡ଼ି ଚାଳକଙ୍କୁ ଅଟକ ରଖିଛି। ସମ୍ପୃକ୍ତ ଥିବା ଅନ୍ୟ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ଦାଶ କହିଛନ୍ତି।

## ଖନନ ବେଳେ ପାହାଡ଼ରୁ ଖସିଲା ପୋକ୍ଲିନ୍ ମେଶିନ୍

### ଅପରେଟର ମୃତ

ଖୋର୍ଦ୍ଧା ଅଫିସ,୪।୧୨



ପାହାଡ଼ ଖୋଳିବାବେଳେ ପୋକ୍ଲିନ ମେଶିନ ସହ ଖସିପଡ଼ି ଜଣେ ଅପରେଟରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖୋର୍ଦ୍ଧା ମଳିପଡ଼ାର ଦିଲୀପ କଲସ। ରବିବାର ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ହାତୀଆମୁଣ୍ଡିଆରେ ଏହି ଅଘଟଣ ଘଟିଛି। ସୂଚନା ଅନୁଯାୟୀ, ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳର ଏକ ଘରୋଇ କମ୍ପାନୀ ହାତୀଆମୁଣ୍ଡିଆରେ ଥିବା ହାତିଆ ପାହାଡ଼କୁ ଲିଜ୍ ନେଇଛି। ପାହାଡ଼ ଉପରେ ପୋକ୍ଲିନ ମେଶିନ ଯୋଗେ ପଥର କଟା ଚାଲିଥିବାବେଳେ ଅପରେଟର ଦିଲୀପ ଭାରସାମ୍ୟ ହରାଇ ମେଶିନ ସହ ତଳକୁ ଖସିପଡ଼ିଥିଲେ। ତାଙ୍କ ଶରୀରର ବିଭିନ୍ନ ଅଂଶ ଖଣ୍ଡବିଖଣ୍ଡିତ ହୋଇଯାଇଥିଲା। ତାଙ୍କ ବାପା ରତ୍ନାକର କଲସଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏଥିସହ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ପ୍ରସ୍ତାବିତ ପ୍ରକଳ୍ପର ପ୍ଲାନ ଏଷ୍ଟିମେଟ ପାଇଁ ନିର୍ଦ୍ଦେଶ

ଗମ୍ଭାରୀମୁଣ୍ଡା,୪।୧୨(ଡି.ଏନ୍.ଏ.)

ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଦକ୍ଷେଶ୍ୱର ଭଗବତୀ ମନ୍ଦିର ଶୁଭେଚ୍ଛୁ କମିଟିର ପ୍ରଥମ ବୈଠକ ରବିବାର ସ୍ଥାନୀୟ ଏନ୍ଏସି ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିକଟରେ ୫-ଟି ସଚିବଙ୍କ ଗସ୍ତ ସମୟରେ ମା' ଭଗବତୀ ମନ୍ଦିରର ଉନ୍ନତି ନିମନ୍ତେ ଦିଆଯାଇଥିବା ପ୍ରକଳ୍ପ ଉପରେ ସମୀକ୍ଷା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜିଲାପାଳ ଚକ୍ରବର୍ତ୍ତୀ କମିଟି ସଦସ୍ୟଙ୍କଠାରୁ ମତାମତ ଏବଂ ଅଭିଯୋଗ ଶୁଣିଥିଲେ। ମନ୍ଦିର ଗର୍ଭଗୃହ ପ୍ରଶସ୍ତୀକରଣ, ମନ୍ଦିର ପାଚେରି ସମ୍ପ୍ରସାରଣ, ମନ୍ଦିର ଆଧୁନିକୀକରଣ, ସରକାରୀ ଓ ଦେବୋତ୍ତର ସ୍ଥାନ ଚିହ୍ନଟ ଓ ଜବରଦଖଲ ଉଚ୍ଛେଦ, ବାଣପୁର ବାଇପାସ ଠାରୁ ଭଗବତୀ ମନ୍ଦିର ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ପ୍ରଶସ୍ତୀକରଣ, ବସ୍‌ଷ୍ଟାଣ୍ଡ ନିର୍ମାଣ ନିମନ୍ତେ ସ୍ଥାନ ନିରୂପଣ, ଟ୍ରାଫିକ କମାଇବା ନିମନ୍ତେ ମେଘାମ୍ବରୀ କେନାଲ ରୋଡରୁ ମନ୍ଦିର ପର୍ଯ୍ୟନ୍ତ ବାଇପାସ ନିର୍ମାଣ, ବାଣପୁର ବାଇପାସଠାରୁ ଶକ୍ତି ହଲ୍ ପର୍ଯ୍ୟନ୍ତ ଆଲୋକୀକରଣ ଉପରେ ଆଲୋଚନା କରାଯାଇଥିଲା।

ଓଡ଼ିଶା ସେତୁ ନିର୍ମାଣ ନିଗମ, ତହସିଲ ଏବଂ ପୂର୍ତ୍ତ ବିଭାଗକୁ ଉପରୋକ୍ତ ପ୍ରକଳ୍ପ ପାଇଁ ପ୍ଲାନ ଏସ୍ଟିମେଟ ପ୍ରସ୍ତୁତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକ ପରେ ଜିଲାପାଳ ଓ ଟିମ୍ ଭଗବତୀ ମନ୍ଦିର ଯାଇ ବିଭିନ୍ନ ବିଷୟ ଅନୁଧ୍ୟାନ କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ, ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଏନଏସି ଅଧକ୍ଷ ମିଟୁ ନାୟକ, ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, ବିଡିଓ ବୁଲବୁଲ ବେହେରା, ଆଇଆଇସି ଜୟପ୍ରକାଶ ପରିଡ଼ା, ଦକ୍ଷେଶ୍ୱର ଭଗବତୀ ଏଣ୍ଡାଓମେଣ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ ଏବଂ ଶୁଭେଚ୍ଛୁ କମିଟି ସଭ୍ୟମାନେ ଉପସ୍ଥିତ ଥିଲେ।

## 'ଦନେଇ ଦାସଙ୍କ ଗୋପିଭାଷା, ପ୍ରହେଳିକା ସାହିତ୍ୟକୁ ଋଦ୍ଧିମନ୍ତ କରିଛି'

ବୋଲଗଡ଼,୪।୧୨(ଡି.ଏନ୍.ଏ.)

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ବଳଦୁର୍ଗ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦ ବୋଲଗଡ଼ ମିଳିତ ଆନୁକୂଲ୍ୟରେ ରବିବାର ଅବସରପ୍ରାପ୍ତ କର୍ମଚାରୀ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠାନର ସଭାପତି ଗୋପୀନାଥ ଖାଡେଙ୍ଗାଙ୍କ ଅଧକ୍ଷତାରେ ରୀତି କବି ଦନେଇ ଦାସଙ୍କ ଜୟନ୍ତୀ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ସଂଯୋଜକ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କବି ଦନେଇ ଦାସଙ୍କ ରଚିତ ଗୋପିଭାଷା ଓ ପ୍ରହେଳିକା ସାହିତ୍ୟକୁ ଋଦ୍ଧିମନ୍ତ କରିଛି ବୋଲି କହିଥିଲେ।

## ମହାଶକ୍ତି ଯୋଦ୍ଧା, ମହାବୀର କ୍ରିକେଟ କ୍ଲବ ବିଜୟୀ

ଟାଙ୍ଗୀ(ଖୋର୍ଦ୍ଧା),୪।୧୨(ଡି.ଏନ୍.ଏ.)

ଚାନ୍ଦପୁର ପ୍ରିମିୟର୍ କ୍ରିକେଟ ଲିଗ୍‌ର ଅଷ୍ଟମ ଦିନରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ରାମପାଦ ଖେଳପଡ଼ିଆରେ ପ୍ରଥମ ମ୍ୟାଚ୍ ମହାଶକ୍ତି ଯୋଦ୍ଧା ଓ ବ୍ଲାକ କ୍ୟାମ୍ପ ଟିମ୍ ମଧ୍ୟରେ ହୋଇଥିଲା। ମହାଶକ୍ତି ଯୋଦ୍ଧା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବ୍ଲାକ କ୍ୟାମ୍ପ ଟିମ୍ ୧୪ ଓଭରରେ ୧୦ ଉଇକେଟ ବିନିମୟରେ ୮୯ ରନ ସଂଗ୍ରହ କରିଥିଲା। ଜବାବରେ ମହାଶକ୍ତି ଯୋଦ୍ଧା ଟିମ୍ ୧୦.୨ ଓଭରରେ ୨ ଉଇକେଟ ବିନିମୟରେ ୯୦ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ରବୀନ୍ଦ୍ର ପ୍ରଧାନ ଓ ଜଗତଜିତ୍ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ରାମଚଣ୍ଡୀ ଯୋଦ୍ଧା ଏବଂ ମହାବୀର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ମହାବୀର କ୍ଲବ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୫ ଉଇକେଟ ବିନିମୟରେ ୧୯୧ ରନ ସଂଗ୍ରହ କରିଥିଲା। ଜବାବରେ ମହାଶକ୍ତି ଯୋଦ୍ଧା ୧୫ ଓଭରରେ ୯ ଉଇକେଟ ବିନିମୟରେ ୧୭୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ସୁକାନ୍ତ ଦତ୍ତ ଓ ଜଗତ୍‌ଜିତ୍ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ଶ୍ରୀଦୁର୍ଗା ଏଣ୍ଟରପ୍ରାଇଜର୍ସ ଓ ସୁପରଇକୋ ଇଲେକ୍ଟ୍ରିକ ବାଇକର ପ୍ରୋପ୍ରାଇଟର୍ ଦର୍ଶନ କୁମାର ସାହୁ ଓ ପ୍ରଶାନ୍ତ ସାହୁ (ଚାର୍ଟାର୍ଡେ ଆକାଉଣ୍ଟାଣ୍ଟ) ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ତ୍ରୟୋଦଶ ଶତାବ୍ଦୀରେ ଶ୍ରୀକ୍ଷେତ୍ର ଆସିଥିଲେ ଶ୍ରୀମଧ୍ୱାଚାର୍ଯ୍ୟ

ପୁରୀ ଅଫିସ, ୪।୧୨



ଆଲୋଚନାଚକ୍ରରେ ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ସଦସ୍ୟମାନେ।

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ମାସିକ ବୈଠକ ରବିବାର ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ପ୍ରଫେସର ଗୋପାଳକୃଷ୍ଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଲୋଚନାର ବିଷୟ ଥିଲା ଶ୍ରୀ ମଧ୍ୱାଚାର୍ଯ୍ୟ ଏବଂ ଶ୍ରୀଜଗନ୍ନାଥ। ଏ ନେଇ ଡ. ଶ୍ରୀନିବାସ ଆଚାର୍ଯ୍ୟ, ଡ. ଉମେଶ ଚନ୍ଦ୍ର ଚିନ୍ନାରା, ଅଧ୍ୟାପିକା ବାସନ୍ତୀ ଦେବୀ ଏବଂ ନାରାୟଣ ନନ୍ଦ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଭଗବାନ ବିଷ୍ଣୁଙ୍କ ଆଜ୍ଞାରେ ସ୍ୱୟଂ ବାସୁଦେବ ହିଁ ଭକ୍ତି ସିଦ୍ଧାନ୍ତର ସ୍ଥାପନ ନିମିତ୍ତ ତାମିଲନାଡୁର ମାଙ୍ଗାଲୋର ଜିଲା ଅନ୍ତର୍ଗତ ବେଲଳି ଗ୍ରାମରେ ଭାର୍ଗବ ଗୋତ୍ରୀୟ ନାରାୟଣ ଭଟ୍ଟ ଦେବବତୀଙ୍କ ଔରସରୁ ଖ୍ରୀଷ୍ଟାବ୍ଦ ୧୧୯୯ ମାଘ ଶୁକ୍ଳ ସପ୍ତମୀରେ ଆବିର୍ଭୂତ ହୋଇଥିଲେ। ଶୈଶବରେ ତାଙ୍କଠାରେ ଅଲୌକିକ ଶାରୀରିକ ଶକ୍ତି ଏବଂ ଧୀଶକ୍ତି ଲକ୍ଷ୍ୟ କରାଯାଇଥିଲା। ତାଙ୍କ ପିଲାବେଳର ନାମ ଭୀମ ଅପରନାମ ବାସୁଦେବ ଥିଲା। ଦଶନାମୀ ସନ୍ୟାସୀ ଅଚ୍ୟୁତ ପକ୍ଷାଚାର୍ଯ୍ୟବା ପୁରୁଷୋତ୍ତମ ତୀର୍ଥଙ୍କଠାରୁ ଦୀକ୍ଷା ନେବା ପରେ ତାଙ୍କ ନାମ ଆନନ୍ଦତୀର୍ଥ ଏବଂ ପୂର୍ଣ୍ଣପ୍ରଜ୍ଞ ଉପାଧି ପ୍ରଦତ୍ତ ହେଲା। ସେ ବେଦାନ୍ତ ଶାସ୍ତ୍ରର ଅଧ୍ୟୟନ କରି ସ୍ୱୀୟ ବିଭାଗର ପରିଚୟ ଦେଇଥିଲେ। ସେ ସାଧନାରେ ସିଦ୍ଧିଲାଭ କରି ଦ୍ୱୈତବାଦର ପ୍ରଚାର କରିଥିଲେ ଏବଂ ସଦ୍‌ବୈଷ୍ଣବ ଦୀକ୍ଷା ଦେବା ଆରମ୍ଭ କଲେ, ଯାହାକି ବ୍ରହ୍ମ ସମ୍ପ୍ରଦାୟ ସୃଷ୍ଟି କଲା। ବ୍ରହ୍ମ ସମ୍ପ୍ରଦାୟର ଆଦି ପ୍ରବର୍ତ୍ତକ ବହ୍ମା ଏବଂ ପ୍ରଧାନ ସଂସ୍ଥାପକ ମଧ୍ୱାଚାର୍ଯ୍ୟ ଥିଲେ। ସେ ଭାରତର ମୁଖ୍ୟତୀର୍ଥରେ ଦ୍ୱୈତମତର ପ୍ରଚାର କରି ତ୍ରୟୋଦଶ ଶତାବ୍ଦୀରେ ଶ୍ରୀକ୍ଷେତ୍ରକୁ ଆଗମନ କରିଥିଲେ। ପୁରୀରେ ବଳଭଦ୍ରୀ ଆଖଡ଼ାରେ ଅବସ୍ଥାନ କରିଥିଲେ ବୋଲି ଅନୁମାନ କରାଯାଏ। ଏହି ମଠରେ ମଧ୍ୱାଚାର୍ଯ୍ୟଙ୍କ ଚରଣଚିହ୍ନ ପୂଜା ପାଉଛି। ମାଧ୍ୱାଚାର୍ଯ୍ୟଙ୍କ ମତରେ ଶ୍ରୀଜଗନ୍ନାଥ ହିଁ ତାଙ୍କର ନିତ୍ୟ ଉପାସକ। ମାଧ୍ୱ ସମ୍ପ୍ରଦାୟର ପ୍ରମୁଖ ମଠ ରାଧାକାନ୍ତ ମଠରେ ଶ୍ରୀଚୈତନ୍ୟ ୧୮ ବର୍ଷ କାଳ ଅବସ୍ଥାନ କରିଥିଲେ। ଗଜପତି ପ୍ରତାପରୁଦ୍ର ଦେବଙ୍କ ସମୟରୁ ଏହି ମଠ ଶ୍ରୀମନ୍ଦିରରେ ସଂକୀର୍ତ୍ତନ କରିବାର ଅଧିକାର ପାଇଛି। ଏଥିସହ ମଧ୍ୱାଚାର୍ଯ୍ୟଙ୍କ ଓ ଶ୍ରୀଜଗନ୍ନାଥ ସମ୍ପର୍କରେ ଅନେକ ଆଲୋଚନା ହୋଇଥିଲା। ଏଥିରେ ସୁନୀଲ କୁମାର ମିଶ୍ର, ଆଶୋକ କୁମାର ଆଢ୍ୟ, ଡ. କାଦମ୍ବିନୀ ଦାଶ, ନବ କିଶୋର ଶତପଥୀ, ନକୁଳ ଚରଣ ସ୍ୱାଇଁ, ଡ. ନୃସିଂହ ଚରଣ ସାହୁ, ଅନାମ ଚନ୍ଦ୍ର ସାହୁ, ବାବା ଶଙ୍କର ଦାସ, ମୀରା ମହାନ୍ତି ଏବଂ ପୁଷ୍ପଶ୍ରୀ ସାମଲ ପ୍ରମୁଖ ଉପସ୍ଥିତଥିଲେ ।

## ତ୍ରିନାଥ ଫୁଟବଲ ଟୁର୍ନାମେଣ୍ଟ

# ମହାବୀର ଫୁଟବଲ କ୍ଲବ ଚାମ୍ପିୟନ

ବେଗୁନିଆ,୪।୧୨(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଖେଳପଡିଆରେ ରବିବାର ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ତ୍ରିନାଥ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟରେ ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଶାମୁକାପାଟଣାର ମହାବୀର ଫୁଟବଲ କ୍ଲବ ଓ ମା'ଡମଣୀ ଫୁଟବଲ ଆସୋସିଏଶନ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଫଳରେ ନିୟମ ଅନୁଯାୟୀ ଟାଇବ୍ରେକରର ସହାୟତା ନିଆଯାଇଥିଲା। ମହାବୀର ଫୁଟବଲ କ୍ଲବ ୨-୦ ଗୋଲରେ ବିଜୟୀ ହୋଇଥିଲା। ତ୍ରିନାଥ ପରିଡା ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରକାଶ ନାୟକ ଓ ପ୍ରସନ୍ନ ନାୟକ ଲାଇନରେ ସହଯୋଗ କରିଥିଲେ। ମୁଖ୍ୟ ଅତିଥିଭାବେ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ସାମାଜିକ କର୍ମୀ ରାମଚନ୍ଦ୍ର ମହାପାତ୍ର ଓ ରଣଜିତ ତ୍ରିପାଠୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ପବିଧର ପରିଡା, ଚିନ୍ତାମଣି ପରିଡା, ନିରଞ୍ଜନ ଛାଟୋଇ ପ୍ରମୁଖ ଉପସ୍ଥିତ ଥିଲେ। ପୁରସ୍କାର ବିତରଣ ଉତ୍ସବରେ ଚାମ୍ପିୟନ ଓ ରନର୍ସ ଟିମକୁ ଟ୍ରଫି ପ୍ରଦାନ କରାଯାଇଥିଲା।


ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ଖେଳାଳିଙ୍କ ସହ ହାତ ମିଳାଉଛନ୍ତି।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିଙ୍କ ସହ ଅନ୍ୟମାନେ।

## ବରଗଡ଼ ୟୁନାଇଟେଡ୍ ବିଜୟୀ

ଝାଁଳା,୪।୧୨(ଡି.ଏନ୍.ଏ.)

ମଦନପୁର ନବଜ୍ୟୋତି କ୍ଲବ ଦ୍ୱାରା ଆୟୋଜିତ ସର୍ବଭାରତୀୟ ମଦନପୁର କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍ ବରଗଡ଼ ୟୁନାଇଟେଡ(ବରଗଡ଼) ଏବଂ କ୍ଲବ ୭୩ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚର ୫୬ ମିନିଟରେ ବରଗଡ଼ ୟୁନାଇଟେଡ ଟିମ୍‌ର ଅନ୍ତର୍ଯ୍ୟାମୀ ଗୋଧି ଗୋଟିଏ ଗୋଲ ଦେଇଥିଲେ। ତେବେ ଖେଳ ଶେଷ ସୁଦ୍ଧା କ୍ଲବ ୭୩ ଗୋଲ୍ ଦେଇ ନ ପାରି ପରାଜିତ ହୋଇଥିଲା। କ୍ଲବ ୭୩ର ଚେତନ ନାୟକ ଶ୍ରେଷ୍ଠ ଖେଳାଳିଭାବେ ବିବେଚିତ ହୋଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଅତିଥିଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଚିନ୍ମୟ କୁମାର ଦାସ, ନବରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏମ.ଏସ.ବେଗ, ମନୋରଞ୍ଜନ ଖୁଣ୍ଟିଆ, ପ୍ରିୟବ୍ରତ ବାହିନୀପତି ଓ ସୁଶାନ୍ତ ମିଶ୍ର ମ୍ୟାଚ୍ ପରିଚାଳନା କରିଥିଲେ।

**ତାମିଲନାଡୁରେ ଭିନ୍ନକ୍ଷମଙ୍କୁ ଘରୁ କାମ କରିବା ସୁଯୋଗ ମିଳିବ**

ତାମିଲନାଡୁରେ ଉଭୟ ସରକାରୀ ଓ ଘରୋଇ ସଂସ୍ଥାରେ ନିଯୁକ୍ତ ଭିନ୍ନକ୍ଷମ କର୍ମଚାରୀମାନଙ୍କୁ ଖୁବ୍‌ଶୀଘ୍ର ଘରେ ରହି କାମ କରିବାର ସୁଯୋଗ ମିଳିବ। ସେମାନଙ୍କୁ ଆଉ କାର୍ଯ୍ୟସ୍ଥଳକୁ ଯିବାକୁ ପଡ଼ିବ ନାହିଁ। ଭିନ୍ନକ୍ଷମମାନଙ୍କୁ ଏଭଳି ସୁଯୋଗ ଦେବା ଲାଗି ରାଜ୍ୟ ସରକାର ଆବଶ୍ୟକ ପରିବେଶ ସୃଷ୍ଟି କରୁଛନ୍ତି। ତାମିଲନାଡୁର ଦକ୍ଷତା ବିକାଶ ନିଗମ ଭିନ୍ନକ୍ଷମଙ୍କୁ ସଫ୍ଟୱେର ତାଲିମ ଦେବା ଲାଗି ମାଗଣା ଲାପ୍‌ଟପ୍ ଯୋଗାଇ ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ କହିଛନ୍ତି।

## ସଂକ୍ଷେପରେ

### ଇସ୍ରାଏଲ୍ ପାଇଁ ଗୁପ୍ତଚରଗିରି: ୪ ଜଣଙ୍କୁ ଫାଶୀ ଦେଲା ଇରାନ

**ତେହରାନ,୪।୧୨:** ଇସ୍ରାଏଲ୍‌ର ମୋସାଦ ଗୋଇନ୍ଦା ସଂସ୍ଥା ପାଇଁ କାର୍ଯ୍ୟ କରୁଥିବା ଅଭିଯୋଗରେ ୪ ଜଣଙ୍କୁ ଇରାନ କର୍ତ୍ତୃପକ୍ଷ ରବିବାର ଫାଶୀ ଦେଇଛନ୍ତି। ଅନ୍ୟ ୩ ଜଣଙ୍କୁ ୫ରୁ ୧୦ ବର୍ଷ ଜେଲଦଣ୍ଡ ମିଳିଛି। ଇସ୍ରାଏଲୀ ସଂସ୍ଥା ସହ ଜଡ଼ିତ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିବା ରିଭଲ୍ୟୁଶନାରି ଗାର୍ଡ ପକ୍ଷରୁ ଘୋଷଣା କରାଯାଇଥିଲା। ସେମାନେ ଘରୋଇ ଏବଂ ସରକାରୀ ସମ୍ପତ୍ତି ଚୋରି ଓ ନଷ୍ଟ କରିବା ସହ କେତେଜଣଙ୍କୁ ଅପହରଣ କରିନେଇ ସେମାନଙ୍କୁ ଜେରା କରିଥିବା ଅଭିଯୋଗ ହୋଇଥିଲା। ଏହି ଗୁପ୍ତଚରମାନଙ୍କୁ ମୋସାଦ ଗୋଇନ୍ଦା ସଂସ୍ଥାରୁ ଅସ୍ତ୍ର ଓ କ୍ରିପ୍ଟୋକରେନ୍ସି ବେତନ ଭାବେ ମିଳିଥିଲା। ଇରାନ ଏବଂ ଇସ୍ରାଏଲ୍ ପରସ୍ପର ବିରୋଧରେ ଗୁପ୍ତଚର ବୃତ୍ତିରେ ସମ୍ପୃକ୍ତ ଥିବା ଦୀର୍ଘଦିନରୁ ଅଭିଯୋଗ ହୋଇଆସୁଛି। ଅଣୁଅସ୍ତ୍ର ପ୍ରସ୍ତୁତିରେ ଲିପ୍ତ ଇରାନକୁ ଇସ୍ରାଏଲ୍ ସବୁଠୁ ବିପଦ ମନେକରିବା ସହ ଏହା ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ବାରମ୍ବାର ଧମକ ଦେଇଆସୁଛି।

### ଆକ୍ରମଣ ହେଲେ ଭାରତ ସହ ଯୁଦ୍ଧ ପାଇଁ ପ୍ରସ୍ତୁତ: ପାକ୍ ସେନାମୁଖ୍ୟ

**ଇସ୍‌ଲାମାବାଦ,୪।୧୨:** ପାକିସ୍ତାନ ଉପରେ ଆକ୍ରମଣ ହେଲେ, ସୈନ୍ୟବାହିନୀ କେବଳ ନିଜ ମାତୃଭୂମିକୁ ସୁରକ୍ଷା ଦେବ ନାହିଁ, ଶତ୍ରୁପକ୍ଷ ଉପରେ ପ୍ରତିଆକ୍ରମଣ କରିବ ବୋଲି ନୂଆ ସେନାଧକ୍ଷ ଅସିମ୍ ମୁନିର କହିଛନ୍ତି।



ଅସିମ୍ ମୁନିର

ଜେନେରାଲ ମୁନିର ନଭେମ୍ବର ୩୦ରେ ପାକିସ୍ତାନର ନୂଆ ସେନା ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଗିଲ୍‌ଗିଟ୍ ବାଲ୍ଟିସ୍ତାନ ଏବଂ ଜମ୍ମୁ-କଶ୍ମୀର ଉପରେ ଭାରତୀୟ ନେତୃତ୍ୱ ଦାୟିତ୍ୱହୀନ ମନ୍ତବ୍ୟ ଦେଉଥିବା ନଜରକୁ ଆସିଛି। ଯଦି ଆମ ଉପରେ ଯୁଦ୍ଧ ଲଦିଦିଆଯାଏ, ତେବେ ପାକ୍ ସେନା ଏଥିପାଇଁ ସବୁବେଳେ ପ୍ରସ୍ତୁତ ରହିଥିବା ସେ କହିଛନ୍ତି। ଶନିବାର ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଅନ୍ତର୍ଗତ ରଖଚିକ୍ରି ସେକ୍ଟର ଫ୍ରଣ୍ଟଲାଇନ ଅଞ୍ଚଳକୁ ଗସ୍ତରେ ଆସିଥିବା ଜେନେରାଲ ମୁନିର ଭାରତକୁ ଲକ୍ଷ୍ୟ କରି ଏଭଳି ମନ୍ତବ୍ୟ ଦେଇଛନ୍ତି।

### ପ୍ରିନ୍ସିପାଲ୍‌ଙ୍କୁ 'ଜୟ୍ ଶ୍ରୀରାମ' କହିବାକୁ ବାଧକଲା ଏବିଭିପି

**ଅହମଦାବାଦ,୪।୧୨:** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ସଦସ୍ୟମାନେ ଜଣେ କଲେଜ ପ୍ରିନ୍ସିପାଲ୍‌ଙ୍କୁ 'ଜୟ୍ ଶ୍ରୀରାମ' କହିବାକୁ ବାଧ କରିଥିବା ଅଭିଯୋଗ ହୋଇଛି। ପାଠପଢ଼ା ସମୟରେ ସ୍ଲୋଗାନ ଦେଉଥିବା ଛାତ୍ରଙ୍କୁ ଗାଳି ଦେଇଥିବାରୁ ଏଥିପାଇଁ ପ୍ରିନ୍ସପାଲଙ୍କୁ ସେମାନେ କ୍ଷମା ମାଗାଇଛନ୍ତି। ସୂଚନାଯୋଗ୍ୟ, ୨ ଦିନ ପୂର୍ବରୁ ଏଚ୍.ଏ. କଲେଜରେ ପାଠପଢ଼ା ଚାଲିଥିବାବେଳେ କେତେଜଣ ଛାତ୍ର ସେଠାରେ ଜୟ୍ ଶ୍ରୀରାମ ସ୍ଲୋଗାନ ଦେଇଥିଲେ। ବିରକ୍ତ ହୋଇ ଶିକ୍ଷକ ସେମାନଙ୍କୁ ଗାଳିଦେବା ସହ ପ୍ରିନ୍ସପାଲ୍ ସଞ୍ଜୟ୍ ଭକିଲଙ୍କ ପାଖକୁ ନେଇଯାଇଥିଲେ। ପ୍ରିନ୍ସପାଲ ସେମାନଙ୍କୁ ଲିଖିତ କ୍ଷମାପ୍ରାର୍ଥନା କରିବାକୁ କହିଥିଲେ। ରବିବାର ଏବିଭିପି ସଦସ୍ୟମାନେ ପ୍ରିନ୍ସପାଲଙ୍କ ଅଫିସରେ ରାମ୍‌ଧୂନ୍ ଗାନ କରିବା ସହ ତାଙ୍କୁ କ୍ଷମା ମଗାଇଥିଲେ।

# ଓପେକ୍ ନୀତି ଅପରିବର୍ତ୍ତିତ

## ରୁଷୀୟ ତୈଳ ଉପରେ ଅଙ୍କୁଶ ଯୋଗୁ ଘାରିଛି ଚାହିଦା ହ୍ରାସ ଭୟ

**ଫ୍ରାଙ୍କଫୋର୍ଟ/ଲଣ୍ଡନ/ଦୁବାଇ,୪।୧୨**



ରୁଷିଆ ବିରୋଧରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ପକ୍ଷରୁ ସୋମବାରଠାରୁ ଲଗାଯିବାକୁ ଥିବା ନୂଆ କଟକଣାର ପ୍ରଭାବକୁ ନେଇ ଅନିଶ୍ଚିତତା ଲାଗିରହିଛି। ଏଭଳି ସମୟରେ ପେଟ୍ରୋଲିୟମ୍ ରପ୍ତାନିକାରୀ ରାଷ୍ଟ୍ରସମୂହ ସଙ୍ଗଠନ (ଓପେକ୍)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ଜର୍ମାନୀର ଫ୍ରାଙ୍କଫୋର୍ଟରେ ବସିଛି। ୨୩ ରାଷ୍ଟ୍ରକୁ ନେଇ ଗଠିତ ଓପେକ୍ ପ୍ଲସ୍ (ଅଏଲ୍ କାର୍ଟେଲ ଏବଂ ରୁଷିଆ ସମେତ ସହଯୋଗୀ ଉତ୍ପାଦକମାନେ) ବିଶ୍ୱକୁ ତୈଳ ଯୋଗାଣ କ୍ଷେତ୍ରରେ ସେମାନଙ୍କ ପୂର୍ବ ଟାର୍ଗେଟରେ କିଛି ପରିବର୍ତ୍ତନ ଆଣିନାହାନ୍ତି। ଫଳରେ ଆଗକୁ ଅଶୋଧିତ ତୈଳ ଦର ସ୍ଥିର ରହିବା ଅନୁମାନ କରାଯାଉଛି।

୯ ମାସ ହେଲା ୟୁକ୍ରେନ୍ ଉପରେ ଆକ୍ରମଣ ଜାରି ରଖିଥିବା ରୁଷିଆ ପାଇଁ ଯୁଦ୍ଧର ଇନ୍ଧନ ପାଲଟିଛି ତୈଳ। କାରଣ ପାଶ୍ଚାତ୍ୟର କଟକଣା ସତ୍ତ୍ୱେ ରୁଷିଆ ରିହାତି ମୂଲ୍ୟରେ ଭାରତ ଓ ଚାଇନା ସମେତ ବିଭିନ୍ନ ରାଷ୍ଟ୍ରକୁ ତୈଳ ଯୋଗାଣ କରି ଅର୍ଥ ଉପାର୍ଜନ କରୁଛି। ଏହାର ଜବାବ ଦେବା ପାଇଁ ୟୁରୋପୀୟ ସଂଘ (ଇୟୁ) ଏବଂ ଜି୭ ରୁଷିଆର ତୈଳକୁ ବ୍ୟାରେଲ ପିଛା ୬୦ ଡଲାରରେ ସୀମିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଗ୍ଲୋବାଲ ମାର୍କେଟରେ ତୈଳ ଦରକୁ ଏହି କଟକଣା କେତେ ପ୍ରଭାବିତ କରିବ ତାହା ନିଶ୍ଚିତ ହୋଇନାହିଁ। ଏଭଳି ସମୟରେ ଓପେକ୍ ପ୍ଲସ୍ ତୈଳ ଉତ୍ପାଦନ ହ୍ରାସ କରିବା ପାଇଁ ଉକ୍ତ ବୈଠକରେ ନିଷ୍ପତ୍ତି ନେଇପାରେ ବୋଲି ଅନୁମାନ କରାଯାଉଥିଲା। ଓପେକ୍ ପ୍ଲସ୍ ଏବଂ ଏହାର ସହଯୋଗୀମାନେ ଗତ ଅକ୍ଟୋବର ୫ରେ ଅଷ୍ଟ୍ରିଆର ଭିଏନାରେ ଅନୁଷ୍ଠିତ ବୈଠକରେ ଦୈନିକ ୨ ନିୟୁତ ବ୍ୟାରେଲ (ବିପିଡି) ତୈଳ ଉତ୍ପାଦନ ହ୍ରାସ କରିବା ପାଇଁ ନିଷ୍ପତ୍ତି ନେଇଥିଲେ, ଯାହାକି ନଭେମ୍ବରରୁ କାର୍ଯ୍ୟକାରୀ ହୋଇଛି। ହ୍ୱାଇଟ୍ ହାଉସ୍ ଏହାକୁ ଏକ ଦୂରଦୃଷ୍ଟିହୀନ ତଥା ମସ୍କୋ ପ୍ରାୟୋଜିତ ପଦକ୍ଷେପ ବୋଲି ସମାଲୋଚନା କରିଛି।

ଅନ୍ୟପକ୍ଷେ ଚାଇନାରେ କରେନା ସଂକ୍ରମଣ ବଢ଼ିଚାଲିଥିବାରୁ ଜିରୋ-କୋଭିଡ୍ ନୀତି ଅନୁସାରେ ବେଜିଂ ଜାରି କରିଥିବା କଟକଣା ଯୋଗୁ ଇନ୍ଧନ ଚାହିଦା ହ୍ରାସ ପାଇପାରେ। ଆମେରିକା ଓ ୟୁରୋପରେ ମାନ୍ଦାବସ୍ଥା ଆଶଙ୍କା ଦେଖାଦେଇଥିବାରୁ ଗ୍ୟାସୋଲିନ୍ ସମେତ କ୍ରୁଡ୍‌ରୁ ପ୍ରସ୍ତୁତ ଅନ୍ୟ ଇନ୍ଧନଗୁଡ଼ିକର ଚାହିଦା ମଧ୍ୟ କମିବା ଅନୁମାନ କରାଯାଉଛି। ଏପରି ଅନିଶ୍ଚିତତା ମଧ୍ୟରେ ଏହି ଭର୍ଚୁଆଲ ବୈଠକରେ ଓପେକ୍ ପ୍ଲସ୍ ପଛଘୁଞ୍ଚା ଦେଇଥିବା ବିଶ୍ଳେଷକମାନେ ମତ ଦେଇଛନ୍ତି। ବୈଶ୍ୱିକ ଅର୍ଥନୀତିରେ ଆସିଥିବା ମନ୍ଥରତା ପ୍ରଭାବରେ ତୈଳ ଚାହିଦା କମିବାରେ ଲାଗିଛି। ମାସକ ତଳେ ବ୍ରେଣ୍ଟ୍ ବ୍ୟାରେଲ ପିଛା ୯୮ ଡଲାର ଥିବାବେଳେ ଶୁକ୍ରବାର କାରବାର ଶେଷ ବେଳକୁ ଏହା ୮୫.୪୨ ଡଲାରରେ ସୀମିତ ରହିଛି। କିନ୍ତୁ ରୁଷୀୟ ତୈଳକୁ ୬୦ ଡଲାରରେ ସୀମିତ ରଖିବା ପାଇଁ ଚାଲିଥିବା ଉଦ୍ୟମକୁ ମସ୍କୋ ନିନ୍ଦା କରିଛି। ଏତେ କମ୍ ମୂଲ୍ୟରେ ତୈଳ ରପ୍ତାନୀ କରିବ ନାହିଁ ବୋଲି କହିଛି। ଏଥିସହ ଏହି କଟକଣାର ଜବାବ କିଭଳି ଭାବେ ଦିଆଯିବ ସେନେଇ ମସ୍କୋ ଚିନ୍ତା କରୁଥିବା କ୍ରେମ୍‌ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍ କହିଛନ୍ତି।

### ୬୦ ନୁହେଁ, ୩୦ ଡଲାର କର

"ରୁଷିଆ ରପ୍ତାନି କରୁଥିବା ଅଶୋଧିତ ତୈଳ ଦରକୁ ବ୍ୟାରେଲ ପିଛା ୬୦ ଡଲାରରେ ସୀମିତ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। କିନ୍ତୁ ଏହି ଆର୍ଥିକ କଟକଣା ପର୍ଯ୍ୟାପ୍ତ ନୁହେଁ। ଶତ୍ରୁ ରାଷ୍ଟ୍ରର ଅର୍ଥନୀତିକୁ ତୁରନ୍ତ ଧ୍ୱଂସ କରିବାକୁ ହେଲେ ଏହାର ମୂଲ୍ୟ ୩୦ ଡଲାର ଧାର୍ଯ୍ୟ କରିବାକୁ ପଡ଼ିବ।

-ଆଣ୍ଡ୍ରିୟ ୟେର୍ମାକ୍, ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ଅଫିସ୍ ମୁଖ୍ୟ

### ନିଜ ଗାତରେ ପଡ଼ିବ ୟୁରୋପ

"ଚଳିତ ବର୍ଷଠାରୁ ବିନା ରୁଷୀୟ ତୈଳରେ ୟୁରୋପକୁ ବଞ୍ଚିବାକୁ ପଡ଼ିବ। ବଜାର ମୂଲ୍ୟ ବିରୋଧୀ କ୍ୟାପ୍‌କୁ ସମର୍ଥନ କରୁଥିବା ରାଷ୍ଟ୍ରଗୁଡ଼ିକୁ ରୁଷିଆ ତୈଳ ଯୋଗାଇବ ନାହିଁ ବୋଲି ମସ୍କୋ ସ୍ପଷ୍ଟ କରିସାରିଛି। ଅପେକ୍ଷା କରନ୍ତୁ, ତୈଳକୁ ରୁଷିଆ ଅସ୍ତ୍ର ରୂପେ ବ୍ୟବହାର କରୁଥିବା ନେଇ ଖୁବ୍‌ଶୀଘ୍ର ୟୁରୋପୀୟ ସଂଘ (ଇୟୁ) ଅଭିଯୋଗ ଆଣିବ।

-ମିଖାଇଲ୍ ଉଲ୍ୟାନୋଭ୍, ଓପେକ୍‌ରେ ରୁଷିଆର ସ୍ଥାୟୀ ପ୍ରତିନିଧି

### ଓପେକ୍ ପ୍ଲସ୍

ଅର୍ଗାନାଇଜେଶନ୍ ଅଫ୍ ଦି ପେଟ୍ରୋଲିୟମ୍ ଏକ୍ସପୋର୍ଟିଂ କଣ୍ଟ୍ରିଜ୍ (ଓପିଇସି) ବା ଓପେକ୍ ହେଉଛି ୧୩ ରାଷ୍ଟ୍ରକୁ ନେଇ ଗଠିତ ଏକ ଆନ୍ତଃ ସରକାରୀ ସଙ୍ଗଠନ। ପ୍ରଥମ ୫ ସଦସ୍ୟ ଇରାନ, ଇରାକ, କୁଏଟ୍, ସାଉଦି ଆରବ ଓ ଭେନିଜୁଏଲା ଦ୍ୱାରା ୧୯୬୦ ସେପ୍ଟେମ୍ବର ୧୪ରେ ଏହାକୁ ଇରାକ୍ ରାଜଧାନୀ ବାଗ୍‌ଦାଦରେ ପ୍ରତିଷ୍ଠା କରାଯାଇଥିଲା। ଅଷ୍ଟ୍ରିଆ ସଦସ୍ୟ ନ ଥାଇ ମଧ୍ୟ ଏହାର ରାଜଧାନୀ ଭିଏନାରେ ଓପେକ୍‌ର ମୁଖ୍ୟାଳୟ ରହିଛି। ପରବର୍ତ୍ତୀ ସମୟରେ ଏଥିରେ ଆଲ୍‌ଜେରିଆ, ଆଙ୍ଗୋଲା, ଇକ୍ୱାଟୋରିଆ ଗିନିଆ, ଗାବ୍ରୋନ୍, ଲିବ୍ୟା, ନାଇଜେରିଆ, କଙ୍ଗୋ ସାଧାରଣତନ୍ତ୍ର ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)କୁ ସାମିଲ କରାଯାଇଛି। ବିଶ୍ୱରେ ମୋଟ ଉତ୍ପାଦିତ ତୈଳର ୪୪% ଯୋଗଦାନ ହେଉଛି ଏହି ୧୩ ରାଷ୍ଟ୍ରର। ବିଶ୍ୱ ବଜାରରେ ଅଶୋଧିତ ତୈଳ ଉପରେ ନିୟନ୍ତ୍ରଣ ରଖିବା ଉଦ୍ଦେଶ୍ୟରେ ୨୦୧୬ରେ ଏଥିରେ ରୁଷିଆ ସମେତ ଆଉ କେତେକ ରାଷ୍ଟ୍ରକୁ ସାମିଲ କରି ଓପେକ୍ ପ୍ଲସ୍ ସଙ୍ଗଠନ କରାଯାଇଛି।

## ମହିଳାଙ୍କୁ ଗଣବଳାତ୍କାର, ସିଗାରେଟ ଚେଙ୍କ

**ମୁମ୍ବାଇ,୪।୧୨**



ମୁମ୍ବାଇରେ ଜଣେ ୪୨ ବର୍ଷୀୟ ମହିଳାଙ୍କୁ ୩ ଜଣ ଦୁର୍ବୃତ୍ତ ତାଙ୍କ ଘରେ ପଶି ଗଣବଳାତ୍କାର କରିଛନ୍ତି। ସେମାନେ ପୀଡ଼ିତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ସହ ଯୌନାଙ୍ଗରେ ସିଗାରେଟ ଚେଙ୍କ ଦେଇଥିବା ଅଭିଯୋଗ ହୋଇଛି। ବୁଧବାର ବିଳମ୍ବିତ ରାତିରେ କୁର୍ଲା ଅଞ୍ଚଳରେ ଏଭଳି ଅପରାଧ ଘଟିଥିବା ରବିବାର ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ପୀଡ଼ିତା ଏବଂ ଅଭିଯୁକ୍ତମାନେ ଗୋଟିଏ ଅଞ୍ଚଳର ବୋଲି ସେ କହିଛନ୍ତି। ଅଭିଯୁକ୍ତମାନେ ଜଣକ ପରେ ଜଣେ ବଳାତ୍କାର କରିବା ସହ ଅପ୍ରାକୃତ ଯୌନକ୍ରିୟା ମଧ୍ୟ କରିଥିଲେ। ଜଣେ ଅଭିଯୁକ୍ତ ସମସ୍ତ ଘଟଣାର ଭିଡିଓ କରିବା ସହ ପୋଲିସକୁ ଜଣାଇଲେ ତାହାକୁ ପ୍ରସାରିତ କରିବାର ଧମକ ଦେଇଥିଲେ। ପୀଡ଼ିତା ଏ ସମ୍ପର୍କରେ ପଡୋଶୀଙ୍କୁ ଜଣାଇବା ପରେ ସେମାନେ ଏକ ଏନ୍‌ଜିଓ ସହ ଯୋଗାଯୋଗ କରି କୁର୍ଲା ଥାନାରେ ଏତଲା ଦେଇଥିଲେ।

## ୯ ବର୍ଷର ବାଳିକାଙ୍କୁ ବୀଭତ୍ସ ହତ୍ୟା

**ପେଟରୁ ଅନ୍ତବୁଜୁଳା ବାହାର କରି ଗହମ କ୍ଷେତରେ ଫିଙ୍ଗିଦେଲେ**

**ପିଲିଭିଟ୍,୪।୧୨**

ଉତ୍ତରପ୍ରଦେଶର ପିଲିଭିଟ୍ ଅନ୍ତର୍ଗତ ମାଧୋପୁର ଗାଁ ପାଖ ଗହମ କ୍ଷେତରୁ ୯ ବର୍ଷର ବାଳିକାର ମୃତଦେହ ମିଳିଛି। ତୃତୀୟ ଶ୍ରେଣୀରେ ପଢୁଥିବା ଏହି ବାଳିକାର ପେଟକୁ କାଟି ଅନ୍ତବୁଜୁଳା ବାହାରକରି କ୍ଷେତରେ ଫିଙ୍ଗିଦିଆଯାଇଛି। ଏଭଳି ବୀଭତ୍ସ ହତ୍ୟାକାଣ୍ଡକୁ ନେଇ ଉକ୍ତ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି ହୋଇଛି। ବାଳିକାର ବାପା ଅନିସ୍ ଅହମଦଙ୍କ କହିବା ଅନୁଯାୟୀ ଝିଅ ଶୁକ୍ରବାର ରାତିରେ ତାଙ୍କ ଦାଦା ଶଦାବ ଅହମଦଙ୍କ ସହ ଏକ ଧର୍ମୀୟ ଉତ୍ସବ ଦେଖିବାକୁ ଯାଇଥିବାବେଳେ ରହସ୍ୟଜନକ ଭାବେ ନିଖୋଜ ହୋଇଯାଇଥିଲେ। ଶନିବାର ସକାଳେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଗହମ କ୍ଷେତରୁ ଉଦ୍ଧାର କରି ହସ୍ପିଟାଲ ନେଲା ବେଳେ ବାଟରେ ମୃତ୍ୟୁ ଘଟିଥିଲା।

## ଶକ୍ତି ପ୍ରଦର୍ଶନ କଲା ଭାରତୀୟ ନୌସେନା




ବିଶାଖାପାଟଣାରେ ନୌସେନା ଦିବସ ପାଳନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଜି. କିଷନ ରେଡ୍ଡୀ ଏବଂ ଆଇଏନ୍ଏସ୍ ମୁଖ୍ୟ ଆଡ୍‌ମିରାଲ ଏଚ୍. ହରିକୁମାର ନୌସେନା ଇତିହାସ ସମ୍ପର୍କିତ 'ଏ ଡିକେଡ୍ ଅଫ୍ ଟ୍ରାନ୍ସଫର୍ମେଶନ: ସିଗ୍ନାଲିଂ ପାୱାର ଆଣ୍ଡ ପାର୍ଟନରଶିପ୍' ଶୀର୍ଷକ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ବିଶାଖାପାଟଣା,୪।୧୨**

**ନୌସେନା ଦିବସ**

ନୌସେନା ଦିବସ ଅବସରରେ ରବିବାର ଭାରତୀୟ ନୌସେନା ବିଶାଖାପାଟଣାରେ ଅପରେଶନ ଡେମୋନଷ୍ଟ୍ରେଶନ ଜରିଆରେ ଏହାର ଲଢୁଆ ଶକ୍ତି ପ୍ରଦର୍ଶନ କରିଛି। ରାମକ୍ରିଷ୍ଣ ବିଚ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତର ରାଷ୍ଟ୍ରପତି ତଥା ସଶସ୍ତ୍ର ବଳର ସର୍ବୋଚ୍ଚ କମାଣ୍ଡର ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ଥର ପାଇଁ ନୂଆଦିଲ୍ଲୀ ବାହାରେ ନୌସେନା ଦିବସ ପାଳନ କରାଯାଇଛି। ଆଇଏନ୍ଏସ୍ ସିନ୍ଧୁକୀର୍ତ୍ତି ବୁଡ଼ାଜାହାଜ ଏବଂ ବିଶ୍ୱ ପରିକ୍ରମା କରିଥିବା ଆଇଏନ୍ଏସ୍ ତରଙ୍ଗିଣୀ ଜାହାଜର ନାବିକମାନେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ। ନୌସେନା କମାଣ୍ଡୋମାନେ ସି କିଙ୍ଗ୍ ହେଲିକପ୍ଟରରୁ କୌଶଳ ପ୍ରଦର୍ଶନ କରିଥିବାବେଳେ ମେରାଇନ୍ କମାଣ୍ଡୋମାନେ ଆକ୍ରମଣ ଦକ୍ଷତା ଦେଖାଇଥିଲେ। କାର୍ଯ୍ୟକ୍ରମରେ ନୌସେନାର ହକ୍, ମିଗ୍ ୨୯କେ ଯୁଦ୍ଧବିମାନ, ଯୁଦ୍ଧଜାହାଜ ମିସାଇଲ୍ କର୍ଭେଟ୍ ଆଇଏନ୍ଏସ୍ ଖଞ୍ଜର, ଆଇଏନ୍ଏସ୍ ଦିଲ୍ଲୀ, ଆଇଏନ୍ଏସ୍ ସହ୍ୟାଦ୍ରି ଏବଂ ଆଇଏନ୍ଏସ୍ କୋଚି ଆଦି ଯୁଦ୍ଧଜାହାଜ ପ୍ରଦର୍ଶିତ ହୋଇଥିଲା। ନୌସେନା ହେଲିକପ୍ଟର ଚେତକ ଏବଂ ଏଏଲ୍ଏଚ୍ ମାକ୍-୩ରୁ କମାଣ୍ଡୋମାନେ ତଳକୁ ଖସି ତଲାସି ଓ ଉଦ୍ଧାର କାର୍ଯ୍ୟ ପ୍ରଦର୍ଶନ କରିଥିଲେ। ନୌସେନା ଦିବସ ପାଳନରେ ଅନ୍ୟମାନଙ୍କ ମଧ୍ୟରେ ନାଭାଲ ଷ୍ଟାଫ୍ ମୁଖ୍ୟ ଆଡମିରାଲ ଆର୍. ହରିକୁମାର, ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ଅଜୟ ଭଟ୍ଟ, ପର୍ଯ୍ୟଟନ ମନ୍ତ୍ରୀ ଜି. କିଷନ ରେଡ୍ଡୀ ପ୍ରମୁଖ ଯୋଗ ଦେଇଥିଲେ।

## କର୍ମଚାରୀ ଆନ୍ଦୋଳନରୁ ନ ଓହରିଲେ ସେନା ନିୟୋଜିତ କରିପାରେ ବ୍ରିଟେନ

**ଲଣ୍ଡନ,୪।୧୨**

ବ୍ରିଟେନରେ କର୍ମଚାରୀମାନେ ଅନ୍ଦୋଳନରେ ସାମିଲ ହୋଇଥିବାବେଳେ ସେମାନଙ୍କୁ ବେତନ ବୃଦ୍ଧି ଏବଂ ସର୍ତ୍ତାବଳୀକୁ ନେଇ ଇଂଲଣ୍ଡ ଏବଂ ୱେଲ୍ସର ହଜାର ହଜାର ନର୍ସ ଓ ଆମ୍ବୁଲାନ୍ସ କର୍ମଚାରୀ କାର୍ଯ୍ୟବନ୍ଦ କରିବାକୁ ଯୋଜନା କରିଛନ୍ତି। ଧର୍ମଘଟ ବନ୍ଦ କରିବାକୁ କର୍ମଚାରୀମାନଙ୍କୁ ସରକାର ବାରମ୍ବାର ଆହ୍ୱାନ ଦେଇଆସୁଛନ୍ତି। ଏହା ଦ୍ୱାରା ବେତନ ବୃଦ୍ଧି ହେବନି କି ଦରଦାମ୍ ହ୍ରାସ ପାଇବ ନାହିଁ ବରଂ ଆନ୍ଦୋଳନ ଯୋଗୁ ମୁଦ୍ରାସ୍ଫୀତି ବଢ଼ିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। କର୍ମଚାରୀଙ୍କ ଧର୍ମଘଟ ଯୋଗୁ ସ୍ୱାସ୍ଥ୍ୟସେବା ଭଳି ଅତ୍ୟାବଶ୍ୟକ ସେବା ପ୍ରଭାବିତ ହୁଏ, ତେବେ ସରକାର ଜନସେବା କାର୍ଯ୍ୟ ଚାଲୁ ରଖିବା ପାଇଁ ସେନା ଡାକିବାକୁ ବିଚାର କରୁଛନ୍ତି। ଏବେ ଧର୍ମଘଟ ନୁହେଁ ବୁଝାମଣାର ସମୟ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ବେତନ ଓ ନିଯୁକ୍ତି ସର୍ତ୍ତାବଳୀକୁ ନେଇ ଡାକ କମ୍ପାନୀ ରୟାଲ ମେଲ୍‌ର କର୍ମଚାରୀମାନେ ଚଳିତ ବର୍ଷ ଏକାଧିକ ପର୍ଯ୍ୟାୟ ଧର୍ମଘଟ କଲେଣି। ପ୍ରଧାନମନ୍ତ୍ରୀ ଋଷି ସୁନକ ମାସେ ହେଲା କ୍ଷମତାକୁ ଆସିଥିବାବେଳେ ମାନ୍ଦାବସ୍ଥା ସମେତ ଏକାଧିକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛନ୍ତି। ସରକାରୀ କର୍ମଚାରୀ, ଏନ୍ଏଚ୍ଏସ୍ ଷ୍ଟାଫ୍, ଶିକ୍ଷକ, ଅଗ୍ନିଶମ କର୍ମଚାରୀମାନଙ୍କ ଆନ୍ଦୋଳନ ଅଧିକାର ଉପରେ କଟକଣା ଲଗାଇବାକୁ ସୁନକ ଯୋଜନା କରୁଥିବା ଖବର ପ୍ରକାଶ ପାଇଛି। ସ୍ୱାସ୍ଥ୍ୟକର୍ମୀ ଧର୍ମଘଟରେ ସାମିଲ ହେଲେ ଫାର୍ମାସିଷ୍ଟମାନଙ୍କୁ ରୋଗୀ ଚିକିତ୍ସାରେ ଲଗାଯାଇପାରେ ବୋଲି ଏକ ଖବରକାଗଜ ପ୍ରକାଶ କରିଛି। ବେତନ ବୃଦ୍ଧି ନେଇ ସ୍କଟଲାଣ୍ଡର ଶିକ୍ଷକମାନେ ୪୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଧର୍ମଘଟରେ ସାମିଲ ହୋଇଛନ୍ତି।

### ଦିଲ୍ଲୀରେ ନିର୍ମାଣ, ଉଚ୍ଛେଦ କାର୍ଯ୍ୟ ବନ୍ଦ ହେଲା

**ନୂଆଦିଲ୍ଲୀ,୪।୧୨:** ଦିଲ୍ଲୀରେ ବାୟୁ ପ୍ରଦୂଷଣ ପୁଣି ବୃଦ୍ଧି ପାଇଛି। ସ୍ଥିତିକୁ ନିୟନ୍ତ୍ରଣରେ ରଖିବା ଲାଗି ଦିଲ୍ଲୀ କର୍ତ୍ତୃପକ୍ଷ ସାନି କଟକଣା ଜାରି କରିଛନ୍ତି। ରାଜଧାନୀରେ ସମସ୍ତ ନିର୍ମାଣ ଓ ଉଚ୍ଛେଦ କାର୍ଯ୍ୟକୁ ବନ୍ଦ ରଖାଯାଇଛି। ଅତି ଜରୁରୀ ନ ଥିବା ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ ବାୟୁମାନ ପରିଚାଳନା ଆୟୋଗ (ଏସଏକ୍ୟୁଏମ୍) ଦିଲ୍ଲୀ-ଏନ୍‌ସିଆର୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରବିବାର ଅପରାହ୍ନରେ ଦିଲ୍ଲୀରେ ହାରାହାରି ବାୟୁ ମାନ ସୂଚକାଙ୍କ ୪୦୭ ରହିଛି। ବାୟୁ ମାନ ୨୦୧ରୁ ୩୦୦ ମଧ୍ୟରେ ଥିଲେ ଏହାକୁ ନିକୃଷ୍ଟ, ୩୦୧ରୁ ୪୦୦କୁ ଅତି ନିକୃଷ୍ଟ ଏବଂ ୪୦୧ରୁ ୫୦୦କୁ ଗମ୍ଭୀର ବିବେଚନା କରାଯାଇଥାଏ। ନଭେମ୍ବର ୪ରେ ଦିଲ୍ଲୀ ବାୟୁମାନ ସୂଚକାଙ୍କ ୪୪୭ରେ ପହଞ୍ଚିଥିଲା। ସେତେବେଳେ ସମସ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

### ମସ୍‌ଜିଦ୍‌ରେ ଗୁଳି: ୧୨ ନିହତ

**ଅବୁଜା,୪।୧୨:** ନାଇଜେରିଆର ମାଇଗାମ୍‌ଜି ମସ୍‌ଜିଦ୍‌ରେ ଶନିବାର ଗୁଳିକାଣ୍ଡରେ ୧୨ ଜଣଙ୍କ ମୃତ୍ୟୁ ଘଟିଛି। ମସ୍‌ଜିଦ୍‌ରେ ରାତି ପାର୍ଥନା ନିମନ୍ତେ ଲୋକେ ଏକତ୍ରିତ ହୋଇଥିବାବେଳେ କେତେଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ଲୋକଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ। ଘଟଣାରେ ମସ୍‌ଜିଦ୍‌ର ଇମାମ୍‌ଙ୍କ ବିୟୋଗ ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ନାଇଜେରିଆ ଓ ନାଇଜର ମଧ୍ୟରେ ଖୋଲାଖୋଲି ଭାବେ ବୁଲୁଥିବା ଦସ୍ୟୁ ଏହି ଅଘଟଣ ଭିଆଇଥିବା କାଟସିନା ଷ୍ଟେଟ୍ ପୋଲିସ ପକ୍ଷରୁ କୁହାଯାଇଛି।

## ଉଦୟପୁରରେ ପ୍ରଥମ ଜି୨୦ ଶେର୍ପା ବୈଠକ

**ନୂଆଦିଲ୍ଲୀ,୪।୧୨**




ଭାରତ ଅଧ୍ୟକ୍ଷତାରେ ଜି୨୦ ଶେର୍ପା ବୈଠକ ରବିବାର ରାଜସ୍ଥାନର ଉଦୟପୁରରେ ଆରମ୍ଭ ହୋଇଛି। ଆସନ୍ତା ବର୍ଷ ସେପ୍ଟେମ୍ବରରେ ନୂଆଦିଲ୍ଲୀରେ ହେବାକୁ ଥିବା ଜି୨୦ ନେତାମାନଙ୍କ ସମିଟ୍ ଲାଗି ଏହି ବୈଠକରେ କାର୍ଯ୍ୟସୂଚୀ ସ୍ଥିର ହେବ। ଏହି ୪ ଦିନିଆ ବୈଠକରେ ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ପ୍ରସଙ୍ଗ ଉପରେ ଆଲୋଚା ହେବ। ଭାରତର ଶେର୍ପା ଅମିତାଭ କାନ୍ତ ଜି୨୦ ଅତିଥିମାନଙ୍କୁ ଉଦୟପୁରରେ ସ୍ୱାଗତ କରିଛନ୍ତି। ଭବ୍ୟ ଆତିଥେୟତା ଏବଂ ଐତିହାସିକ ବୈଭବ ପାଇଁ ରାଜସ୍ଥାନ ଜଣାଶୁଣା ହୋଇଥିବାରୁ 'ଅତିଥି ଦେବୋ ଭବ' ପରମ୍ପରାର ପ୍ରଦର୍ଶନ ଲାଗି ଜି୨୦ ବୈଠକର ପ୍ରତୀକାତ୍ମକ ଆରମ୍ଭ ଉଦୟପୁରରୁ ହୋଇଥିବା କାନ୍ତ କହିଛନ୍ତି। କାନ୍ତଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିବା ଶେର୍ପା ବୈଠକରେ ପ୍ରଯୁକ୍ତି ପରିବର୍ତ୍ତନ, ସବୁଜ ବିକାଶ, ମହିଳାକୈନ୍ଦ୍ରିକ ବିକାଶ, ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) କାର୍ଯ୍ୟକାରିତା ବଢ଼ାଇବା ଆଦି ପ୍ରସଙ୍ଗ ଆଲୋଚନାରେ ସ୍ଥାନ ପାଇବ।

### ସର୍ବଦଳୀୟ ଆଲୋଚନା ଆଜି

ଆସନ୍ତାବର୍ଷ ସେପ୍ଟେମ୍ବରରେ ହେବାକୁ ଥିବା ଜି-୨୦ ସମିଟ୍ ନିମନ୍ତେ କାର୍ଯ୍ୟଯୋଜନା ଉପରେ ଆଲୋଚନା ଓ ଚୂଡ଼ାନ୍ତ କରିବା ନିମନ୍ତେ କେନ୍ଦ୍ର ସରକାର ସୋମବାର ସର୍ବଦଳୀୟ ବୈଠକ ଡାକିଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ ୪୦ଟି ଦଳର ଅଧ୍ୟକ୍ଷଙ୍କୁ ଏଥିପାଇଁ ନିମନ୍ତ୍ରଣ କରିଛନ୍ତି। ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଉପସ୍ଥିତ ରହିବେ। ତୃଣମୂଳ କଂଗ୍ରେସ ଅଧ୍ୟକ୍ଷା ମମତା ବାନାର୍ଜୀ ସୋମବାର ଦିଲ୍ଲୀ ଆସୁଥିବାରୁ ସେ ସର୍ବଦଳୀୟ ବୈଠକରେ ଯୋଗଦେବେ ବୋଲି କହିଛନ୍ତି।

## ବିପର୍ଯ୍ୟୟରେ ଯାଇଛି ୨୬୮ ବିଲିୟନ୍ ଡଲାର

**ବର୍ନ,୪।୧୨**



■ ୨୦୨୨ରେ ବିଶ୍ୱର କ୍ଷତି

■ ବାତ୍ୟାରେ ସର୍ବାଧିକ ୫୦-୬୫ ବିଲିୟନ୍ ଡଲାର

ବିଶ୍ୱରେ ମନୁଷ୍ୟକୃତ ଏବଂ ପ୍ରାକୃତିକ ବିପର୍ଯ୍ୟୟ ମାତ୍ରା କ୍ରମାଗତ ବଢ଼ିବାରେ ଲାଗିଛି। ଏହା ଫଳରେ ବହୁ ଧନ ଜୀବନ ନଷ୍ଟ ହେବା ସହିତ ବୈଶ୍ୱିକ ଅର୍ଥନୀତି ମଧ୍ୟ ପ୍ରଭାବିତ ହୋଇଛି। ସୁଇଜରଲାଣ୍ଡର ରିଇନ୍‌ସ୍ୟୁରାନ୍ସ ଜାଏଣ୍ଟ 'ସୁଇସ୍ ରେ' ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ, ଚଳିତବର୍ଷ ବୈଶ୍ୱିକ ଅର୍ଥନୀତିକୁ ୨୬୮ ବିଲିୟନ୍ ଡଲାର କ୍ଷତି ସହିବାକୁ ପଡ଼ିଛି। ବାତ୍ୟା ବ୍ୟତୀତ ୟୁରୋପରେ ୱିଣ୍ଟର ଷ୍ଟର୍ମ, ଅଷ୍ଟ୍ରେଲିଆ ଏବଂ ସାଉଥ୍ ଆଫ୍ରିକାରେ ବନ୍ୟା, ଫ୍ରାନ୍ସରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଯୋଗୁ ବିଶ୍ୱର ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର ଆମେରିକାର ଚଳିତବର୍ଷ ୧୧୫ ବିଲିୟନ ଡଲାରର କ୍ଷତି ଘଟିଛି। ଏଥିମଧ୍ୟରୁ ମନୁଷ୍ୟକୃତ ବିପର୍ଯ୍ୟୟ କାରଣରୁ ୭ବିଲିୟନ୍ ଡଲାର କ୍ଷତି ହୋଇଛି। ଚଳିତବର୍ଷ ବିପର୍ଯ୍ୟୟଜନିତ କ୍ଷତି ସର୍ବାଧିକ ଥିବାବେଳେ ଗତବର୍ଷ ଏହା ୧୨୧ ବିଲିୟନ୍ ଡଲାର ଆକଳନ କରାଯାଇଥିଲା। ଜଳବାୟୁ ପରିବର୍ତ୍ତନ ଏଥିଲାଗି ମୁଖ୍ୟଭାବେ ଦାୟୀ ବୋଲି ସୁଇସ୍ ରେ'ର ମୁଖ୍ୟ ମାର୍ଟିନ ବରଟୋଗ କହିଛନ୍ତି।

୩୦ ବର୍ଷ ପୂର୍ବେ ଆଣ୍ଡ୍ରେଉ ବାତ୍ୟା ଯୋଗୁ ବୈଶ୍ୱିକ ଅର୍ଥନୀତିକୁ ୨୦ ବିଲିୟନ୍ ଡଲାରର କ୍ଷତ ସହିବାକୁ ପଡ଼ିଥିଲା। କିନ୍ତୁ ଗତ ୬ ବର୍ଷ ମଧ୍ୟରେ ଏଭଳି ୭ଟି ବିରାଟ ଧରଣର ବାତ୍ୟା ଦ୍ୱାରା ବିଶ୍ୱବାସୀ ପ୍ରଭାବିତ ହୋଇଛନ୍ତି। ଅନ୍ୟବର୍ଷଗୁଡ଼ିକ ତୁଳନାରେ ଚଳିତବର୍ଷ ବିଶ୍ୱ ଅର୍ଥନୀତିରେ ସର୍ବାଧିକ କ୍ଷତି ହୋଇଛି। ୱିଣ୍ଟର ଷ୍ଟର୍ମ କାରଣରୁ ଫେବୃୟାରୀରେ ୟୁରୋପ ଅର୍ଥନୀତିର ୩.୭ ବିଲିୟନ ଡଲାର କ୍ଷତି ହୋଇଛି। ଅନ୍ୟପକ୍ଷେ ଚଳିତବର୍ଷ ବିଶ୍ୱର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଫେବୃୟାରୀ ଓ ମାର୍ଚ୍ଚରେ ଅଷ୍ଟ୍ରେଲିଆରେ ହୋଇଥିବା ଗ୍ରୀଷ୍ମକାଳୀନ ବର୍ଷା ଯୋଗୁ ସ୍ଥାନୀୟ ଅଞ୍ଚଳରେ ବନ୍ୟାସ୍ଥିତି ଉପୁଜିଥିଲା। ଏପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଦେଶରେ ୪ ବିଲିୟନ୍ ଡଲାରର କ୍ଷତି ହୋଇଥିବା ସୁଇସ୍ ରେ' ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ‘ଘରୋଇ ଡ୍ରୋନ୍ ନିର୍ମାଣକୁ ପ୍ରୋତ୍ସାହନ’

## ପିଏଲ୍‌ଆଇ ଯୋଜନାର ଗାଇଡଲାଇନ୍ ଜାରି କଲେ ସରକାର



ଭୁବନେଶ୍ୱର,୪।୧୨

ଆସନ୍ତା ୨୦୩୦ସୁଦ୍ଧା ଭାରତକୁ ଡ୍ରୋନ ମାନୁଫାକ୍ଚରିଂ ହବ୍‌ରେ ପରିଣତ କରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ଏପରିକି ଭାରତରେ କେମିତି ଅଧିକରୁ ଅଧିକ ଡ୍ରୋନ୍ ନିର୍ମାଣ ହେବ ସେ ଦିଗରେ ମଧ୍ୟ ସରକାର ଯୋଜନା ପ୍ରସ୍ତୁତ କରୁଥିବା ଜଣାପଡ଼ିଛି। ବିଶେଷକରି ଡ୍ରୋନ୍ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ନେଇ କେନ୍ଦ୍ର ସରକାର ବିଚାର କରୁଥିବା କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଡ୍ରୋନ୍ ଉଦ୍ୟୋଗର ପ୍ରୋତ୍ସାହନ ପାଇଁ ପିଏଲ୍‌ଆଇ (ଉତ୍ପାଦନ ସମ୍ପର୍କିତ ପ୍ରୋତ୍ସାହନ ରାଶି) ଯୋଜନା ଲାଗୁ କରିବାକୁ ଗାଇଡଲାଇନ୍ ଜାରି କରିଛନ୍ତି। ଉକ୍ତ ଯୋଜନାକୁ ଲାଗୁ କରିବା ପାଇଁ ୨୦୨୨-୨୩ ଓ ୨୪-୨୫ ପାଇଁ ୧୨୦ କୋଟିର ବ୍ୟୟବରାଦ ମଧ୍ୟ ହୋଇଛି। ଉକ୍ତ ଗାଇଡଲାଇନରେ ସଂଜ୍ଞା, ଯୋଗ୍ୟତା, ଏବଂ ଆବେଦନ ଯୋଗ୍ୟତା ଏବଂ ଅନଲାଇନ ପ୍ରୋର୍ଟାଲ ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ଏଜେନ୍ସି(ପିଏମ୍ଏ) ଆଦି ବିଷୟରେ ବିସ୍ତୃତ ବିବିରଣୀ ଦିଆଯାଇଛି। ଏପରିକି ସେକ୍ରେଟେରୀ ଗ୍ରୁପର ସଶକ୍ତିକରଣ ଏବଂ ଦକ୍ଷ କର୍ତ୍ତୃପକ୍ଷ ମଧ ଏ ଦିଗରେ କଭର କରାଯାଇଛି। ବିଶେଷ କରି ବିକାଶ ଓ ଗବେଷଣା ପାଇଁ ଭାରତକୁ ବୈଶ୍ୱିକ ପ୍ରାଣ କେନ୍ଦ୍ରରେ ପରିଣତ କରିବା, ପରୀକ୍ଷଣ, ନିର୍ମାଣ ଏବଂ ଆତ୍ମନିର୍ଭର ଭାରତ ଅଭିଯାନ ଅଧିନରେ ଡ୍ରୋନ୍ ଅପରେସନ, ଡ୍ରୋନ୍ ନିୟମର ଉଦାରୀକରଣ ୨୦୨୧ରେ ଜାରି କରାଯାଇଥିଲା।

## ଶ୍ରେଷ୍ଠ ୧୦ କମ୍ପାନୀ ମଧ୍ୟରେ ରିଲାଏନ୍ସ ଏକ ନମ୍ବର

**ନୂଆଦିଲ୍ଲୀ,୪।୧୨:** ଭାରତୀୟ ଷ୍ଟକ୍ ମାର୍କେଟରେ ପଞ୍ଜୀକୃତ ନିବେଶକ କମ୍ପାନୀଗଡ଼ିକର କାରବାର ଫଳାଫଳ ଓ ଶେୟାର ବଜାରର ବଜାର ପୁଞ୍ଜିକୁ ନେଇ ଦେଶର ଶ୍ରେଷ୍ଠ ୧୦ କମ୍ପାନୀର ତାଲିକା ପ୍ରକାଶ କରାଯାଇଛି। ସେହିପରି ଗତ ସପ୍ତାହରେ ଦେଶର ଶ୍ରେଷ୍ଠ ୧୦ ମୂଲ୍ୟବାନ ଶିଳ୍ପ ସଂସ୍ଥାମାନଙ୍କ ମଧ୍ୟରୁ ୮ଟିର ବଜାର ମୂଲ୍ୟରେ ୧,୧୫,୮୩୭ କୋଟି ଟଙ୍କା ଯୋଡ଼ିଥିବା ବେଳେ ସେଥିରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସବୁଠୁ ବଡ଼ ଲାଭକାରୀ ସଂସ୍ଥା ଭାବେ ପରିଗଣିତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ବଜାର ମୂଲ୍ୟରେ ୭୧,୪୬୨.୨୮ କୋଟି ଟଙ୍କାକୁ ବୃଦ୍ଧି ପାଇ ୧୮,୪୧,୯୯୪.୪୮ କୋଟିରେ ପହଞ୍ଚିଥିବା ଜଣାପଡିଛି।

## ମହାନଦୀ ବିହାରରେ ଓକିନାୱାର ଏକ୍ସକ୍ଲୁସିଭ ଶୋ’ରୁମ୍




**କଟକ,୪।୧୨:** ଦେଶର ପ୍ରମୁଖ ୨ଚକିଆ ଇଲେକ୍ଟ୍ରି ଭେଇକିଲ (ଇଭି) ବା ଇ-ସ୍କୁଟର ନିର୍ମାତା ଓକିନାୱା’ର ଆଉ ଏକ ଶୋ’ରୁମ୍‌ର ଶୁଭାରମ୍ଭ କରାଯାଇଛି। ଏପରିକି କମ୍ପାନୀ ସ୍ୱୀକୃତିପ୍ରାପ୍ତ ଡିଲର ‘ଜୟ ଜଗନ୍ନାଥ ଆସୋସିଏଟ’ ଆନୁକୂଲ୍ୟରେ ଉକ୍ତ ଆଉଟଲେଟ (ଶୋ’ରୁମ) ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଉଟଲେଟ ସ୍ୱତ୍ୱାଧିକାରୀ ତଥା ଜୟ ଜଗନ୍ନାଥ ଆସୋସିଏଟର ମୁଖ୍ୟ ସରୋଜ ରଞ୍ଜନ ଦାସ, ୪୭ନମ୍ବର ୱାର୍ଡ଼ର କର୍ପୋରେଟର ଇଂ. ସୁବ୍ରତ ଘଡାଇ, ଚୌଦ୍ୱାର-କଟକ ବିଧାୟକଙ୍କ ପ୍ରତିନିଧି ରମାକାନ୍ତ ଲେଙ୍କା, ସାମାଜିକକର୍ମୀ ସଞ୍ଜୟ ଜେନା, ସୁରେଶ ସାମଲ, ପ୍ରଭୁଦତ୍ତ ଆଚାର୍ଯ୍ୟଙ୍କ ସମେତ ସ୍ଥାନୀୟ ସାହି ମୁରବିମାନେ ମଧ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ କଟକ ମହାନଦୀବିହାର ସ୍ଥିତ ଆର୍ଯ୍ୟନ କ୍ଲବ ଛକ ନିକଟସ୍ଥ ପ୍ଲଟ୍ ୨୩ରେ ଓକିନାୱାର ଶୋ’ରୁମ୍‌ର ଆରମ୍ଭ କରାଯାଇଛି। ଏପରିକି ଓକିନାୱାର ସମସ୍ତ ବ୍ୟାଟେରି ଗାଡ଼ି ଏଠାରେ ଉପଲବ୍ଧ ବୋଲି ସରୋଜ ରଞ୍ଜନ ଦାସ ମତବ୍ୟକ୍ତ କରିଛନ୍ତି।

## ନେକ୍ସସ୍ ଏସ୍‌ପ୍ଲାନେଡ୍ ମଲ୍ ପକ୍ଷରୁ ଦିବ୍ୟାଙ୍ଗଙ୍କୁ ସହାୟତା



**ଭୁବନେଶ୍ୱର,୪।୧୨:** ଚଳିତ ବର୍ଷ ଦୀପାବଳି ଅବସରରେ ନେକ୍ସସ ଏକ୍ସପ୍ଲାନେଡ ମଲ୍ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଶେଷ କରି ମଲ୍‌ର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଜରିଆରେ ସ୍ୱତନ୍ତ୍ର ବର୍ଗର ପିଲାଙ୍କ ଜୀବନ ଆଲୋକିତ କରିବା ପାଇଁ ଏକ ଅଭିଯାନ ଆରମ୍ଭ କରାଯାଇଥିଲା।

ଅପରପକ୍ଷରେ ୨୦୨୨ଅକ୍ଟୋବରରୁ ଆରମ୍ଭ ହୋଇଥିବା ଉକ୍ତ ଅଭିଯାନ ନିକଟରେ ଶେଷ ହୋଇଛି। ଏପରିକି ବିଗତ ୪୫ଦିନରୁ ଅଧିକ ସମୟ ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟକ୍ରମ ଜାରି ରହିଥିଲା। ଉଲ୍ଲେଖଯୋଗ୍ୟ ଯେ ସ୍ଥାନୀୟ ରସୁଲଗଡ ନିକଟସ୍ଥ ନେକ୍ସସ ଏସପ୍ଲାନେଡ ପରିସରରେ ଏକ ସ୍ୱତନ୍ତ୍ର ଦୀପ କାଉଣ୍ଟର ଖୋଲାଯାଇଥିଲା। ଯେଉଁଠାରେ ଗ୍ରାହକ ଦୀପ କିଣିବା ସହ ଉକ୍ତ ମହତ କାର୍ଯ୍ୟରେ ମଧ ସହଯୋଗ କରୁଥିଲେ। ସେହିପରି ଉକ୍ତ ଅଭିଯାନରୁ ମିଳିଥିବା ପ୍ରାୟ ୮.୦୬ଲକ୍ଷ ଟଙ୍କାକୁ ସାମାଜିକ ଅନଉଠୋନ ଆରିନା ଫାଉଣ୍ଡେଶନ ଜରିଆରେ ‘ଓଡ଼ିଶା ଆସୋସିଏଶନ ଫର୍ ବ୍ଲାଇଣ୍ଡ’ର ସଦସ୍ୟ ଏବଂ ଦିବ୍ୟାଙ୍ଗ ପିଲାମାନଙ୍କୁ ଦିଆଯାଇଥିଲା।

ଏହି ପରିପ୍ରେକ୍ଷୀରେ ମଲ୍ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମଲ୍‌ର କେନ୍ଦ୍ର ନିର୍ଦ୍ଦେଶକ ପାର୍ଥ ପ୍ରତୀମ ନାୟକ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିମନ୍ତ୍ରିତ ଦିବ୍ୟାଙ୍ଗ ପିଲାମାନଙ୍କୁ ଉକ୍ତ ଅର୍ଥ ରାଶିର ଏକ ଚେକ୍ ପ୍ରଦାନ କରିଥିଲେ।

## ୩୦୦ କୋଟି ନିବେଶ କରିବ ବି ଫ୍ଲାଇଟ୍ସ

ଭୁବନେଶ୍ୱର,୪।୧୨




ବେଙ୍ଗାଲୁରୁ ସ୍ଥିତ ଷ୍ଟାର୍ଟ-ଅପ୍ କମ୍ପାନୀ ବମ୍ବଲ ବି ଫ୍ଲାଇଟ୍ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏପରିକି ନିକଟରେ ଶେଷ ହୋଇଥିବା ମେକ୍ ଇନ୍ ଓଡ଼ିଶା କନକ୍ଲେଭ-୨୨ରେ କମ୍ପାନୀର ପୁଞ୍ଜି ନିବେଶ ଓ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅପରପକ୍ଷରେ ୟୁକେ ସ୍ଥିତ ଏସଆରଏଏମ ଏବଂ ଏମଆରଏଏମ ଗ୍ରୁପ ସହ ମିଳିତ ଭାବେ ବମ୍ବଲ ବି ଫ୍ଲାଇଟ୍ସ ପ୍ରାଇଭେଟ ଲିମିଟେଡ ଓଡ଼ିଶାରେ ଡ୍ରୋନ ସେବା ଓ ବିନିର୍ମାଣ କ୍ଷେତ୍ରରେ ୩୦୦ କୋଟି ଟଙ୍କାର ପୁଞ୍ଜି ଖଟାଇବାର ପ୍ରତିଶ୍ରୁତି ଦେଇଛନ୍ତି। ସେମାନେ ସଦ୍ୟ ସମାପ୍ତ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨ରେ ମଧ ଏହା ଘୋଷଣା କରିଛନ୍ତି। ବିଶେଷ କରି କମ୍ପାନୀ ଏଆଇ ପାୱାର୍ଡ କମ୍ପ୍ଲେକ୍ସ କିନ୍ତୁ ଉଚ୍ଚକୋଟୀର ସମନ୍ୱିତ ଏୟାର ମୋବିଲିଟି ସିଷ୍ଟମ ବିକଶିତ କରିବାରେ ପାରଦର୍ଶିତା ହାସଲ କରିଛନ୍ତି। ସେମାନଙ୍କ ପ୍ରସ୍ତୁତ ପ୍ରଥମ କମ୍ପ୍ଲେକ୍ସ ମେସିନଟି ହେଉଛି ଏକ ସ୍ୱ ନୟନ୍ତ୍ରିତ ଏକ ଆସନ ବିଶିଷ୍ଟ ମାନବ-ବାହକ ଡ୍ରୋନ୍, ଯାହାକି ସହରାଞ୍ଚଳ ଆକାଶପଥ ପରିବହନରେ ଉପଯୋଗୀ ହେବା ସହ ଏୟାର ଆମ୍ବୁଲାନ୍ସ, ଚିତ୍ତବିନୋଦନ କ୍ରିୟାକଳାପ, ଭାରି ସାଜ ସରଞ୍ଜାମ ପରିବହନ ଆଦି ପାଇଁ ବେଶ ଉପଯୋଗୀ ହୋଇଥାଏ। ଏ ସମ୍ପର୍କରେ ଏସଆରଏଏମ ଏବଂ ଏମଆରଏଏମ ଗ୍ରୁପର ଉପାଧକ୍ଷ ଡଃ ଗୁରୁଜୀ କୁମାରନ ସ୍ୱାମୀ କହିଛନ୍ତି, ଆମେ ମେକ ଇନ ଇଣ୍ଡିଆ ଅଭିଯାନ ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ମେକ ଇନ ଓଡ଼ିଶା କନକ୍ଲେଭରେ ଆମେ ବି ଫ୍ଲାଇଟ୍ସ ପାଇଁ ୩୦୦ କୋଟି ଟଙ୍କାର ପୁଞ୍ଜି ଖଟାଇବା ନିମନ୍ତେ ଘୋଷଣା କରିଛୁ। ଆମେ ଭବିଷ୍ୟତରେ ନିରନ୍ତର ବୈଦ୍ୟୁତିକ ବାୟୁ ପରିବହନ ବ୍ୟବସ୍ଥା ବା ଇଲେକ୍ଟ୍ରିକ ଏୟାର ମୋବିଲିଟି ସିଷ୍ଟମ ବିକଶିକ କରିବା ପାଇଁ ଥିବା ସାମୂହିକ ଦୂରଦୃଷ୍ଟି ସହ ମଧ ସାମିଲ ଅଛୁ। ସେହିଭଳି ବମ୍ବଲ ବି ଫ୍ଲାଇଟ୍ସ ପ୍ରାଇଭେଟ ଲିମିଟେଡର ସିଇଓ ଅର୍ଜୁନ ଦାସଙ୍କ କହିଛନ୍ତି, କମ୍ପାନୀ ମେକ ଇନ ଇଣ୍ଡିଆ ତଥା ମେକ ଇନ ଓଡ଼ିଶା ଅଭିଯାନ ସହ ସାମିଲ ହୋଇ ଭାରତକୁ ବିଶ୍ୱ ଡ୍ରୋନ ମାନଚିତ୍ରରେ ଗର୍ବର ସହିତ ସାମିଲ କରିବାକୁ ଯାଉଛି। ଉକ୍ତ କାର୍ଯ୍ୟରେ ହେଲ୍‌ଥ ଟପ ଭୁବନେଶ୍ୱରର ସିଇଓ ଗୌରବ ରାଲହନ ଷ୍ଟ୍ରାଟେଜିକ ପାର୍ଟନର ଭାବେ ଆମର ସହାୟତା କରିଥିବାରୁ ତାଙ୍କୁ ଅଜସ୍ର ଧନ୍ୟବାଦ ଜଣାଉଛି। ଏପରିକି କମ୍ପାନୀ ପ୍ରାରମ୍ଭରେ ଏୟାର ଟ୍ୟାକ୍ସି ମାର୍କେଟରେ ପ୍ରବେଶ କରିବାକୁ ଚାହୁଁଛି, ଯାହାକି ଏକ ଟ୍ରିଲିଅନ ଡଲାର ମାର୍କେଟରେ ପରିଣତ ହେବାକୁ ଯାଉଛି।

## ନଭେମ୍ବରରେ ସ୍କୋଡାର ୪୪୩୩ କାର୍ ବିକ୍ରି

**ଭୁବନେଶ୍ୱର,୪।୧୨:** ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ‘ସ୍କୋଡା ଅଟୋ ଇଣ୍ଡିଆ’ ପକ୍ଷରୁ ୨୦୨୨ ନଭେମ୍ବର ମାସର ଗାଡି ସମ୍ପର୍କିତ ସୂଚନା ପ୍ରଦାନ କରାଯାଇଛି। ଏପରିକି ଚଳିତ ବର୍ଷ ନଭେମ୍ବରରେ କମ୍ପାନୀ ଏକ ନୂତନ ଶିଖର ହାସଲ କରିଛି। ବିଶେଷ କରି ଗତ ମାସରେ କମ୍ପାନୀ ୪,୪୩୩ ୟୁନିଟ ବିକ୍ରି ପଞ୍ଜୀକୃତ କରିଛି। ଫଳସ୍ୱରୂପ ଗତ ବର୍ଷ ସମାନ ଅବଧି ମଧ୍ୟରେ ବିକ୍ରି ହୋଇଥିବା ୨,୧୯୬ କାର୍ ତୁଳନାରେ ୧୦୨% ବୃଦ୍ଧି ଘଟିଛି। ଏହି ବର୍ଦ୍ଧିତ ବିକ୍ରୟ ଯୋଗୁ କମ୍ପାନୀ ୨୦୨୧ର ବାର୍ଷିକ ବିକ୍ରି ତୁଳନାରେ ୨୦୨୨ରେ ଆଉ ଏକ ରେକର୍ଡ ସହ ଏକ ମାସ ପୂର୍ବରୁ ଗାଡି ବିକ୍ରିକୁ ଦ୍ୱିଗୁଣିତ କରିସାରିଛି।

ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆ’ର ବ୍ରାଣ୍ଡ ନିର୍ଦ୍ଦେଶକ ପିଟର ସ୍ଲୋକ କହିଛନ୍ତି, ଆମେ ଆମର ସର୍ବକାଳୀନ ଉଚ୍ଚ ବିକ୍ରୟ ରେକର୍ଡର ଲ୍ୟାଣ୍ଡମାର୍କ ଅତିକ୍ରମ କରିସାରିଛୁ। ଏପରିକି ଭାରତ ସ୍କୋଡା ଅଟୋ ପାଇଁ ୩ୟ ବୃହତ୍ତମ ବଜାର ହୋଇ ରହିଛୁ। ଏପରିକି ଆମେ କ୍ରମାଗତ ଭାବେ ଆମର ଅଭିବୃଦ୍ଧିର ସମ୍ବେଗ ବଜାୟ ରଖିଛୁ ଏବଂ ଏକ ନୂତନ ଉଚ୍ଚତାରେ ଏହି ବର୍ଷକୁ ଶେଷ କରିବାକୁ ଅପେକ୍ଷା କରିଛୁ। ଉଲ୍ଲେଖଯୋଗ୍ୟ ଯେ ଚଳିତ ବର୍ଷ ଜାନୁୟାରୀରୁ ନଭେମ୍ବର ଶେଷ ସୁଦ୍ଧା ସ୍କୋଡା ଅଟୋ ଇଣ୍ଡିଆ ୪୮,୯୩୩ ୟୁନିଟ ଗାଡି ବିକ୍ରି କରିଛି, ଯାହାକି ୨୦୨୧ରେ ବାର୍ଷିକ ବିକ୍ରି ହେଇଥିବା ୨୩,୮୫୮ କାରର ଦୁଇଗୁଣରୁ ଅଧିକ ଅଟେ । ଏହା ମଧ କମ୍ପାନୀକୁ ୨୦୨୨ ପାଇଁ ବାର୍ଷିକ ୫୦,୦୦୦କାର ଲକ୍ଷ୍ୟର ନିକଟତର କରିଛି ।

ଫୁର୍‌ସତ୍

# ଚକ୍ଷୁ ରୋଗ ଚିହ୍ନଟ କରିବ ସ୍ମାର୍ଟ କଣ୍ଟାକ୍ଟ ଲେନ୍ସ

ଲଣ୍ଡନ



ମନୁଷ୍ୟ ଶରୀରରେ ଆଖି ହେଉଛ ଅମୂଲ୍ୟ ସମ୍ପଦ। ଆଖି ସାହାଯ୍ୟରେ ମଣିଷ ବହୁତକିଛି ଦେଖିପାରୁଛି। ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ ମଧ କରେ। ଅନେକ ସମୟରେ ଦେଖିବାକୁ ମିଳିଛି, ଆଖିରେ ହେଉଥିବା ସଂକ୍ରମଣ ବା ରୋଗ ବିଷୟରେ ବହୁ ବିଳମ୍ବରେ ଜଣାପଡେ। କିନ୍ତୁ ସେତେବେଳକୁ ତାହା ବଡ଼ ରୂପ ନେଇସାରିଥାଏ। ତେବେ ଚକ୍ଷୁ ଇନ୍‌ଫେକ୍ସନ ସମ୍ପର୍କରେ ଜାଣିବା ଏଣିକି ସହଜ ହେବ। ଏହା କେବଳ ସ୍ମାର୍ଟ କଣ୍ଟାକ୍ଟ ଲେନ୍ସ ଜରିଆରେ ହିଁ ସମ୍ଭବ। ଭାରତ ଓ ବ୍ରିଟେନ ବୈଜ୍ଞାନିକମାନେ ମିଳିତ ଭାବେ ଏହି ସ୍ମାର୍ଟ କଣ୍ଟାକ୍ଟ ଲେନ୍ସ ତିଆରି କରିଛନ୍ତି। ଆଖିରେ ଫଙ୍ଗାଲ ଇନ୍‌ଫେକ୍ସନର ମାତ୍ରା ବୃଦ୍ଧି ପାଇଥିବାବେଳେ ଏହି ରୋଗକୁ ଚିହ୍ନଟ କରିବ ସ୍ମାର୍ଟ କଣ୍ଟାକ୍ଟ ଲେନ୍ସ।

ଶେଫିଲ୍ଡ ୟୁନିଭର୍ସିଟି, ବ୍ରାଡଫୋର୍ଡ ୟୁନିଭର୍ସିଟି ଏବଂ ଭାରତର ଏଲ୍‌ଭି ପ୍ରସାଦ ଚକ୍ଷୁ ଅନୁଷ୍ଠାନ ମିଳିତ ଭାବେ ସ୍ମାର୍ଟ କଣ୍ଟାକ୍ଟ ଲେନ୍ସ ତିଆରି କରିଛନ୍ତି। ମାଇକ୍ରୋବାୟାଲ କେରାଟିଟ୍ସ, ଯାହା ଦ୍ୱାରା ରୋଗୀ ଅନ୍ଧ ହେବାର ଆଶଙ୍କା ରହିଥାଏ। ଅଧିକାଂଶ ଲୋକଙ୍କଠାରେ ଦେଖାଯାଉଥିବା ଏହି ରୋଗର ଚିହ୍ନଟ ଉନ୍ନତ ଟେକ୍ନୋଲୋଜିରେ ତିଆରି ସ୍ମାର୍ଟ ଲେନ୍ସ ଦ୍ୱାରା କରାଯାଇ ପାରିବ ବୋଲି ଡା. ପ୍ରଶାନ୍ତ ଗାର୍ଗ କହିଛନ୍ତି। ଆଖିରେ ବ୍ୟାକ୍ଟେରିଆ ଓ ଫଙ୍ଗାଲର ଚିହ୍ନଟ ମଧ ସମ୍ଭବପର। ଭାରତରେ ମ୍ୟୁକୋମାଇକୋସିସ୍ ଦ୍ୱାରା ଏକାଧିକ ରୋଗୀଙ୍କ ମୃତ୍ୟୁ ହେଉଥିବାବେଳେ ସ୍ମାର୍ଟ କଣ୍ଟାକ୍ଟ ଲେନ୍ସ ଏହାକୁ ଦୂର କରିବାର ସମ୍ଭାବନା ଥିବା କୁହାଯାଉଛି।

# ଅଭିମାନୀ କରୀନା



**ମୁମ୍ବାଇ:** ବଲିଉଡ୍ ଇଣ୍ଡଷ୍ଟ୍ରିରେ କରୀନା କପୁର ଖାନ୍‌ଙ୍କ ଅଭିନୟଠାରୁ ଆରମ୍ଭ କରି ତାଙ୍କ ଆଉଟ୍ ଫିଟ୍‌କୁ ନେଇ ଅନେକ ସମୟରେ ସେ ଚର୍ଚ୍ଚାରେ ରୁହନ୍ତି। ନିକଟରେ କରୀନା ଓ ସ୍ୱାମୀ ସୈଫ ଅଲ୍ଲୀ ଖାନ୍ ସାଉଦି ଆରବର ଜେଦାହରେ ଅନୁଷ୍ଠିତ ରେଡ୍ ସି ଫେଷ୍ଟିଭାଲରେ ଯୋଗ ଦେଇଥିଲେ। ଦୁହିଁଙ୍କ ଗେଟ୍‌ଅପ୍ ନେଇ ସମସ୍ତେ ସେମାନଙ୍କ ପ୍ରଶଂସା କରିଥିଲେ। ତେବେ ରେଡ୍ କାର୍ପେଟରେ ଦୁହେଁ ଏକାଠି ଥିବାବେଳେ କିଛି ଖବରଦାତା ତାଙ୍କୁ ପ୍ରଶ୍ନ କରିଥିଲେ ଯେ, ଫିଲ୍ମ ଜଗତରେ ମହିଳାମାନଙ୍କ ଗୁରୁତ୍ୱ କେତେ। ଏହାର ଉତ୍ତରରେ ସୈଫ ଅଲ୍ଲୀ ତାଙ୍କ ମା’ ଶର୍ମିଳା ଟାଗୋରଙ୍କ କଥା କହିଥିଲେ। କିନ୍ତୁ ସ୍ତ୍ରୀ କରୀନାଙ୍କ ନାଁ ନେଇ ନ ଥିଲେ। ଏହାପରେ କରୀନା ସୈଫଙ୍କୁ ରାଗଭରା ଚାହାଣିରେ ଦେଖିଥିଲେ। ପରେ ସୈଫ ବିଷୟବସ୍ତୁକୁ ବଦଳାଇ ଦେଇଥିଲେ। କରୀନା ଶେଷଥର ପାଇଁ ବିବାଦୀୟ ଫିଲ୍ମ ‘ଲାଲ୍ ସିଂ ଚଡ଼ା’ରେ ଦେଖାଯାଇଥିଲେ। ଏହି ଚଳଚ୍ଚିତ୍ରରେ କରୀନାଙ୍କ ସହ ସ୍କ୍ରିନ୍ ଶେୟାର କରିଥିଲେ ଆମୀର ଖାନ୍। ଅଗଷ୍ଟ ୧୧ରେ ଏହା ମୁକ୍ତିଲାଭ କରିଥିବାବେଳେ ଅଦ୍ୱିତ ଚନ୍ଦନ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଥିଲେ। ୧୮୦ କୋଟି ଟଙ୍କାରେ ନିର୍ମାଣ ହୋଇଥିବା ଫିଲ୍ମ ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା।

## ଭାରତ ଆସି ଚର୍ଚ୍ଚାରେ ସାଉଥ୍ କୋରିଆନ୍ ୟୁଟ୍ୟୁବର



ଦ.କୋରିଆନ୍ ୟୁଟ୍ୟୁବର ହାଇଓଜେଓଙ୍ଗ ପାକ (ମଝି)।

ମୁମ୍ବାଇ

ସୋସିଆଲ ମିଡିଆରେ ଏବେ ସାଉଥ୍ କୋରିଆନ ୟୁଟ୍ୟୁବର ହାଇଓଜେଓଙ୍ଗ ପାର୍କଙ୍କ ଫଟୋ ଭାଇରାଲ ହେବାରେ ଲାଗିଛି। ଭାରତ ଭ୍ରମଣ କରିବା ଲାଗି ଆସିଥିବା ୟୁଟ୍ୟୁବର ପୂର୍ବ ଅପେକ୍ଷା ଅଧିକ ଫେମସ୍ ହେବାରେ ଲାଗିଛନ୍ତି। ରବିବାର ହାଇଓଜେଓଙ୍ଗ ମୁମ୍ବାଇର ଧୋବିଘାଟରେ କେତେଜଣ ପିଲାଙ୍କସହ କ୍ରିକେଟ ଖେଳୁଥିବାର ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ତାଙ୍କ ଫଟୋକୁ ବହୁ ଲାଇକ୍ ମିଳିସାରିଥିବା ବେଳେ ୟୁଜର୍ସ ଭଲ କମେଣ୍ଟ ମଧ କରୁଥିବା ଦେଖିବାକୁ ମିଳିଛି। କିଛିଦିନ ପୂର୍ବେ ହାଇଓଜେଓଙ୍ଗ ମୁମ୍ବାଇ ସହର ବୁଲି ଭ୍ଲଗ୍ ତିଆରି କରୁଥିବା ସମୟରେ ଦୁଇଜଣ ଯୁବକ ଆସି ତାଙ୍କ ସହ ଦୁର୍ବ୍ୟବହାର କରିଥିଲେ। ସେଠାରେ ଥିବା ଅନ୍ୟ ଯୁବକ ବିଦେଶିନୀଙ୍କୁ ସେମାନଙ୍କଠାରୁ ରକ୍ଷା କରିଥିଲେ।

## ଚଳନ୍ତା ଟ୍ରେନରୁ ତେଲ ଚୋରି

ପାଟନା

ଟାୱାର ଓ ବ୍ରିଜ୍ ଚୋରି କରିବା ପରେ ଏବେ ଚୋର ଯାଇ ପହଞ୍ଚିଛନ୍ତି ଚଳନ୍ତା ଟ୍ରେନରୁ ତେଲ ଚୋରି କରିବା ଲାଗି। ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ କେତେଜଣ ଲୋକ ଚଳନ୍ତା ଟ୍ରେନ୍‌ରୁ ତେଲ ଚୋରି କରୁଥିବା ଦେଖିବାକୁ ମିଳିଛି। ତେବେ ଏହି ଭିଡିଓ ବିହାରର ରାଜଧାନୀ ପାଟନାର ବୋଲି ଜଣାପଡ଼ିଛି। ମନ୍ଥର ବେଗରେ ରେଳଧାରଣାରେ ଚାଲୁଥିବା ଟ୍ରେନର ତେଲ ଭର୍ତ୍ତି କ୍ୟାପ୍‌ସୁଲ ଟ୍ୟାଙ୍କରୁ ବାଲଟି ଓ ବଡ଼ ଡବା ଧରି ଲୋକେ ତେଲ କାଢୁଥିବାବେଳେ ରେଳଧାରଣା ବ୍ରିଜ୍ ତଳେ ଛିଡ଼ା ହୋଇଥିବା ଲୋକେ ଉକ୍ତ ଘଟଣାକ୍ରମକୁ ନିଜ ଫୋନରେ କଏଦ କରୁଥିବା ଦେଖାଯାଇଛି।



## ନ୍ୟୁୟର୍କରେ ମୂଷା ପ୍ରାଦୁର୍ଭାବ

- ଜନଜୀବନ ଅସ୍ତବ୍ୟସ୍ତ
- ର୍‍ୟାଟ୍ ହଣ୍ଟର ଖୋଜୁଛନ୍ତି ସରକାର
- ବାର୍ଷିକ ୧.୩ କୋଟି ବେତନ

ୱାଶିଂଟନ୍

ଆମେରିକାର ସୁନ୍ଦର ସହର କୁହାଯାଉଥିବା ନ୍ୟୁୟର୍କ ଏବେ ଅସ୍ଥିର ହୋଇପଡ଼ିଛି। ତେବେ ଏହାପଛର କାରଣ କୌଣସି ଗ୍ୟାଙ୍ଗୱାର କି ରାଜନୈତିକ ସଙ୍କଟ ନୁହେଁ, ବରଂ ମୂଷାଙ୍କ ସକାଶେ ଏବେ ସହରବାସୀ ଅସୁବିଧାରେ ପଡ଼ିଯାଇଛନ୍ତି। ରାସ୍ତାଘାଟରୁ ଆରମ୍ଭ କରି ପାର୍କ, ରେଷ୍ଟୁରାଣ୍ଟ ସବୁଠି ଖାଲି ମୂଷା। ସେମାନଙ୍କ ଚିଁ, ଚିଁ ଶବ୍ଦ ଓ ଦୁର୍ଗନ୍ଧ ଯେମିତି ନ୍ୟୁୟର୍କ ସହରର ବାୟୁରେ ଘର କରିନେଇଛି। ମୂଷାଙ୍କୁ ସହରରୁ ବାହାରକରିବା ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯିବା ଲାଗି ଯୋଜନା କରାଯାଉଥିବା ମେୟର ଏରିକ୍ ଆଡାମ୍ସଙ୍କ ଅଫିସ ପକ୍ଷରୁ ଖବରଦାତା ସମ୍ମିଳନୀରେ କୁହାଯାଇଛି। ତେବେ ମୂଷାଙ୍କ ନିପାତ ପାଇଁ ସରକାର ହଣ୍ଟର ଖୋଜାରେ ଲାଗିପଡ଼ିଛନ୍ତି। ତେବେ ଏହି ଚାକିରି ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ଦରମା ବାର୍ଷିକ ୧.୩ କୋଟି ରହିବ। ସହରରେ ମୂଷାଙ୍କ ସଂଖ୍ୟାରେ ବୃଦ୍ଧି ଘଟିବା ଯୋଗୁ ଆବର୍ଜନା ମାତ୍ରା ବୃଦ୍ଧି ଘଟିଛି। ମୂଷାଙ୍କ ସଂଖ୍ୟା କମାଇବାକୁ ଲାଗି ସ୍ଥାନୀୟ ପ୍ରଶାସନ ଅକ୍ଟୋବରରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି। ସରକାରୀ ରିପୋର୍ଟ ମୁତାବକ ୨୦୧୯ ସୁଦ୍ଧା ୬୭% ମୂଷାଙ୍କ ସଂଖ୍ୟା ବୃଦ୍ଧି ପାଇଛି। ପାଖାପାଖି ୨ ନିୟୁତ ମୂଷା ଏବେ ନ୍ୟୁୟର୍କ ସହରରେ ରହୁଛନ୍ତି।



# ଜ୍ୟୋତିର୍ବିଜ୍ଞାନର ଆଦିପର୍ବ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଯେ କୌଣସି ବିଷୟରେ କୌତୂହଳୀ ବ୍ୟକ୍ତିକୁ ନାନା ପ୍ରଶ୍ନ ଘାରିଥାଏ। କୌଣସି ଘଟଣା, ଏହା ପଛରେ କିଏ, କ'ଣ, କେବେ ଓ କିପରି ଅଛି। ବାସ୍ତବରେ ଏହି ଅନୁସନ୍ଧାନ ହେଉଛି ବିଜ୍ଞାନର ହେତୁ। ଆବହମାନ କାଳରୁ ଲୋକେ ଦେଖି ଆସୁଛନ୍ତି ସୂର୍ଯ୍ୟ ପୂର୍ବ ଦିଗରେ ଉଦୟ ହୋଇ ପଶ୍ଚିମ ଦିଗରେ ଅସ୍ତ ହୁଅନ୍ତି। ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ମଧ୍ୟସ୍ଥିତି ସମୟ ଦିବସ ବୋଲି ସମସ୍ତେ କହନ୍ତି। ତା'ପରେ ରାତି ଆସେ। କିନ୍ତୁ ଅଧିକାଂଶ ବ୍ୟକ୍ତି ଏହା ଏକ ଗତାନୁଗତିକ



ବା ଧରାବନ୍ଧା ଘଟଣା ବୋଲି ମାନି ଯାଇ କୌଣସି ପ୍ରଶ୍ନ ପଚାରନ୍ତି ନାହିଁ। ସୂର୍ଯ୍ୟ ପୂର୍ବ ଦିଗରେ ସର୍ବଦା କାହିଁକି ଉଦୟ ହୁଅନ୍ତି, ରାତିରେ କୁଆଡ଼େ ଯାଆନ୍ତି, ଏପରିକି ସୂର୍ଯ୍ୟ ଆକାଶରେ ଆମର ଦୃଷ୍ଟିଗୋଚର ହେଉଥିବା ଦୃଶ୍ୟାନୁସାରେ ଗତି କରନ୍ତି କି- ଏମିତି ବିଷୟଗୁଡ଼ିକର କାରଣ ଉଦ୍‌ଘାଟନ କରିବା ନିହାତି ଆବଶ୍ୟକ ବୋଲି ଅନେକେ ମନେକରନ୍ତି ନାହିଁ। ଅବଶ୍ୟ ଏତାଦୃଶ ଜିଜ୍ଞାସା ପାଇଁ କୌତୂହଳର ଅଭାବ ବହୁ ବିଜ୍ଞ ବ୍ୟକ୍ତି କିଛି ଅନୁଭବ କରନ୍ତି ଏବଂ ଏହା ପଛରେ ରହିଥିବା ଲୁକ୍କାୟିତ ପ୍ରାକୃତିକ ରହସ୍ୟ ଉପରୁ ପରଦା ହଟାଇବାକୁ ମନୋନିବେଶ କରିଥାଆନ୍ତି।

ସେହି ଅନୁସନ୍ଧିତ୍ସୁ ବ୍ୟକ୍ତିମାନେ ଆମ ଅଜ୍ଞାନତା ଦୂର କରନ୍ତି। ସେମାନଙ୍କର ପ୍ରଚେଷ୍ଟାରୁ ଆମେ ଜାଣିପାରିଲେ ଯେ ଆକାଶରେ ଦୃଶ୍ୟମାନ ସୂର୍ଯ୍ୟ, ଚନ୍ଦ୍ର ବିଭିନ୍ନ ଗ୍ରହ ଓ ନକ୍ଷତ୍ରମାନ ପୂର୍ବ ଦିଗରେ ଉଦୟ ହୋଇଥାଆନ୍ତି ଓ ପଶ୍ଚିମରେ ଅସ୍ତ ହୁଅନ୍ତି। ଏହା ପଛରେ କାରଣ ହେଉଛି ପୃଥିବୀ ନିଜ ଅକ୍ଷରେ ରହି ପୂର୍ବ ଦିଗ ଆଡ଼କୁ ଘୂରେ। ତତ୍ ସହ ଜଣାଗଲା ଯେ ପୃଥିବୀ ନିଜ କକ୍ଷରେ ସୂର୍ଯ୍ୟ ଚାରିପଟେ ଘୂରେ। ଥରେ ଘୂର୍ଣ୍ଣନ ପୂର୍ଣ୍ଣ କରିବାକୁ ଏକ ବର୍ଷ ସମୟ ଲାଗେ। ଏହି ବୈଜ୍ଞାନିକ ତଥ୍ୟ ପୋଲାଣ୍ଡର ଜ୍ୟୋତିର୍ବିଜ୍ଞାନୀ ନିକୋଲାସ କପରନିକସ (୧୪୭୩–୧୫୪୩)ଙ୍କ ଅନୁଧ୍ୟାନରୁ ଜଣାପଡ଼ିଛି। ସେ ପ୍ରାଣତ୍ୟାଗ କରିବାର ଠିକ୍ ପୂର୍ବରୁ ୧୫୪୩ରେ ପ୍ରକାଶିତ ତାଙ୍କ ବହି 'ଦ ରିଭୋଲ୍ୟୁଶନ ଅଫ୍ ହେଭନ୍‌ଲି ଅର୍ବିଟ୍ସ'ରେ ଏହା ଲିପିବଦ୍ଧ ହୋଇଛି। ଏଥିରୁ ସୂର୍ଯ୍ୟ–କେନ୍ଦ୍ରୀୟ ମଣ୍ଡଳ (ହେଲିଓସେଣ୍ଟ୍ରିକ ମଡେଲ୍) ସ୍ୱୀକୃତ ହେଲା ଏବଂ ପୂର୍ବ ପ୍ରଚଳିତ ପୃଥିବୀକୁ କେନ୍ଦ୍ର କରି ପ୍ରଚଳିତ ଥିବା ପୁରାତନ ଭୂକେନ୍ଦ୍ରୀୟ ମଣ୍ଡଳ (ଜିଓ ସେଣ୍ଟ୍ରିକ ମଡେଲ)ର ଅବସାନ ଘଟିଲା। ବାସ୍ତବିକ ଏକ ହଜାରରୁ ଊର୍ଦ୍ଧ୍ୱ ସମୟ ବ୍ୟାପୀ ଗଭୀର ଓ ବ୍ୟାପକ ଭାବେ ଜନସାଧାରଣଙ୍କ ମନରେ ଆସ୍ଥାନ ଜମେଇଥିଲା। ଇଜିପ୍ଟ (ରୋମାନ ସାମ୍ରାଜ୍ୟ)ରେ ଜନ୍ମିତ ଟଲେମି (୧୦୦–୧୭୦ ଖ୍ରୀଷ୍ଟାବ୍ଦ)ଙ୍କ ମତର ଏହା ବିରୋଧୀ ହୋଇଥିବାରୁ ସେତେବେଳେ ପ୍ରବଳ ବିତର୍କର ସୂତ୍ରପାତ କରିଥିଲା।

ସୌର ମଣ୍ଡଳ ସମ୍ପର୍କିତ ତତ୍ତ୍ୱର ବିକାଶ ପାଇଁ ଯେଉଁ ପ୍ରମୁଖ ବୈଜ୍ଞାନିକମାନଙ୍କର ଅବଦାନ ରହିଛି, ସେଥିପ୍ରତି ଆଲୋକପାତ କରାଯାଇପାରେ। ଏହା ଅନସ୍ୱୀକାର୍ଯ୍ୟ ଯେ, କପରନିକସ ପୂର୍ବ ପ୍ରଚଳିତ ଅଣ–ବୈଜ୍ଞାନିକ ମତକୁ ଚ୍ୟାଲେଞ୍ଜ କରି ଏକ ଅନୁକୂଳ ବାତାବରଣର ଅୟମାରମ୍ଭ କଲେ। ତା'ପରେ କ୍ରମାନ୍ୱୟରେ ନିମ୍ନ ବୈଜ୍ଞାନିକମାନେ–ଟାଇକୋ ବ୍ରାହେ (୧୫୪୬–୧୬୦୧), ଗାଲିଲିଓ ଗାଲିଲି (୧୫୬୪–୧୬୪୨), ଜାହାନସ୍ କେପଲର (୧୫୭୧–୧୬୩୦), ଆଇଜାକ୍ ନିଉଟନ୍ (୧୬୪୩–୧୭୨୭) ଏବଂ ଆଲବର୍ଟ ଆଇନଷ୍ଟାଇନ୍ (୧୮୭୯–୧୯୫୫) ଏହାର ଉତ୍ତରୋତ୍ତର ବିକାଶ କଲେ।



"ସୌର ମଣ୍ଡଳ ସମ୍ପର୍କିତ ତତ୍ତ୍ୱର ବିକାଶ ପାଇଁ ଯେଉଁ ପ୍ରମୁଖ ବୈଜ୍ଞାନିକମାନଙ୍କର ଅବଦାନ ରହିଛି, ସେଥିପ୍ରତି ଆଲୋକପାତ କରାଯାଇପାରେ। ଏହା ଅନସ୍ୱୀକାର୍ଯ୍ୟ ଯେ, କପରନିକସ ପୂର୍ବ ପ୍ରଚଳିତ ଅଣ-ବୈଜ୍ଞାନିକ ମତକୁ ଚ୍ୟାଲେଞ୍ଜ କରି ଏକ ଅନୁକୂଳ ବାତାବରଣର ଅୟମାରମ୍ଭ କଲେ। ତା'ପରେ କ୍ରମାନ୍ୱୟରେ ନିମ୍ନ ବୈଜ୍ଞାନିକମାନେ-ଟାଇକୋ ବ୍ରାହେ (୧୫୪୬-୧୬୦୧), ଗାଲିଲିଓ ଗାଲିଲି (୧୫୬୪-୧୬୪୨), ଜାହାନସ୍ କେପଲର (୧୫୭୧-୧୬୩୦), ଆଇଜାକ୍ ନିଉଟନ୍ (୧୬୪୩-୧୭୨୭) ଏବଂ ଆଲବର୍ଟ ଆଇନଷ୍ଟାଇନ୍ (୧୮୭୯-୧୯୫୫) ଏହାର ଉତ୍ତରୋତ୍ତର ବିକାଶ କଲେ।"

ଡେନ୍‌ମାର୍କର ମାନେରସ୍ଥିତ ସ୍କାନିଆଠାରେ ୧୫୪୬ ମସିହାରେ ଜ୍ୟୋତିର୍ବିଜ୍ଞାନୀ ବ୍ରାହେ ଜନ୍ମଗ୍ରହଣ କରିଥିଲେ। ସେ ଡେନମାର୍କର ରାଜା ଫ୍ରେଡେରିକ୍–୨ଙ୍କଠାରୁ ପ୍ରଚୁର ସହାୟତା ଲାଭ କରିଥିଲେ। ଗୋଟିଏ ଦ୍ୱୀପରେ ଆକାଶର ଦେବୀ ୟୁରାନିଆଙ୍କ ନାମରେ ପ୍ରାସାଦଟିଏ ନିର୍ମାଣ କରିଥିଲେ। ସେଠାରୁ ଗୋଟିଏ ପର୍ଯ୍ୟବେକ୍ଷଣାଗାର ପ୍ରସ୍ତୁତ କରି ଦୀର୍ଘ ୨୦ ବର୍ଷ ପର୍ଯ୍ୟନ୍ତ ଗ୍ରହ ନକ୍ଷତ୍ରର ଚଳନ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ହେଲେ ଦୈବାତ ରାଜାଙ୍କର ସମର୍ଥନ ଓ ଅନୁଗ୍ରହରୁ ବଞ୍ଚିତ ହେବା ପରେ ଅପମାନିତ ହୋଇ ସେ ଜର୍ମାନୀ ଚାଲିଗଲେ। ଗୋଟିଏ କମ୍ପାସ ଏବଂ ସେକ୍ସଟାଣ୍ଟ ବ୍ୟବହାର କରି ଏକ ହଜାର ନକ୍ଷତ୍ରକୁ ତାଲିକାଭୁକ୍ତ କରିପାରିଥିଲେ। ଚନ୍ଦ୍ରର କକ୍ଷରେ ଅନିୟମିତତା ସମ୍ପର୍କରେ ଜାଣିବା ସହ କାସିଓପିଆ ନାମକ ଏକ ନୂତନ ନକ୍ଷତ୍ର ଆବିଷ୍କାର କରିଥିଲେ। ସେ ଜଣାଇଥିଲେ ଯେ, ଧୂମକେତୁ (କମେଟ୍) ପୃଥିବୀର ବାୟୁମଣ୍ଡଳ ଅବସ୍ଥିତି ନୁହେଁ, କିନ୍ତୁ ବହିରାଗତ। ଏକାଧିକ ଯନ୍ତ୍ରପାତି ସେ ଉଦ୍ଭାବନ କରିଥିଲେ, ଯେଉଁଥିରେ ଟାଇକୋନିଅନ କ୍ୱାଡ୍ରେଣ୍ଟ ସର୍ବଶ୍ରେଷ୍ଠ। ଏହାକୁ ଉନ୍ନତ କରି ଅନ୍ୟ ଜ୍ୟୋତିର୍ବିଜ୍ଞାନୀମାନେ ପରବର୍ତ୍ତୀ ସମୟରେ ଖଗୋଳ ଉପରେ ଗବେଷଣା କରିଥିଲେ। ୧୬୦୦ ମସିହାରେ ସେ ସୁଯୋଗ୍ୟ କେପଲରଙ୍କୁ ନିଜ ସହାୟକ ଭାବେ ନିଯୁକ୍ତ କରିଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ପର ବର୍ଷ ବ୍ରାହେଙ୍କର ପରଲୋକ ହେଲା। କିନ୍ତୁ ଚିନ୍ତାର ବିଷୟରେ ଯେ ତାଙ୍କ ଅବର୍ତ୍ତମାନର ଅଳ୍ପ କିଛି ବର୍ଷ ମଧ୍ୟରେ ତାଙ୍କ ପ୍ରିୟ ଦ୍ୱୀପରେ ସେ ନିର୍ମାଣ କରିଥିବା ପ୍ରାସାଦ ଓ ପର୍ଯ୍ୟବେକ୍ଷଣାଗାର ଧ୍ୱଂସ ହୋଇଗଲା। ତେବେ ଅନ୍ତିମ ବେଳାରେ ସେ 'ମୁଁ ଏକ ବ୍ୟର୍ଥ ଜୀବନ ବଞ୍ଚିଛି ବୋଲି ଜଣା ନ ପଡୁ' ବୋଲି କହିଥିବା ତାଙ୍କର ସହାୟକ କେପଲରଙ୍କ ଦ୍ୱାରା ପ୍ରକାଶ। ବ୍ରାହେଙ୍କ ଅନ୍ତେ କେପଲର ହୋଲି ରୋମାନ ଏମ୍ପରେର ରୁଡୋଲଫ ଦ୍ୱିତୀୟଙ୍କ ଦ୍ୱାରା ଗାଣିତିକ ପଦବୀ ଅଳଙ୍କୃତ କଲେ।

ମାତାପିତାଙ୍କ ପ୍ରଭାବ ସନ୍ତାନର ଭବିଷ୍ୟତ ଗଠନ ପାଇଁ କେମିତି ପ୍ରେରଣା ଯୋଗାଇଥାଏ, ତାହାର ଦୃଷ୍ଟାନ୍ତ କେପଲରଙ୍କ ଜୀବନରୁ ମିଳିଥାଏ। ୧୫୭୭ରେ ତାଙ୍କୁ ମାତ୍ର ଛଅ ବର୍ଷ ହୋଇଥିବା ବେଳେ ତାଙ୍କ ମାତା ଆକାଶରେ ଦେଖାଯାଇଥିବା ଗୋଟିଏ ବିରାଟ ପୁଚ୍ଛଯୁକ୍ତ ଲଞ୍ଜାତାରା ବା ଧୂମକେତୁକୁ ନିରୀକ୍ଷଣ କରିବାକୁ କହିଲେ। ଅନ୍ୟ ଏକ ଘଟଣାରେ ୧୫୮୦ରେ ତାଙ୍କ ବାପା ଚନ୍ଦ୍ରଗ୍ରହଣର ଦୃଶ୍ୟ ଉପଭୋଗ କରିବା ପାଇଁ ନିଜ ସହ ଘର ବାହାରକୁ ନେଇଥିଲେ। କେପଲରଙ୍କ ମାନସିକତା ଅଜବ ଧରଣର ଥିଲା। ସେ ବିଶ୍ୱାସ କରୁଥିଲେ ଯେ, ନକ୍ଷତ୍ର ସମ୍ବନ୍ଧୀୟ ଅଧ୍ୟୟନ ଏକ ଧାର୍ମିକ କାର୍ଯ୍ୟ। ବାସ୍ତବରେ ଅଧ୍ୟୟନ ବୃତ୍ତି ପରେ ସେ ତଥାକଥିତ ଧର୍ମ–ଶିକ୍ଷା ପାଇଁ ଯୋଜନା କରିଥିଲେ। ସେ କପରନିକସଙ୍କ ସୌରକେନ୍ଦ୍ରିକ ଗ୍ରହ ମଣ୍ଡଳକୁ ସମର୍ଥନ କରୁଥିଲେ। ତତ୍କାଳୀନ ଏହି ନୂତନ ତତ୍ତ୍ୱରେ ଅନୁପ୍ରାଣିତ ହୋଇ ସୂର୍ଯ୍ୟ ଚାରିପଟେ ଗ୍ରହମାନଙ୍କର ଘୂର୍ଣ୍ଣନ ବ୍ୟାଖ୍ୟା କରିବା ସକାସେ ବ୍ରତୀ ହେଲେ। ୧୫୯୬ରେ କପରନିକସଙ୍କ ପ୍ରାରମ୍ଭିକ ତତ୍ତ୍ୱକୁ ଆଗେଇ ନେବା ପାଇଁ ଅହରହ ଚେଷ୍ଟିତ କେପଲର ବ୍ରାହେ ଓ ଗାଲିଲିଓଙ୍କ ସଂସ୍ପର୍ଶରେ ଆସିଥିଲେ। ୧୬୦୫ରେ ମଙ୍ଗଳ ଗ୍ରହ ସୂର୍ଯ୍ୟ ଚାରିପଟେ ଅଣ୍ଡାକାର ବା ଦୀର୍ଘ ବୃତ୍ତାକାର (ଓଭାଲ ସେପ୍) କକ୍ଷରେ ଗତିଶୀଳ ଥିବା ବିଷୟ ସର୍ବପ୍ରଥମେ ଆବିଷ୍କାର କରି 'ଦ ନ୍ୟୁ ଆଷ୍ଟ୍ରୋନୋମି' (୧୬୦୯) ପୁସ୍ତକରେ ପ୍ରକାଶ କରିଥିଲେ। ଗାଲିଲିଓଙ୍କଠାରୁ ଦୂରବୀକ୍ଷଣ ଯନ୍ତ୍ର ସମ୍ବନ୍ଧରେ ଜାଣିବା ପରେ ଏହାକୁ ଉନ୍ନତ କରି ବର୍ତ୍ତମାନ ବ୍ୟବହାର କରାଯାଉଥିବା ଆଷ୍ଟ୍ରୋନମିକାଲ ଟେଲିସ୍କୋପ ନିର୍ମାଣ କଲେ। (କ୍ରମଶଃ...)

–ବଡ଼ଖେମୁଣ୍ଡି ବଙ୍ଗଳା,
ଉତ୍କଳ ଆଶ୍ରମ ରୋଡ୍, ବ୍ରହ୍ମପୁର
ମୋ: ୯୦୭୮୭୪୩୮୪୩

## ଯନ୍ତ୍ରଣା ଲାଘବ କରିବ ହେଙ୍ଗୁ



ହେଙ୍ଗୁରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଆମ ସ୍ୱାସ୍ଥ୍ୟ ପାଇଁ ଏହାର ମହତ୍ତ୍ୱ ମଧ୍ୟ ଅଛି। ଶରୀରର ବାହ୍ୟ ଅଙ୍ଗରେ ଯନ୍ତ୍ରଣା ହେଉଥିଲେ ପାଣିରେ ଅଳ୍ପ ହେଙ୍ଗୁ ମିଶାଇ ସେହି ସ୍ଥାନରେ ମାଲିସ କରନ୍ତୁ। ଏହାଦ୍ୱାରା ସେଥିରୁ କେତେକାଂଶରେ ଉପଶମ ମିଳିଥାଏ। ଖାସ୍ କଥା ହେଲା ନିୟମିତ ହେଙ୍ଗୁ ଖାଇଲେ ଶରୀରରେ ଶର୍କରା ପରିମାଣ ସନ୍ତୁଳିତ ରହିଥାଏ। ଅଳ୍ପ ପାଣିରେ ଚିମୁଟାଏ ହେଙ୍ଗୁ ଏବଂ ଅଳ୍ପ ଖାଇବା ସୋଡ଼ା ମିଶାଇ ପିଇଲେ କଫଜନିତ ସମସ୍ୟା ଦୂର ହୋଇଥାଏ। ଦାନ୍ତ ଦରଜ ଏବଂ ବିନ୍ଧାରୁ ହେଙ୍ଗୁ କେତେକାଂଶରେ ଉପଶମ ଦେଇଥାଏ। ଏସିଡିଟିରୁ ହେଙ୍ଗୁ କେତେକାଂଶରେ ଆରାମ ଦେଇଥାଏ। ହେଙ୍ଗୁରେ ଆଣ୍ଟିଅକ୍ସିଡାଣ୍ଟ ଭରି ରହିଛି। ଏହାକୁ ଖାଇଲେ ତାହା ମୁଣ୍ଡବିନ୍ଧାରୁ କେତେକାଂଶରେ ଆରାମ ଦେଇଥାଏ। ଏହା ଶରୀରରେ ମେଟାବୋଲିଜିମ ଏବଂ କୋଲେଷ୍ଟରଲ ସ୍ତରକୁ ସନ୍ତୁଳିତ ରଖେ। ହେଙ୍ଗୁ ମଧ୍ୟ ଓଜନ କମାଇବାରେ ସହାୟକ ହୋଇଥାଏ।

## ଚକ୍ଷୁ ସମସ୍ୟା ସୃଷ୍ଟି କରିପାରେ ଧୂମପାନ



ଧୂମପାନ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ତାହା ପ୍ରାୟ ଅନେକେ ଜାଣନ୍ତି। ଏଭଳି ଅଭ୍ୟାସ କେତେକ ରୋଗକୁ ତ ଡାକି ଆଣିଥାଏ, ତା'ସହ ଅକାଳରେ ମୃତ୍ୟୁର ଆଶଙ୍କା ମଧ୍ୟ ରହିଛି। ଧୂମପାନ ସମୟରେ ସିଗାରେଟ୍, ବିଡ଼ି ଆଦିରୁ ନିର୍ଗତ ଧୂଆଁ ଆଖି ପାଇଁ କ୍ଷତିକାରକ । ଏଭଳି ଧୂଆଁ ସଂସ୍ପର୍ଶରେ ଆସିବା ଦ୍ୱାରା ଚକ୍ଷୁଜନିତ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି ବୋଲି ବର୍ଲିନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ନିୟମିତ ଧୂମପାନ କରୁଥିବା କିଛି ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରିବା ଦ୍ୱାରା ଏକଥା ଜଣାପଡିଛି। ଏହି ଧୂଆଁରେ ଅନେକ ପ୍ରକାର ବିଷାକ୍ତ ତତ୍ତ୍ୱ ଭରି ରହିଛି। ଏହି ଧୂଆଁ ଦୃଷ୍ଟିଶକ୍ତିକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି।

## ଥଣ୍ଡା ପରିବେଶରେ ତରଳିବ ବରଫ



ସାଧାରଣତଃ ଗରମ ସଂସ୍ପର୍ଶରେ ଆସିଲେ ବରଫ ତରଳିଥାଏ। କିନ୍ତୁ ପରିବେଶ ଥଣ୍ଡା ଥିଲେ ମଧ୍ୟ ଏହାକୁ ତରଳାଯାଇପାରିବ। ଏଭଳି ଚେଷ୍ଟା କରି ସଫଳ ହୋଇଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ସେମାନେ ବାଲି, ଗୋଡ଼ି ଏବଂ ସିମେଣ୍ଟକୁ ନେଇ ଏଭଳି ଏକ କଂକ୍ରିଟ ପ୍ରସ୍ତୁତ କରିଛନ୍ତି ଯାହା ସଂସ୍ପର୍ଶରେ ଆସିବା ମାତ୍ରେ ବରଫ ତରଳିଯିବ। ଖାସ୍ କଥା ହେଲା, ଏହି କଂକ୍ରିଟ ବିଦ୍ୟୁତ ସୁପରିବାହୀ। ଏଥିରେ ବିଦ୍ୟୁତ ସଂଯୋଗ କରି ବରଫ ପାଖରେ ରଖିଦେଲେ ପରିବେଶ ଯେତେ ଥଣ୍ଡା ଥିଲେ ମଧ୍ୟ ତାହା ତରଳିଯିବ। କିନ୍ତୁ ଏହି କରେଣ୍ଟ ମନୁଷ୍ୟ କିମ୍ବା ପ୍ରାଣୀଙ୍କ ପାଇଁ ଆଦୌ ବିପଜ୍ଜନକ ନୁହେଁ ବୋଲି ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବିଶେଷଭାବରେ ଶୀତଦିନେ ବରଫ ଦ୍ୱାରା ଆଚ୍ଛାଦିତ ରାସ୍ତାଗୁଡ଼ିକୁ ଏପରି ପ୍ରଣାଳୀରେ ସଫା କରାଯାଇପାରିବ। ଏହାକୁ ପରୀକ୍ଷା କରାଯାଇ ସେଥିରୁ ସଫଳତା ମିଳିଛି ଏବଂ ଶୀତପ୍ରଧାନ ଦେଶରେ ରାସ୍ତା ଏଭଳି କଂକ୍ରିଟରେ ପ୍ରସ୍ତୁତ କଲେ କିଛି ଅସୁବିଧା ନାହିଁ ବୋଲି ରିପୋର୍ଟରୁ ଜଣାପଡ଼ିଛି।

## ଜଗିଙ୍ଗ କରୁଥିଲେ..



ବର୍ତ୍ତମାନର ଧାଁ ଧପଡ ଜୀବନରେ ନିଜ ଫିଟ୍‌ନେସ ପ୍ରତି ସତର୍କ ରହିବା ନିହାତି ଜରୁରୀ। ଆଜିକାଲି ଅନେକେ ପ୍ରତିଦିନ ବ୍ୟାୟାମକୁ ନିଜ ଦୈନନ୍ଦିନ ରୁଟିନ୍‌ରେ ସାମିଲ କରିସାରିଛନ୍ତି। ଯଦି ଆପଣ ଜଗିଙ୍ଗ କରୁଛନ୍ତି ତା'ହେଲେ କେତୋଟି କଥା ପ୍ରତି ଧ୍ୟାନ ଦେବା ଦରକାର। ପ୍ରତିଦିନ ସକାଳେ ହେଉ କି ସନ୍ଧ୍ୟାରେ ଅତିକମ୍‌ରେ ୧୫–୩୦ ମିନିଟ୍ ଜଗିଙ୍ଗ କରନ୍ତୁ। ନିୟମିତ ଜଗିଙ୍ଗ କରିବା ଦ୍ୱାରା ଆମ ଶରୀରକୁ ଫ୍ରେଶ୍ ଅମ୍ଳଜାନ ମିଳିଥାଏ। ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ, ଏହାଦ୍ୱାରା ଆମେ ନିଜକୁ କେତେକାଂଶରେ ଅବସାଦ ଏବଂ ଟେନସନଠାରୁ ଦୂରେଇ ରଖିପାରିବା। ପ୍ରତିଦିନ ଜଗିଙ୍ଗ କରିବା ଦ୍ୱାରା ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ପୂର୍ବାପେକ୍ଷା ଆହୁରି ଦୃଢ଼ ହୋଇଥାଏ। ବିଶେଷଭାବରେ ଡାଇବେଟିସ୍ ସମସ୍ୟା ସହ ଜଡିତ ବ୍ୟକ୍ତି ନିୟମିତ ଜଗିଙ୍ଗ କରିବା ସେମାନଙ୍କ ପାଇଁ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ସବୁଠାରୁ ଖାସ୍ କଥା ହେଲା, ଏହାଦ୍ୱାରା ରକ୍ତ ସଞ୍ଚାଳନ ଆହୁରି ସକ୍ରିୟ ହୋଇଥାଏ। ଏପରି ଅଭ୍ୟାସ ଦ୍ୱାରା ଜଣେ ନିଜକୁ ହାର୍ଟ ଆଟାକ ଏବଂ ଷ୍ଟ୍ରୋକ୍ ପରି ସମସ୍ୟାଠାରୁ କେତେକାଂଶରେ ଦୂରେଇ ରଖିପାରିବ। ଆଜିକାଲି ମେଦବହୁଳତା ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ନିୟମିତ ଜଗିଙ୍ଗ କଲେ ଓଜନ ଅନେକାଂଶରେ ସନ୍ତୁଳିତ ରହିଥାଏ। ତେବେ ସବୁବେଳେ ପ୍ରଦୂଷଣମୁକ୍ତ ପରିବେଶରେ ଜଗିଙ୍ଗ କରନ୍ତୁ। ଯଦି ଏହାକୁ ନେଇ ମନରେ କିଛି ସନ୍ଦେହ ଅଛି, ତେବେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ଆଲୋଚନା କରନ୍ତୁ। ଅସୁସ୍ଥ ଥିଲେ ଜଗିଙ୍ଗ ନ କରିବା ଭଲ।

## ସ୍ୱାସ୍ଥ୍ୟ ସୂଚନା

➤ତଳେ ବସିବା ଏବଂ ଉଠିବା ଏକ ଭଲ ବ୍ୟାୟାମ। ହେଲେ ଉଠିବା ସମୟରେ ଏଭଳି ପୋଜ୍‌ରେ ଉଠନ୍ତୁ ଯେପରି ତାହାର ପ୍ରଭାବ ଅଣ୍ଠା ଉପରେ ପଡ଼ିବ ନାହିଁ।



➤ଖାଇବା ସମୟରେ ଟେନ୍‌ସନରେ ରୁହନ୍ତୁ ନାହିଁ କି କଥାବାର୍ତ୍ତା କରନ୍ତୁ ନାହିଁ। ଖାଦ୍ୟ ଉପରେ ଧ୍ୟାନ କେନ୍ଦ୍ରିତ ହେଲେ ତାହା ହଜମ କ୍ରିୟାକୁ ସକ୍ରିୟ କରାଇଥାଏ ବୋଲି ଲଣ୍ଡନ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀମାନେ ମତ ଦେଇଛନ୍ତି।

➤ଯଦି ଅଫିସରେ କାମ କରୁଛନ୍ତି ଏବଂ ଫୋନ୍‌କଲ୍‌ଆସିଲା ତେବେଟିକେବୁଲାଚଲା କରି ଫୋନ୍‌ରେ କଥା ହୁଅନ୍ତୁ। ଏହା ଏକ ହାଲୁକା ଏକ୍ସରସାଇଜର କାମ କରିଥାଏ।

➤ନିୟମିତ ସମୟ ବ୍ୟବଧାନରେ ନିଜର ଓଜନ ମାପି ନିଅନ୍ତୁ। ଯଦି ଓଜନ ବଢୁଛି ବୋଲି ଜାଣିପାରିଲେ ତେବେ ଆରମ୍ଭରୁ ଏ ନେଇ ସଚେତନ ରହିଲେ ପରବର୍ତ୍ତୀ ସମୟରେ ମେଦବହୁଳତା ପରି ସମସ୍ୟାର ସାମନା କରିବା ଆଶଙ୍କା କମ୍ ରହିବ।

➤ପ୍ରତିଦିନ ଅତିକମ୍‌ରେ ୬–୭ ଘଣ୍ଟା ଶୁଅନ୍ତୁ। ଏହାଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ।

# ଭୋପାଳ ଗ୍ୟାସ ଦୁର୍ଘଟଣା

(ଶେଷ ଭାଗ)

**ସୂତ୍ରପାତ ଓ ଅଗ୍ରଗତି:** ୧୯୮୪ ମସିହା ଅକ୍ଟୋବର ମାସରେ ଜଣାପଡ଼ିଥିଲା ଯେ, ତିନୋଟି ଟାଙ୍କି ମଧ୍ୟରୁ ଗୋଟିଏ ଟାଙ୍କି ଉଚ୍ଚ ଚାପଯୁକ୍ତ ନାଇଟ୍ରୋଜେନ୍ ଗ୍ୟାସ୍‌କୁ ଧାରଣ କରିବାକୁ ସକ୍ଷମ ହେଉନାହିଁ। ଫଳରେ ଏହି ଟାଙ୍କି ମଧ୍ୟରୁ ଜଳୀୟବାଷ୍ପ ତଥା ଅନ୍ୟ ଅଶୁଦ୍ଧ (Impurity) ପଦାର୍ଥକୁ ଫଳପ୍ରଦ ରୂପେ ପଦାକୁ ସ୍ଥାନାନ୍ତରିତ କରାଯାଇ ପାରୁନାହିଁ। ୧୯୮୪ ମସିହା ଡିସେମ୍ବର ମାସ ସୁଦ୍ଧା କାରଖାନାର ଅଧିକାଂଶ ସୁରକ୍ଷା ବ୍ୟବସ୍ଥା, ଭାଲଭ ତଥା ପାଇପ୍ ଠିକ୍ ରୂପେ କାର୍ଯ୍ୟ କରୁନଥିଲା। ଡିସେମ୍ବର ୨ ତାରିଖ ଦିନ ସନ୍ଧ୍ୟାରେ ଶ୍ରମିକମାନେ ଏହି ଟାଙ୍କି ସହିତ ସଂଯୁକ୍ତ ପାର୍ଶ୍ୱସ୍ଥ ଏକ ରୁଦ୍ଧ ପାଇପକୁ ପାଣି ଦ୍ୱାରା ସଫା କରିବା ପାଇଁ ଚେଷ୍ଟା କରିଥିଲେ। ସେଥିରୁ ପାଣି କୌଣସିମତେ ଯାଇ ଉକ୍ତ ଟାଙ୍କିରେ ପ୍ରବେଶ କରିଥିଲା। ସେହି ସମୟରେ ଏହି ଟାଙ୍କିରେ ସମୁଦାୟ ୪୨ ଟନ୍ ମିଥାଇଲ୍ ଆଇସୋସ୍ୟାନେଟ୍ ଗ୍ୟାସ୍ ମହଜୁଦ ରହିଥିଲା। ଫଳରେ ମିଥାଇଲ୍ ଆଇସୋସ୍ୟାନେଟ୍ ଗ୍ୟାସ୍ ସହିତ ପାଣିର ଏକ ବିସ୍ଫୋରକ ରାସାୟନିକ ପ୍ରତିକ୍ରିୟା ସଂଘଟିତ ହୋଇଥିଲା ଯାହା ଅନ୍ୟ କିଛି କାରକ ଯଥା କଳଙ୍କି ଲାଗିଥିବା ପାଇପ୍‌ରୁ ଝଡୁଥିବା ଲୁହାଗୁଣ୍ଡ ତଥା ବିଭିନ୍ନ ଅଶୁଦ୍ଧ ପଦାର୍ଥର ଉପସ୍ଥିତି ଯୋଗୁଁ ତ୍ୱରାନ୍ୱିତ ହୋଇଥିଲା। ଏହି ପ୍ରତିକ୍ରିୟାରୁ ପ୍ରଚୁର ତାପ ନିର୍ଗତ ହୋଇଥିଲା। ଟାଙ୍କିର ଗ୍ୟାସ୍ ଚାପର ମୂଲ୍ୟ ରାତ୍ରି ୧୦.୩୦ ସମୟରେ ମାତ୍ର ୨ PSI ଥିଲାବେଳେ ୧୧.୩୦ ସମୟ ବେଳକୁ ବଢ଼ି ପାଇ ୧୦ PSI ମୂଲ୍ୟରେ ପହଞ୍ଚିଥିଲା। ୧୨.୪୫ ସମୟ ମଧ୍ୟରେ ଟାଙ୍କିର ଅବସ୍ଥା ଚରମ ସୀମାରେ ପହଞ୍ଚି ଗ୍ୟାସ୍ ଚାପର ମୂଲ୍ୟ ଆଶାତୀତ ଭାବେ ୪୦ PSI ଏବଂ ପରେ ୫୦ PSI କୁ ଟପି ଯାଇଥିଲା, ଯାହା ନିରାପଦ ମୂଲ୍ୟଠାରୁ ଥିଲା ଯଥେଷ୍ଟ ଅଧିକ। ତାପମାତ୍ରା ମଧ୍ୟ ବିପଜ୍ଜନକ ଭାବେ ୨୫୦ ସେଲସିୟସ୍ ସ୍ଥିତିରେ ପହଞ୍ଚି ଯାଇଥିଲା। ଏହି ଉଚ୍ଚ ଚାପକୁ ସହ୍ୟ କରିବା ଦୁର୍ବଳ ଟାଙ୍କି ପକ୍ଷରେ ସମ୍ଭବପର ନଥିଲା। ଫଳରେ ଟାଙ୍କିର କଂକ୍ରିଟ୍ ସ୍ଲାବ୍ ଫାଟି ଗ୍ୟାସ୍ ପ୍ରବଳ ବେଗରେ ପଦାକୁ ନିର୍ଗତ ହୋଇଥିଲା ଓ



ସଙ୍ଗେସଙ୍ଗେ ଘନ ବାଦଲ ଆକାରରେ ଆଖପାଖରେ ଘୋଟି ଯାଇଥିଲା। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ କାରଖାନାର ନିମ୍ନୋକ୍ତ ତିନୋଟି ସୁରକ୍ଷା ବ୍ୟବସ୍ଥା ସୂଚାରୁ ରୂପେ କାର୍ଯ୍ୟ କରୁ ନ ଥିବାରୁ ବିଷାକ୍ତ ଗ୍ୟାସ୍ ନିର୍ଗମନର ମାତ୍ରାକୁ ନିୟନ୍ତ୍ରଣ କରାଯାଇ ପାରିନଥିଲା। କାରଖାନାରେ ଭଣ୍ଡାରଣ ଟାଙ୍କିର ତାପମାତ୍ରାକୁ ନିୟନ୍ତ୍ରଣ ରଖିବା ପାଇଁ ଏକ ଶୀତଳକ ରେଫ୍ରିଜରେସନ୍ ବ୍ୟବସ୍ଥା ୧୯୮୨ ମସିହାରୁ ଅକାମୀ ହୋଇ ପଡ଼ିଥିଲା ଓ ପରବର୍ତ୍ତୀ ୧୯୮୪ ମସିହାରେ ଶୀତଳକ ପଦାର୍ଥ ରୂପେ ବ୍ୟବହାର କରାଯାଉଥିବା ଫ୍ରିୟନ୍ ପଦାର୍ଥକୁ ସମ୍ପୂର୍ଣ୍ଣ ରୂପେ ସ୍ଥାନାନ୍ତରିତ କରି ଅନ୍ୟତ୍ର ବିନିଯୋଗ କରାଯାଇଥିଲା। ଆହୁରି ମଧ୍ୟ ଉଚ୍ଚ ତାପମାତ୍ରାରେ ସକ୍ରିୟ ହେଉଥିବା କାରଖାନାର ସତର୍କଘଣ୍ଟି ବ୍ୟବସ୍ଥା (ଯାହା ୧୧୦ ସେଲସିୟସ୍ ତାପମାତ୍ରାରେ ବାଜିଉଠିବା କଥା)କୁ ବହୁ ଦିନ ପୂର୍ବରୁ କାଢ଼ି ନିଆଯାଇଥିଲା। ଫଳରେ ତାପମାତ୍ରା ୧୫୦ ରୁ ୨୫୦ ମୂଲ୍ୟରେ ପହଞ୍ଚି ନିରାପଦ ସୀମା ବାହାରକୁ ଚାଲି ଯାଇଥିଲେ ସୁଦ୍ଧା ଏହି ସତର୍କଘଣ୍ଟି ବାଜି ନଥିଲା।

ଟାଙ୍କିରୁ ଅଜାଣତ ବଶତଃ ନିର୍ଗତ ବିଷାକ୍ତ ମିଥାଇଲ୍ ଆଇସୋସ୍ୟାନେଟ୍ ଗ୍ୟାସକୁ ପୋଡ଼ି ନିଷ୍କ୍ରିୟ କରିଦେବା ନିମନ୍ତେ କାରଖାନାରେ ଏକ ଗ୍ୟାସ୍ ପ୍ରଜ୍ୱଳନ ସ୍ତମ୍ଭ (Flare Tower)ର ବ୍ୟବସ୍ଥା ଥିଲା। ମାତ୍ର ଏହାର ଗୋଟିଏ ପାଇପ୍ ଫାଟି ଯାଇଥିବାରୁ ଏହି ବ୍ୟବସ୍ଥା ବହୁ ଆଗରୁ ଅକାମୀ ହୋଇଯାଇଥିଲା। ଟାଙ୍କିର ଲିକ୍‌କୁ ତୁରନ୍ତ ସିଲ୍ କରିବା ପାଇଁ ଏକ ସୁରକ୍ଷା ବ୍ୟବସ୍ଥା (Vent Gas Scrubber) ଥିଲା ଯାହା ସାଧାରଣତଃ ଚୂନ ଭଳି ଏକ ପଦାର୍ଥ 'କଷ୍ଟିକ୍ ସୋଡ଼ା'କୁ ବ୍ୟବହାର କରି ଆବଶ୍ୟକୀୟ ମରାମତି କାର୍ଯ୍ୟ ସମ୍ପାଦନ କରୁଥିଲା। ମାତ୍ର ଘଟଣା ସମୟରେ ଏହି ବ୍ୟବସ୍ଥାକୁ ସୁପ୍ତ ଅବସ୍ଥାରେ ରଖାଯାଇଥିଲା ଏବଂ ଆହୁରି ମଧ୍ୟ ଏହି ବ୍ୟବସ୍ଥାରେ ନିର୍ଗତ ଗ୍ୟାସ୍‌ର ବିଶାଳ ଉତ୍ସକୁ ପ୍ରତିହତ କରିବା ପାଇଁ ଆବଶ୍ୟକ ମାତ୍ରାରେ କଷ୍ଟିକ୍ ସୋଡ଼ା ପଦାର୍ଥ ଉପଲବ୍ଧ ନଥିଲା।

ଇତିମଧ୍ୟରେ ଦୀର୍ଘ ୩୮ ବର୍ଷ ବିତି ଯାଇଥିଲେ ସୁଦ୍ଧା ଏବେବି ଏହି ଗ୍ୟାସ୍ ଦୁର୍ଘଟଣାର କ୍ଷତ ଭୋପାଳବାସୀଙ୍କ ମନରୁ ଲିଭି ନାହିଁ। ଏବେବି ବହୁ ଲୋକ ବଞ୍ଚିଛନ୍ତି ଯେଉଁମାନେ ସେଦିନର ସେହି ମର୍ମନ୍ତୁଦ ଘଟଣା ସ୍ୱଚକ୍ଷୁରେ ଦେଖିଛନ୍ତି ଓ ବିଷାକ୍ତ ଗ୍ୟାସ୍‌ର ସଂସ୍ପର୍ଶରେ ଆସିଛନ୍ତି। ଗ୍ୟାସ୍‌ର ପ୍ରଭାବରେ ଏବେବି ସେଠାକାର ମୃତ୍ତିକା ଓ ଭୂତଳ ଜଳ ବିଷାକ୍ତ ପାଲଟିଯାଇଛି। ଏବେବି ବଞ୍ଚିଯାଇଥିବା କିଛି ଲୋକଙ୍କର ଶିଶୁ ବିକଳାଙ୍ଗ କିମ୍ବା ମାନସିକ ଅନଗ୍ରସର ହୋଇ ଜନ୍ମ ହେଉଛନ୍ତି।

**–ନିକୁଞ୍ଜ ବିହାରୀ ସାହୁ,** ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୦୧୮୭୦୮୮୫୮

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କାମ କର ନଚେତ୍ ଅନ୍ୟଙ୍କୁ ବାଟ ଛାଡ଼

■ଦଳୀୟ ନେତାଙ୍କୁ ଖାର୍ଗେଙ୍କ କଡ଼ା ବାର୍ତ୍ତା

■ଫେବୃୟାରୀରେ କଂଗ୍ରେସ ଅଧିବେଶନ

ନୂଆଦିଲ୍ଲୀ,୪।୧୨(ପି.ଟି.)

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅଧ୍ୟକ୍ଷତାରେ ରବିବାର ଦଳ ଷ୍ଟିୟରିଂ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ନେତାମାନେ ଦଳ ପାଇଁ କାମ କରନ୍ତୁ, ନହେଲେ ଅନ୍ୟମାନଙ୍କୁ ବାଟ ଛାଡ଼ିଦିଅନ୍ତୁ ବୋଲି ଖାର୍ଗେ ବୈଠକରେ କଡ଼ା ବାର୍ତ୍ତା ଦେଇଛନ୍ତି। ସେହିପରି ଉପରୁ ତଳ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକର୍ତ୍ତା ଉତ୍ତରଦାୟୀ ରହିବା ଉପରେ ଦଳ ଅଧ୍ୟକ୍ଷ ଗୁରୁତ୍ୱାରୋପ କରିଛନ୍ତି। ଦଳର ଅଧିବେଶନ ଫେବୃୟାରୀ ମଧ୍ୟଭାଗରେ ଛତିଶଗଡ଼ର ରାୟପୁରରେ ଅନୁଷ୍ଠିତ ହେବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଛି।

କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ଜାନୁୟାରୀ ୨୬ରେ ଶେଷ ହେବାକୁ ଥିବାବେଳେ ଲୋକଙ୍କ ସହ ଯୋଡ଼ିହୋଇ ରହିବା ଲାଗି ମାର୍ଚ୍ଚ ୨୬ ପର୍ଯ୍ୟନ୍ତ 'ହାତରେ ହାତ ଯୋଡ଼' ଅଭିଯାନ ଚାଲିବ। ଏହି ସମୟରେ ଗାଁରୁ ବ୍ଲକ୍ ଏବଂ ଜିଲା ସ୍ତର ପର୍ଯ୍ୟନ୍ତ ପଦଯାତ୍ରା ହୋଇ ରାଜ୍ୟ ମୁଖ୍ୟାଳୟରେ ସାଧାରଣ ସଭାରେ ଶେଷ ହେବ। ଏହି ଯାତ୍ରାରେ ମୁଖ୍ୟ ବାର୍ତ୍ତା ରାହୁଲ ଗାନ୍ଧୀ ଦେବାକୁ ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଅଭିଯୋଗ ପତ୍ର ଦିଆଯିବ। ଏଥିସହିତ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ନେତୃତ୍ୱରେ ସାରା ଦେଶରେ ମହିଳା କଂଗ୍ରେସ କର୍ମୀମାନେ ରାଜ୍ୟସ୍ତରରେ ଶୋଭାଯାତ୍ରା କରିବେ।




ପ୍ରାରମ୍ଭିକ ଉଦ୍‌ବୋଧନରେ ଖାର୍ଗେ ସାଂଗଠନିକ ଉତ୍ତରଦାୟିତ୍ୱ ଉପରେ ଗୁରୁତ୍ୱ ଦେଇଛନ୍ତି। ଦଳର ପ୍ରଭାରୀମାନେ ମାସକୁ ଅନ୍ୟୂନ ୧୦ ଦିନ ସେମାନଙ୍କ ଦାୟିତ୍ୱରେ ଥିବା ରାଜ୍ୟ ଗସ୍ତ କରିବାକୁ କୁହାଯାଇଛି। ଜନ ଆନ୍ଦୋଳନ ଆୟୋଜନ କରି ଲୋକଙ୍କ ପ୍ରସଙ୍ଗ ଉଠାଇବା ନିମନ୍ତେ ୩୦ରୁ ୯୦ ଦିନ ମଧ୍ୟରେ କାର୍ଯ୍ୟଖସଡ଼ା ଦାଖଲ ନିମନ୍ତେ ଖାର୍ଗେ ରାଜ୍ୟ ପ୍ରଭାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୪ରେ ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକ ପାଇଁ ଯୋଜନାବଦ୍ଧ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ କଂଗ୍ରେସ ଅଧ୍ୟକ୍ଷ ପରାମର୍ଶ ଦେଇଛନ୍ତି।

# ଏଆଇଏଡିଏମ୍‌କେରେ ଫାଟ ବଢୁଛି



ଓ. ପିନୀରସେଲଭାମ୍



ଏଡାପାଡି ପାଲାନିସ୍ୱାମୀ

## ଜୟଲଲିଥାଙ୍କର ଶ୍ରାଦ୍ଧବାର୍ଷିକୀରେ ଅଲଗା ରାଲି ଯୋଜନା

ଚେନ୍ନାଇ,୪।୧୨

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ. ଜୟଲଲିଥାଙ୍କର ଷଷ୍ଠ ଶ୍ରାଦ୍ଧବାର୍ଷିକୀ ସୋମବାର ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏଆଇଏଡିଏମ୍‌କେରେ ଗୋଷ୍ଠୀ ବିବାଦ ବଢୁଥିବା ପୁନର୍ବାର ପଦାରେ ପଡ଼ିଛି। ଓ. ପିନୀରସେଲଭାମ୍ ସୋମବାର ଚେପକ୍ ଗେଷ୍ଟହାଉସ୍‌ରୁ ଜୟଲଲିଥାଙ୍କ ସ୍ମାରକୀ ପର୍ଯ୍ୟନ୍ତ ରାଲି ବାହାର କରି ସେଠାରେ ସମର୍ଥକମାନଙ୍କୁ ଶପଥ ଗ୍ରହଣ ଲାଗି ଯୋଜନା ପ୍ରସ୍ତୁତ କରିଥିବାବେଳେ ଏଏମ୍‌ଏମ୍‌କେ ମୁଖ୍ୟ ଟି.ଟି.ଭି. ଦିନାକରନ ଆନ୍ନା ଷ୍ଟାଚ୍ୟୁଠାରୁ ରାଲି ବାହାର କରିବେ ଏବଂ ଭି.କେ. ଶଶୀକଳା ଅଲଗା ଯାଇ ଜୟଲଲିଥାଙ୍କ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ। ତେବେ କୌଣସି ରାଲିକୁ ପୋଲିସ ଏପର୍ଯ୍ୟନ୍ତ ଅନୁମତି ଦେଇନାହିଁ। ଅନ୍ୟ ପକ୍ଷରେ ବିଦ୍ରୋହୀ ଏଡାପାଡି ପାଲାନିସ୍ୱାମୀ (ଇପିଏସ୍) ତାଙ୍କ ସମର୍ଥକମାନଙ୍କ ସହ ଅଲଗା ଯାଇ ଶପଥ ପାଠ କରିବେ ବୋଲି ସୂଚନା ମିଳିଛି। ଏଆଇଏଡିଏମ୍‌କେରେ ନେତୃତ୍ୱକୁ ନେଇ ବିବାଦ ଜାରି ରହିଛି। ମାଡ୍ରାସ ହାଇକୋର୍ଟ ଇପିଏସ୍‌ଙ୍କ ନେତୃତ୍ୱ ସପକ୍ଷରେ ରାୟ ଦେଇଥିବାବେଳେ ଓପିଏସ୍ ଗୋଷ୍ଠୀ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସର୍ବୋଚ୍ଚ ଅଦାଲତରେ ପିଟିଶନ ଶୁଣାଣି ପୂର୍ବରୁ ଦଳରେ ଗୋଷ୍ଠୀ ବିବାଦ ପୁଣିଥରେ ତୀବ୍ର ହୋଇଥିବା ସ୍ପଷ୍ଟ ହୋଇଛି। ତେବେ ଦଳରେ ଫାଟ ନାହିଁ ବୋଲି ପୂର୍ବତନ ମନ୍ତ୍ରୀ ଡି. ଜୟକୁମାର କହିଛନ୍ତି। ଦଳକୁ କ୍ଷତି ପହଞ୍ଚାଇବା ପାଇଁ ଯେଉଁ କେତେଜଣ ଡିଏମ୍‌କେ ସହ ଚୁକ୍ତି କରିଥିଲେ ସେମାନଙ୍କୁ ବିଦା କରାଯାଇଥିବା ସେ କହିଛନ୍ତି। ପୂର୍ବରୁ ବରିଷ୍ଠ ନେତାଙ୍କ ଉପରେ ଆକ୍ରମଣ ହୋଇଥିବାରୁ ଇପିଏସ୍ ଗୋଷ୍ଠୀ ସୋମବାର କାର୍ଯ୍ୟକ୍ରମ ଲାଗି ପୋଲିସ ସୁରକ୍ଷା ଲୋଡ଼ିଛନ୍ତି। ଗତବର୍ଷ ଜୟଲଲିଥାଙ୍କ ଶ୍ରାଦ୍ଧବାର୍ଷିକୀକୁ ପୋଲିସ ବିଗାଡ଼ିଦେଇଥିଲା ବୋଲି ଏଆଇଏଡିଏମ୍‌କେ ଏବଂ ଏଏମ୍‌ଏମ୍‌କେ କାର୍ଯ୍ୟକର୍ତ୍ତାମାନେ ଅଭିଯୋଗ କରିଥିଲେ। ଏଥର ମାରିନା ବେଳାଭୂମିରେ ଶ୍ରାଦ୍ଧବାର୍ଷିକୀ ପାଳନ ବେଳେ ନେତାମାନଙ୍କୁ କଳା ଶାର୍ଟ ପିନ୍ଧି ରାଲିରେ ସାମିଲ ହେବାକୁ କୁହାଯାଇଛି।



ପଦ୍ମପୁର ଉପନିର୍ବାଚନ ପରିପ୍ରେକ୍ଷୀରେ ବରଗଡ଼ ଜିଲା ପାଇକମାଳ ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ପିଙ୍କ୍ ବୁଥ୍‌ରେ ରବିବାର କେନ୍ଦ୍ରୀୟ ସୁରକ୍ଷା ବଳ ପଇଁତରା ମାରୁଛନ୍ତି।

# ପୂର୍ବତନ ଭାଜପା ବିଧାୟକ ଅଟକ

## ଟଙ୍କା ବାଣ୍ଟିବା ଅଭିଯୋଗ ହୋଇଥିଲା

ପଦ୍ମପୁର ୪।୧୨(ଡିଏନ ଏ)

ପଦ୍ମପୁର ଉପନିର୍ବାଚନ ପାଇଁ ପ୍ରଚାର ଶେଷ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ଅନ୍ୟ ଜିଲାରୁ ଆସିଥିବା ରାଜନୈତିକ ଅତିଥି, ପ୍ରଚାରକଙ୍କୁ ଶନିବାର ଅପରାହ୍ନ ୪ଟା ସୁଦ୍ଧା ପଦ୍ମପୁର ଅଞ୍ଚଳ ଛାଡିବାକୁ ନିର୍ଦ୍ଦେଶନାମା ଦିଆଯାଇଥିଲା। ତଦନୁସାରେ ବହୁ ରାଜନୈତିକ ବ୍ୟକ୍ତି ପଦ୍ମପୁର ଛାଡି ଚାଲିଯାଇଥିଲେ। ତେବେ ଜୁନାଗଡର ପୂର୍ବତନ ବିଧାୟକ ହିମାଂଶୁ ଶେଖର ମେହେର ରବିବାର ଲଖମରାଠାରେ ଥିବା ଖବର ପାଇ କେତେକ ଯୁବକ ସେଠାରେ ପହଞ୍ଚିଥିଲେ। ପ୍ରଶାସନର ଆଦେଶକୁ ବେଖାତିର କରିଥିବାରୁ ଉକ୍ତ ଯୁବକ ଏବଂ ମେହେରଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ଜଗଦଲପୁର ଥାନାଧିକାରୀ ସୁଷମା କୁଅଁର ସଦଳବଳ ପହଞ୍ଚି ପୂର୍ବତନ ବିଧାୟକ ମେହେରଙ୍କୁ ଥାନାକୁ ନେଇଯାଇଥିଲେ। ସେଠାରେ ସମସ୍ତ କାଗଜପତ୍ର ଯାଞ୍ଚ ପରେ ଏକ ଚୁକ୍ତିପତ୍ର ସ୍ୱାକ୍ଷର କରି ତାଙ୍କୁ ଛାଡି ଦିଆଯାଇଥିଲା। ସେହିପରି ସରେଇକେଲାରେ କେତେକ ରାଜନେତାଙ୍କ ଉପସ୍ଥିତି ପରିବେଶକୁ ଉଷ୍ମ କରିଥିଲା। ସେମାନଙ୍କୁ ମଧ୍ୟ ଥାନାରେ ଚୁକ୍ତିପତ୍ର ଲେଖି ଅଞ୍ଚଳରେ ନ ରହିବାକୁ ସତର୍କ କରାଯାଇଥିଲା। ସରେଇକେଲାରେ ବିଜେଡି କର୍ମୀ ଟଙ୍କା ବାଣ୍ଟିବା ନେଇ ଭାଜପା ଅଭିଯୋଗ କରିଥିବାବେଳେ ବିଜେଡି ମଧ୍ୟ ଅନୁରୂପ ଅଭିଯୋଗ କରିଛି। ଲଖମରାକୁ ପୂର୍ବତନ ବିଧାୟକ ହିମାଂଶୁ ଶେଖର ମେହେର ଟଙ୍କା ବାଣ୍ଟିବା ପାଇଁ ଆସିଥିବା ବିଜେଡି ଅଭିଯୋଗ କରିଛି। ରବିବାର ଟଙ୍କା ବଣ୍ଟାକୁ ନେଇ ଉଭୟ ଦଳ ମଧ୍ୟରେ କାଦୁଅ ଫିଙ୍ଗା ଚାଲିଥିବା ଦେଖିବାକୁ ମିଳିଥିଲା।


# Classified Everyday
0674-2580101, 2549949



REAL ESTATE

SALE

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74157

ବରମୁଣ୍ଡାରୁ ୧୪କି.ମି. ଭିତରେ sqft.-130/-, 450/- 950/-, ପ୍ଲଟ୍ ଦିଆଯାଉଛି। 9938016295. D-74159

**ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ - 9827119799.** D-2132

Commercial Cum residential gharabari plot for sale in Khurda Puri Road, just 2K.M. from Khurda Collector Office, Plot size-50'x112'. Contact Owner- 9439101373, 7750068828. D-2154

ଜଟଣୀ NISER Institute ସାମ୍ନାରେ 1 K.M. ଦୂରତାରେ yellowzone ଏବଂ ଘରବାଡ଼ି 30ft road ଥାଇ ସ୍ଥିତିବାନ୍ ପ୍ଲଟ୍ କିଣି immediate ଘର କରନ୍ତୁ। sqft.-750/-. 9938066403, 9438315973. D-74158




"Only body massage & Steam-Bath. Contact at Trupti SPA-9861550765". D-2139

Newly open Spa positively health benefit with expert. Contact: 7749976301. D-73899

Newly open health benefits SPA special Offer @ 999/-, Nayapalli. 7846814019. D-73665

Newly open full body massage ladies and gents. 8327740003, 8093860513. D-74605

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74604

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit of Notary Public, Chandikhole on 2.12.2022 I, Shaikh Ramiz Raza, son of Shaikh Jamaluddin, vill-Nalipur, PO-Charinangal, PS-Balichandrapur, Dist-Jajpur. has change my name Shaikh Ramiz Raza to Shaikh Ramiz Raja. Which is one and same person. Hence, I will be known as Shaikh Ramiz Raja for all purposes. D-2164

**Award for Ph.D. in Microbiology**



Somanath Behera, has been awarded with the degree of Ph.D. in Microbiology from Sambalpur University for his research work entitled "MOLECULAR CHARACTERISATION OF POST ANTIBIOTIC BACTERIAL SURVIVORS". Dr. Somanath did his research work under the guidance of Dr.(Mrs) Smaranika Pattnaik, School of Life Sciences, Sambalpur University, Jyoti Vihar. His thesis has been highly appreciated by Prof. Sailesh Kumar Jadhav, School of Studies in Biotechnology, Pandit Ravishankar Shukla University, Raipur and Prof. Ratan Gachhui, Dept. of Life Science & Biotechnology, Jadhavpur University, Kolkata. He is the only son of Sri Gouri Shankar Behera, Retd. High School Teacher and Smt. Ashabati Behera of Modipara, Sambalpur. Dr. Somanath Behera is now posted as Assistant Conservator of Forest in Titilagarh KL Division after clearing Odisha Forest Service conducted by O.P.S.C. For this achievement, Dr. Somanath sincerely acknowledges his immense gratitude to his guide, his parents, his sister Miss Sushree Sangeeta Behera, Teacher at Sri Ganesh Govt. High School, Dhanupali and other well-wishers and above all to the Almighty.

ଧ-୨୧୬୪

**ମନେ ପଡ଼ନ୍ତି**

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଧ୍ରୁବଚରଣ ମହାନ୍ତି**

ପୋଖରୀପୁଟ, ଭୁବନେଶ୍ୱର

ଆବିର୍ଭାବ: ୦୩।୦୬।୧୯୨୩
ତିରୋଧାନ: ୦୭।୧୨।୨୦୧୧

ଆଜିର ଶ୍ରାଦ୍ଧ ଦିବସରେ ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ପରୋପକାରିତା ତଥା ନୀତି, ଆଦର୍ଶ ଆମର ଚିର ସ୍ମରଣୀୟ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଆପଣଙ୍କର ପୁଅ: ମୁନା, ବୋହୂ: ରିନି, ଝିଅ: ରୁନି, ରୁକି ଓ ରେବା, ଜ୍ୱାଇଁ: ଗଗନ, ଅନିମେଷ ଓ ସୁବ୍ରତ, ନାତୁଣୀ ଓ ନାତି-ରିୟା, ଶ୍ରୀୟା, ସୋନୁ ଓ ଶୁଭମ୍।

ଧ-୨୧୪୧

ଧରିତ୍ରୀ DHARITRI
**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

CLASSIFIED DISPLAY ALL EDITION - BW (Everyday)
MORE SPACE • SAME PRICE

**LOAN**

ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଏମ୍‌ସିଡି ନିର୍ବାଚନରେ ୫୦% ମତଦାନ

## ୭ରେ ଫଳାଫଳ

■ଭୋଟର ତାଲିକାରେ ନାଁ ନ ଥିବାରୁ ଫେରିଗଲେ ମତଦାତା

ନୂଆଦିଲ୍ଲୀ,୪।୧୨



ଭାଜପା ଏମ୍‌ପି ଗୌତମ ଗମ୍ଭୀର ଓ ସ୍ତ୍ରୀ ନତାଶା ଜୈନ ଭୋଟ ଦେବା ପରେ ଆଙ୍ଗୁଠି ଦେଖାଉଛନ୍ତି।

ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ (ଏମ୍‌ସିଡି) ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ୭ ତାରିଖରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ୫ଟା ୩୦ରେ ମତଦାନ ଶେଷ ହୋଇଥିବାବେଳେ ପ୍ରାୟ ୫୦ପ୍ରତିଶତ ଭୋଟିଂ ହୋଇଥିବା ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି। ୨୦୧୭ ଏମ୍‌ସିଡି ନିର୍ବାଚନରେ ୫୩ ପ୍ରତିଶତ ମତଦାନ ହୋଇଥିଲା।

ଦିଲ୍ଲୀର ୨୫୦ ୱାର୍ଡ ଲାଗି ୧,୩୪୯ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଛନ୍ତି। ୧.୪୫ କୋଟିରୁ ଉର୍ଦ୍ଧ୍ୱ ଭୋଟର ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ମତଦାନ ପାଇଁ ୧୩,୬୩୮ଟି ଭୋଟକେନ୍ଦ୍ର କରାଯାଇଥିବାବେଳେ ସେଥିରୁ ୩,୩୬୦ ଜଟିଳ ଏବଂ ୪୯୩ଟି ସମ୍ବେଦନଶୀଳ ଭାବେ ଚିହ୍ନଟ ହୋଇଛି। ତେବେ ଭୋଟ ବେଳେ କୌଣସି ଅପ୍ରୀତିକର ସ୍ଥିତି ଉପୁଜିଥିବାର ଖବର ମିଳିନାହିଁ। ଏଠାରେ ମୁଖ୍ୟତଃ ଶାସକ ଆମ୍ ଆଦ୍‌ମୀ ପାର୍ଟି (ଏଏପି), ଭାଜପା ଏବଂ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଉଭୟ ଏଏପି ଏବଂ ଭାଜପା ବିଜୟୀ ହେବା ନେଇ ଦାବି କରିଛନ୍ତି। କେତେକ ବୁଥ୍‌ରେ ଭୋଟର ତାଲିକାରେ ନାଁ ନ ଥିବାରୁ ଅନେକ ଲୋକ ଭୋଟ ଦେଇ ନ ପାରି ଫେରିଯାଇଥିବା ଅଭିଯୋଗ ହୋଇଛି। ଅନ୍ୟ କେତେଜଣଙ୍କୁ ଏକାଧିକ ଥର ଭିନ୍ନ ଭିନ୍ନ ଭୋଟ କେନ୍ଦ୍ରକୁ ଯିବାକୁ କୁହାଯାଇଥିଲା। ଏମ୍‌ସିଡିର ତିନୋଟି ଡିଭିଜନର ମିଶ୍ରଣ ପରେ ପ୍ରଥମ ଥର ପାଇଁ ନିର୍ବାଚନ ଅନୁଷ୍ଠିତ ହେଉଛି। ରାଜ୍ୟରେ ଭାଜପା କ୍ଷମତାରେ ନ ଥିଲେ ମଧ୍ୟ ୧୫ ବର୍ଷ ହେଲା ଏମ୍‌ସିଡିକୁ ଅକ୍ତିଆର କରିଆସିଛି। ଏଥର ନିର୍ବାଚନରେ ଭାଜପା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ କେତେଜଣ ମୁଖ୍ୟମନ୍ତ୍ରୀ ପ୍ରଚାର କରିଥିଲେ।



ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସର ଭାରତ ଯୋଡୋ ଯାତ୍ରା ରବିବାର ସନ୍ଧ୍ୟାରେ ରାଜସ୍ଥାନରେ ପ୍ରବେଶ କରିଛି।

# ଏମ୍‌ବାପେଙ୍କ ଡବଲ୍‌ରେ ଫ୍ରାନ୍ସ କ୍ୱାର୍ଟରରେ

**ଦୋହା,୪।୧୨**

ଗତଥରର ଚାମ୍ପିୟନ ଫ୍ରାନ୍ସ ଚଳିତ ଫିଫା ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କିଲିଆନ ଏମ୍‌ବାପେଙ୍କ ଡବଲ ଗୋଲ ବଳରେ ଏହି ଦଳ ରବିବାର ଅନୁଷ୍ଠିତ ପ୍ରି-କ୍ୱାର୍ଟର ଫାଇନାଲରେ ପୋଲାଣ୍ଡକୁ ୩-୧ ଗୋଲରେ ପରାସ୍ତ କରିଛି। ୧୯୯୮ ଓ ୨୦୧୮ରେ ଚାମ୍ପିୟନ ହୋଇଥିବା ଫ୍ରାନ୍ସ ୨୦୦୬ରେ ରନରଅପ୍ ଏବଂ ୧୯୫୮ ଓ ୧୯୮୬ରେ ତୃତୀୟ ସ୍ଥାନ ଅଧିକାର କରିଥିଲା। ତେଣୁ ଏଥର ଟାଇଟଲ ବଜାୟ ରଖିବା ଦିଗରେ ଏହି ଦଳ ଗୋଟିଏ ପାଦ ଆଗକୁ ବଢ଼ିଛି। ଅନ୍ୟପକ୍ଷରେ ୧୯୭୪ ଓ ୧୯୮୨ରେ ସର୍ବାଧିକ ତୃତୀୟ ସ୍ଥାନ ହାସଲ କରିଥିବା ପୋଲାଣ୍ଡ ଏହା ପୂର୍ବରୁ ୧୯୮୬ରେ ମଧ୍ୟ ରାଉଣ୍ଡ ଅଫ୍ ୧୬ରୁ ବିଦାୟ ନେଇଥିଲା। ଗତ ସଂସ୍କରଣରେ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିବାବେଳେ ଏଥର ପ୍ରି-କ୍ୱାର୍ଟର ଫାଇନାଲରୁ ଅଭିଯାନ ଶେଷ କରିଛି।

ମ୍ୟାଚର ୪୪ତମ ମିନିଟରେ କିଲିଆନେ ଏମ୍‌ବାପେଙ୍କଠାରୁ ଦେଇଥିବା ପାସ୍‌କୁ ବକ୍ସ ଏରିଆରେ ଓଲିଭର ଗିରୁଡ଼ ପ୍ରଥମେ ନିୟନ୍ତ୍ରଣକୁ ଆଣିପାରି ନ ଥିଲେ ହେଁ ପରେ ଚତୁରତାର ସହ ବାମ ପାଦରେ ଆୟତ୍ତକୁ ଆଣି ଗୋଲରେ ପରିଣତ କରିଥିଲେ। ୭୪ତମ ମିନିଟରେ ଫ୍ରାନ୍ସର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପରିଣତ କରିଥିଲେ ଏମ୍‌ବାପେ। ଏଥର ପାସ୍ ଦେଇଥିଲେ ଓସମାନେ ଡେମ୍ବେଲେ। ୯୦+୧ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳ ପକ୍ଷରୁ ତୃତୀୟ ଗୋଲଟି ସ୍କୋର କରିଥିଲେ ଏମ୍‌ବାପେ। ଷ୍ଟପେଜ ଟାଇମ୍ ୯୦+୫ ମିନିଟରେ ଫ୍ରାନ୍ସର ଡାୟୋଟ ଉପାମେକାନୋ ହ୍ୟାଣ୍ଡବଲ କରିବାରୁ ପୋଲାଣ୍ଡକୁ ପେନାଲ୍ଟି ସୁଯୋଗ ମିଳିଥିଲା। ୯୦+୮ ମିନିଟରେ ରବର୍ଟ ଲିୱାଣ୍ଡୋସ୍କିଙ୍କ ଶଟ୍‌କୁ ଫ୍ରାନ୍ସ ଗୋଲକିପର ହ୍ୟୁଗୋ ଲୋରିସ ଯଦିଓ ସେଭ୍ କରି ଦେଇଥିଲେ ତେବେ ଆଗୁଆ ଲାଇନ୍ ବାହାରକୁ ଚାଲି ଆସିଥିଲେ। ଫଳରେ ପୋଲାଣ୍ଡକୁ ଆଉଏକ ପେନାଲ୍ଟି ସୁଯୋଗ ଦିଆ ଯାଇଥିଲା। ୯୦+୯ ମିନିଟରେ ଦ୍ୱିତୀୟ ଉଦ୍ୟମରେ ଲିୱାଣ୍ଡୋସ୍କି ଗୋଲ କରିବାରେ ସକ୍ଷମ ହୋଇଥିଲେ। ଚଳିତ ଟୁର୍ନାମେଣ୍ଟରେ ଏହାଥିଲା ତାଙ୍କର ଦ୍ୱିତୀୟ ଗୋଲ।



ରବିବାର ଫ୍ରାନ୍ସ ଓ ପୋଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଦର୍ଶକ ଆଉଟଫିଟ୍‌କୁ ନେଇ ମିଶ୍ର ପ୍ରତିକ୍ରିୟା



ଆରବୀୟ ପୋଷାକରେ ଦକ୍ଷିଣ କୋରିଆ ସମର୍ଥକ।

**ଦୋହା,୪।୧୨(ପି.ଟି.):** ଫିଫା ଫୁଟବଲ ବିଶ୍ୱକପ୍ ପାଇଁ ଫ୍ୟାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଥିବା ବେଳେ ବିଭିନ୍ନ ଦେଶରୁ ଲକ୍ଷ ଲକ୍ଷ ଫୁଟବଲ ଫ୍ୟାନ କାତାର ଆସୁଛନ୍ତି। ତେବେ ଚଳିତ ବିଶ୍ୱକପ୍‌ରେ ଫୁଟବଲ ଫ୍ୟାନଙ୍କ ଆଉଟ୍‌ଫିଟ୍(ପରିପାଟୀ)କୁ ନେଇ ଦେଖିବାକୁ ମିଳିଛି ମିଶ୍ର ପ୍ରତିକ୍ରିୟା। କେବଳ ନିଜ ଟିମ୍‌ର ଜର୍ସି ନୁହେଁ ବରଂ ଅନ୍ୟାନ୍ୟ ରଙ୍ଗବେରଙ୍ଗ କପଡା ପିନ୍ଧିଥିବା ଫ୍ୟାନଙ୍କ କାରଣରୁ ଦୋହା ବର୍ତ୍ତମାନ ଫ୍ୟାଶନ ଶୋ'ର ରନ ୱେ ଭଳି ପ୍ରତୀୟମାନ ହେଉଛି। ସମଲିଙ୍ଗୀମାନଙ୍କୁ ବିରୋଧ କାରଣରୁ ସପ୍ତରଙ୍ଗୀ ଡ୍ରେସକୁ ବ୍ୟାନ କରାଯାଇଛି। ତେବେ ବିଦେଶୀ ପୁରୁଷମାନଙ୍କ ପାଇଁ ଆରବ ଦେଶରେ ମୁଣ୍ଡ ଉପରେ ବାନ୍ଧୁଥିବା ଟୋପିର ଶୈଳୀ ଫ୍ୟାଶନର ପ୍ରମୁଖ ଅଙ୍ଗ ପାଲଟିଥିବା ବେଳେ ମହିଳାମାନେ ହିଜାବ ପିନ୍ଧୁଛନ୍ତି। ତେବେ ଫ୍ୟାନମାନଙ୍କ ପରିପାଟୀକୁ ଅନେକ କାତାର ନାଗରିକ ସମର୍ଥନ କରିଥିବା ବେଳେ କିଛି ଗୋଷ୍ଠୀଙ୍କ ମଧ୍ୟରେ ବିରୋଧାଭାସ ଦେଖିବାକୁ ମିଳିଛି। ମୁସଲିମ ବହୁଳ ଏହି କ୍ଷୁଦ୍ର ରାଷ୍ଟ୍ର ପ୍ରଥମ ଥର ପାଇଁ ବିଶ୍ୱକପ ଭଳି ବଡ ଟୁର୍ନାମେଣ୍ଟ ଆୟୋଜନ କରୁଛି। ସେହିପରି ଦକ୍ଷିଣ ଆଫ୍ରିକାର ଜଣେ ବ୍ୟକ୍ତି ଆରବ ଦେଶରେ ପିନ୍ଧୁଥିବା ଟୋପିରେ ୪ ଆଫ୍ରିକୀୟ ଦେଶର ଜାତୀୟ ପତାକାକୁ ସିଲାଇ କରିଥିଲେ। ଏପରି କରିବା ତାଙ୍କ ଦେଶରେ ବେଆଇନ ହୋଇଥିଲେ ମଧ୍ୟ କାତାରରେ ଏହାକୁ ପ୍ରଶଂସା କରାଯାଇଥିଲା। ଏପରି କି ବିଦେଶୀ ନାଗରିକମାନେ ଆରବୀ ଆଉଟଫିଟ୍ ପିନ୍ଧିବାକୁ ସ୍ଥାନୀୟ ଅଧିବାସୀଙ୍କ ପକ୍ଷରୁ ପ୍ରଶଂସା କରାଯାଇଛି।

# ଆଉ ଏକ ବିପର୍ଯ୍ୟୟ ଆଶାରେ ଦକ୍ଷିଣ କୋରିଆ



ଟ୍ରେନିଂ ଅବସରରେ ସନ୍ ହ୍ୟୁଙ୍ଗ୍-ମିନ୍।

**ଦୋହା, ୪।୧୨ (ପି.ଟି.):** ଚଳିତ ବିଶ୍ୱକପର ଅନ୍ୟତମ ଟାଇଟଲ ଫେବରିଟ୍ ବ୍ରାଜିଲ ନିଜ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ଦକ୍ଷିଣ କୋରିଆକୁ ଭେଟିବ। ଷ୍ଟାଡିୟମ ୯୭୪ରେ ଏହି ମ୍ୟାଚଟି ଖେଳାଯିବାକୁ ଥିବା ବେଳେ ଆଉ ଏକ ବିପର୍ଯ୍ୟୟ ଘଟାଇବା ଲକ୍ଷ୍ୟରେ ରହିବ ଦକ୍ଷିଣ କୋରିଆ। ଅନ୍ତିମ ଗ୍ରୁପ ପର୍ଯ୍ୟାୟ ମ୍ୟାଚରେ ଦଳ ପର୍ତ୍ତୁଗାଲକୁ ପରାସ୍ତ କରିବା ସହିତ ବିଶ୍ୱକପରେ ଏକ ବିପର୍ଯ୍ୟୟ ଘଟାଇଥିଲା। ଅନ୍ୟପକ୍ଷରେ ବ୍ରାଜିଲ ମଧ୍ୟ ଏହାର ଅନ୍ତିମ ଗ୍ରୁପ ପର୍ଯ୍ୟାୟ ମ୍ୟାଚରେ କାମେରୁନ୍ ଠାରୁ ପରାସ୍ତ ହୋଇଥିଲା। ତେବେ ବ୍ରାଜିଲ ପାଇଁ ନେମାର ଏହି ମ୍ୟାଚରେ ପ୍ରତ୍ୟାବର୍ତ୍ତନ କରିବାର ସମ୍ଭାବନା ରହିଛି। ଶନିବାର ସେ ସାମାନ୍ୟ ଅଭ୍ୟାସ କରିଥିଲେ ହେଁ ମ୍ୟାଚ୍ ଫିଟ ହୋଇନଥିବା କୁହାଯାଉଛି। ବ୍ରାଜିଲ ବିଗତ ୯ ସଂସ୍କରଣରେ ନକ୍‌ଆଉଟ ପ୍ରବେଶ କରୁଥିବା ବେଳେ ଦକ୍ଷିଣ କୋରିଆ ପାଇଁ ଏହା ଅପ୍ରତ୍ୟାଶିତ। ତେବେ ଦକ୍ଷିଣ କୋରିଆ ମିଳିଥିବା ସୁଯୋଗର ସମ୍ପୂର୍ଣ୍ଣ ଫାଇଦା ଉଠାଇବାକୁ ଚାହିଁବ। ୨୦୦୨ରେ ବିଶ୍ୱକପରେ ଦକ୍ଷିଣ କୋରିଆ ଥରେ ମାତ୍ର ସେମି ଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୋଇଥିଲା। ଚଳିତ ବର୍ଷ ପୁନର୍ବାର ସମାନ ସଫଳତା ଦୋହରାଇବାକୁ ଦଳ ପ୍ରୟାସ କରିବ। ତେବେ ଦଳର ପ୍ରମୁଖ ଖେଳାଳି ହ୍ୱାଙ୍ଗ ଓ କିମ୍ ମିନ୍ ଜାଏ ଯଥାକ୍ରମେ ହାର୍ମଷ୍ଟ୍ରିଙ୍ଗ ଓ କାଫ୍ ମସଲ ଆଘାତ ଦେଇ ଗତି କରୁଛନ୍ତି।

# କ୍ୱାର୍ଟର ଫାଇନାଲରେ ଇଂଲଣ୍ଡ

**ଦୋହା, ୪।୧୨**

ଚଳିତ ଫିଫା ବିଶ୍ୱକପ୍‌ରେ ସୋମବାର ଅନୁଷ୍ଠିତ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ସେନେଗାଲକୁ ଏକ ପାଖିଆ ଭାବର ପରାସ୍ତ କରି ଚତୁର୍ଥ ଦଳ ଭାବରେ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି ଇଂଲଣ୍ଡ। ୧୯୬୬ ଚାମ୍ପିୟନ ଇଂଲଣ୍ଡ ସମ୍ପୂର୍ଣ୍ଣ ମ୍ୟାଚରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ବିଶେଷ କରି ଫରୱାର୍ଡ ହ୍ୟାରି କେନ୍ ଅତ୍ୟନ୍ତ ଚମତ୍କାର ପ୍ରଦର୍ଶନ କରିଥିଲେ। ଇଂଲଣ୍ଡ ୪-୩-୩ କମ୍ବିନେଶନ ଓ ସେନେଗାଲ୍ ୪-୨-୩-୧ କମ୍ବିନେଶନ ସହିତ ପଡିଆକୁ ଓହ୍ଲାଇଥିଲା। ତେବେ ମ୍ୟାଚର ୬୨ ପ୍ରତିଶତ ସମୟ ଇଂଲଣ୍ଡ ବଲକୁ ନିୟନ୍ତ୍ରଣରେ ରଖିଥିବା ବେଳେ ଗୋଲ କିପର ଚମତ୍କାର ପ୍ରଦର୍ଶନ କରିଥିଲେ। ଇଂଲଣ୍ଡ ପକ୍ଷରୁ ଜୋର୍ଡାନ ହେଣ୍ଡରସନ୍(୩୮), ହ୍ୟାରୀ କେନ୍(୪୫+୩) ଓ ବୁକାୟୋ ସାକା(୫୭) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ମ୍ୟାଚର ୩୮ ତମ ମିନିଟରେ ସେନେଗାଲର ୩ ଡିଫେଣ୍ଡରଙ୍କୁ ପରାସ୍ତ କରି ପୋଷ୍ଟର ନିକଟତର ହୋଇଥିଲେ। ତେବେ ଅନ୍ତିମ କ୍ଷଣରେ ସେ ହେଣ୍ଡରସନଙ୍କୁ ବଲ୍ ପାଶ କରିବା ସହିତ ଇଂଲଣ୍ଡ ୧-୦ରେ ଆଗୁଆ ରହିଥିଲା। ପ୍ରଥମାର୍ଦ୍ଧର ଅତିରିକ୍ତ ସମୟରେ ହ୍ୟାରୀ କେନ୍ ଆଉ ଏକ ଗୋଲ ସ୍କୋର କରିଥିଲେ। ୧୯ ବର୍ଷୀୟ ଜୁଡ ବେଲିଂହାମ ପାଶ ଦେଇଥିବା ବେଳେ ଗୋଲ ସ୍କୋର କରିଥିଲେ କେନ୍। ଇଂଲଣ୍ଡ ଅଧିନାୟକ ଚଳିତ ବିଶ୍ୱକପରେ ନିଜର ପ୍ରଥମ ଗୋଲ ସ୍କୋର କରିଥିବା ବେଳେ ଦଳ ୨-୦ରେ ଆଗୁଆ ରହିଥିଲା। ପ୍ରଥମାର୍ଦ୍ଧ ୨-୦ରେ ଶେଷ ହେବା ପରେ ଦ୍ୱିତୀୟାର୍ଦ୍ଧରେ ବୁକାୟୋ ସାକା ସ୍କୋର କରିଥିଲେ ତୃତୀୟ ଗୋଲ। । ୩ ଜଣ ଡିଫେଣ୍ଡରଙ୍କୁ ମାତ ଦେଇ ସେ ଏହି ଗୋଲ ସ୍କୋର କରିଥିଲେ ଯାହା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ପ୍ରଥମାର୍ଦ୍ଧରେ ସେନେଗାଲ ପକ୍ଷରୁ ସାମାନ୍ୟ ସଂଘର୍ଷ ଦେଖିବାକୁ ମିଳିଥିଲେ ହେଁ ଦ୍ୱିତୀୟାର୍ଦ୍ଧ ବେଶ ଧୀମା ରହିଥିଲା। ୧୦ ଥର ସେନେଗାଲ ଖେଳାଳି ଇଂଲଣ୍ଡ ଡିଫେନ୍ସ ଭେଦ କରିଥିଲେ ହେଁ ଥରେ ମାତ୍ର ଶଟ୍ ଟାର୍ଗେଟରେ ରହିଥିଲା। ଅପର ପକ୍ଷରେ ୮ ଥର ଡିଫେନ୍ସ ଭେଦ କରିଥିବା ଇଂଲଣ୍ଡ ୪ ଥର ଟାର୍ଗେଟରେ ଶଟ୍ ମାରିବାରେ ସମର୍ଥ ହୋଇଥିଲା। ୧୯୬୬ ମସିହାରେ ଚାମ୍ପିୟନ ଇଂଲଣ୍ଡ ୧୯୯୦ ଓ ୨୦୧୮ ଫିଫା ବିଶ୍ୱକପରେ ୪ର୍ଥ ସ୍ଥାନ ହାସଲ କରିବାରେ ସମର୍ଥ ହୋଇଥିଲା। ତେବେ ଏହା ପୂର୍ବରୁ ୬ଥର କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ସାରିଛି ଇଂଲଣ୍ଡ। ଅପର ପକ୍ଷରେ ସେନେଗାଲ ତୃତୀୟ ଥର ପାଇଁ ବିଶ୍ୱକପ ଯୋଗ୍ୟତା ହାସଲ କରିଥିବା ବେଳେ ଥରେ ମାତ୍ର ୨୦୦୨ରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୋଇଥିଲା। ପୋଲାଣ୍ଡକୁ ହରାଇ କ୍ୱାର୍ଟର ଫାଇନାଲ ପ୍ରବେଶ କରିଥିବା ଡିଫେଣ୍ଡିଂ ଚାମ୍ପିୟନ ଫ୍ରାନ୍ସ ଡିସେମ୍ବର ୧୧ ତାରିଖରେ ଇଂଲଣ୍ଡ ସହିତ କ୍ୱାର୍ଟର ମୁକାବିଲା ଖେଳିବ।

**ଫିଫା ବିଶ୍ୱକପ**

**(ଆଜିର ମ୍ୟାଚ)**

**ଜାପାନ ବନାମ କ୍ରୋଏସିଆ**
ସ୍ଥାନ: ଅଲ ଜନୌବ ଷ୍ଟାଡିୟମ,
ସମୟ: ରାତି ୮.୩୦

**ବ୍ରାଜିଲ ବନାମ ଦକ୍ଷିଣ କୋରିଆ**
ସ୍ଥାନ: ଷ୍ଟାଡିୟମ ୯୭୪
ସମୟ: ରାତି ୧୨.୩୦

**ଅନ୍ୟ ଖେଳ ଖବର**

# କେବଳ ମେସି ନୁହନ୍ତି



ଜର୍ଜ ବୁରୁଚାଗା

ଅଷ୍ଟ୍ରେଲିଆକୁ ୨-୧ ଗୋଲରେ ପରାସ୍ତ କରି ଆର୍ଜେଣ୍ଟିନା କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଦଳର ମୁଖ୍ୟ ଖେଳାଳି ଲିଓନେଲ ମେସିଙ୍କ ଆକର୍ଷଣୀୟ ଗୋଲ ଦଳର ବିଶ୍ୱକପ୍ ସ୍ୱପ୍ନକୁ ଉଜ୍ଜୀବିତ ରଖିଛି। ପ୍ରଫେସନାଲ ଫୁଟ୍‌ବଲରେ ମେସିଙ୍କର ଏହାଥିଲା ୧,୦୦୦ତମ ମ୍ୟାଚ। ଆର୍ଜେଣ୍ଟିନା ଅଧିନାୟକ ଭାବେ ଏହାଥିଲା ତାଙ୍କର ୧୦୦ତମ ମ୍ୟାଚ। ପ୍ରତିଯୋଗିତାରେ ଶୁକ୍ରବାର ସେମାନଙ୍କୁ ଆଉ ଏକ ବାଧା ନେଦରଲାଣ୍ଡ୍ସକୁ ଅତିକ୍ରମ କରିବାକୁ ପଡ଼ିବ। ସତୁରି ଦଶକ ଆରମ୍ଭରେ ଆର୍ଜେଣ୍ଟିନା ମେକ୍ସିକୋ ବିଶ୍ୱକପ୍‌କୁ ଅଳ୍ପକେ ଯୋଗ୍ୟତା ହାସଲରୁ ବଞ୍ଚିତ ହୋଇଥିଲା। ୭୪ ମସିହା ବିଶ୍ୱକପ୍‌ରେ ଆର୍ଜେଣ୍ଟିନାର ପ୍ରଦର୍ଶନ ଭଲ ନ ଥିଲା। ତେବେ ଦଳ ୭୮ ଓ ୮୬ ମସିହାରେ ଚାମ୍ପିୟନ ହୋଇ ପାରିଥିଲା। ଫଳାଫଳ ଦୃଷ୍ଟିରୁ ଇତିହାସରେ ଆର୍ଜେଣ୍ଟିନାର ଏହାଥିଲା ଶ୍ରେଷ୍ଠ ପ୍ରଦର୍ଶନ। ଇତିହାସ ଦୋହରାଇବା ପାଇଁ ଏବେ ସମଗ୍ର ଆର୍ଜେଣ୍ଟିନା ସ୍ୱପ୍ନ ଦେଖୁଛି। ମ୍ୟାଚ ସହଜ ହେବ ନାହିଁ ବୋଲି ଶନିବାର ମ୍ୟାଚରେ ଅଷ୍ଟ୍ରେଲିଆ ପ୍ରଦର୍ଶନ ଜରିଆରେ ଆରମ୍ଭରୁ ସୂଚାଇ ଦେଇଥିଲା। ପ୍ରଥମାର୍ଦ୍ଧ ଖେଳରେ ଉଭୟ ଦଳ ମଧ୍ୟରେ କେହି ଆକ୍ରମଣାତ୍ମକ ନ ଖେଳିବାରୁ ବୋରିଂ ଲାଗିଥିଲା। ଏହି ପର୍ଯ୍ୟାୟରେ କେବଳ ମେସିଙ୍କ ଗୋଲ୍ ଉଲ୍ଲେଖନୀୟ ରହିଥିଲା। ଦ୍ୱିତୀୟାର୍ଦ୍ଧରେ କୋଚ୍ ଲିଓନେଲ ସ୍କୋଲାନି ୫ ଡିଫେଣ୍ଡର ମୁତୟନ କରିଥିଲେ। ଦଳରେ ସେ ଲିସାଣ୍ଡ୍ରୋ ମାର୍ଟିନେଜକୁ ସାମିଲ କରିଥିଲେ। ଡିଲ ପଲ୍ ଓ ଜୁଲିଆନ ଆଲଭାରେଜଙ୍କ ବିପକ୍ଷରେ ଅଷ୍ଟ୍ରେଲିଆ ଗୋଲକିପର ତ୍ରୁଟି କରି ବସିବା ପର୍ଯ୍ୟନ୍ତ କୌଣସି ଫଳ ମିଳି ନ ଥିଲା। ଆର୍ଜେଣ୍ଟିନା ପକ୍ଷରୁ ଦ୍ୱିତୀୟ ଗୋଲ୍ ସ୍କୋର କରିବାରେ ଆଲଭାରେଜ ସଫଳ ହୋଇଥିଲେ। ଏଥିସହିତ ଆର୍ଜେଣ୍ଟିନା ବିପକ୍ଷ ଦଳ ଉପରେ ଚାପ ସୃଷ୍ଟି କରିପାରିଥିଲା। ଦ୍ୱିତୀୟାର୍ଦ୍ଧରେ ମେସିଙ୍କ ଠାରୁ ଉଚ୍ଚକୋଟୀର ଖେଳ ଦେଖିବାକୁ ମିଳିଥିଲା। ଅଷ୍ଟ୍ରେଲିଆ ବିପକ୍ଷ ରାଉଣ୍ଡ ଅଫ୍ ୧୬ ମ୍ୟାଚ ପରେ ମୁଁ କହିପାରେ ଆର୍ଜେଣ୍ଟିନା ଦଳ ପାଇଁ ମେସି ଏକା ନାହାନ୍ତି, ଜୁଲିଆନ ଆଲଭାରେଜ, ମ୍ୟାକ ଅଲିଷ୍ଟର ଓ ଅନ୍ୟମାନେ ଅଛନ୍ତି। ଚାପରେ ଥିବା ବେଳେ ଆର୍ଜେଣ୍ଟିନା ଡିଫେନ୍ସର ଦୁର୍ବଳତା ଦେଖିବାକୁ ମିଳିଛି। ପରବର୍ତ୍ତୀ ମ୍ୟାଚରେ ଏହି ସମସ୍ୟାକୁ ସ୍କୋଲାନି ଦୂର କରିଦେବେ ବୋଲି ମୋର ବିଶ୍ୱାସ। ବିଶ୍ୱକପ୍‌ରେ ସବୁ କିଛି ସମ୍ଭବ। ଏଥିରେ ଗୋଲ୍ ସ୍କୋର ଓ ଦୁର୍ଘଟଣା ଦେଖିବାକୁ ମିଳେ। ଏଥିରେ ମ୍ୟାଚ ଜିତିବା ସହଜ ନୁହେଁ। ଗୋଟିଏ ତ୍ରୁଟି ପାଇଁ ଟୁର୍ନାମେଣ୍ଟରୁ ବିଦା ହେବାକୁ ପଡ଼ିଥାଏ। ଆର୍ଜେଣ୍ଟିନା ୭ଟି ମ୍ୟାଚ ଖେଳିବା ଲାଗି କାତାର ଆସିଛି। ଇତିମଧ୍ୟରେ ଦଳ ୪ଟି ଗେମ୍ ଖେଳିସାରିଛି। ନେଦରଲାଣ୍ଡ୍ସ ବିପକ୍ଷରେ ଆର୍ଜେଣ୍ଟିନା ୫ମ ମ୍ୟାଚ ଖେଳିବ। ମେସିଙ୍କର ସମ୍ଭବତଃ ଏହା ଶେଷ ବିଶ୍ୱକପ୍। ତାଙ୍କୁ ବର୍ତ୍ତମାନ ୩୫ ବର୍ଷ ବୟସ। ତେଣୁ ସେ ବିଶ୍ୱକପ୍ ଜିତିବା ଲାଗି ଦୃଢ ଆଶା ପୋଷଣ କରିଥିଲେ। ଲିଓ ଓ ଆର୍ଜେଣ୍ଟିନାକୁ ବିଶ୍ୱକପ୍ ସମଗ୍ର ଦେଶ ସ୍ୱପ୍ନ ଦେଖୁଛି।

-(ଟିଭାକ ସ୍ପୋର୍ଟ୍ସ)



ଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ସବଜୁନିୟର କରାଟେରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ସହ।

# ଜାତୀୟ ସାମ୍ବୋରେ ଓଡ଼ିଶାକୁ ୫ ପଦକ



ଓଡ଼ିଶା ପ୍ରତିଯୋଗୀଙ୍କ ସହ କୋଚ୍ ବିଭୂତି ଭୂଷଣ ବେହେରା।

**ଭୁବନେଶ୍ୱର, ୪।୧୨ (କ୍ରୀଡ଼ା ପ୍ରତିନିଧି):** ଜମ୍ମୁସ୍ଥିତ ଭଗବତୀ ନଗର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ନଭେମ୍ବର ୩୦ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ଅନୁଷ୍ଠିତ ଜାତୀୟ ସାମ୍ବୋ (ମାର୍ଶାଲ ଆର୍ଟର ଏକ ଷ୍ଟାଇଲ) ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ମୋଟ ୫ଟି ପଦକ ହାସଲ କରିଛି। ଏହା ମଧ୍ୟରେ ୨ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ ପଦକ ସାମିଲ। ସୁପ୍ରିୟା କୁମାରୀ ଦାଶ ୪୭ କେଜି ୧୦ରୁ ୧୨ ବର୍ଷ ବର୍ଗ ଏବଂ ମହମ୍ମଦ ୟାଶ୍ ଖାଁ ୭୧ କେଜି ୧୬ରୁ ୧୮ ବର୍ଷ କମ୍ବାଟ ସାମ୍ବୋରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେହିପରି ମହମ୍ମଦ ଦକ୍ଷ ଖାଁ ୫୧ କେଜି ୧୪ରୁ ୧୬ ବର୍ଷ ଓ ମହମ୍ମଦ ୟାଶ୍ ଖାଁ ୭୧ କେଜି ୧୬ରୁ ୧୮ ବର୍ଷ ବାଳକରେ ରୌପ୍ୟ ପଦକ ଏବଂ ଆର୍ଯ୍ୟନ ଶର୍ମା ୪୫ କେଜି ୧୦ରୁ ୧୨ ବର୍ଷ ବାଳକରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓଡ଼ିଶା ସାମ୍ବୋ ଆସୋସିଏଶନର ସଭାପତି ତଥା ଅନ୍ତର୍ଜାତୀୟ ଖେଳାଳି ବିଭୂତି ଭୂଷଣ ବେହେରା କୋଚ୍ ଏବଂ ଜିତେନ୍ଦ୍ର ମିଶ୍ର ମ୍ୟାନେଜର ଭାବେ ଦଳ ସହ ରହିଥିଲେ। ପ୍ରତିଯୋଗିତା ଅବସରରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଜଜ୍ ଓ ରେଫରି ସେମିନାରରେ ବିଭୂତି ଅଂଶଗ୍ରହଣ କରିଥିଲେ।

# ଓଡ଼ିଶାକୁ ୧୨ ପଦକ

**ଭୁବନେଶ୍ୱର,୪।୧୨(ସ୍ପୋର୍ଟ୍ସ ବ୍ୟୁରୋ):** ଦିଲ୍ଲୀର ତାଲକୋଟରା ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ସବ ଜୁନିୟର କରାଟେ ପ୍ରତିଯୋଗିତାରେ ଓଡ଼ିଶା ୧୨ ପଦକ ହାସଲ କରିଛି। ଓଡ଼ିଶା ପ୍ରତିଯୋଗୀ ୨ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୧୧ ବର୍ଷର କୁମିତେ ବର୍ଗରେ ସୁରଭି ପଣ୍ଡା ଓ ୧୨ ବର୍ଷ ବ୍ୟକ୍ତିଗତ କାଟା ବର୍ଗର ଆଲିସା ସୁବୁଦ୍ଧି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୬ ବର୍ଷ ବ୍ୟକ୍ତିଗତ କାଟା ବର୍ଗରେ ଆକାଙ୍କ୍ଷା ମହାନ୍ତି, ୭ ବର୍ଷ ବ୍ୟକ୍ତିଗତ କାଟା ବର୍ଗରେ ଅର୍ନିଦିତା ସ୍ୱାଇଁ, ୯ ବର୍ଷ ବ୍ୟକ୍ତିଗତ କାଟା ବର୍ଗରେ ଓରଜା ସାମନ୍ତ, ୧୦ ବର୍ଷ ବ୍ୟକ୍ତିଗତ କାଟା ବର୍ଗରେ ଆଲିସା ଚୌହାନ, ୧୩ ବର୍ଷ ବ୍ୟକ୍ତିଗତ କାଟା ବର୍ଗରେ ଫାତିମା ପରଭେଜ୍ ଓ ୧୨ ବର୍ଷ ବ୍ୟକ୍ତିଗତ କାଟା ବର୍ଗରେ ପ୍ରିୟଦର୍ଶିନୀ ସାହୁ ରୌପ୍ୟ ପଦକ ହାସଲ କରିଛନ୍ତି। ୧୦ ବର୍ଷର କୁମିତେ ବର୍ଗରେ ଲିନ୍ସି ସିଂ(୩୦ କିଗ୍ରା), ୮ ବର୍ଷର କୁମିତେ ବର୍ଗରେ ରାଜେଶ୍ୱରୀ ସିଂ (୩୦ କିଗ୍ରା), ୧୨ ବର୍ଷର କୁମିତେ ବର୍ଗରେ ଆର୍ଯ୍ୟା ବଂଶିକା(୫୦ କିଗ୍ରା) ଓ ୧୩ ବର୍ଷର କୁମିତେ ବର୍ଗରେ କାଜଲ ଆଚାର୍ଯ୍ୟ(୫୦ କିଗ୍ରା) ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପଦକ ବିଜେତା ପ୍ରତିଯୋଗୀ ମାନଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘର ସମ୍ପାଦକ ଗୌରୀ ମହାନ୍ତି, କୋଚ ହରି ପ୍ରସାଦ ପଟ୍ଟନାୟକ ଓ ଅନ୍ୟାନ୍ୟ ସଦସ୍ୟ ଅଭିନନ୍ଦନ ଜଣାଇଛନ୍ତି।

# ଦିନିକିଆ ଦଳରୁ ରିଲିଜ ହେଲେ ପନ୍ତ

**ମୀରପୁର, ୪।୧୨ (ପି.ଟି.):** ରବିବାରଠାରୁ ଆରମ୍ଭ ହୋଇଥିବା ବାଂଲାଦେଶ ବିପକ୍ଷ ୩ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜରୁ ଉଇକେଟକିପର-ବ୍ୟାଟର ରିଷଭ ପନ୍ତଙ୍କୁ ରିଲିଜ କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମେଡିକାଲ ଟିମ୍‌ର ପରାମର୍ଶ ପରେ ଏହି ପଦକ୍ଷେପ ନିଆଯାଇଛି। ଟେଷ୍ଟ ସିରିଜ ଆରମ୍ଭ ହେବା ପୂର୍ବରୁ ସେ ଦଳ ସହିତ ଯୋଗ ଦେବେ। ତାଙ୍କ ବଦଳରେ ଅନ୍ୟ କୌଣସି ଖେଳାଳିଙ୍କୁ ନିଆଯିବ ନାହିଁ।


**TPWODL**

**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**Tender Notice No. TPWODL/TP/O/SU/ 130**

TP Western Odisha Distribution Limited, invites quotations (in 2part) from eligible vendors/suppliers for the following package :

**Supply of 7/8 SWG GI Stranded Wire.**

Interested bidders to submit Tender Participation Fee and Authorization Letter by email on or before **12th December 2022, 15:00Hrs,** after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, date extension etc. will happen with participating bidders only through E-Tender system.

Sd /- **Chief-Contracts and Stores**

GOVERNMENT OF ODISHA
OFFICE OF THE SUPERINTENDING ENGINEER
**RURAL WORKS DIVISION-I, MALKANGIRI**
NATIONAL COMPETITIVE BIDDING THROUGH e-Procurement
No.O-1366
**Identification No. Online Tender 04/RWD-I, MKG/2022-23 dt. 25.11.2022**

1. Name of the work : Building works (Repair & New construction work Detailed in Annexure). 2. Total Number of Works : 20 (Twenty) Numbers. 3. Tender Cost : Rs. 1.26 Lakhs to Rs. 79.13 Lakhs. 4. Class of Contractor : 'B', "C" & "D" Class contractors. 5. Period of Completion : (As Per Detailed in Annexure). 6. Other Details: -

| Procurement Officer | Bid Identification No. | No. of Works | Availability of tender online for bidding | | Last date & time of seeking tender clarification | Date and time of opening of tender (Single Cover) |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division-I, Malkangiri | Online Tender- 04/ RWD-I, MKG / 2022-23 | 20 (Twenty) Nos. buildings works | 12.12.2022 from 11.00 A.M. | 19.12.2022 upto 5.00 P.M. | 17.12.2022 upto 5.00 P.M. | Bid opening- 20.12.2022 at 11.00 A.M. |

Further details can be seen from the website www.tenderorissa.gov.in

**Sd./- Executive Engineer, R.W. Division-I, Malkangiri**
OIPR-25058/11/0006/2223

GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KENDRAPARA-JAJPUR**
**AT/PO- NAYABAZAR, CUTTACK-753004, Tel.No. 0671-2444488,**
**Email: serw_kpd@yahoo.com**
**No.Tender Online RCK-34/22 Letter No. 3000 Date: 28.11.22**

No.O-1368

**e-Procurement NOTICE**

1. Name of the work: Building works in the district of Kendrapara-Jajpur for the year 2022-23. 2. Class of contractor: As specified in the Column-5 of the Annexure. 3. Time for completion: As specified in the Column-6 of the Annexure. 4. Detail Projects: As per Annexure attached. 5. Other details:

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara - Jajpur | Tender Online RCK-34/22 | 12.12.2022 at 11.30 A.M. | 26.12.2022 to 05.00 P.M. | 26.12.2022 upto 02.00 P.M. | 27.12.2022 at 11.30 A.M. | Will be intimated later on |

Further details can be seen from the website **www.tendersodisha.gov.in**

**Sd./- Chief Construction Engineer**
**Rural Works Circle, Kendrapara-Jajpur**
OIPR-25129/11/0039/2223

# ଜଣଙ୍କୁ ଜୀବନସାଥୀ କଲେ ଯମଜ ଭଉଣୀ

ମୁମ୍ବାଇ,୪।୧୨



ମୁସଲମାନ ବହୁଳ ରାଷ୍ଟ୍ରଗୁଡ଼ିକରେ ପଲିଗାମି ବା ବହୁବିବାହ ପ୍ରଥା ପ୍ରଚଳିତ। କିନ୍ତୁ ବିଶ୍ୱରେ ଏମିତି ଅନେକ ଦେଶ ଅଛି, ଯେଉଁଠାରେ ବହୁବିବାହ ପ୍ରଥାକୁ ଅପରାଧ ଭାବେ ବିବେଚନା କରାଯାଏ। ଭାରତରେ ପଲିଗାମି ବେଆଇନ ହୋଇଥିବାବେଳେ ଦୋଷୀଙ୍କ ବିରୋଧରେ କଠୋର ଦଣ୍ଡବିଧାନ ରହିଛି। ଏହା ସତ୍ତ୍ୱେ ଅନେକ ସ୍ଥାନରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥାଏ। ଏହିକ୍ରମରେ ମହାରାଷ୍ଟ୍ରର ସୋଲାପୁରରେ ଯମଜ ଭଉଣୀ ଜଣେ ଯୁବକଙ୍କୁ ବିବାହ କରିଛନ୍ତି, ଯାହାକି ଏବେ ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ମୁମ୍ବାଇର ଏକ ଆଇଟି କମ୍ପାନୀରେ କାର୍ଯ୍ୟରତ ପିଙ୍କି ଓ ରିଙ୍କି ଜଣେ ଯୁବକଙ୍କୁ ନିଜ ଜୀବନସାଥୀ ଭାବେ ଗ୍ରହଣ କରିଛନ୍ତି। ଶୁକ୍ରବାର ମାଲଶିରାନ ତହସିଲ ଅନ୍ତର୍ଗତ ଏକ ଗ୍ରାମରେ ସେମାନଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ବାହାଘରର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ୍ ହେବାରେ ଲାଗିଛି। ବହୁଳ ପ୍ରସାରିତ ଏହି ଭିଡିଓରେ ଯମଜ ଭଉଣୀ କନିଆ ବେଶରେ ସଜେଇ ହୋଇ ବର ଅତୁଲ ଆୱତାଡେଙ୍କୁ ବରଣମାଳା ପିନ୍ଧାଉଛନ୍ତି। ୩୬ ବର୍ଷୀୟା ଦୁଇ ଭଉଣୀ କିଛିଦିନ ପୂର୍ବେ ନିଜ ବାପାଙ୍କୁ ହରାଇଥିବାବେଳେ ମା'ଙ୍କ ସହ ରହୁଛନ୍ତି। ବର୍ତ୍ତମାନ ଦୁହେଁ ଅତୁଲଙ୍କୁ ଜୀବନ ସାଥୀ ଭାବେ ବାଛି ତାଙ୍କ ହାତ ଧରିଛନ୍ତି। ଯମଜ ଭଉଣୀଙ୍କୁ ବିବାହ କରିବା ଅଭିଯୋଗରେ ଭାରତୀୟ ଦଣ୍ଡବିଧି ଆଇନ ଦଫା ୪୯୪ ବଳରେ ଅକଲୁଜ ଥାନାରେ ବର ଅତୁଲଙ୍କ ବିରୋଧରେ ଅଭିଯୋଗ କରାଯାଇଛି। ପୁଅ ହୁଅନ୍ତୁ ଅବା ଝିଅ, ବାହାଘର ସମସ୍ତଙ୍କ ଜୀବନରେ ଘଟିଥାଏ। ହୁଏତ କେତେଜଣଙ୍କ କ୍ଷେତ୍ରରେ ଏହା ବିଳମ୍ବ ହୁଏ। କିନ୍ତୁ ସବୁଠାରୁ ବଡ଼ କଥା ହେଉଛି ଜଣେ ଉତ୍ତମ ମଣିଷଙ୍କୁ ଜୀବନସାଥୀ ରୂପେ ବାଛିବା। ବିବାହକୁ ନେଇ ଚଳିତବର୍ଷ ଆଶ୍ଚର୍ଯ୍ୟ କଲାଭଳି ଏକ ଘଟଣା ଗୁଜରାଟରୁ ଆସିଥିଲା। ବଡ଼ୋଦରାର ୨୪ ବର୍ଷୀୟା କଶମା ବିନ୍ଦୁ ଜୁନ୍ ୧୧ରେ ନିଜେ ନିଜକୁ ବିବାହ କରିଥିଲେ। ବିନ୍ଦୁଙ୍କ ଏ ପ୍ରକାର ନିଷ୍ପତ୍ତିକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଥିବାବେଳେ ମନ୍ଦିରରେ ବାହାହେବା ଲାଗି ତାଙ୍କୁ ଅନୁମତି ମିଳି ନ ଥିଲା। ଏସବୁ ସତ୍ତ୍ୱେ ବିନ୍ଦୁ ଘରେ ନିଜ ବିବାହ କାର୍ଯ୍ୟକ୍ରମର ଆୟୋଜନ କରି ନିଜକୁ ବାହା ହୋଇଥିଲେ।

# ୟୁଟ୍ୟୁବର ଅନିମେଷଙ୍କ ନାଁରେ ମାମଲା

ପୁରୀ ଅଫିସ, ୪।୧୨

ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳ ତଥା ନୋ ଫ୍ଲାଇଙ୍ଗ୍ ଜୋନ୍‌ରେ ଜଣେ ବଙ୍ଗୀୟ ୟୁଟ୍ୟୁବର ଡ୍ରୋନ ଉଡ଼ାଇ ଶ୍ରୀମନ୍ଦିରର ବିଭିନ୍ନ ଭିଡିଓ ଭାଇରାଲ କରିବା ସହ ଟଙ୍କା ମାଗିବା ଘଟଣା ନେଇ 'ଭଏସ୍ ଅଫ କମନମ୍ୟାନ' ସଙ୍ଗଠନ ପକ୍ଷରୁ ରବିବାର ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ତୁରନ୍ତ ସମ୍ପୃକ୍ତ ୟୁଟ୍ୟୁବର ପଶ୍ଚିମବଙ୍ଗ ନର୍ଥ ଚବିଶ ପ୍ରଗଣା ଅଧୀନ ଗୁମା ଆମଡଙ୍ଗା ଅଞ୍ଚଳ ବାସିନ୍ଦା ଅନିମେଶ ଚକ୍ରବର୍ତ୍ତୀଙ୍କୁ ଗିରଫ କରାଯିବାକୁ ଭଏସ୍ ଅଫ କମନ୍‌ମ୍ୟାନ କର୍ମକର୍ତ୍ତା ହେକ୍ଟର ମିଶ୍ର ଦାବି କରିଛନ୍ତି। ସେହିପରି ଏହି ଘଟଣାକୁ ପୋଲିସ ପ୍ରଶାସନ ଗୁରୁତ୍ୱର ସହ ନେଇଛି। ପୋଲିସ ପକ୍ଷରୁ ସିଟି ଡିଏସ୍‌ପି କେ.କେ. ହରିପ୍ରସାଦଙ୍କ ନେତୃତ୍ୱରେ ଏକ ୩ଜଣିଆ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଭିଡିଓକୁ ଯାଞ୍ଚ କରାଯିବା ପରେ ଅନିମେଶଙ୍କ ବିରୋଧରେ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ଏନେଇ ଏକ ମାମଲା (ନଂ.୧୫୦/୨୨) ରୁଜୁ ହୋଇଥିବାବେଳେ ଉତ୍ତର ରଖିବା ସହ ଅଧିକ ଅନୁସନ୍ଧାନ ନିମନ୍ତେ ସିଂହଦ୍ୱାର ଥାନାରେ ହାଜର ହେବା ପାଇଁ ତାଙ୍କୁ ୧୬୦ ସିଆର୍‌ପିସିରେ ଏକ ନୋଟିସ୍ ଜାରି କରାଯାଇଛି। ଅନ୍ୟପକ୍ଷରେ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇବା ପରେ ଅନିମେଶ ଏକ ଭିଡିଓ ଜାରି କରି ମହାପ୍ରଭୁ ଏବଂ ପୁରୀ ପୋଲିସ ସମେତ ଚାରିକୋଟି ଓଡ଼ିଆଙ୍କଠାରୁ କ୍ଷମା ପ୍ରାର୍ଥନା କରିଛନ୍ତି। ଶ୍ରୀମନ୍ଦିରର ଏହି ଭିଡିଓ ଉତ୍ତୋଳନ ବେଆଇନ ହୋଇଥିବା ବେଳେ ସେ ଏ ସଂକ୍ରାନ୍ତରେ ଅବଗତ ନ ଥିବା କହିଛନ୍ତି। ଏଭଳି ଭୁଲ ଆଗକୁ କରିବେ ନାହିଁ ବୋଲି କହିବା ସହ ସମ୍ପୃକ୍ତ ଭିଡିଓକୁ ଡିଲିଟ କରିଛନ୍ତି। ସୂଚନାଯୋଗ୍ୟ, ଅନିମେଷ ପତିତପାବନ ବାନା ପରିବର୍ତ୍ତନ ଓ ଶ୍ରୀମନ୍ଦିର ଭିତରବେଢ଼ାର ଦୃଶ୍ୟକୁ କଏଦ୍ କରି ୟୁନିଫାଏଡ୍ ନାମକ ୟୁଟ୍ୟୁବ୍ ଚ୍ୟାନେଲରେ ଅପଲୋଡ୍ କରିଥିଲେ। ଯାହାକୁ ବିଶ୍ୱର ଅଧିକାଂଶ ଲୋକ ଦେଖିଥିଲେ। ଏପରିକି ଚ୍ୟାନେଲରେ ଦିଆଯାଇଥିବା ଯୋଗାଯୋଗ ନମ୍ବରରେ ସମ୍ପର୍କ କରିବାରୁ ପ୍ରତି ଆଙ୍ଗେଲ୍ ପିଛା ଫୁଟେଜ୍ ନେବା ପାଇଁ ୨୦ହଜାର ଟଙ୍କା ସେ ଦାବି କରୁଥିବା ଜଣାପଡ଼ିଥିଲା। ଏପରି ଭିଡିଓ କରିବା ପାଇଁ ତାଙ୍କୁ କିଏ ଅନୁମତି ଦେଲେ ତାହାକୁ ନେଇ ପ୍ରଶ୍ନ ଉଠିଥିଲା। ଏ ନେଇ ପୋଲିସର କାର୍ଯ୍ୟ ଏବଂ ଶ୍ରୀମନ୍ଦିର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା।


ଅନିମେଶ ଚକ୍ରବର୍ତ୍ତୀ

## ଡ୍ରୋନ ଉଡ଼ାଇ ଶ୍ରୀମନ୍ଦିର ଭିଡିଓ ଭାଇରାଲ ଘଟଣା

- ସିଂହଦ୍ୱାର ଥାନାରେ ଏତଲା, ହାଜର ପାଇଁ ନୋଟିସ
- ମହାପ୍ରଭୁ, ଓଡ଼ିଶାବାସୀଙ୍କୁ କ୍ଷମା ମାଗିଲେ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଏହାର ଅଗଣିତ ପାଠିକା ଓ ପାଠକମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ଆସନ୍ତୁ ସମସ୍ତେ ମିଶି ଚୌଦ୍ୱାର ସହରକୁ ସରସ ସୁନ୍ଦର କରି ଗଢ଼ି ତୋଳିବା।
ଶୁଭେନ୍ଦୁ ସାମଲ
ଉପାଧ୍ୟକ୍ଷ, ଚୌଦ୍ୱାର ପୌରପରିଷଦ ତଥା ଜିଲା ସମ୍ପାଦକ, ବିଜୁ ଜନତା ଦଳ

ଅଭିନନ୍ଦନ
ଦୈନିକ ଖବରକାଗଜ ଅତି ଲୋକପ୍ରିୟ ଧରିତ୍ରୀର ୪୯ତମ ବାର୍ଷିକୋତ୍ସବ ଅବସରରେ ସମସ୍ତ ଧରିତ୍ରୀ ପରିବାରଙ୍କୁ ହାର୍ଦ୍ଦିକ ଅଭିନନ୍ଦନ, ଶୁଭେଚ୍ଛା ଓ ଶୁଭକାମନା ।
ମୁକୁନ୍ଦ ଚରଣ ମଲ୍ଲିକ
ସଭାପତି, ମାଳଦା ସେବା ସମବାୟ ସମିତି, ଭଣ୍ଡାରୀପୋଖରୀ

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀର ସମସ୍ତ ପାଠକ ପାଠିକା ଓ ଭଦ୍ରକ ଜିଲ୍ଲାର ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ଶୁଭେନ୍ଦୁ ରାୟମହାପାତ୍ର
ପୂର୍ବତନ ସାଧାରଣ ସମ୍ପାଦକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ, ଭଦ୍ରକ

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀର ସମସ୍ତ ପାଠକ ପାଠିକା ଓ ଭଦ୍ରକ ଜିଲ୍ଲାବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ଅଶୋକ ପରିଜା (ମଣ୍ଟୁ)
ଜିଲ୍ଲା ଉପସଭାପତି, ଭାଜପା

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀର ସମସ୍ତ ପାଠକ ପାଠିକା ଓ ଭଦ୍ରକ ପୌରପାଳିକାର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ଗୁଲମସ୍କୀ ଦଲୱାଜୀ ହବିବ
ଅଧ୍ୟକ୍ଷା, ଭଦ୍ରକ ପୌରପାଳିକା

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀର ସମସ୍ତ ପାଠକ ପାଠିକା ଓ ଭଦ୍ରକ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା ।
ହେମନ୍ତ ପାଢ଼ୀ
ଜିଲ୍ଲା ଭାଜପା ସଭାପତି, ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ ଅତି ଲୋକପ୍ରିୟ ଧରିତ୍ରୀର ୪୯ତମ ବାର୍ଷିକୋତ୍ସବ ଅବସରରେ ଭଣ୍ଡାରୀପୋଖରୀ ନିର୍ବାଚନ ମଣ୍ଡଳୀର ଜନସାଧାରଣ ଓ ସମସ୍ତ ଧରିତ୍ରୀ ପରିବାରଙ୍କୁ ହାର୍ଦ୍ଦିକ ଅଭିନନ୍ଦନ,ଶୁଭେଚ୍ଛା ଓ ଶୁଭକାମନା ।
ବଦ୍ରି ନାରାୟଣ ଧଳ
ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବିଧାନସଭା ନେତା,ଭଣ୍ଡାରୀପୋଖରୀ

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାର ଓ ସମସ୍ତ ପାଠକ ପାଠିକା ଏବଂ ଭଦ୍ରକ ଜିଲ୍ଲାର ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ସୀତାଂଶୁ ଶେଖର ମହାପାତ୍ର
ସମାଜସେବୀ ତଥା ଆବାହକ, ଶହୀଦ ଭଗତସେନା, ଭଦ୍ରକ

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀର ସମସ୍ତ ପାଠକ ପାଠିକା, ସମସ୍ତ ଗୋପାଳକ ଓ ଚାଷୀଭାଇଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା । ଶୀତଦିନରେ ପଶୁପକ୍ଷୀଙ୍କ ଯତ୍ନ ପାଇଁ ଚିକିତ୍ସା ବିଭାଗର ପରାମର୍ଶ ନେବାକୁ ଅନୁରୋଧ ।
ଡା.ନିରାକାର ଜେନା
ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ, ତିହିଡ଼ି,ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ ଅତି ଲୋକପ୍ରିୟ ଧରିତ୍ରୀର ୪୯ତମ ବାର୍ଷିକୋତ୍ସବ ଅବସରରେ ସମସ୍ତ ଧରିତ୍ରୀ ପରିବାରଙ୍କୁ ହାର୍ଦ୍ଦିକ ଅଭିନନ୍ଦନ, ଶୁଭେଚ୍ଛା ଓ ଶୁଭକାମନା ।
କୃଷ୍ଣଚନ୍ଦ୍ର ବେହେରା
ସମାଜସେବୀ ତଥା ଯାଦବନେତା, ଚୁନିଦା, ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ ଅତି ଲୋକପ୍ରିୟ ଧରିତ୍ରୀର ୪୯ତମ ବାର୍ଷିକୋତ୍ସବ ଅବସରରେ ଭଣ୍ଡାରୀପୋଖରୀ ନିର୍ବାଚନ ମଣ୍ଡଳୀର ଜନସାଧାରଣ ଓ ସମସ୍ତ ଧରିତ୍ରୀ ପରିବାରଙ୍କୁ ହାର୍ଦ୍ଦିକ ଅଭିନନ୍ଦନ, ଶୁଭେଚ୍ଛା ଓ ଶୁଭକାମନା ।
ଇଂ ପ୍ରୟାସକାନ୍ତି ସାମଲ
ରାଜ୍ୟ ସମ୍ପାଦକ,ବିଜୁ ଜନତା ଦଳ ବିଧାୟକଙ୍କ ପ୍ରତିନିଧି,ଭଣ୍ଡାରୀପୋଖରୀ

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀର ସମସ୍ତ ପାଠକ ପାଠିକା ଓ ଭଦ୍ରକ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା ।
ଉର୍ମିଳା ନାୟକ
ବ୍ଲକ ଅଧ୍ୟକ୍ଷା, ଭଦ୍ରକ

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀର ସମସ୍ତ ପାଠକ ପାଠିକା ଓ ଭଦ୍ରକ ଜିଲ୍ଲାବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ପ୍ରବୀର ଜେନା
ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ,ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ ଅତି ଲୋକପ୍ରିୟ ଧରିତ୍ରୀର ୪୯ତମ ବାର୍ଷିକୋତ୍ସବ ଅବସରରେ ସମସ୍ତ ଧରିତ୍ରୀ ପରିବାରଙ୍କୁ ହାର୍ଦ୍ଦିକ ଅଭିନନ୍ଦନ, ଶୁଭେଚ୍ଛା ଓ ଶୁଭକାମନା ।
ଉତ୍କଳ କେଶରୀ ମହାନ୍ତି
ଜିଲ୍ଲା ପରିଷଦ ସଭ୍ୟ,୨୪ ନଂ.ଜୋନ୍, ଭଣ୍ଡାରୀପୋଖରୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. | ଭୁବନେଶ୍ୱର, ସୋମବାର, ଡିସେମ୍ବର ୫/୨୦୨୨ | Bhubaneswar, Monday, December 5/ 2022

# ବ୍ୟାଟିଂ, ବୋଲିଂ ଫେଲ୍

## ବାଂଲାଦେଶଠାରୁ ହାରିଲା ଭାରତ

ମୀରପୁର,୪।୧୨

ବାଂଲାଦେଶ ବିପକ୍ଷ ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ପରାଜିତ ହୋଇଛି ଭାରତ। ଦଶମ ଉଇକେଟରେ ମେହିଦୀ ହସନ ମିରାଜ ଓ ମୁସ୍ତାଫିଜୁର ରେହମାନ ୫୧ ରନ ଯୋଡିବା କାରଣରୁ ବାଂଲାଦେଶ ଏହି ଲୋ ସ୍କୋରିଂ ମ୍ୟାଚକୁ ୧ ଉଇକେଟରେ ଜିତିବା ସହିତ ୧-୦ରେ ଆଗୁଆ ରହିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୪୧.୨ ଓଭରରେ ୧୮୬ ରନରେ ଅଲଆଉଟ ହୋଇଥିଲା। ଲୋକେଶ ରାହୁଲ ୭୩ ରନର ଇନିଂସ ଖେଳିଥିବା ବେଳେ ଶାକିବ ଅଲ ହସନ ୫ ଓ ଇବାଦତ ହୋସେନ ୪ ଉଇକେଟ ନେଇ ଭାରତର ବିପର୍ଯ୍ୟୟ ଘଟାଇଥିଲେ। ଜବାବରେ ବାଂଲାଦେଶ ୧୩୬ ରନରେ ୯ ଉଇକେଟ ହରାଇ ସଙ୍କଟରେ ପଡିଥିବା ବେଳେ ମେହିଦୀ(୩୮) ଓ ମୁସ୍ତାଫିଜୁର(୧୦) ଦଳକୁ ବିଜୟୀ କରାଇଥିଲେ।

ଟସ୍ ହାରି ବ୍ୟାଟିଂ କରିଥିବା ଭାରତ ପକ୍ଷରୁ ଦୁଇ ଓପନର ରୋହିତ ଶର୍ମା(୨୭) ଓ ଶିଖର ଧାୱନ(୭) ବଡ ସ୍କୋର କରିବାରେ ବିଫଳ ହୋଇଥିଲେ। ବିରାଟ କୋହଲି(୯) ଓ ଶ୍ରେୟାସ ଆୟର(୨୪) ମଧ୍ୟ ସହଜରେ ଆଉଟ ହେବା କାରଣରୁ ଭାରତ ୯୨ ରନରେ ୪ ଉଇକେଟ ହରାଇଥିଲା। ତେବେ ଲୋକେଶ ରାହୁଲ ୭୩ ରନର ଦୃଢ ଇନିଂସ ଖେଳିବାରୁ ଭାରତ ୧୮୬ ରନରେ ପହଞ୍ଚିଥିଲା। ୭୦ ବଲର ଇନିଂସରେ ସେ ୫ ଚୌକା ଓ ୪ ଛକା ମାରିଥିଲେ। ବାଂଲାଦେଶ ପକ୍ଷରୁ ଶାକିବ ୩୬ ରନରେ ୫ ଓ ଇବାଦତ ୪୭ ରନରେ ୪ ଉଇକେଟ ନେଇଥିଲେ।


ପ୍ଲେୟର ଅଫ୍ ଦି ମ୍ୟାଚ ମେହିଦୀ ହସନ ମିରାଜ।

୧୮୭ ରନ ବିଜୟ ଲକ୍ଷ୍ୟର ପିଛା କରୁଥିବା ବାଂଲାଦେଶ ୨୬ ରନରେ ଦୁଇ ଉଇକେଟ ହରାଇଥିଲା। ତେବେ ଅଧିନାୟକ ଲିଟନ ଦାସ(୪୧) ଇନିଂସ ସଜାଡିବାକୁ ପ୍ରୟାସ କରିଥିଲେ। ୱାଶିଂଟନ୍ ସୁନ୍ଦର ଲିଟନ ଓ ଶାକିବଙ୍କୁ ଆଉଟ କରିବା ପରେ ଭାରତ ପୁନର୍ବାର ମ୍ୟାଚକୁ ଫେରିଥିଲା। ମିଡିଲ ଓଭରରେ ଶାର୍ଦ୍ଦୂଳ ଠାକୁର, ମହମ୍ମଦ ସିରାଜ ଓ କୁଲଦୀପ ସେନ୍ ଘାତକ ବୋଲିଂ କରିବାରୁ ବାଂଲାଦେଶ ୧୩୬ ରନରେ ୯ ଉଇକେଟ ହରାଇଥିଲା। ଭାରତ ପକ୍ଷରୁ ସିରାଜ ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ କୁଲଦୀପ ସେନ୍ ଓ ୱାଶିଂଟନ୍ ସୁନ୍ଦର ଦୁଇଟି ଲେଖାଏ ଏବଂ ଦୀପକ ଚହର ଓ ଶାର୍ଦ୍ଦୂଳ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମେହିଦୀ ହସନ ମିରାଜଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ୪୧.୨ ଓଭରରେ ୧୮୬/୧୦ (ଲୋକେଶ ରାହୁଲ-୭୩, ରୋହିତ ଶର୍ମା-୨୭, ଶ୍ରେୟାସ ଆୟର-୨୪, ଶାକିବ ଅଲ ହସନ-୫/୩୬, ଇବାଦତ ହୋସେନ-୪/୪୭)। ବାଂଲାଦେଶ ୪୬ ଓଭରରେ ୧୮୭/୯ (ଲିଟନ୍ ଦାସ-୪୧, ମେହିଦୀ ହସନ ମିରାଜ-୩୮*, ଶାକିବ ଅଲ ହସନ-୨୯, ମହମ୍ମଦ ସିରାଜ-୩/୩୨, କୁଲଦୀପ ସେନ୍-୨/୩୭, ୱାଶିଂଟନ୍ ସୁନ୍ଦର-୨/୧୭)।

# ଅଷ୍ଟ୍ରେଲିଆ ୧୬୪ ରନରେ ବିଜୟୀ

**ପର୍ଥ, ୪।୧୨(ଏପି):** ଅଫ୍ ସ୍ପିନର ନାଥାନ ଲିଅନଙ୍କ ଚମତ୍କାର ବୋଲିଂ ଯୋଗୁ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚକୁ ଅଷ୍ଟ୍ରେଲିଆ ୧୬୪ ରନରେ ଜିତିନେଇଛି। ପର୍ଥ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଲିଅନ ୧୨୮ ରନ ବିନିମୟରେ ୬ଉଇକେଟ ଅକ୍ତିଆର କରିଥିଲେ। ୱେଷ୍ଟଇଣ୍ଡିଜ ରବିବାର ଅନ୍ତିମ ଦିବସ ଖେଳର ଚା'ପାନ ବିରତି ପୂର୍ବରୁ ୩୩୩ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଲିଅନଙ୍କର ୧୧୧ତମ ଟେଷ୍ଟରେ ଏହା ହେଉଛି ୨୧ତମ ୫ଉଇକେଟ ସଫଳତା। ତାଙ୍କ ମୋଟ ଟେଷ୍ଟ ଉଇକେଟ ସଂଖ୍ୟା ୪୪୬ରେ ପହଞ୍ଚିଛି। ଅଷ୍ଟ୍ରେଲିଆର ସର୍ବକାଳୀନ ଉଇକେଟ ହାସଲକାରୀ ବୋଲରଙ୍କ ମଧ୍ୟରେ ସେ ୮ମ ସ୍ଥାନ ଅଧିକାର କରିଛନ୍ତି। ଭ୍ରମଣକାରୀ ଦଳର ଟପ୍ ସ୍କୋରର କ୍ରେଗ୍ ବ୍ରାଥୱେଟ୍ ୧୧୦ ରନ କରିଥିଲେ। ଏହି ମ୍ୟାଚରେ ମାର୍ନସ ଲାବୁସେନ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୨୦୪ ରନ କରିଥିବା ବେଳେ ଦ୍ୱିତୀୟ ଇନିଂସରେ ୧୦୪ରନ କରି ଅପରାଜିତ ରହିଥିଲେ। ୧୯୭୪ରେ ଗ୍ରେଗ୍ ଚାପେଲଙ୍କ ପରେ ଏକ ମ୍ୟାଚରେ ଗୋଟିଏ ଦ୍ୱିଶତକ ଓ ଗୋଟିଏ ଶତକ ହାସଲ କରିବାରେ ସେ ପ୍ରଥମ ଅଷ୍ଟ୍ରେଲୀୟ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୫୯୮/୪, ଘୋଷଣା। ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୨୮୩। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ:୧୮୨/୨ ଘୋଷଣା। ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ: ୩୩୩ (କ୍ରେଗ୍ ବ୍ରାଥୱେଟ୍-୧୧୦, ରୋଷ୍ଟନ ଚେଜ୍-୫୫, ଟାଗେନାରିନ୍ ଚନ୍ଦରପଲ-୪୫, ଅଲ୍‌ଜାରି ଯୋଶେଫ-୪୩; ନାଥାନ ଲିଅନ-୬/୧୨୮, ଟ୍ରାଭିସ ହେଡ୍-୨/୨୫)।

# ଭାରତ ବିପକ୍ଷରେ ଅଷ୍ଟ୍ରେଲିଆ ୪-୧ରେ ବିଜୟୀ

**ଆଡିଲେଡ୍, ୪।୧୨ (ପି.ଟି.):** ଅଧିନାୟକ ହରମନପ୍ରୀତ୍ ସିଂଙ୍କ ଡବଲ ଗୋଲ୍ ସତ୍ତ୍ୱେ ରବିବାର ଖେଳାଯାଇଥିବା ଫାଇନାଲ ଗେମ୍‌ରେ ଭାରତ ୪-୫ରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଛି। ଫଳରେ ବିଶ୍ୱର ନମ୍ବର ୱାନ ଦଳ ୫ମ୍ୟାଚ ବିଶିଷ୍ଟ ସିରିଜ ୪-୧ରେ ଜିତିନେଇଛି। ଅଷ୍ଟ୍ରେଲିଆ ତରଫରୁ ଟମ୍ ୱିଖାମ୍ (୨ୟ, ୧୭ତମ ମିନିଟ) ଦୁଇଟି ଗୋଲ ଦେଇଥିବା ବେଳେ ଆରାନ ଜାଲେୱସ୍କି (୩୦ତମ), ଜାକବ ଆଣ୍ଡରସନ (୪୦ତମ) ଓ ଜେକ୍ ହ୍ୱିଟନ (୫୪ତମ) ଅନ୍ୟ ଗୋଲ୍‌ଗୁଡିକ ସ୍କୋର କରିଥିଲେ। ଅନ୍ୟପକ୍ଷରେ ଭାରତ ପକ୍ଷରୁ ହରମନପ୍ରୀତ (୨୪ତମ, ୬୦ତମ) ଦୁଇଟି ପେନାଲ୍ଟି କର୍ନରକୁ ରୂପାନ୍ତରିତ କରିଥିବା ବେଳେ ଅମିତ ରୋହିଦାସ (୩୪ତମ) ଓ ସୁଖଜିତ୍ ସିଂ (୫୫ତମ ମିନିଟ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ସିରିଜରେ ଭାରତ ପ୍ରଥମ ଦୁଇଟି ମ୍ୟାଚ ୪-୫ ଓ ୪-୭ ଗୋଲରେ ପରାଜିତ ହୋଇଥିବା ବେଳେ ପରବର୍ତ୍ତୀ ଗେମ୍ ୪-୩ରେ ଜିତିଥିଲା। ଦଳ ୪ର୍ଥ ଗେମ୍ ୧-୫ରେ ପରାସ୍ତ ହୋଇଥିଲା। ରବିବାର ମ୍ୟାଚରେ ଭାରତ ଓପନିଂ ଦୁଇ କ୍ୱାର୍ଟରରେ ଉନ୍ନତ ଖେଳ ପ୍ରଦର୍ଶନ କରି ମ୍ୟାଚକୁ ନିଜ ନିୟନ୍ତ୍ରଣରେ ରଖିଥିଲେ। ଅନ୍ୟପକ୍ଷରେ ଭାରତୀୟ ଦଳର ଖେଳ ମନ୍ଥର ପରିଲକ୍ଷିତ ହୋଇଥିଲା। ଅଷ୍ଟ୍ରେଲିଆ ଡିଫେନ୍ସରେ ଚାପ ସୃଷ୍ଟି କରିବାରେ ସେମାନେ ବିଫଳ ରହିଥିଲେ।

# ପାକିସ୍ତାନକୁ ଆହୁରି ୨୬୩ ରନ ଆବଶ୍ୟକ

**ରାୱଲପିଣ୍ଡି, ୪।୧୨(ଏପି):** ପାକିସ୍ତାନ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚର ରୋମାଞ୍ଚକ ପରିସମାପ୍ତି ଘଟିବାକୁ ଯାଉଛି। ପାକିସ୍ତାନ ପାଇଁ ଇଂଲଣ୍ଡ ୩୪୩ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଘରୋଇ ଦଳ ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୨ ଉଇକେଟ ବିନିମୟରେ ୮୦ ରନ କରିଛି। ସୋମବାର ଅନ୍ତିମ ଦିବସରେ ସର୍ବାଧିକ ୯୦ ଓଭର ମଧ୍ୟରେ ପାକିସ୍ତାନକୁ ୨୬୩ ରନ ଆବଶ୍ୟକ। **ସଂକ୍ଷିପ୍ତ ସ୍କୋର:** ଇଂଲଣ୍ଡ ପ୍ରଥମ ଇନିଂସ: ୬୫୭। ପାକିସ୍ତାନ ପ୍ରଥମ ଇନିଂସ: ୫୭୯। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୨୬୪/୭ (ଘୋଷଣା)। ପାକିସ୍ତାନ ଦ୍ୱିତୀୟ ଇନିଂସ: ୮୦/୨।




# ହାଡ଼ିବନ୍ଧୁ, ସତ୍ୟବାଦୀ ସ୍ମାରକୀ କ୍ରିକେଟ ଆରମ୍ଭ

**ଭୁବନେଶ୍ୱର, ୪।୧୨ (କ୍ରୀଡ଼ା ପ୍ରତିନିଧି):** ସ୍ପୋର୍ଟ୍ସ ଆସୋସିଏଶନ କପିଳପ୍ରସାଦ ସୁନ୍ଦରପଦା (ସାକ୍ସ) ଖେଳପଡ଼ିଆରେ ୧୪ତମ ହାଡ଼ିବନ୍ଧୁ, ସତ୍ୟବାଦୀ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। ପ୍ରଥମ ମ୍ୟାଚରେ ଲାଲ ବାହାଦୂର ଏକାଦଶ ପ୍ରତିପକ୍ଷ ସୁପର ଏକାଦଶକୁ ପରାସ୍ତ କରିଛି। ଲାଲ ବାହାଦୂର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୨୦୩ ରନ କରିଥିଲା। ଦଳ ପକ୍ଷରୁ ଆଇ.ଏମ୍.ଗିରି ୮୦ ଓ ପଙ୍କଜ ଦାସ ୭୫ ରନ କରିଥିଲେ। ଜବାପରେ ସୁପର ଏକାଦଶ ୭୬ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ୮୦ ରନ କରିବା ସହ ୩ ଉଇକେଟ ହାସଲ କରିଥିବାରୁ ଆଇ.ଏମ୍. ଗିରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ଅର୍ଣ୍ଣବ ଏକାଦଶ ବିପକ୍ଷରେ ପୋଲିସ ଏକାଦଶ ବିଜୟୀ ହୋଇଛି। ପୋଲିସ ଏକାଦଶ ୧୫ ଓଭରରେ ୧୩୦ ରନ କରିଥିବାବେଳେ ଅର୍ଣ୍ଣବ ଏକାଦଶ ୭୭ ରନରେ ସମସ୍ତ ଉଇକେଟ ହରାଇଥିଲା। ୩୧ ରନ କରିବା ସହ ୬ ଉଇକେଟ ହାସଲ କରିଥିବାରୁ ବିଜୟୀ ଦଳର ପ୍ରଶାନ୍ତ ରାଉତରାୟ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ